# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୨୨/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 22/2024 | Page 18 | ₹ 7.00

୫୦ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 208 | ମୂଲ୍ୟ ₹୭/-




**ପ୍ୟାଟ୍ କୁମିନ୍ସଙ୍କ ହ୍ୟାଟ୍ରିକ୍**

ଅଷ୍ଟ୍ରେଲୀୟ ପେସ୍ ବୋଲର ପ୍ୟାଟ୍ କୁମିନ୍ସ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି।

୧୭

୧୦

**ବିଗ୍‌ବସ୍ ପାଇଁ ସନା ପ୍ରସ୍ତୁତ**

'ବିଗ୍‌ବସ୍ ଓଟିଟି ସିଜନ ୩'ରେ ଟିଭି ଧାରାବାହିକ ଅଭିନେତ୍ରୀ ସନା ମକବୁଲ୍ ଖାନ୍‌ଙ୍କୁ ଦେଖିବାକୁ ମିଳିବ।





ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ।

# ମାନସିକ ସୁସ୍ଥତା ପାଇଁ ଯୋଗ ଜରୁରୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୬(ଅନିଲ ଦାସ)**

ଏକ ନୂଆ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଗଠନ ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୋଗ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାକୁ ସବୁ ସ୍ତରକୁ ନେବା ପାଇଁ ଉଦ୍ୟମ ଜାରି ରହିବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ଯୋଗ ଜରୁରୀ। କେବଳ ଆଜି ନୁହେଁ, ଦୈନନ୍ଦିନ ଯୋଗ କରିବା ଆବଶ୍ୟକ। ଆଧୁନିକ ଯୁଗରେ ସମସ୍ତେ ଚାପଗ୍ରସ୍ତ ହୋଇ ରହୁଛନ୍ତି। ଯୋଗ ଦ୍ୱାରା ଶରୀର ଏବଂ ମନ ଭିତରେ ସନ୍ତୁଳନ ଓ ସମନ୍ୱୟ ରକ୍ଷା କରି ଏହି ଚାପକୁ ଦୂର କରିହେବ ଓ ଏକ ସୁସ୍ଥ ସମାଜ ଗଠନ କରିହେବ। ☞ପୃଷ୍ଠା-୪

# କୋଟିଏ ଲୋଭରେ ନିଜକୁ ଅପହରଣ

**ଟଙ୍କା ଲୋଭରେ ନିଜକୁ ଅପହରଣ କରିବାକୁ ବି ପଛାଇ ନାହାନ୍ତି ଜଣେ ମହିଳା। ସ୍ୱାମୀ ପରିତ୍ୟକ୍ତା ସ୍ମୃତିରେଖା ପାଣି ବେଙ୍ଗାଲୁରୁରେ ରହୁଥିବା ନିଜ ଟ୍ରେଡର ଭାଇଙ୍କଠାରୁ କୋଟିଏ ଟଙ୍କା ଠକିନେବାକୁ ଅପହରଣ ନାଟକ ରଚିଥିଲେ। ସେ ପ୍ରେମିକଙ୍କ ସହ ରାଜସ୍ଥାନ ପଳାଇଯିବାକୁ ଯୋଜନା କରିଥିଲେ। ହେଲେ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ଟଙ୍କା ହାତେଇବା ପରେ ଦୁହେଁ ଫେରାର ହେଉଥିବାବେଳେ ପୋଲିସ ଯାଞ୍ଚରେ ଫସିଯାଇଥିଲେ। କମିଶନରେଟ ପୋଲିସ ନୟାଗଡ଼ରୁ ସେମାନଙ୍କୁ ଧରିବା ସହ ଅପହରଣ ନାଟକ ଉପରୁ ପରଦା ହଟାଇଛି।**

**ଭୁବନେଶ୍ୱର,୨୧।୬(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଚନ୍ଦକା ଥାନାଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଥିବା ଏକ ଅପହରଣ ଘଟଣା ଉପରୁ ପୋଲିସ ଶୁକ୍ରବାର ପରଦା ହଟାଇଛି। ଏହି ମାମଲାରେ ସ୍ୱାମୀ ପରିତ୍ୟକ୍ତା ମହିଳା ସ୍ମୃତିରେଖା ପାଣି (୩୫), ପ୍ରେମିକ ରାଜସ୍ଥାନ ଜୟପୁରର ପ୍ରଦୀପ କୁମାର ଓଲା (୨୭) ଓ ତାଙ୍କ ସହଯୋଗୀ ଦେବୀ ଲାଲ (୨୭)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଗୋଟିଏ ଟୋୟୋଟା କାର୍, ୩ ମୋବାଇଲ ଫୋନ୍, ଏଟିଏମ୍ କାର୍ଡ, ଚେକ୍‌ବୁକ୍ ଆଦି ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭୁବନେଶ୍ୱରର ସ୍ମୃତିରେଖା ପାଣି ଜଣେ ଫ୍ୟାଶନ ଡିଜିଆଇନର। ସେ ୨୦୧୫ରେ ଭରତପୁର ଅଞ୍ଚଳରେ ବିବାହ କରିଥିଲେ। ୨୦୧୮ରେ ସ୍ୱାମୀଙ୍କଠାରୁ ଛାଡପତ୍ର ପରେ ସେ ବାପଘର ଗୋଠପାଟଣାସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ତେବେ ସ୍ମୃତିରେଖାଙ୍କ ସାନଭାଇ ଶୁଭାଶିଷ ପାଣି ବେଙ୍ଗାଲୁରୁରେ ରୁହନ୍ତି। ଶୁଭାଶିଷ ବୃତ୍ତିଗତ ଭାବେ ଜଣେ ଟ୍ରେଡର୍। ଶେୟାର ମାର୍କେଟରେ ଟ୍ରେଡିଂ କରି ଭଲ ଟଙ୍କା ରୋଜଗାର କରନ୍ତି। ପାୱାର ଅଫ୍ ଷ୍ଟକ୍ସ ନାମରେ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ମଧ୍ୟ ଅଛି। ଇତିମଧ୍ୟରେ ସ୍ମୃତିରେଖା ଇନ୍‌ଷ୍ଟାଗ୍ରାମରେ ☞ପୃଷ୍ଠା-୪

**ପ୍ରେମ ପାଇଁ ଭାଇଙ୍କୁ ଠକିଲେ**



ସ୍ମୃତିରେଖା ପାଣି

**ଆଜିର ସମ୍ପାଦକୀୟ**

**ନିଯୁକ୍ତି ବୃଦ୍ଧି ଯୋଜନା**













# ମହାପ୍ରଭୁଙ୍କ ଆଦ୍ୟଲୀଳା

ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ଆରାଧ୍ୟ ଦେବତା। ତାଙ୍କର ସମସ୍ତ ନୀତିକାନ୍ତି ମୂଳରେ ରହିଛି ଜଗତମଙ୍ଗଳ। ତେବେ ଏହି ନୀତିକାନ୍ତି ମଧ୍ୟରୁ ଅନ୍ୟତମ ସ୍ନାନ ଉତ୍ସବ। ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରରେ ଏହା ପାଳନ କରାଯାଏ। ଉକ୍ତ ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତିରେ ବେଦ ଧ୍ୱନି ପୂର୍ବକ ୧୦୮ ଗରା ଜଳରେ ସ୍ନାନ କରାଯାଏ। ଏହାପରେ ଦିଅଁଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ବର୍ଷକରେ ଥରେ ଦିଅଁ ସ୍ନାନ ମଣ୍ଡପରେ ଜଳସ୍ନାନ କରନ୍ତି ଏବଂ ଅନ୍ୟ ଦିନରେ କେବଳ ମନ୍ତ୍ର ସ୍ନାନ କରାଯାଏ।

ଦାରୁଦିଅଁଙ୍କ ଲୀଳାକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତିଭୂମି ଆଧାରିତ ଲୀଳା। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଏହାକୁ ମଧ୍ୟ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟ ଲୀଳା ବୋଲି କୁହାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନ ଲୀଳା କରିଥିଲେ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେତେବେଳେ ସ୍ନାନ ମଣ୍ଡପ ନ ଥିବାରୁ ମଞ୍ଚ ନିର୍ମାଣ କରାଇ ତା ଉପରେ ସ୍ନାନ ବିଧି କରାଉଥିଲେ। ଅନେକେ ଶାସ୍ତ୍ରରେ ଏହାକୁ ମଞ୍ଚ ସ୍ନାନ ବୋଲି ଅଭିହିତ କରିଅଛନ୍ତି। ଶାସ୍ତ୍ର ଅନୁଯାୟୀ ୧୦୮ ସୁନା ଗରାରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ସମାପନ ହୋଇଥିଲା, ସେହି ଶାସ୍ତ୍ରୀୟ ମତାନୁସାରେ ଆଜିବି ସ୍ନାନ ଉତ୍ସବ ଅତି ଆନନ୍ଦ ଓ ଭକ୍ତିମୟ ପରିବେଶରେ ପାଳନ କରାଯାଉଛି।

ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ପ୍ରଭୁଙ୍କ ସମସ୍ତ ନୀତି କାନ୍ତି ସମ୍ପନ୍ନ ହେବାପରେ ସ୍ୱଳ୍ପ ସମୟ ପାଇଁ ପହୁଡ଼ ନୀତି ହୋଇ ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହୁଏ। ଏହିଦିନ କୋଠ ସୁଆଁସିଆ ସେବକ ମନ୍ଦିରରେ ପ୍ରବେଶ କରି ଚାରମାଳ ବାନ୍ଧି, ଦିଅଁଙ୍କ ସେନାପଟା ଓ ବାହୁଟି ଲାଗି କରାନ୍ତି। ପରେ ରତ୍ନ ସିଂହାସନ ଉପରେ ମଙ୍ଗଳ ଆଳତି ହୁଏ।

ତାପରେ ଦଇତା ସେବକମାନେ ଦିଅଁଙ୍କ ପହଣ୍ଡି କରିବା ବେଳେ ମଦନମୋହନଙ୍କୁ ମହାଜନ ସେବକ ମାନେ ସ୍ନାନ ମଣ୍ଡପକୁ ବିଜେ କରାନ୍ତି। ପହଣ୍ଡି ସମୟରେ ଦିଅଁମାନେ ସାତ ପାହାଚରେ ଚୂଳ ଓ ଟାହିଆ ଲାଗି ହୁଅନ୍ତି। ଏହି ସାତ ପାହାଚରେ ହିଁ ଦ୍ୱିତୀୟ ଥର ମଙ୍ଗଳ ଆଳତି ହୁଏ। ବନ୍ଦାପନା ପରେ ରଘୁଦାସ ମଠରୁ ଆସିଥିବା ଘଷା ଲାଗି ହୋଇ ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନ ବେଦିକୁ ବିଜେ କରନ୍ତି। ସୁଆର ସେବକ ମାନେ ଅହ୍ଲୁଣିଆ ପାଣି ଛିଞ୍ଚନ୍ତି। ଗରାବଡୁ ସେବକ ସୁନା ଗରା ଧରି ଶୀତଳା ମାତାଙ୍କ ମନ୍ଦିର ସାମନାରେ ଥିବା ସୁନା କୂଅରୁ ଜଳ ଆଣନ୍ତି। ଏହି କୂଅ ବର୍ଷ ସାରା ଅବ୍ୟବହୃତ ହୋଇ ରହିଥାଏ। କିମ୍ବଦନ୍ତୀ ରହିଛି ଯେ ମା' ଶୀତଳାଙ୍କ ବାହନ ସିଂହ ଏହାକୁ ଜଗି ରହିଛି। ବର୍ଷ ସାରା ଏହି କୂଅର ଜଳ ବ୍ୟବହାର ନ ହେଉଥିବାରୁ ଏହାକୁ ମଧ୍ୟ



ଅଣଡୁଠ ଜଳ ବୋଲି କୁହାଯାଏ। ତେବେ ସ୍ନାନ ପୂର୍ଣ୍ଣିମା ଦିନ ଏହି ଜଳୁ ଆଣି ତାକୁ ଅଭିମନ୍ତ୍ରିତ କରାଯାଇ ସେଥିରେ ୧୩ ଗୋଟି ପଦାର୍ଥ ମିଶ୍ରଣ ହୁଏ। ସେଗୁଡିକ ହେଲା ଅଷ୍ଟବନ୍ଧ,କୃଷ୍ଣ ଗୁର,ଉଷିର, ଗୋରଚନା, ଦେବଦାରୁ, ମୁଥା, ହରିତାଲ,ବାହାଡ଼ା,ଆମଳକି, ସଂଜିଷ୍ଠା, ତାମ୍ରପର୍ଣ୍ଣ,ଶୋମପର୍ଣି ଓ ଲୋଧା। ଏହା ପରେ ସେହି ସୁଗନ୍ଧ ଜଳରେ ଦିଅଁଙ୍କୁ ସ୍ନାନ କରାଯାଏ। ଏହି ୧୦୮ ଗରାରୁ ୩୩ ଗରା ବଳଭଦ୍ର ,୩୫ ଗରା ଜଗନ୍ନାଥ , ୨୨ ଗରା ସୁଭଦ୍ରା ଓ ସୁଦର୍ଶନ ୧୮ ଗରା ଜଳରେ ସ୍ନାନ କରନ୍ତି। ଏହା ପରେ ରଘୁଦାସ ମଠରୁ ମା' ସୁଭଦ୍ରା ଙ୍କ ପାଇଁ ଫୁଲଚୂଳ,ଚନ୍ଦ୍ରିକା ଓ ଛତ୍ରି ଲାଗି କରାଯାଇଥିବାବେଳେ ଗୋପାଳ ତୀର୍ଥ ମଠ ଦ୍ୱାରା ଶ୍ରୀ ବଳଭଦ୍ର,ଶ୍ରୀ ଜଗନ୍ନାଥଙ୍କୁ ଗଜାନନ ବେଶ ଓ ସୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ।

ତାପରେ ଦିଅଁମାନେ ପୁଣି ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ଫେରନ୍ତି। କିନ୍ତୁ ରତ୍ନ ସିଂହାସନ ଆରୋହଣ ନ କରି ଭିତର କାଠ ପାଖ ଅଣସର ପିଣ୍ଡିରେ ବିଜେ କରନ୍ତି। ତାଙ୍କ ସମ୍ମୁଖରେ ତାଟି ବାନ୍ଧି ଦିଆଯାଏ। ସେଠାରେ ପଟିଦିଅଁଙ୍କୁ ରଖି ପୂଜା କରାଯାଏ। ଏଠାରେ ଦିଅଁମାନେ ସ୍ନାନ ପୂର୍ଣ୍ଣମୀରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ଜ୍ୱରରେ ପଡନ୍ତି। ଏହି ସମୟରେ ଦିଅଁମାନଙ୍କୁ କେବଳ ଖେଚୁଡ଼ି ଭୋଗ ଲାଗି ହୁଏ। ଏହି ସମୟରେ ଶ୍ରୀମନ୍ଦିର ବନ୍ଦ ରହୁ ଥିବାରୁ ଭକ୍ତ ମାନେ ବ୍ରହ୍ମଗିରିର ଅଲାରନାଥଙ୍କ ଦର୍ଶନ ପାଇଁ ଯାଆନ୍ତି। ସ୍ନାନ ପୂର୍ଣ୍ଣିମାରେ ଦିଅଁମାନଙ୍କ ଗଜାନନ ବେଶ ଭକ୍ତଙ୍କ ପାଇଁ ଅନନ୍ୟ। ଥରେ ମହାରାଷ୍ଟ୍ରର ଜଣେ ଗଣେଶଙ୍କ ଭକ୍ତ ଶ୍ରୀଗଣପତି ଭଟ୍ଟ ଶ୍ରୀକ୍ଷେତ୍ରର ମହିମା ଶୁଣି ପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସେ ରତ୍ନ ସିଂହାସନରେ ତାଙ୍କର ଇଷ୍ଟ ଦେବତା ଶ୍ରୀ ଗଜାନନଙ୍କୁ ନ ଦେଖି ଦିଅଁଙ୍କୁ ପରଂବ୍ରହ୍ମ ବୋଲି ଅସ୍ୱୀକାର କରି ମନ୍ଦିର ବାହାରକୁ ଚାଲି ଆସିଲେ। ତା' ପରଦିନ ଦିଅଁଙ୍କ ସ୍ନାନ ଯାତ୍ରା ଥିଲା। ଠାକୁରେ ବଡ ପଣ୍ଡାଙ୍କୁ ସ୍ୱପ୍ନାଦେଶ କଲେ ଯେ ସେ ଗଣପତି ଭଟ୍ଟଙ୍କୁ ଆମନ୍ତ୍ରଣ କରି ସ୍ନାନ ମଣ୍ଡପରେ ତାଙ୍କୁ ଦର୍ଶନ କରାଇବା ପାଇଁ। କିନ୍ତୁ ଯେତେବେଳେ ଗଣପତି ଭଟ୍ଟ ସ୍ନାନ ମଣ୍ଡପରେ ପହଞ୍ଚିଲେ ସେ ଦେଖିଲେ ଯେ ତାଙ୍କ ସମ୍ମୁଖରେ ତାଙ୍କ ଆରାଧ୍ୟ ସ୍ୱୟଂ ପ୍ରଭୁ ଗଜାନନ। ସେଠାରେ ଏହା ଦେଖି ସେ ସ୍ତମ୍ଭୀଭୂତ ହୋଇଗଲେ ଏବଂ ତାଙ୍କର ଚେତନା ଜାଗ୍ରତ ହୋଇଗଲା ସେ ନିଜକୁ ଓ ଦିଅଁଙ୍କୁ ଠିକ ବୁଝିପାରିଲେ। ସେହି ଦିନଠାରୁ ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶରେ ପ୍ରତି ସ୍ନାନ ପୂର୍ଣ୍ଣିମା ରେ ଦିଅଁମାନଙ୍କ ଗଜାନନ ବେଶ ହୁଏ, ଏବେ ବି ଚାଲିଛି ଓ ଯୁଗ ଯୁଗ ପାଇଁ ଚାଲିଥିବ।

**-ପ୍ରଦୀପ୍ତ କୁମାର କର**

ପ୍ଲଟ ନଂ ୨୫,ସୂର୍ଯ୍ୟ ନଗର, ଭୁବନେଶ୍ୱର, ମୋ: ୯୪୩୭୦୮୪୩୧୨




ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ସନ୍ଧ୍ୟା ୭.୩୦ରୁ ୩ଘଣ୍ଟା ଯାଏ ହାତୀବେଶ ଦର୍ଶନ

**ପୁରୀ, ୨୧।୬(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ପ୍ରକାଶ କରାଯାଇଛି। ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶନିବାର ଭୋର ୪ଟା ୩୦ରେ ମଙ୍ଗଳାର୍ପଣ ହୋଇ ଡୋରଲାଗି, ପୁଷ୍ପାଞ୍ଜଳି ପରେ ୫ଟାରୁ ସକାଳ ୭ଟା ପହଣ୍ଡି ହେବ। ମଙ୍ଗଳ ଆଳତି ୯ଟା, ମଇଲମ ୯ଟା ୧୫, ତଡ଼ପଲାଗି ୯ଟା ୨୫, ଅଧରପୋଛା ୯ଟା ୪୫, ଅବକାଶ ପୂର୍ବାହ୍ନ ୧୦ଟା ୨୦, ରୋଷ ହୋମ ୧୦ଟା ୩୦, ସୂର୍ଯ୍ୟପୂଜା ୧୦ଟା ୫୫, ଦ୍ୱାରପାଳ ପୂଜା ୧୧ଟା ୧୦ରେ ହେବ। ବେଶ ଶେଷ ୧୧ଟା ୨୫, ଜଳ ବିଜେ, ପୂଜାସ୍ନାନ ମଧ୍ୟାହ୍ନ ୧୨ଟା ୨୦ରୁ ଅପରାହ୍ନ ୧ଟା ୪୫, ମଇଲମ ମେକାପ ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ ୨ଟା ୫୦, ଛେରାପହଁରା ୩ଟା, ହାତୀବେଶ ୩ଟା ୪୦, ମହନ୍ତ ଶାଢ଼ିବନ୍ଧା ୪ଟା, ଘଣ୍ଟଛତା ସକାଳ ଧୂପ ୫ଟା ୪୫ରୁ ସନ୍ଧ୍ୟା ୭ଟା ୨୦, ଦକ୍ଷିଣଘର ଭୋଗ ୬ଟା ୩୦, ସାହାଣ ମେଲା ଦର୍ଶନ ୭ଟା ୩୦ରୁ ୧୦ଟା ୩୦, ହାତୀବେଶ ମଇଲମ ରାତ୍ର ୧୧ଟା, ପୁଷ୍ପାଞ୍ଜଳି ଡୋରଲାଗି ରାତ୍ର ୧୧ଟା ୧୦, ବାହୁଡ଼ା ପହଣ୍ଡି ୧୧ଟା ୩୦ରୁ ରାତି ୨ଟା, ସୁନାଚିତା ଓ ରାହୁରେଖା ମଇଲମ ରାତ୍ର ୨ଟା ୩୦ରେ ସମ୍ପନ୍ନ ହେବ।

## କେନ୍ଦୁଝରର ନିଆରା ପରମ୍ପରା

# ଶ୍ରୀଜୀଉ ପିନ୍ଧନ୍ତି ତାଳ ମୁକୁଟ



କେନ୍ଦୁଝରର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ। ତାଙ୍କର ରଥକୁ ସର୍ବୋଚ୍ଚ ରଥ ଭାବେ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ମିଳିଛି। ଚାରିଶହ ବର୍ଷରୁ ଊର୍ଦ୍ଧ୍ୱ ଏଠାକାର ଶ୍ରୀଜୀଉଙ୍କ ମନ୍ଦିରକୁ ଦ୍ୱିତୀୟ ବୃହତ ବିଷ୍ଣୁ ମନ୍ଦିର ବୋଲି କୁହାଯାଇଥାଏ। ଏଠାରେ ରଥ ଯାତ୍ରା ନିଆରା ଢଙ୍ଗରେ ପାଳନ ହୋଇ ଆସୁଥିଲେ ହେଁ ପାରମ୍ପରିକ ରୀତି ନୀତି ବଜାୟ ରହିଛି।

ଦେବ ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଏଠାରେ ଶ୍ରୀ ଜୀଉଙ୍କର ମାସେ ବ୍ୟାପୀ ଚନ୍ଦନ ଯାତ୍ରା ଓ ଚାପ ଖେଳ ହୋଇଥାଏ। ପୂର୍ଣ୍ଣିମା ଦିନ ସକାଳୁ ପ୍ରାତଃ ଅବକାଶ ପରେ ପୂଜାନୀତି ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୁଏ। ଏହା ପରେ ଚକା ଭିଡ଼ା ହୋଇ ଠାକୁରମାନେ ସିଂହାସନ ଛାଡନ୍ତି। ଶ୍ରୀ ଜୀଉଙ୍କୁ ପୂର୍ବାହ୍ନରେ ଧାଡ଼ି ପହଣ୍ଡିରେ ସ୍ନାନ ବେଦୀକୁ ପାହାଡିଆ ସେବାୟତ ମାନେ ନେଇଥାନ୍ତି। ସ୍ନାନ ମଣ୍ଡପରେ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥାଏ। ପଞ୍ଚାମୃତ ସ୍ନାନ, ନାରିକେଳ ସ୍ନାନ, ଗନ୍ଧ ଧୂପ ସ୍ନାନ ଆଦି ନୀତି ହୁଏ। ପରେ ଶ୍ରୀଜୀଉଙ୍କ ପୂଜା, ଲୁଗା ଲାଗି, ଚନ୍ଦନ ଲାଗି ଇତ୍ୟାଦି କରାଯାଏ। ସେଠାରେ ନୀତିକାନ୍ତି ସରିବା ପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ। ତା'ପରେ ଶ୍ରୀ ଜୀଉଙ୍କୁ ହାତୀ ବେଶରେ ସୁସଜ୍ଜିତ କରାଯାଏ। ତେବେ ଏଠାରେ ଶାଳପତ୍ରରେ ତୁଳସୀ ସହ ଶ୍ରୀ ଜଗନ୍ନାଥଙ୍କ ବେଶ ହୁଏ। ଶାଳ ପତ୍ରରେ ଅଁଳା ରଖାଯାଇ ଶ୍ରୀ ବଳଦେବଜୀଉଙ୍କ ବେଶ ହୁଏ। ଏହାପରେ ଶ୍ରୀ ଜୀଉ ମାନଙ୍କୁ ତାଳ ମୁକୁଟ ପିନ୍ଧା ଯାଏ। ଏହାହିଁ ଏଠାକାର ନିଆରା ପରମ୍ପରା। ତାପରେ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପରେ ସନ୍ଧ୍ୟାରେ ଶ୍ରୀ ଜୀଉଙ୍କୁ ଗୋଟି ପହଣ୍ଡିରେ ମନ୍ଦିରକୁ ବିଜେ କରାଯାଇଥାଏ ବୋଲି ମନ୍ଦିରର ବରିଷ୍ଠ ପୂଜକ ସୁଜିତ ଦାଶ କହିଛନ୍ତି। ଆମର ଶ୍ରୀଜୀଉ ଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ନିଆରା। ଏଭଳି ଅଲୌକିକ ବେଶ ଓ ଦୃଶ୍ୟ ଦେଖିବାକୁ ଏଠାର ଭକ୍ତଙ୍କ ଭିଡ ଜମେ ବୋଲି କହିଛନ୍ତି ସ୍ଥାନୀୟ ବରିଷ୍ଠ ସେବକ ନିମାଇଁ ଚରଣ ଦାଶ।

**-ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**

SARASWATI GROUP OF INSTITUTIONS CUTTACK ESTD.-2012

SARASWATI
GROUP OF INSTITUTIONS

ADMISSION OPEN

+3 SCIENCE
Under Utkal University

HONOURS SEATS

| | |
|---|---|
| Physics | - 16 |
| Chemistry | - 24 |
| Mathematics | - 08 |
| Geology | - 24 |
| Comp. Science | - 24 |
| Botany | - 16 |
| Zoology | - 16 |

B.Sc ITM (32 Seats)
Under Utkal University




Facilities



Dedicated, qualified & exp. faculties with proctorial guidance.
Coaching and entrance preparation under one roof.
Books, Study material, uniform etc. are free.
Well equiped Laboratory & Smart class rooms.
Separate Hostel for boys & girls within campus.
Hygenic food & laundry facilities.
Bus facilities for day scholar students.
Model GYM Facilities Available.

+2 Science
CBSE & CHSE
A Day-Cum Residential

Integrated Coaching for
NEET, JEE-MAIN
by Expert Faculties

CHSE RESULT-2024

100% RESULTS

TOTAL APPEARED - 349 / PASS - 349
ABOVE 90% - 05
ABOVE 80% - 72
1ST DIVISION - 297 / 2ND DIVISION - 45
3RD DIVISION - 7 / NO FAIL







Admission Contact: 9437025754, 8260583744, 7978561546
Website : www.saraswaticollege.net | Email : info@saraswaticollege.net

Campus : Belagachhia, Trisulia, Cuttack-754005
+91 8328891984, +91 9811988641

H.O.: Link Road, Arunodaya Market, Cuttack-753012
+91 7609091223, +91 7448084554




# ପିସିସି ସଭାପତିଙ୍କୁ କାଳିମାଡ଼

## ଭାଜପା ପ୍ରରୋଚନାରେ ହୋଇଥିବା ଇଙ୍ଗିତ କଲେ ଶରତ

**ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର କଂଗ୍ରେସ ଭବନସ୍ଥିତ ଚାମ୍ବରରେ ବସି ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରୁଥିବା ବେଳେ କେତେଜଣ ଆସି ତାଙ୍କ ଉପରକୁ କାଳିମାଡ଼ କରିଥିଲେ। ଏହାସହ ଉକ୍ତ ଯୁବ ଓ ଛାତ୍ର କର୍ମୀମାନେ ପିସିସି ସଭାପତିଙ୍କ ବିରୋଧରେ ସ୍ଲୋଗାନ ମଧ୍ୟ ଦେଇଥିଲେ। ୨୦୨୪ ନିର୍ବାଚନ ପରର ଏହା ହେଉଛି ପ୍ରତିଫଳନ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି। ସଂଘବଦ୍ଧ ହୋଇ କଂଗ୍ରେସ ଭବନକୁ ଧସେଇ ପଶିବା ସହିତ ଏଭଳି କାଳିମାଡ଼ କରିବା ସମୟରେ ଉକ୍ତ ବିଦ୍ରୋହୀମାନେ 'ଶରତ ପଟ୍ଟନାୟକ ହାଏ ହାଏ' କହୁଥିବା ଶୁଣିବାକୁ ମିଳିଥିଲା।

କେତେକ ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ କାର୍ଯ୍ୟକ୍ରମ କରାଯିବାର ଥିଲା। ଏହା ପୂର୍ବରୁ କଂଗ୍ରେସ ଭବନରେ ଶରତଙ୍କ ସହ କେତେଜଣ ବରିଷ୍ଠ ନେତା ଆଲୋଚନା କରୁଥିଲେ। ଏହି ସମୟରେ ହିଁ ଶରତଙ୍କ ଉପରେ କାଳିମାଡ଼ ହୋଇଥିଲା। ଏହାସତ୍ତ୍ୱେ ଉକ୍ତ କାଳିଭିଜା ଡ୍ରେସ୍ ପିନ୍ଧି ପିସିସି ସଭାପତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାସହ କାଳିମାଡ଼ କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦଳ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଛି। ତେବେ କଂଗ୍ରେସର କିଛି ବରିଷ୍ଠ ନେତା ନିଜ ନାମ ଗୋପନ ରଖି କହିଛନ୍ତି, ୨୦୨୪ ନିର୍ବାଚନ ସମୟରେ ଯେଉଁମାନେ ପିସିସି ସଭାପତିଙ୍କ ଘନିଷ୍ଠ ହୋଇଥିଲେ ସେମାନଙ୍କ ସମର୍ଥକମାନେ ଏଭଳି କାଳିମାଡ଼ କରିଥିବା ଯାହା ଜଣାପଡୁଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶରତ କହିଛନ୍ତି, ଭାଜପା ସରକାର ସମୟରେ ଏନ୍ଇଇଟି ପରୀକ୍ଷା ଯେପରି କରାଗଲା ଓ ସେଥିପାଇଁ ଯେଉଁ ଅନେକ ଲକ୍ଷ ପରୀକ୍ଷାର୍ଥୀ ହଇରାଣ ହୋଇଛନ୍ତି, ତା'ର ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଡାକରାରେ ପ୍ରତ୍ୟେକ ରାଜ୍ୟର ମୁଖ୍ୟାଳୟରେ ଆନ୍ଦୋଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିଲାଗି ଏହା ବିରୋଧରେ ଛାତ୍ରମାନଙ୍କୁ ନେଇ ଆନ୍ଦୋଳନ କରିବା ଲାଗି ରାସ୍ତାକୁ ଓହ୍ଲାଇଥିଲୁ। ହେଲେ କିଛି ଦୁର୍ବୃତ୍ତ ବୋତଲରେ କାଳି ଆଣି ତାଙ୍କ ଉପରେ ପକାଇଥିଲେ ବୋଲି ଶରତ କହିଛନ୍ତି। ସେଥିରେ କ'ଣ ମିଶିଥିଲା କେଜାଣି ତାହା ପଡ଼ିବା ପରେ ତାଙ୍କ ଆଖିରେ ପ୍ରବଳ କଷ୍ଟ ଅନୁଭବ ହେଉଥିବା ସେ କହିଛନ୍ତି। କଂଗ୍ରେସ ସର୍ବଦା ଅହିଂସା ମାର୍ଗ ଅନୁସରଣ କରିଥାଏ। ଅନ୍ୟପକ୍ଷରେ ଭାଜପା ହିଂସାର ମାର୍ଗ ଆପଣାଇଥାଏ। ସବୁବେଳେ କଂଗ୍ରେସ ଏଭଳି ଉତ୍ଥାନପତନ ଦେଖି ଆସିଛି। ଦୀର୍ଘ ୪୦ ବର୍ଷ ହେଲା ଛାତ୍ର ଜୀବନରୁ ସେ ବହୁତ କିଛି ଦେଖି ଆସିଛନ୍ତି। ରାଜନୀତି ଜୀବନରେ କେତେବେଳେ ଫୁଲ ହାର ମିଳେ ତ ଆଉ କେତେବେଳେ ଜୋତାମାଳ ଏବଂ କେତେବେଳେ ପଥର ମାଡ଼ ମଧ୍ୟ ଖାଇବାକୁ ପଡ଼ିଥାଏ। ଏଇଟା କେବଳ ତାଙ୍କ ପାଇଁ ନୂଆ ନୁହେଁ। କୌଣସି ଶକ୍ତି ତାଙ୍କୁ ଅଟକାଇ ପାରିବ ନାହିଁ। ଭାଜପାର କିମ୍ବା ଅନ୍ୟ କାହା ଇଙ୍ଗିତରେ ଏହି ଦୁର୍ବୃତ୍ତମାନେ ଆସି ଏଭଳି କରିଛନ୍ତି। ସେମାନଙ୍କ ବିରୋଧରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ହେବ। କିନ୍ତୁ ତାଙ୍କ ମତରେ ସେମାନଙ୍କୁ କ୍ଷମା କରିଦେବା କଥା। ତେବେ କଂଗ୍ରେସକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ଗୋଷ୍ଠୀକୁ କେବେ ହେଲେ ବରଦାସ୍ତ କରାଯିବ ନାହିଁ। ଲଢ଼େଇ କରିଛୁ ଆଗକୁ ଲଢ଼େଇ କରିବୁ ବୋଲି ଶରତ କହିଛନ୍ତି।



କଂଗ୍ରେସ ସଭାପତିଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, କଂଗ୍ରେସ ନିଜ କାମ ଛାଡ଼ି ବିଜେଡି କାମରେ ଲାଗିବାରୁ ତାଙ୍କ ଦଳର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତାଙ୍କ ଦଳର ଥିବା ଅସନ୍ତୋଷରୁ ଏହି ଫଳାଫଳ ହୋଇଛି। କେବଳ ଅନୁକମ୍ପା ସାଉଁଟିବା ଲାଗି ଅନ୍ୟ ଦଳ ଉପରେ ସେ ଦୋଷ ଲଦୁଛନ୍ତି। ଏଥିରେ ଭାଜପାକୁ ଟାଣିବାର କୌଣସି ଆବଶ୍ୟକତା ନାହିଁ ବୋଲି ଦିଲୀପ କହିଛନ୍ତି।

# ହକି ସ୍ପନସରଶିପ୍ ୩ ବର୍ଷ ବୃଦ୍ଧି

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ହକି ଇଣ୍ଡିଆ କର୍ମକର୍ତ୍ତା

**ଭୁବନେଶ୍ୱର,୨୧।୬(ଅନିଲ ଦାସ)**



ରାଜ୍ୟ ସରକାର ହକି ଇଣ୍ଡିଆର ସ୍ପନସରଶିପ୍ (ପ୍ରାୟୋଜନ) ଅବଧିକୁ ଆଉ ୩ ବର୍ଷ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଛି। ସେଥିପାଇଁ ହକି ଇଣ୍ଡିଆର ପ୍ରାୟୋଜକ ଅବଧିକୁ ୨୦୩୩ରୁ ଆଉ ୩ ବର୍ଷ ଅର୍ଥାତ୍ ୨୦୩୬ ଯାଏ ବୃଦ୍ଧି କରାଯିବ। ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ମହାସଚିବ ଭୋଲାନାଥ ସିଂ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ରାଜ୍ୟ ଅତିଥି ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ହକିର ପ୍ରଚାର ଓ ପ୍ରସାର ଦିଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହକିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଆଲୋଚନା ବେଳେ ହକି ଇଣ୍ଡିଆ କର୍ମକର୍ତ୍ତା କହିଛନ୍ତି ଯେ ହକି ପାଇଁ ଓଡ଼ିଶାକୁ ବିଶ୍ୱରେ ଗୋଟିଏ ଅଲଗା ପରିଚୟ ମିଳିଛି। ଭାରତୀୟ ହକି ଦଳର ବିକାଶରେ ଓଡ଼ିଶାର ପ୍ରଶଂସନୀୟ ଅବଦାନ ରହିଛି। ଭବିଷ୍ୟତରେ ଓଡ଼ିଶା ସରକାରଙ୍କ ସହ ମିଶି ହକିକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା ପାଇଁ ମିଳିମିଶି କାମ କରିବା ଲାଗି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଓଡ଼ିଶା ସରକାର ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ଦାୟିତ୍ୱ ୫ ବର୍ଷ ପାଇଁ ନେଇଥିଲେ। ୨୦୨୩ରେ ଏହାର ଅବଧି ଶେଷ ହେଉଥିବାରୁ ତତ୍କାଳୀନ ବିଜେଡି ସରକାର ହକି ଇଣ୍ଡିଆର ପ୍ରାୟୋଜକକୁ ୧୦ ବର୍ଷ ଅର୍ଥାତ୍ ୨୦୩୩ ଯାଏ ବୃଦ୍ଧି କରିଥିଲେ। ଏହାକୁ ଆଉ ୩ ବର୍ଷ ଯାଏ ବୃଦ୍ଧି କରିବାକୁ ନୂଆ ସରକାର ଘୋଷଣା କରିଛନ୍ତି। ଆଲୋଚନାରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ। ସେ କହିଛନ୍ତି, ହକିପ୍ରତି ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଗଷ୍ଟ ୯ରେ ଓଟିଇଟି: ୨୪ରୁ ଅନ୍‌ଲାଇନ୍ ଆବେଦନ

**କଟକ,୨୧।୬ (କାର୍ତ୍ତିକ ସାହୁ)**

ଚଳିତ ବର୍ଷର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ନିମନ୍ତେ ତାରିଖ ଚୂଡ଼ାନ୍ତ ହୋଇଛି। ଆସନ୍ତା ଅଗଷ୍ଟ ୯ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ଦିନ ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ନ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଏହି ପରୀକ୍ଷା ନିମନ୍ତେ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଜୁନ୍ ୨୪ରୁ ଜୁଲାଇ ୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍ ଜରିଆରେ ଆବେଦନ କରାଯିବ। ଉକ୍ତ ଲିଙ୍କ୍‌ରେ ଫର୍ମ ଆବେଦନ ଓ ଦେୟ ଦାଖଲର ଚୂଡ଼ାନ୍ତ ସମୟସୀମା ଜୁଲାଇ ୬ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦିଆଯାଇଛି। ଅନ୍‌ଲାଇନ୍ ଆବେଦନ ସଂକ୍ରାନ୍ତୀୟ ନିର୍ଦ୍ଦେଶାବଳୀ, ଯୋଗ୍ୟତା ଆଦି ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏଥିସହ ଅଗଷ୍ଟ ୨ରେ ପରୀକ୍ଷାର୍ଥୀମାନଙ୍କୁ ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ପ୍ରଦାନ କରାଯିବ। କୌଣସି ପରିସ୍ଥିତିରେ ଆବେଦନର ଅନ୍ତିମ ତାରିଖ ଘୁଞ୍ଚାଯିବ ନାହିଁ। ଆବେଦନକାରୀମାନେ ଅନ୍‌ଲାଇନ୍ ଫର୍ମ ପୂରଣବେଳେ ନିଜର ବ୍ୟକ୍ତିଗତ ଠିକଣା, ଜାତି, ବିଷୟ ଆଦି ଠିକ୍ ଭାବେ ଲେଖିବେ। ପରବର୍ତ୍ତୀ ସମୟରେ ସେଗୁଡ଼ିକ ଆଉ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।



**ଆଜିର ମନ୍ତବ୍ୟ**
ଲୋକ ସଭାର କାମଚଳା ବାଚସ୍ପତି ନିଯୁକ୍ତିକୁ ନେଇ କଂଗ୍ରେସ ରାଜନୀତି କରୁଛି। ନିମ୍ନ ସଦନରେ ନିରବଚ୍ଛିନ୍ନ ଭାବେ ସର୍ବାଧିକ ସମୟ ସଦସ୍ୟ ରହିଥିବା ଭାଜପା ନେତା ଭର୍ତ୍ତୃହରି ମହତାବଙ୍କୁ ପ୍ରୋଟେମ୍ ସ୍ପିକର ନିଯୁକ୍ତିରେ ପରମ୍ପରାର ଅନୁପାଳନ କରାଯାଇଛି। **–କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ମନ୍ତ୍ରୀ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନଦୀ ସୁରକ୍ଷା ଓ ପୁନରୁଦ୍ଧାର ସମ୍ପର୍କିତ ଚିନ୍ତନ ସଭା, ସ୍ଥାନ: ଓପନ ଲର୍ଣ୍ଣିଙ୍ଗ ସିଷ୍ଟମ ସମ୍ମିଳନୀ କକ୍ଷ, ପ୍ରେସ ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଆଳାପ–୨୦୨୪, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ରାଇଟ୍‌ସ ଏଜୁକେଶନ ପକ୍ଷରୁ ସାମ୍ବିଧାନିକ ଅଧିକାର ଶିକ୍ଷା ବିଷୟରେ ଶିକ୍ଷକ ତାଲିମ ଶିବିର, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ୨୫୧, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ରୁଚି ମସଲା ଉଦ୍ୟୋଗ ପକ୍ଷରୁ ଫେଷ୍ଟିଭାଲ ବୋନାଞ୍ଜା ଅଫର–୨୦୨୩ର ପୁରସ୍କାର ପ୍ରଦାନ ଉତ୍ସବ: ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଇନର ହୁଇଲ୍ ଡିଷ୍ଟ୍ରିକ୍ଟ ୩୨୬ ପକ୍ଷରୁ ରାଧା କାର୍ଯ୍ୟକ୍ରମ, ସ୍ଥାନ: ପାଲ ହାଇଟ୍‌ସ ମନ୍ତ୍ରା, ପାହାଳ, ସମୟ: ଅପରାହ୍ନ ୩ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ଆୟୁଷ୍ମାନ ମନ୍ତ୍ରରାମ୍ ସମ୍ପର୍କରେ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଆର୍ଯ୍ୟ ପ୍ୟାଲେସ, ସମୟ: ଅପରାହ୍ନ ୫ଟା।
- ଧ୍ରୁପଦ ମ୍ୟୁଜିକ୍ ଫାଉଣ୍ଡେଶନ ପକ୍ଷରୁ ୱାର୍ଲ୍ଡ ମ୍ୟୁଜିକ୍ ଆଣ୍ଡ ଯୋଗା ଡେ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: କଟକ ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ପୁରୀ
- ଠାକୁର ଅଜା ସିଦ୍ଧ ବଳରାମଙ୍କ ସ୍ନାନ ଉତ୍ସବ, ସ୍ଥାନ: ସିଦ୍ଧବକୁଳ ପୀଠ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୯ଟା।
- ପ୍ରଭୁ ବଳରାମଙ୍କ ସ୍ନାନ ଉତ୍ସବ, ସ୍ଥାନ : ଅଠେଇଶ, ସାକ୍ଷୀଗୋପାଳ, ସମୟ :ପୂର୍ବାହ୍ନ ୯ଟା
- ଶ୍ରୀପତିତପାବନ ଦେବଙ୍କ ସ୍ନାନ ଉତ୍ସବ, ସ୍ଥାନ: ସାରଙ୍ଗଯୋଡ଼ି, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୯ଟା।
- ତୃତୀୟା ଦେବଙ୍କ ସ୍ନାନଯାତ୍ରା, ସ୍ଥାନ: ସୁକଳ, ସାକ୍ଷୀଗୋପାଳ, ସମୟ : ପୂର୍ବାହ୍ନ ୯ଟା।
- ଶ୍ରୀପତିତପାବନ ଦେବଙ୍କ ସ୍ନାନ ଉତ୍ସବ, ସ୍ଥାନ: କବିରାଜପୁର, ବାଲିସାହି, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୯ଟା।

## ଖୋର୍ଦ୍ଧା
- ଶ୍ରୀଅନନ୍ତ ପୁରୁଷୋତ୍ତମ ପୂର୍ଣ୍ଣବିଗ୍ରହଙ୍କ ଦେବସ୍ନାନ, ଜାଗୁଳିପାଟଣା, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଣନାଥ ସ୍ୱୟଂଶାସିତ କଲେଜର ଯୁକ୍ତ ୩ ଫଳାଫଳ ପ୍ରକାଶନ, ସ୍ଥାନ: ମୈତ୍ରୀ ଭବନ, କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଦେବ ସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ: ଇସ୍କନ ଜଗନ୍ନାଥ ମନ୍ଦିର, ଚନ୍ଦନା, ଜଳେଶ୍ୱର। ସ୍ଥାନ: ଜଗନ୍ନାଥ ମନ୍ଦିର, ନୂଆବଜାର, ଜଳେଶ୍ୱର। ସ୍ଥାନ: ଜଗନ୍ନାଥ ମନ୍ଦିର, ଖୁଆଡ, ଜଳେଶ୍ୱର, ସମୟ: ସକାଳ ୬ଟା।
- ଦେବସ୍ନାନ ଉତ୍ସବ ସମାରୋହ , ସ୍ଥାନ: ରେମୁଣା ଇମାମୀ ପେଟ୍ରୋଲ ଜଗନ୍ନାଥ ମନ୍ଦିର, ବାଲେଶ୍ୱର, ସମୟ: ସକାଳ ୬ଟା ୩୦।
- ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଜଗନ୍ନାଥଙ୍କ ଦେବସ୍ନାନ, ସ୍ଥାନ: ଖଗଡାପାଳ ଜଗନ୍ନାଥ ମନ୍ଦିର ପରିସର ଦେବ ସ୍ନାନମଣ୍ଡପ, ସମୟ: ସକାଳ ୮ଟା।
- ନୀଳଗିରି ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ନୀଳଗିରି, ସମୟ: ସକାଳ ୯ଟା।
- ଖଗଡାପାଳ ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଖଗଡାପାଳ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଶନିଦେବଙ୍କ ବାର୍ଷିକୋତ୍ସବ, ସ୍ଥାନ: ରାଢ଼ୋ, ରହଣିଆ, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୨ୟ ଦିବସ, ସ୍ଥାନ: ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଶନିଙ୍କ ମନ୍ଦିରରେ ଶନି ମେଳା ଏବଂ ପୂଜାର୍ଚ୍ଚନା, ସ୍ଥାନ: ମୋଟରାଗଡ଼ିଆ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ, ନାମ ସଂକୀର୍ତ୍ତନ, ଯଜ୍ଞ, ସ୍ଥାନ: ମହୁଲପଙ୍କା, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ପୂଜା, ଭଜନ, କୀର୍ତ୍ତନ, ସ୍ଥାନ: ଶାଳନିଆ, ବଂଚୋ, ଢେଙ୍କା, ହାଟଡିହୀ, ସମୟ: ସକାଳ ୬ ଟାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ।

## ମୟୂରଭଞ୍ଜ
- ଥାଲାସାମିଆ ଓ ସିକଲସେଲ୍ ସଚେତନତା ଶିବିର,ସ୍ଥାନ:ସତ୍ୟସାଇ ସେବା ସମିତି, ବାରିପଦା. ସମୟ: ସକାଳ ୮ଟା।
- ସଦ୍‌ଭାବନା ସମିତି ପକ୍ଷରୁ ସନ୍ଥ ଦିବସ, ସ୍ଥାନ: ଦୁର୍ଗା ହୋଟେଲ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ସ୍ନାନଯାତ୍ରା, ସ୍ଥାନ: ଧର୍ମକ୍ଷେତ୍ର ଜଗନ୍ନାଥ ମନ୍ଦିର, ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଉଦଳା ବ୍ଲକ ଡିହିରାକୁଳ ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।
- କୈବଲ୍ୟ ଚୈତନ୍ୟ ଶ୍ରୀପାଦୁକା ମଧୁସ୍ନାନ ଓ ପୂର୍ଣ୍ଣାହୁତି, ସ୍ଥାନ:ଶ୍ରୀ ପାଦୁକା ମନ୍ଦିର, ଛଉ ପଡ଼ିଆ, ବାରିପଦା, ସମୟ:ଅପରାହ୍ନ ୨ଟା।

## ବ୍ରହ୍ମପୁର
- ବିଶ୍ୱ ରକ୍ତଦାତା ଦିବସ,ସ୍ଥାନ: ଏମ୍‌କେସିଜି ମେଡିକାଲ ଏଲଟି–୧ ଏକାଡେମିକ ବ୍ଲକ, ସମୟ: ସକାଳ ୯ଟା।
- ଆର୍ଯ୍ୟଭଟ୍ଟ ଲର୍ଣ୍ଣିଂ ଫୋରମର ପ୍ରେରଣା କାର୍ଯ୍ୟକ୍ରମ, ସ୍ଥାନ: ଡ଼ାଇମଣ୍ଡ ଜୁବ୍‌ଲି ଟାଉନ ହଲ,ସମୟ: ଅପରାହ୍ନ ୫ଟା।
- ଓଡିଶା ନାଟକ ସମାରୋହ ସମିତିର ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ମୁକ୍ତମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ
- ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ , ସ୍ଥାନ: ବୁଗୁଡା ବଳଦେବ ମନ୍ଦିର, ସମୟ: ସକାଳ ୯ଟା।
- ଓଷ୍ଟାର ଗଞ୍ଜାମ ଜିଲା ସାଙ୍ଗଠନିକ ବୈଠକ, ସ୍ଥାନ : ଭଞ୍ଜନଗର ବ୍ଲକ ଡିହପଡାଳ ପଞ୍ଚାୟତ ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।
- ମା' ଫୁଲକେଶନୀ ଠାକୁରାଣୀଙ୍କ ଘଟ ପରିକ୍ରମା, ସ୍ଥାନ: ଆସିକା ଲାଲାଗୋର୍ଜି ଛକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରତ୍ନବେଦୀରୁ ଶ୍ରୀଜୀଉଙ୍କୁ ଅବତରଣ, ଦେବସ୍ନାନ ପୂର୍ଣ୍ଣିମା ଓ ଠାକୁରଙ୍କ ଗଜାନନ ବେଶ, ସ୍ଥାନ: ଜଗନ୍ନାଥ ମନ୍ଦିର, ରାୟଗଡା, ସମୟ: ସକାଳ ୭ଟା ୩୦ରୁ ଆରମ୍ଭ।
- ଦେବସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ: ଅନନ୍ତ ବାସୁଦେବ ମନ୍ଦିର,ଅମ୍ଳାଭଟା, ସମୟ: ସକାଳ ୭ଟା ୩୦।
- ଦେବସ୍ନାନ ପୂର୍ଣ୍ଣିମା ନୀତି ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୨ଟା।

## ନବରଙ୍ଗପୁର
- ଅଗ୍ରଗାମୀର ବୈଠକ, ସ୍ଥାନ : ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସବ୍ ଜେଲ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ୧୧ଟା।

## କୋରାପୁଟ
- ଶ୍ରୀ ଜୀଉଙ୍କ ସ୍ନାନ ଯାତ୍ରା ଓ ହାତୀବେଶ, ସ୍ଥାନ : ଶାବର ଶ୍ରୀକ୍ଷେତ୍ରର ସ୍ନାନ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ ଟା ୩୦ରୁ ଆରମ୍ଭ।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ଜିଲା ଜୁଡୋ ହଲ, ସମୟ: ଅପରାହ୍ନ ୫ ଟା ୩୦।
- ଗୁରୁ ଭଗବାନ ସାହୁ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁରୁ ସତ୍ୟନାରାୟଣ ଉଦ୍ୟାନ, ସମୟ: ସନ୍ଧ୍ୟା ୬ଟା।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷୀପଡା, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଦଳୀୟ କାର୍ଯ୍ୟକର୍ତ୍ତା, ଜନସାଧାରଣଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସାକ୍ଷାତ କାର୍ଯ୍ୟକ୍ରମ, ସ୍ଥାନ: ଆଗଲପୁର ବ୍ଲକ ନଅଗାଁ (ଖ)ପାର୍ଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ରୁ ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ପାତାଳୀ ଶ୍ରୀକ୍ଷେତ୍ର, କୋଟସମଲାଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୬ଟା।
- ତରଭା ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା, ସ୍ଥାନ: ତରଭା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ଅମରପାଲି ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା ୩୦।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ଗଜାନନ ବେଶ, ସ୍ଥାନ: କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୧ଟା।

## ରାଉରକେଲା
- ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ଉଦିତନଗର, ବାସନ୍ତୀ କଲୋନୀ, ପ୍ଲାଣ୍ଟସାଇଟ୍ ସ୍ଥିତ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୫ଟା ୩୦।
- ଯୋଗ ଶିବିରାର୍ଥୀଙ୍କୁ ଯୋଗଥେରାପି କାର୍ଯ୍ୟକ୍ରମ,ସ୍ଥାନ: ନୋବେଲ କ୍ଲବ, ବାସନ୍ତୀ କଲୋନୀ ସମୟ: ସକାଳ ୮ଟା।

## ବରଗଡ଼
- ମହାପ୍ରଭୁ ଦଧିବାମନଙ୍କ ଗଜାନନ ବେଶ, ସ୍ଥାନ: ଦଧିବାମନ ମନ୍ଦିର, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।
- ଦେବସ୍ନାନ ପୂର୍ଣମା, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଗୁରୁ ଭଗବାନ ସାହୁ ମହୋତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନଯାତ୍ରା, ସ୍ଥାନ: କଳାହାଣ୍ଡି ଜିଲା ଏମ. ରାମପୁର ଶ୍ରୀମନ୍ଦିର ପରିସର, କର୍ଲାମୁଣ୍ଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ପବିତ୍ର ସ୍ନାନଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର ନୂଆପଡ଼ା, ସମୟ: ସକାଳ ୧୦ଟା। ସ୍ଥାନ: ତରବୋଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୧୦ଟା ୩୦।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ:ବୁଢୀକଣ ଗ୍ରାମ୍ୟ ମଣ୍ଡପ , ସମୟ ସକାଳ ୬ଟା।
- ମହାପ୍ରଭୁଙ୍କ ସ୍ନାନଯାତ୍ରା, ସ୍ଥାନ: ପୁରୁଣାକଟକ ଜଗନ୍ନାଥ ମନ୍ଦିର, ହରଭଙ୍ଗା, ସମୟ ସକାଳ ୮ଟା । ସ୍ଥାନ:ସ୍ନାନ ମଣ୍ଡପ ଘଣ୍ଟାପଡା ଜଗନ୍ନାଥ ମନ୍ଦିର, କଣ୍ଟାମାଳ ବ୍ଲକ,ସମୟ ଅପରାହ୍ନ ୧୧ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଓ ପ୍ରଭୁଙ୍କ ହାତୀବେଶ, ସ୍ଥାନ: ବୌଦ୍ଧ ଜଗନ୍ନାଥ ମନ୍ଦିର ପରିସର, ସନ୍ଧ୍ୟା ୭ଟା।

## ଦେବଗଡ଼
- ସ୍କୁଲ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ତିଲେଇବଣି ବ୍ଲକ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ହରିଡା ବାହାଲ, ଗଇଲୋ, ଝରାଗୋଗୁଆ, ରାଇତାଳ, କାଶର ଲୋଇ, ନିକ୍ତିମାଳ ସ୍କୁଲ, ପୁରୁଣାଗଡ ସ୍କୁଲ, ଦେବଗଡ, ସମୟ: ସକାଳ ୯ଟା।
- ଦେବସ୍ନାନ ପୂର୍ଣମା, ସ୍ଥାନ: ପୁରୁଣାଗଡ, ଜଗନ୍ନାଥ ଧାମ, ସମୟ: ପୂର୍ବାହ୍ନ ୧୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ଦେବସ୍ନାନ ପୂର୍ଣ୍ଣିମା ସମାରୋହ, ସ୍ଥାନ: ସହରସ୍ଥିତ ପୁରୁଣା ବସ୍ତି ବାବୁପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା।
- ଦେବସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ ସହରସ୍ଥିତ ହିର୍ମା ପଞ୍ଚାୟତ କୁକୁର ଝଙ୍ଗା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।
- ସାମାଜିକ କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ କୀର୍ତ୍ତନ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ:ଶ୍ରୀଶ୍ରୀ ସିଦ୍ଧ ବଳରାମ ମନ୍ଦିର ଢେଙ୍କାନାଳ, ସମୟ: ପ୍ରାତଃ ୫ଟା।
- ମହିମା ଜ୍ୟୋତିଯାତ୍ରା ଶୁଭାରମ୍ଭ, ସ୍ଥାନ: ଦାମୋଦରନାଳୀ ସଦର ବ୍ଲକ ଢେଙ୍କାନାଳ, ସମୟ: ସକାଳ ୯ ଟା।
- ସ୍ୱରସପ୍ତା ଫେଷ୍ଟିଭାଲ–୨୦୨୪, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ,
- ସମୟ:ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରା, ସ୍ଥାନ: ଆଠମଲ୍ଲିକ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା ୧୩।

## ଜଗତ୍‌ସିଂହପୁର
- ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ସ୍ନାନ ଯାତ୍ରା, ସ୍ଥାନ: ସୁଭଦ୍ରା କ୍ଷେତ୍ର, ଗଡ଼କୁଜଙ୍ଗ, ସମୟ: ପ୍ରାତଃ ୫ଟା ୩୦।
- ଶ୍ରୀଜିଉଙ୍କ ସ୍ନାନଯାତ୍ରା, ସ୍ଥାନ: ବଡ଼ମଠ ମଲାସାହି, କୁଜଙ୍ଗ, ସମୟ: ସକାଳ ୮ଟା।
- ଚାରା ସଂରକ୍ଷଣ ଉପରେ ଆଲୋଚନା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀବଳଦେବଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମା' ମହୀରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀଦଧିବାମନଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଶ୍ରୀଦଧିବାମନଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ: ଡେରାବିଶ, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ଲୋକକଳା ମହୋତ୍ସବ, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।।
- ମା' ମହୀରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।

## ନୟାଗଡ଼
- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନନୀତି ପରେ ଗଜାନନ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱଦେବତା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ମହାପ୍ରଭୁଙ୍କ ଗଜାନନ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର। ସ୍ଥାନ: ଖଣ୍ଡପଡା ରାଜବାଟିସ୍ଥିତ ଜଗନ୍ନାଥ ମନ୍ଦିର। ସ୍ଥାନ: ଗୋଡିପଡା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର
- ଯାଜପୁର ବୈତରଣୀ ନଦୀ କୂଳରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା।
- ଯାଜପୁର ରୋଡ ଦେବେଶ୍ୱର ମନ୍ଦିରରେ ସ୍ନାନପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୯ଟା।
- ବ୍ୟାସସରୋବର ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରଗଡ଼ି ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ଧର୍ମଶାଳା ନିର୍ବାଚନମଣ୍ଡଳୀର କଲଣସ୍ଥିତ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ନାନପୂର୍ଣ୍ଣିମା, ସ୍ଥାନ: ଜହ୍ନା ବଳଦେବ ଜୀଉମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ଶୁକ୍ରଙ୍କ ସୁପ୍ରଭାବରୁ ଅର୍ଥଲାଭ ସାଙ୍ଗକୁ ବିଳାସବ୍ୟସନ ପ୍ରତି ବିଶେଷ ରୁଚି ବଳିବ। ଆନୁଷ୍ଠାନିକ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଏବଂ ପରିବହନ ଭଲରେ ଚାଲିବ। ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବୃଷ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଭଲ ସମ୍ପର୍କ ନ ଥିବା କେତେକ ବ୍ୟକ୍ତି ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାରେ ଈର୍ଷାନ୍ୱିତ ହୋଇପାରନ୍ତି। ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ପାରିବାରିକ କ୍ଷେତ୍ରରେ ସବୁ କଥାକୁ ସରଳ ଭାବିଲେ କ୍ଷତିରେ ପଡ଼ିବେ।

**ମିଥୁନ**
ନିର୍ଦ୍ଦିଷ୍ଟ ସ୍ଥାନରେ ବସ୍ତୁଟିକୁ ଖୋଜି ନ ପାଇବାରୁ ବ୍ୟସ୍ତ ହୋଇପଡ଼ିବେ। ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରନ୍ତୁ କିଛି ସମୟ ପରେ ସଫଳତା ମିଳିବ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆଜି ଆପଣ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

**କର୍କଟ**
ପରିସ୍ଥିତିରେ ପଡ଼ି ଅନ୍ୟମାନଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାଇ ଟେନସନକୁ ନିମନ୍ତ୍ରଣ କରିପାରନ୍ତି। ପ୍ରିୟାପ୍ରୀତି ତୋଷଣ କାରଣ ନେଇ ଅପଦସ୍ଥ ହେବାକୁ ପଡ଼ିପାରେ। ପରିବାରର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବେ। ଯୋଜନାବଦ୍ଧଭାବରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ସିଂହ**
ଖଳଲୋକଙ୍କ ଦ୍ୱାରା ସୃଷ୍ଟ ସମସ୍ୟା ମଧ୍ୟରେ ନିଜକୁ ଅଣନିଃଶ୍ୱାସୀ ମନେ କରିପାରନ୍ତି। ଆପଣଙ୍କ ଗୋପନୀୟ କାର୍ଯ୍ୟ ବନ୍ଧୁଙ୍କ ଜରିଆରେ ବାହାରେ ଆଲୋଚନାକୁ ସରଗରମ କରିପାରେ। ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବାର ସୂଚନା ରହିଛି।

**କନ୍ୟା**
ଆଜି ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ସହ ମିଶିବେ ଏବଂ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ପାରିବାରିକ ଦିଗଟି ମନ୍ଦ ହେବନି ଏବଂ କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହେବେ। ନିର୍ମାଣ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ।

**ତୁଳା**
ଘରୋଇ କ୍ଷେତ୍ରରେ କେତେକ ଘଟଣାରେ ମନକଥା ମନରେ ରଖିପାରିବେ ନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାମ ହାସଲ ସକାଶେ ଚେଷ୍ଟା କରିପାରନ୍ତି। ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଅଫିସିଆଲି କାମଗୁଡ଼ିକ କରିବାକୁ ବାଧ ହେବେ। ନିଜ ମନପସନ୍ଦର ଜିନିଷ ଖରିଦ କରିବା ସକାଶେ ମନ ବଳାଇପାରନ୍ତି।

**ବିଛା**
ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି କୌଣସି ଆପତ୍ତିଜନକ କାମରେ ନିଜକୁ ସାମିଲ କରିପାରନ୍ତି। ସବୁ ଆଡକୁ ନଜର ଦେଇ କାମ ନ କଲେ ଅସୁବିଧାରେ ପଡ଼ିବେ। ପଡ଼ିଶାଙ୍କ ସହ ବହୁଦିନର ମନାନ୍ତରର ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବାର ସମ୍ଭାବନା ରହିଛି।

**ଧନୁ**
ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହ ବନ୍ଧୁତା ସୃଷ୍ଟି ହେବ। ନିଜର ଅବିମୃଶ୍ୟକାରିତା ହେତୁ ଧନହାନି ଘଟିବାର ପୂର୍ଣ୍ଣ ସମ୍ଭାବନା ରହିଛି। ଶତ୍ରୁ ଉପଦ୍ରବ କେତେକାଂଶରେ କମିଯାଇପାରେ, କିନ୍ତୁ ଆଶଙ୍କା ଲାଗି ରହିବ। ବ୍ୟବସାୟ, କଳକାରଖାନା, ହୋଟେଲ ଶିଳ୍ପ, ପରିବହନରେ ଆଧୁନିକୀକରଣ କରିପାରନ୍ତି।

**ମକର**
ଆଜି ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ପାଇପାରିବେ। ତଥାପି ପରୋକ୍ଷ ଶତ୍ରୁତା ଜନିତ କେତେକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଆକସ୍ମିକ ଭାବରେ ବନ୍ଧୁଙ୍କ ସମ୍ପର୍କରେ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି। ପରିବାର ମଧ୍ୟରେ ନିଜ ମନର ଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**କୁମ୍ଭ**
ଘରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା ହେତୁ କିମ୍ବା କାମ ଠିକ୍ ଭାବେ ନ ହେବାରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥା ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। ଅଟକିଥିବା ଅଫିସ୍ କାମ ତ୍ୱରାନ୍ୱିତ ହେବ, ଏବଂ ସମସ୍ୟା ଦୂରେଇଯିବ। ଜିଦି ତ୍ୟାଗ କଲେ ଉପକୃତ ହେବେ ନଚେତ୍ କଳହ ଭିତରକୁ ଟାଣି ହୋଇଯିବେ।

**ମୀନ**
ଆଜି ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ଲାଭକରି ଆପଣ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରି ପାରିବେ। ନିଜ ପରିବାରରୁ ଆଶାନୁରୂପ ସ୍ନେହ, ସହାନୁଭୂତି ପାଇବା କମିଯାଇପାରେ। ଦେହରେ କୌଣସି ବଡ଼ ଧରଣର ରୋଗ ନ ଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ। ସତ୍‌ସଙ୍ଗ ଓ ଧର୍ମ, ଦେବଦର୍ଶନ, ବନ୍ଧୁମିଳନ ତଥା ସାହିତ୍ୟ ଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଜୁନ୍ ୨୨ ତାରିଖ, ଶନିବାର, ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ସ୍ନାନ ଯାତ୍ରା ଓ ଗଜାନନ ବେଶ, ଅଣସର ଆରମ୍ଭ, ସନ୍ଥକବୀର ଜୟନ୍ତୀ, ବିନୋଦ କାନୁନ୍‌ଗୋଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୦୯ ଗତେ ଘ. ୧୨।୧୫ ମଧ୍ୟେ, ଘ.୦୩।୦୬ ଗତେ ଘ.୦୩।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୦ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମାନସିକ ସୁସ୍ଥତା ପାଇଁ ...

ଦୈନନ୍ଦିନ ଜୀବନରେ ଯୋଗକୁ ଗ୍ରହଣ କରି ଆମେ ଏକ ସୁସ୍ଥ ଓ ସୁନ୍ଦର ଜୀବନ ହାସଲ କରିପାରିବା। କେବଳ ଏହି ଗୋଟିଏ ଦିନ ନୁହେଁ, ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଯୋଗାଭ୍ୟାସ ଜାରି ରଖିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସୁସ୍ଥ, ସୁଖୀ ଓ ସନ୍ତୁଳନଯୁକ୍ତ ସମାଜ ପାଇଁ ସମସ୍ତେ ସଙ୍କଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନିଜ ଅଭିଭାଷଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସେ ଉଚ୍ଚ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଫଳରେ ୨୦୧୫ରୁ ମିଳିତ ଜାତିସଂଘ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି। ଯୋଗର ମାହାତ୍ମ୍ୟ ଆଜି ସାରା ବିଶ୍ୱରେ ପ୍ରସାରିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଏଭଳି ଭବ୍ୟ ଓ ଦିବ୍ୟ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିବାରୁ ସେ ଖୁସିବ୍ୟକ୍ତ କରିବା ସହ କ୍ରୀଡ଼ା ବିଭାଗ ସହିତ ସମ୍ପୃକ୍ତ ବିଭିନ୍ନ ବିଭାଗକୁ ଧନ୍ୟବାଦ ଦେଇଛନ୍ତି।

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଷ୍ଟାଡିୟମ ପରିସରରେ ସକାଳ ୭ଟାରୁ ଅଧଘଣ୍ଟାରୁ ଅଧିକ ସମୟ ଧରି ଯୋଗ ଅଭ୍ୟାସ କରାଯାଇ ଥିଲା। ଚଳିତ ବର୍ଷର ଥିମ୍ ଥିଲା 'ନିଜ ପାଇଁ ଯୋଗ ଓ ସମାଜ ପାଇଁ ଯୋଗ'। ଏଥିସହିତ ରାଜ୍ୟର ଜିଲା, ଉପଖଣ୍ଡ, ବ୍ଲକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମନ୍ତ୍ରୀ, ଏମ୍‌ପି, ବିଧାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ପି. କେ. ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ସଚିବ ଆର୍. ଭିନିଲ୍ କ୍ରିଷ୍ଣା ଓ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ଷ୍ଟାଡିୟମରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଅଧିକାରୀ, କ୍ରୀଡାବିତ୍, ଛାତ୍ରୀଛାତ୍ର ଯୋଗାଭ୍ୟାସ କରିଥିଲେ।

### କୋଟିଏ ଲୋଭରେ ...


ପ୍ରଦୀପ କୁମାର ଓଲା


ଦେବୀ ଲାଲ

ରାଜସ୍ଥାନର ପ୍ରଦୀପଙ୍କ ସହ ପରିଚିତ ହୁଅନ୍ତି। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଶୁଭାଶିଷଙ୍କଠାରୁ ବଡ଼ ପରିମାଣର ଟଙ୍କା ଝଡ଼ାଇବା ପାଇଁ ସେମାନେ ଅପହରଣ ନାଟକ ରଚିଥିଲେ। ଯୋଜନା ଅନୁଯାୟୀ, ଜୁନ ୧୫ରେ ପ୍ରଦୀପ ତାଙ୍କ ସାଙ୍ଗ ଦେବୀଲାଲଙ୍କ ସହ କାର୍ ଯୋଗେ ରାଜସ୍ଥାନରୁ ଓଡ଼ିଶା ଆସିଥିଲେ। ଜୁନ ୧୭ରେ ସେମାନେ ଓଡିଶାରେ ପହଞ୍ଚି ଖୋର୍ଦ୍ଧାସ୍ଥିତ ଏକ ହୋଟେଲରେ ରହିଥିଲେ। ପ୍ରଦୀପ ପରେ ସ୍ମୃତିରେଖାଙ୍କ ସହ ମିଶି ଅପହରଣ ନାଟକ ରଚିବା ନେଇ ଯୋଜନା କରିଥିଲେ। ବୁଧବାର ଅପରାହ୍ନ ପ୍ରାୟ ୨ଟା ୪୫ରେ ସ୍ମୃତିରେଖା ଘରୁ ଏକ ଅଟୋରେ ପ୍ରଦୀପଙ୍କ ପାଖକୁ ପଳାଇଯାଇଥିଲେ। ସେଠାରେ ସ୍ମୃତିରେଖାଙ୍କ ହ୍ୱାଟ୍ସଆପ୍ ଜରିଆରେ ତାଙ୍କ ଭାଇ ଶୁଭାଶିଷଙ୍କୁ ପ୍ରଦୀପ ଭଏସ୍ କଲ୍ କରି ଭଉଣୀଙ୍କୁ ଅପହରଣ କରିନେଇଥିବା ଜଣାଇଥିଲେ। ମୁଣ୍ଡଜାମିନ ପାଇଁ କୋଟିଏ ଟଙ୍କା ଦେବାକୁ ପ୍ରଦୀପ ଧମକ ମଧ୍ୟ ଦେଇଥିଲେ। ପ୍ରଥମେ ଶୁଭାଶିଷ ଭୟରେ ପ୍ରଦୀପଙ୍କ ଆକାଉଣ୍ଟକୁ ୧୨ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ଏ ସମ୍ପର୍କରେ ଶୁଭାଶିଷ ଘରକୁ ଜଣାଇବା ପରେ ବାପା ସତ୍ୟ ନାରାୟଣ ଗୁରୁବାର ଚନ୍ଦକା ଥାନାରେ ଝିଅଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ଏହି ମାମଲାର ତଦନ୍ତ ପାଇଁ ଏକାଧିକ ଟିମ୍ ଗଠନ କରିଥିଲା। ସିସିଟିଭି ଯାଞ୍ଚ ସହ ଅନ୍ୟ ଜିଲା ପୋଲିସ ମୁଖ୍ୟାଳୟକୁ ସୂଚନା ଦିଆଯାଇଥିଲା। ସ୍ମୃତିରେଖାଙ୍କ ମୋବାଇଲ୍ ଫୋନ୍ ଲୋକେଶନ୍ ଟ୍ରେସ୍ ହେବା ପରେ ସେମାନେ ପ୍ରଥମେ ଖୋର୍ଦ୍ଧା ଚାରିଛକ ଆଡ଼େ ଚାଲିଯାଇଥିବା ଜଣାପଡିଥିଲା। ହେଲେ ଚାରିଛକରେ ଚେକିଂ କଡ଼ାକଡ଼ି ଥିବାରୁ ସେମାନେ ନୟାଗଡ ଆଡ଼କୁ ଚାଲିଯାଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ନୟାଗଡ଼ ବଜାରରେ ଚେକିଂ ବେଳେ ଅଭିଯୁକ୍ତମାନେ ବ୍ୟାରିକେଡ୍‌କୁ ଧକ୍କାଦେଇ ଚାଲିଯାଇଥିଲେ। ହେଲେ ସେଠାରେ ପ୍ରଥମେ ସହଯୋଗୀ ଦେବୀଲାଲ ଧରାପଡ଼ିଯାଇଥିଲେ। ଏପରି କି ଜଣେ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବାକୁ ପୋଲିସ ଟିମ୍ ପିଛା କରିଥିଲା। କିଛିବାଟ ଗଲା ପରେ ସ୍ମୃତିରେଖା ଓ ପ୍ରଦୀପ କାର୍ ଛାଡ଼ି ବିଲ୍‌ରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

# ବିଭିନ୍ନ ବିଭାଗର ଉପଦେଷ୍ଟାଙ୍କୁ ହଟାଇଲେ ସରକାର

**ଭୁବନେଶ୍ୱର,୨୧।୬(ଅନିଲ ଦାସ)**

ବିଜେଡି ସରକାରଙ୍କ ସମୟରେ ରାଜ୍ୟର ବିଭିନ୍ନ ବିଭାଗରେ ଉପଦେଷ୍ଟା ଭାବେ ଅନେକ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲା। ସରକାରଙ୍କ କାର୍ଯ୍ୟକ୍ରମ ତଥା କାର୍ଯ୍ୟଦକ୍ଷତା ବୃଦ୍ଧିରେ ଏହାଦ୍ୱାରା କୌଣସି ଉନ୍ନତି ପରିଲକ୍ଷିତ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେହି ଉପଦେଷ୍ଟାମାନଙ୍କୁ ଦାୟିତ୍ୱ ମୁକ୍ତ କରିଛନ୍ତି। ବିଭିନ୍ନ ବିଭାଗରେ ବିଜେଡିର କେତେକ ନେତା ଉପଦେଷ୍ଟା ପଦବୀରେ ନିଯୁକ୍ତି ପାଇଥିଲେ। ସେମାନଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବସ୍ ଚଳାଚଳକୁ ନେଇ ହଣାକଟା: ୫ ଗୁରୁତର

**ବାରିପଦା,୨୧।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍ ଚଳାଚଳକୁ ନେଇ ଶୁକ୍ରବାର ରାତିରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଖଣ୍ଡା ଓ ଭୁଜାଲି ଆକ୍ରମଣରେ ୫ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଘରୋଇ ବସ୍ ଚଳାଚଳକୁ ନେଇ୨ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ଗୋଟିଏ ଗୋଷ୍ଠୀର ଲୋକ ଭୁଜାଲି ଓ ଖଣ୍ଡା ଧରି ଅନ୍ୟ ଗୋଷ୍ଠୀ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ୫ଜଣ ଗୁରୁତର ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଯାଇଥିଲା। ତେବେ ଖବରପାଇ ପୋଲିସ ପହଞ୍ଚିବାରେ ବିଳମ୍ବ କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ବସ୍ ମାଲିକ ସଂଘର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ରୋଗରୁ ମୁକ୍ତିଦିଏ ଯୋଗ

**ଭୁବନେଶ୍ୱର,୨୧।୬ (ଅନୁରାଧା ମହାରଣା)**




ଯୋଗଗୁରୁ ବାବା ରାମଦେବ ଏବଂ ଆଚାର୍ଯ୍ୟ ବାଳକ୍ରିଷ୍ଣାଙ୍କ ଦିଗଦର୍ଶନରେ ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ-୨ସ୍ଥିତ ଯୋଗଭବନ ସଭାକକ୍ଷରେ ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ 'ସ୍ୱୟଂ ଏବଂ ସମାଜ ପାଇଁ ଯୋଗ'

## ପତଞ୍ଜଳି ପକ୍ଷରୁ ଯୋଗ ଦିବସ ପାଳିତ

ରଖାଯାଇଥିବାବେଳେ ପତଞ୍ଜଳି ପକ୍ଷରୁ ଏହାର ବିଷୟବସ୍ତୁ 'ସ୍ୱୟଂ ସମାଜ ସହିତ ବିଶ୍ୱ ପାଇଁ ଯୋଗ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏ ଅବସରରେ ବାବା ରାମଦେବ କହିଛନ୍ତି, ସମଗ୍ର ବିଶ୍ୱରେ ବୈଚାରିକ, ରାଜନୈତିକ, ଆର୍ଥିକ ସଂଘର୍ଷ ଓ ଆହ୍ୱାନର ସମାଧାନ ମଧ୍ୟ ଯୋଗଯୁକ୍ତ ଜୀବନ। କାର୍ଯ୍ୟକ୍ରମରେ ସେ ଯୌଗିକ ଜଗିଂ, ସୂର୍ଯ୍ୟ ନମସ୍କାର ସହ ଅନୁଲୋମ-ବିଲୋମ, ଭସ୍ତ୍ରିକା, ଭ୍ରାମରି, କପାଳଭାତି, ଭୁଜଙ୍ଗାସନ, ବୃକ୍ଷାସନ, ତାଡ଼ାସନ, ମଣ୍ଡୁକାସନ, ଶଲଭାସନ, ଗୌମୁଖାସନ, ବକ୍ରାସନ ଆଦି ଯୋଗାଭ୍ୟାସ କରାଯାଇଥିଲା। ଯୋଗମୂଳକ ଇଣ୍ଟିଗ୍ରେଟେଡ୍ ସିଷ୍ଟମ ଦ୍ୱାରା ଆରୋଗ୍ୟ ଲାଭ କରିହେଉଥିବା ଦୁଃସାଧ ରୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଚାର୍ଯ୍ୟ ବାଳକ୍ରିଷ୍ଣା କହିଛନ୍ତି, ସାରା ବିଶ୍ୱରେ ଯୋଗ କ୍ଷେତ୍ରରେ ଭାରତର ଅବଦାନ ସର୍ବଶ୍ରେଷ୍ଠ। ଦୁନିଆରେ ଦିନକୁ ଦିନ ରୋଗ ଓ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହାର ଏକମାତ୍ର ସମାଧାନ ଯୋଗ ବୋଲି ଆଚାର୍ଯ୍ୟ କହନ୍ତି। ଯୋଗ କୌଣସି ଧର୍ମ, ବର୍ଣ୍ଣ କିମ୍ବା ସମ୍ପ୍ରଦାୟର ନୁହେଁ, ବରଂ ଜାତି, ଧର୍ମ, ରାଜନୀତିଠାରୁ ଊର୍ଦ୍ଧ୍ୱରେ ଏହା ସାର୍ବଭୌମିକ ବୈଜ୍ଞାନିକ ଏବଂ ସର୍ବହିତକାରୀ ବିଜ୍ଞାନ। ଏଥିରେ ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗ ସମିତି ଏବଂ ରୁର୍କୀର ତତ୍ତ୍ୱାବଧାନରେ ପ୍ରାୟ ୨୦୦ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପତଞ୍ଜଳି ମହିଳା ଯୋଗ ସମିତି ମୁଖ୍ୟ କେନ୍ଦ୍ର ପ୍ରଭାରୀ ସାଧ୍ୱୀ ଦେବପ୍ରିୟା, ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ରାକେଶ, ସ୍ୱାମୀ ପରମାର୍ଥଦେବ, କ୍ରୟ ସମିତି ଅଧ୍ୟକ୍ଷା ଅଂଶୁଲ, ସମ୍ପ୍ରେଷଣ ବିଭାଗ ପ୍ରମୁଖ ପାରୁଲ, ପିଆର୍‌ଆଇର ପ୍ରମୁଖ ବୈଜ୍ଞାନିକ ଡା. ଅନୁରାଗ ବାର୍ଷ୍ଣେୟ, ମୁଖ୍ୟ ମହାପ୍ରବନ୍ଧକ ବ୍ରିଗେଡିୟର ଟି. ସି. ମାଲହୋତ୍ରା, ମାନବ ସଂସାଧନ ପ୍ରମୁଖ ବୈଜ୍ଞାନିକ ତରୁଣ ରାଜପୁତ, ପତଞ୍ଜଳି ଆୟୁର୍ବେଦ କଲେଜର ପ୍ରଫେସର ଅନିଲ ଯାଦବ, ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲର ଉପ ଅଧୀକ୍ଷକ ଡା. ଅରୁଣ ପାଣ୍ଡେୟ, ସ୍ୱାମୀ ବଜରଙ୍ଗଦେବ, ସ୍ୱାମୀ ଆର୍ଷଦେବ, ସ୍ୱାମୀ ଇଶଦେବ ପ୍ରମୁଖ ଯୋଗଦେଇଥିଲେ।

# ସିଏସ୍‌ଆଇଆର୍-ୟୁଜିସି-ନେଟ୍ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,୨୧।୬(ଅସମାପିକା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍)-ୟୁଜିସି-ନେଟ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଏନ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ୨୫ରୁ ୨୭ ତାରିଖ ମଧ୍ୟରେ ହେବାର ଥିଲା। ତେବେ କିଛି ଅନିବାର୍ଯ୍ୟ କାରଣବଶତଃ ଏବଂ ଲଜିଷ୍ଟିକ କାରଣ ଦୃଷ୍ଟିରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ଏନ୍‌ଟିଏ ସୂଚନା ଦେଇଛି। ପରୀକ୍ଷା ସମ୍ପର୍କିତ ପରବର୍ତ୍ତୀ ସୂଚନା ଏନ୍‌ଟିଏର ଅଫିସିଆଲ ୱେବ୍‌ସାଇଟ୍‌ରେ ଜଣାଇ ଦିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ପରୀକ୍ଷା ସ୍ଥଗିତ ଖବର ପାଇବା ପରେ ଛାତ୍ରୀଛାତ୍ର ଚିନ୍ତାରେ ପଡିଛନ୍ତି। କାରଣ ବର୍ତ୍ତମାନ ଏନ୍‌ଟିଏ ପରୀକ୍ଷା ପରିଚାଳନାରେ ଅନିୟମିତତା ଯୋଗୁ ଦୁଇ ଦୁଇଟି ପ୍ରବେଶିକା ପରୀକ୍ଷାକୁ ନେଇ ବିବାଦ ଦେଖାଯାଇଛି। ଗତ ମେ' ୫ରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନ୍‌ଇଇଟି-ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୁନ୍ ୪ ସାଧାରଣ ନିର୍ବାଚନ ଭୋଟ ଗଣତି ଦିନ ଏନ୍‌ଇଇଟି-ୟୁଜି ରେଜଲ୍ଟ ପ୍ରକାଶ ପାଇଥିଲା। ଏହି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୧୮ରେ ଅନୁଷ୍ଠିତ ୟୁଜିସି-ନେଟ୍ ପରୀକ୍ଷାରେ ଅନିୟମିତତା ହୋଇଥିବା ଜାଣି ଦିନକ ପରେ ଶିକ୍ଷା ମନ୍ତ୍ରଣାଳୟ ଏହାକୁ ରଦ୍ଦ କରିଛି। ଏବେ ପୁଣି ଏକ ସର୍ବଭାରତୀୟ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ପିଲାଙ୍କୁ ଏନ୍‌ଟିଏର ଏହି ନିଷ୍ପତ୍ତି ଚିନ୍ତାରେ ପକାଇଦେଇଛି।

# ଜୁଲାଇ ୨୨ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ,୨୧।୬ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଆସନ୍ତା ଜୁଲାଇ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଗୋଟିଏ ସିଟିଂରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପ୍ରତିଦିନ ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। କେବଳ ଗଣିତ ପରୀକ୍ଷାରେ ଅଧିକ ୧୫ ମିନିଟ୍ ସମୟ ଦିଆଯିବ ଅର୍ଥାତ୍ ସେହିଦିନ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ପରୀକ୍ଷା ଶେଷ ହେବ। ଏହି ପରୀକ୍ଷା ନିମନ୍ତେ ବୋର୍ଡ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୨୨ ତାରିଖରେ ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ ପରୀକ୍ଷା ହେବ। ସେହିପରି ଜୁଲାଇ ୨୪ରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା(କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ), ୨୬ରେ ସାଧାରଣ ବିଜ୍ଞାନ, ୨୮ରେ ତୃତୀୟ ଭାଷା ଭିଜୁଆଲ୍ ଆର୍ଟ(ପ୍ରାକ୍ଟିକାଲ), ୨୯ରେ ଗଣିତ, ୩୦ରେ ସାମାଜିକ ବିଜ୍ଞାନ ଓ ୩୧ ତାରିଖରେ ତୃତୀୟ ଭାଷା ହିନ୍ଦୀ, ଓଡ଼ିଆ, ପାର୍ସି, ସଂସ୍କୃତ, ଭିଜୁଆଲ ଆର୍ଟ ଥିଓରି(ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) ପରୀକ୍ଷା ହେବ। ଭିଜୁଆଲ ଆର୍ଟ ଏବଂ ଭୋକେଶନାଲ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବ୍‌ଜେକ୍ଟିଭ ଓ ୫୦ ମାର୍କର ଅବ୍‌ଜେକ୍ଟିଭ ପ୍ରଶ୍ନ ଆସିବ। ଅବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍‌ଆର୍ ସିଟ୍‌ରେ ଏବଂ ସବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ। ଭୋକେଶନାଲ ଟ୍ରେଡ୍ ଥିଓରୀ ବିଷୟଗୁଡ଼ିକରେ ୫୦ ମାର୍କ ଓ ଭିଜୁଆଲ ଆର୍ଟରେ ୨୦ ମାର୍କର ସବ୍‌ଜେକ୍ଟିଭ ପ୍ରଶ୍ନ ଆସିବ। ଭୋକେଶନାଲ ଟ୍ରେଡ୍‌ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା(୫୦ ମାର୍କ) ନିଜ ବିଦ୍ୟାଳୟରେ ଜୁଲାଇ ୧ରୁ ୬ ତାରିଖ ମଧ୍ୟରେ ଓସେପା ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏହି ପ୍ରାକ୍ଟିକାଲ ପରୀକ୍ଷାର ମାର୍କ ହାଇସ୍କୁଲର ପ୍ରଧାନ ଶିକ୍ଷକମାନେ ବୋର୍ଡର ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ଡାକ ଯୋଗେ ପଠାଇବେ। ଏଥିସହ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା (୮୦ ମାର୍କ) ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

# ତୃଣମୂଳସ୍ତରରେ ଉତ୍ତମ ଚିକିତ୍ସା ଯୋଗାଇବା ଲକ୍ଷ୍ୟ



ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟସେବା ସମୀକ୍ଷା କରୁଛନ୍ତି।

**ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)**

## ବଲାଙ୍ଗୀରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ସ୍ୱାସ୍ଥ୍ୟସେବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ବୈଠକରେ ଜିଲାର ସ୍ୱାସ୍ଥ୍ୟସେବା ଉପରେ ସମୀକ୍ଷା କରି କହିଥିଲେ, ତୃଣମୂଳ ସ୍ତରର ବ୍ୟକ୍ତିଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବା ଭାଜପା ସରକାରର ମୂଳ ଲକ୍ଷ୍ୟ। ନୂଆ ସରକାରଠାରୁ ଲୋକେ ଯାହା ଆଶା କରୁଛନ୍ତି ତାହା ଯୋଗାଇବା ଦିଗରେ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ସେ କହିଥିଲେ।

ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ ପାୱାର ପଏଣ୍ଟ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ କେତେ ଡାକ୍ତର ପଦବୀ ଖାଲି ପଡିଛି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ସ୍ଥିତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଡାକ୍ତରମାନଙ୍କଠାରୁ ବିସ୍ତୃତ ତଥ୍ୟ ପାଇବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଶୀଘ୍ର ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଡିନ୍ ଡା. ସ୍ୱୟଂପ୍ରଭା ପାଢ଼ୀ, ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ନାଲ୍‌କୋ ପାଳିଲା ଯୋଗ ଦିବସ




**ଭୁବନେଶ୍ୱର,୨୧।୬ (ଅଭୟ ଦାଶ)**

ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏପରିକି ଦେଶବ୍ୟାପୀ ପାଳନ ହେଉଥିବା ଏହି ଯୋଗ ଦିବସ ନାଲ୍‌କୋର ଅନୁଗୋଳ ଓ କୋରାପୁଟସ୍ଥିତ କାରଖାନା ସମେତ ଅନ୍ୟାନ୍ୟ ୟୁନିଟ୍ ଓ ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟଠାରେ ସମୂହ ଯୋଗାଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ଅନୁଗୋଳର ସ୍ମେଲଟର ଓ ପାୱାର ପ୍ଲାଣ୍ଟଠାରେ ଆୟୋଜିତ ଯୋଗ ଦିବସ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ପରିପ୍ରେକ୍ଷୀରେ ନାଲ୍‌କୋ ମହିଳା ସମିତିର ଅଧ୍ୟକ୍ଷା ସସ୍ମିତା ପାତ୍ରଙ୍କ ସମେତ ନାଲ୍‌କୋର ଇଡି (ଏସ୍ ଆଣ୍ଡ ପି) ଅମିୟ କୁମାର ସ୍ୱାଇଁ, ଇଡି (ଏଚ୍ ଆଣ୍ଡ ଏ) ଆଶୁତୋଷ ରଥ ଏବଂ କମ୍ପାନୀର ସମସ୍ତ ଜିଜିଏମ୍ ଓ ଭାରପ୍ରାପ୍ତ ସମସ୍ତ ୟୁନିୟନ ଏବଂ ଆସୋସିଏସନ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ବରିଷ୍ଠ ଯୋଗାଚାର୍ଯ୍ୟ ତଥା ସନ୍ନ୍ୟାସୀ ଯୋଗେଶ୍ୱରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଯୋଗାସନର ଅଭ୍ୟାସ କରାଯାଇଥିଲା। ଏହି ଯୋଗାଭ୍ୟାସରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ, ପରିବାର ସଦସ୍ୟ, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀ, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ସେହିଭଳି ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ଅନୁଗୋଳର ନାଲ୍‌କୋ ଡିପିଏସ୍ ସ୍କୁଲରେ ଆୟୋଜିତ ଅନ୍ୟ ଏକ ସମାରୋହରେ ମୁଖ୍ୟ ଅତିଥି ଭାବେ ମଧ୍ୟ ଅଂଶଗ୍ରହଣ କରି ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏପରିକି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଯୋଗାସନ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପାତ୍ର ନିଜ ଉଦ୍‌ବୋଧନରେ ଯୋଗର ମହତ୍ତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

**ଭୁବନେଶ୍ୱର,୨୧।୬ (ଅଭୟ ଦାଶ)**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ସମସ୍ତ ୟୁନିଟ୍‌ରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏପରିକି ଗୋଷ୍ଠୀ ସଦସ୍ୟମାନଙ୍କ ସହ ଯୋଗ ଅଧିବେଶନ ମାଧ୍ୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ 'ଯୋଗ ଫର୍ ସେଲ୍ଫ ଏବଂ ସୋସାଇଟି'ର ଗ୍ଲୋବାଲ୍ ଥିମ୍ ସହିତ ସମନ୍ୱିତ ଅଧିବେଶନଗୁଡ଼ିକ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଇଥିଲା। ବିଶେଷକରି ବେଦାନ୍ତର କର୍ମଚାରୀମାନଙ୍କ ପରିବାର ତଥା ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ଏପରିକି ମିଳିତ ଜାତିସଂଘ ଦ୍ୱାରା ପ୍ରତି ବର୍ଷ ଜୁନ୍ ୨୧ରେ ଅନ୍ତର୍ଜାତୀୟ ଯୋଗ ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଉଛି ଏବଂ ଯୋଗ ଅଭ୍ୟାସ କରୁଥିବା ଏକାଧିକ ଶାରୀରିକ ଏବଂ ମାନସିକ ଲାଭକୁ ଆଲୋକିତ କରିବାର ଏହା ଏକ ବଡ ସୁଯୋଗ ଅଟେ।

ବିଶ୍ୱର ବୃହତମ ଆଲୁମିନିୟମ କାରଖାନାର ଗୃହ ଭାବେ ବେଦାନ୍ତ ଝାରସୁଗୁଡା ଏହାର ଆଖପାଖରେ ସମ୍ପ୍ରଦାୟର ବିକାଶ ତଥା ସ୍ୱାସ୍ଥ୍ୟ କଲ୍ୟାଣ କ୍ଷେତ୍ରରେ ବିକାଶ ପାଇଁ ବହୁମୁଖୀ ଉଦ୍ୟମ କରି ଆସୁଛି। ଏହି ଅବସରରେ କମ୍ପାନୀ ଉତ୍ତମ ସ୍ୱାସ୍ଥ୍ୟ ହାସଲ କରିବାରେ ଯୋଗର ଲାଭ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଥିରେ ମିଶନ ଆଶ୍ରାର (ଯାହାକି ଗରିବ ଲୋକମାନଙ୍କ ପାଇଁ ଏକ ଘର) ଅନ୍ତେବାସୀଙ୍କ ସହ ଯୋଗ ଅଧିବେଶନ ତଥା ଝାରସୁଗୁଡା ବିମାନବନ୍ଦରଠାରେ ମଧ୍ୟ ଜିଲା ପ୍ରଶାସନ ଏବଂ ଝାରସୁଗୁଡାର ରୋଟାରି କ୍ଲବ ସହଭାଗିତାରେ ଯୋଗ ସେସନ ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ (ବେଦାନ୍ତ ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସକ୍ରିୟ ତଥା ଅନ୍ତର୍ଭୁକ୍ତ ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ସେବାକୁ ପ୍ରାଧାନ୍ୟ ଦେଉଛୁ। ଏପରିକି ଦୀର୍ଘସ୍ଥାୟୀ ସୁସ୍ଥତା ନିଶ୍ଚିତ କରିବାକୁ ଆମର ପ୍ରତିବଦ୍ଧତାକୁ ସୂଚାଉଛି। ଆମର ବିବିଧ କାର୍ଯ୍ୟକଳାପ ଯେପରିକି ସମାଜ ପାଇଁ ଯୋଗ ଅଧିବେଶନ ଆୟୋଜନ କରିବା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱକୁ ଦର୍ଶାଉଛି। ଏହି ପରିପ୍ରେକ୍ଷୀରେ ଆମର ଅନ୍ୟାନ୍ୟ ପ୍ରୟାସ ଯେପରିକି ନିୟମିତ ସ୍ୱାସ୍ଥ୍ୟ ଶିବିର ଏବଂ ଉତ୍ତମ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଧ୍ୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଅତ୍ୟାବଶ୍ୟକ ସହାୟତା ଯୋଗାଇଥାଏ। ଏହି ପ୍ରୟାସଗୁଡ଼ିକ ନିରନ୍ତର ବିକାଶ ପାଇଁ ଆମର ଉତ୍ସର୍ଗୀକୃତତା ଏବଂ ଉଭୟ ସମ୍ପ୍ରଦାୟ ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ସ୍ଥାୟୀ ପ୍ରଭାବ ପକାଇବାରେ ଆମର ବିଶ୍ୱାସକୁ ପ୍ରତିଫଳିତ କରିଥାଏ।




# ଏସ୍‌ବିଆଇର ଯୋଗାଭ୍ୟାସ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୧।୬ (ଅଭୟ ଦାଶ)**



ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଓଡ଼ିଶାରେ ଥିବା ଏସ୍‌ବିଆଇର ସମସ୍ତ ଶାଖା ଏବଂ ପ୍ରଶାସନିକ କାର୍ଯ୍ୟାଳୟଠାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ଓଡ଼ିଶା ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପ୍ରୁଥୀଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ଭୁବନେଶ୍ୱରର ପ୍ରଶିକ୍ଷକମାନଙ୍କ ଦ୍ୱାରା ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ବିଶାଳ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ବ୍ୟାଙ୍କ କର୍ମଚାରୀ ଯୋଗଦେଇଥିଲେ ଏବଂ ବିଭିନ୍ନ ଯୋଗ ମୁଦ୍ରା ଏବଂ ନିୟମିତ ଯୋଗ ଅଭ୍ୟାସର ଲାଭ ବିଷୟରେ ଜାଣିଥିଲେ।



ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ

-ଦେବସ୍ନାନ ପୂର୍ଣ୍ଣିମା



# ନିଯୁକ୍ତି ବୃଦ୍ଧି ଯୋଜନା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଆଇଏଏସ୍ ଅଧିକାରୀଙ୍କ ବାର୍ଷିକ ନିଯୁକ୍ତିକୁ ୧୮୦ ରୁ ୨୧୦ କୁ ବୃଦ୍ଧି କରିବାକୁ ବିଚାର କରୁଥିବା ଜଣାଯାଇଛି। ଏହି ସମ୍ଭାବ୍ୟ ନୀତି ପରିବର୍ତ୍ତନ ଏକ ବିଭାଗୀୟ କମିଟି ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନ (ଆଇଆଇପିଏ)ଙ୍କ ରିପୋର୍ଟ ଉପରେ ଆଧାରିତ। ଯଦି ଏହି ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ଏହା ମୋଦି ସରକାରଙ୍କ ପ୍ରଥମ ପାଳିର ସମ୍ପୂର୍ଣ୍ଣ ବିପରୀତ ବୋଲି କୁହାଯିବ, ଯେଉଁ ସମୟରେ ସିଭିଲ ସର୍ଭିସ ଏବଂ ଅଲ୍ ଇଣ୍ଡିଆ ସର୍ଭିସେସ (ଏଆଇଏସ୍) ନିଯୁକ୍ତିରେ ପ୍ରାୟ ୪୦ ପ୍ରତିଶତ ହ୍ରାସ ହୋଇଥିଲା। ବିଭିନ୍ନ ସରକାରୀ ସ୍ତରରେ ବ୍ୟାପକ ପଦବୀ ଖାଲି ଥିବାରୁ ଅଧିକ ବାବୁଙ୍କ ଆବଶ୍ୟକତା ଉପରେ ଅନେକେ ଆଲୋକପାତ କରନ୍ତି। ୨୦୧୪ ପରଠାରୁ ପ୍ରାୟ ୧୦୦ଟି ନୂତନ ଜିଲା ହୋଇଥିବାରୁ ଖାଲି ପଦବୀ ସଂଖ୍ୟା ବଢ଼ିଛି। ବର୍ତ୍ତମାନ ଦେଶରେ ୧୩୦୦ରୁ ଅଧିକ ଆଇଏଏସ୍ ପଦବୀ ଖାଲି ଅଛି। ଏହି ପରିସ୍ଥିତିରେ ସରକାର ଆଇଏଏସ୍ ଅଧିକାରୀଙ୍କ ବାର୍ଷିକ ନିଯୁକ୍ତି ଉପରେ ଧାର୍ଯ୍ୟ ସୀମାକୁ ପୁନଃ ମୂଲ୍ୟାୟନ କରିପାରନ୍ତି। ଏହାପୂର୍ବରୁ ଧାରଣା ରହି ଆସିଥିଲା ଯେ, ଆଇଏଏସ୍ ନିଯୁକ୍ତି ୧୮୦ରୁ ବଢ଼ାଇଲେ ବାବୁମାନଙ୍କ କ୍ୱାଲିଟି ଏବଂ କ୍ୟାରିୟର ପ୍ରଗତି କ୍ଷତିଗ୍ରସ୍ତ ହୋଇପାରେ। କିନ୍ତୁ ସେଭଳି ଚିନ୍ତାଧାରା ବୋଧହୁଏ ଏବେ ବଦଳି ଯାଇଛି । ସୂତ୍ରରୁ ପ୍ରକାଶ ଯେ,ସରକାର ଖାଲିଥିବା ପଦବୀ ତୁରନ୍ତ ପୂରଣ କରିବାକୁ ଲାଟେରାଲ ଏଣ୍ଟ୍ରିରେ ୫୧ଟି ଉପ ସଚିବ, ନିର୍ଦ୍ଦେଶକ ଏବଂ ଯୁଗ୍ମ ସଚିବ ପଦବୀ ପୂରଣ କରିବା ପାଇଁ ଯୋଜନା କରୁଛନ୍ତି। ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତି ବୃଦ୍ଧି ପାଇଁ ପଦକ୍ଷେପ ଗତ କିଛି ବର୍ଷ ମଧ୍ୟରେ ଆଇପିଏସ୍ ଅଧିକାରୀ ଏବଂ ଭାରତୀୟ ବନ ସେବା ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ଭଳି ହେବାକୁ ଯାଉଛି। ଆଗକୁ କ'ଣ ଘଟୁଛି ତାହା ଦେଖିବାକୁ ବାକି ରହିଲା।

### ସେବିର କଟକଣା

କର୍ପୋରେଟ ଶାସନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସାହସିକ ପଦକ୍ଷେପ ନେଇଛି ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି)। ଏହା ପିଟିସି ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀ ପିଟିସି ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ (ପିଏଫ୍ଏସ୍)ର ଦୁଇଜଣ ବରିଷ୍ଠ କାର୍ଯ୍ୟନିର୍ବାହୀଙ୍କୁ କଡ଼ା ସମାଲୋଚନା କରିଛି। ପିଟିସି ଇଣ୍ଡିଆର ସିଏମ୍‌ଡି ତଥା ପିଏଫ୍ଏସ୍‌ର ନିର୍ଦ୍ଦେଶକ ରାଜୀବ କୁମାର ମିଶ୍ରଙ୍କୁ ୧୦ ଲକ୍ଷ ଟଙ୍କା ଜରିମାନା ହୋଇଥିବାବେଳେ ପିଏଫ୍ଏସର ପୂର୍ବତନ ଏମ୍‌ଡି ତଥା ସିଇଓ ପୱନ ସିଂଙ୍କୁ ୨୫ ଲକ୍ଷ ଟଙ୍କା ଜରିମାନା ଭୋଗିବାକୁ ପଡିଛି । ସେବି ଏତିକିରେ ଅଟକି ନାହିଁ। ଉଭୟ ମିଶ୍ର ଏବଂ ସିଂଙ୍କୁ କୌଣସି ତାଲିକାଭୁକ୍ତ କମ୍ପାନୀରେ କୌଣସି ବୋର୍ଡ କିମ୍ବା ମୁଖ୍ୟ ପରିଚାଳକ ପଦବୀ ରହିବା ଉପରେ କଟକଣା କରାଯାଇଛି। ଜନସାଧାରଣଙ୍କଠାରୁ ଟଙ୍କା ସଂଗ୍ରହ କରିବାକୁ ଚାହୁଁଥିବା କୌଣସି ତାଲିକାଭୁକ୍ତ ସଂସ୍ଥା ସହିତ ସେମାନଙ୍କୁ ଯୋଗାଯୋଗ ରକ୍ଷା କରିବାକୁ ବାରଣ କରାଯାଇଛି। ଜୁନ୍ ୨୦୨୩ରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ନିର୍ଦ୍ଦେଶନାମା ଅନୁଯାୟୀ ଅବସର ନ ନେବା ପର୍ଯ୍ୟନ୍ତ ସିଂଙ୍କୁ ଛୁଟିରେ ଯିବାକୁ ବାଧ କରିଥିଲା। ପିଏଫ୍ଏସ୍‌ର ଅଣ-କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ ତଥା ପିଟିସି ଇଣ୍ଡିଆର ସିଏମ୍‌ଡି ଭାବରେ କାର୍ଯ୍ୟରତ ମିଶ୍ରଙ୍କୁ ବର୍ତ୍ତମାନ ଏହି ପଦବୀରୁ ଇସ୍ତଫା ଦେବାକୁ ପଡ଼ିବ। କର୍ପୋରେଟ ନେତାମାନେ ନିୟମ ଅନୁଯାୟୀ କାମ କରିବା ଦରକାର ବୋଲି ସେବିର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଦୁଇ ବରିଷ୍ଠ ଅଧିକାରୀଙ୍କୁ ଉତ୍ତରଦାୟୀ କରି ସେବି କହିଛି ଯେ, ଶାସନରେ ବିଫଳତାକୁ ସହ୍ୟ କରାଯିବ ନାହିଁ। କର୍ପୋରେଟ ଇଣ୍ଡିଆରେ ସ୍ୱଚ୍ଛତା ଏବଂ ଅଖଣ୍ଡତା ନିଶ୍ଚିତ କରିବା, ସମସ୍ତଙ୍କ ପାଇଁ ଏକ ସୁସ୍ଥ ବ୍ୟବସାୟିକ ପରିବେଶ ସୃଷ୍ଟି କରିବା ପାଇଁ ଏହା ଏକ ଆବଶ୍ୟକ ପଦକ୍ଷେପ।

### ସୋସିଆଲ ମିଡିଆରେ ବାବୁ

ସୋସିଆଲମିଡିଆରେକେତେଜଣବାବୁସେମାନଙ୍କପଦୋନ୍ନତିଏବଂଏମ୍‌ପ୍ୟାନେଲମେଣ୍ଟ ବିଷୟ କିପରି ଘୋଷଣା କରୁଛନ୍ତି ସେ ବିଷୟରେ କେବଳ ତୁମର ସ୍ତମ୍ଭକାର ନା ଅନ୍ୟ କେହି ଧ୍ୟାନ ଦେଉଛନ୍ତି? ସଫଳତାକୁ ପାଳନ କରିବା ଅତ୍ୟନ୍ତ ଭଲ ହୋଇଥିବାବେଳେ ଏଭଳି ଘଟଣା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟକର। ପାରମ୍ପରିକ ଭାବରେ ଆଇଏଏସ୍ ଏବଂ ଅନ୍ୟାନ୍ୟ ନାଗରିକ ସେବାରେ ପଦୋନ୍ନତି ଏବଂ ବଦଳିଗୁଡ଼ିକୁ କମ୍ ଗୁରୁତ୍ୱପୂର୍ଣ୍ଣ ଦିଆଯାଉଥିଲା, କାରଣ ଏହା ପ୍ରାୟତଃ ନିୟମିତ ଭାବେ କରାଯାଏ। ଆପଣ ସେମାନଙ୍କ ବିଷୟରେ ଖବରକାଗଜରେ କିମ୍ବା ସରକାରୀ ସୂତ୍ରରୁ ଶୁଣିଥିଲେ। କିନ୍ତୁ ବର୍ତ୍ତମାନ ଜଣେ ଅଧିକାରୀ ପ୍ରତିଦିନ ଟୁଇଟର କିମ୍ବା ଲିଙ୍କ୍‌ଡଇନ୍‌ରେ କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା କିମ୍ବା ସ୍ୱତନ୍ତ୍ର ମୁହୂର୍ତ୍ତକୁ ପୋଷ୍ଟ କରୁଥିବା ଜଣାପଡୁଛି। ଏହି ଘୋଷଣାଗୁଡ଼ିକ ଉପରେ କିପରି ଅନୁଗାମୀ ଏବଂ ଶୁଭେଚ୍ଛୁମାନଙ୍କ ଅଭିନନ୍ଦନ ମିଳେ ତାହା ପ୍ରକୃତରେ କୌତୂହଳପୂର୍ଣ୍ଣ (କିମ୍ବା ଅଦ୍ଭୁତ)କଥା। ବୋଧହୁଏ ଏହା କେବଳ ସମୟର ଏକ ସଙ୍କେତ। ପ୍ରତ୍ୟେକ ଛୋଟ ଜୀବନ ସମ୍ବନ୍ଧିତ ସୂଚନା ଶେୟାର ପାଇଁ ସୋସିଆଲ ମିଡିଆ ଏକ ପ୍ଲାଟଫର୍ମ ପାଲଟିଛି, ତେବେ ଗୁରୁତ୍ୱପୂର୍ଣ୍ଣ ବୃତ୍ତିଗତ ଘଟଣା କାହିଁକି ନୁହେଁ? ବୃତ୍ତିଗତ ଘଟଣା ଶେୟାର କରିବା ନିଶ୍ଚିତ ଭାବରେ ଅତୀତ ତୁଳନାରେ ଏକ ପରିବର୍ତ୍ତନ। ସମ୍ଭବତଃ ଏହା ସ୍ୱଚ୍ଛତା ଓ ଜନସାଧାରଣଙ୍କ ସହ ଯୋଗାଯୋଗ ପାଇଁ ମଧ୍ୟ ଭଲ । ତଥାପି ସୋସିଆଲ ମିଡିଆରେ ବାବୁମାନେ ଜଡ଼ିତ ହେବା ପ୍ରକ୍ରିୟାକୁ ଦେଖିଲେ ଟିକେ ଅଜବ ଲାଗେ।

Email: dilipcherian@gmail.com

# ଦଳତ୍ୟାଗୀଙ୍କୁ ଆଦର



ସହଦେବ ସାହୁ

ସାଧାରଣ ଆଇନରେ କେତେକ ଧାରା ଶେଷରେ ବ୍ୟତିକ୍ରମ/ ସର୍ତ୍ତ (ଏକ୍ସସେପ୍ସନ୍/ ପ୍ରୋଭାଇଜୋ) ଥାଏ, ଆଇନରେ ଏହା ଗଳାବାଟ। ସେଗୁଡ଼ିକ ଲିଖିତ ହୋଇଥିବାରୁ ଦୃଶ୍ୟ; କେତେକ ଗଳାବାଟ ଊହ୍ୟ, ବ୍ୟାଖ୍ୟାଗତ, କେବଳ ଲିଖିତ ଶବ୍ଦଗୁଡ଼ିକରୁ ମାନେ କାଢ଼ି ହୁଏ। ଆଗରୁ ମୁଁ ବାରମ୍ବାର କହିଆସିଛି ଯେ ୧୯୮୫ର ଦଳବଦଳ ନିରୋଧ ଆଇନ ଆଣି କଂଗ୍ରେସ ପରିଚାଳିତ ଉପା (ୟୁନାଇଟେଡ୍ ପ୍ରୋଗ୍ରେସିଭ୍ ଆଲାୟାନ୍ସ) ସରକାର ଦଳପତିଙ୍କୁ ବେଖାତିର୍ କରୁଥିବା ବା ଦଳଛାଡୁଥିବା ବ୍ୟକ୍ତିମାନଙ୍କୁ ନିର୍ଦ୍ଦଳୀୟ କରାଇଦେଲେ, ମାନେ ସେ ଦଳ ଭିତରେ ଥାଇ ଯେଉଁସବୁ ସୁବିଧା (ପ୍ରିଭିଲେଜ୍) ପାଉଥିଲା ଆଉ ପାଇବ ନାହିଁ। ମାତ୍ର ଏ ବ୍ୟବସ୍ଥା ଦଳ ଭିତରେ ବିଦ୍ରୋହ ବନ୍ଦ କରିପାରିଲା ନାହିଁ। ମନେହେଲା, ସାଂସଦ ବା ବିଧାୟକ ପଦରୁ ତଡ଼ା ହେବା ଡର ହିଁ ବିଶୃଙ୍ଖଳା ବନ୍ଦ ହେବ। ଭାଜପା ପରିଚାଳିତ ଏନ୍‌ଡିଏ (ନ୍ୟାଶନାଲ୍ ଡିମୋକ୍ରାଟିକ୍ ଆଲାୟାନ୍ସ) ସରକାର ତାହା ହିଁ କଲେ, ୨୦୦୩ର ସମ୍ବିଧାନ ସଂଶୋଧନ ଆଇନ ଆଣିଲେ, ବିଶୃଙ୍ଖଳା ଯୋଗୁ ଦଳରୁ ବହିଷ୍କାର ହୋଇଥିବା ସଦସ୍ୟଙ୍କୁ ତା'ର ବିଧାୟକ ବା ସାଂସଦ ପଦ ପାଇଁ ଅଯୋଗ୍ୟ ଘୋଷଣା କରିହେବ, ଯଦି ଦଳର ସୁପାରିସ୍‌କୁ ବାଚସ୍ପତି ଗ୍ରହଣ କରନ୍ତି। ଉକ୍ତ ବ୍ୟକ୍ତି ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇଥିଲେ ବି ସେ ଆସନ ହରାଇବେ। ଦଳର ନିଷ୍ପତ୍ତି ଭୋଟରଙ୍କ ନିଷ୍ପତ୍ତିଠାରୁ ଉଚ୍ଚତର ହେଲା। ଦୁଇଟି ବୃହତ୍ତମ ଜାତୀୟ ଦଳ ଭୋଟରମାନଙ୍କ ମତକୁ ତୁଚ୍ଛ କରିଦେଲେ। ୨୦୨୪ ନିର୍ବାଚନ ଜଣାଇଦେଲା, ଏହି ବୃହତ୍ତମ ଦଳ ଦୁଇଟି ଯେ କୌଣସି ଦଳତ୍ୟାଗୀକୁ କୋଳେଇ ନେବେ, ବସ୍ତୁତଃ ସେହି ଦୁଇ ଦଳ ଆଣିଥିବା ୧୯୮୫ ଓ ୨୦୦୩ ସମ୍ବିଧାନ ସଂଶୋଧନ ଆଇନକୁ ଉପେକ୍ଷା କରି। କାରଣ ନିର୍ବାଚନ ପାଖାପାଖି ଦଳ ବଦଳ କଲେ କୋଣସି ଦଣ୍ଡ ନାହିଁ। ଦଳତ୍ୟାଗୀକୁ ସିନା ମୂଳ ଦଳ ଫେରସ୍ତ ନେଇ ନ ପାରେ, ଅନ୍ୟ ଦଳ ଯେ ନେଇପାରିବେ ନାହିଁ ଏମିତି ପ୍ରାବଧାନ ଆଇନରେ ନାହିଁ; କିମ୍ବା ଦଣ୍ଡିତ ବ୍ୟକ୍ତି ତା'ର ପିଛିଲା ଦରମା ଫେରାଇବ ଓ ପେନ୍‌ସନ୍ ହରାଇବ ଏମିତି ଦଣ୍ଡ ନାହିଁ। ଉଭୟ କଂଗ୍ରେସ ଓ ଭାଜପା ନିଜ ନିଜର ସାମ୍ମୁଖ୍ୟ ବା ମେଣ୍ଟ କରିଥିଲେ ବି ଦଳତ୍ୟାଗୀମାନଙ୍କୁ ନିଜ ଦଳରେ ଗ୍ରହଣ କରିଛନ୍ତି। ଏହାର ବଡ଼ କାରଣ ଯେ, ଯେଉଁ ଯେଉଁ ନିର୍ବାଚନମଣ୍ଡଳୀରେ ଦଳତ୍ୟାଗୀର ପ୍ରଭାବ ବା ଜନପ୍ରିୟତା ବେଶି ବୋଲି ଦଳ ଭାବୁଛି ଓ ପରୋକ୍ଷରେ ନିଜର ପଦଚିହ୍ନ (ଫୁଟ୍‌ପ୍ରିଣ୍ଟ) ପ୍ରାୟ ନାହିଁ ବୋଲି ଭାବୁଛି ସେହିଠାରେ ତାକୁ ପ୍ରାର୍ଥୀ କରିନେଇଛି। ସାମ୍ପ୍ରତିକ ନିର୍ବାଚନ ପାଇଁ ଭାଜପା ୩୧ ମାର୍ଚ୍ଚ ସୁଦ୍ଧା ଯେଉଁ ତାଲିକା ପ୍ରକାଶ କରିଥିଲା ତହିଁରେ ୯ଟି କିସ୍ତିରେ ୪୧୭ ଲୋକ ସଭା ପ୍ରାର୍ଥୀ ଭିତରେ ୧୧୬ ଜଣ ବା ୨୮% ଅନ୍ୟ ଦଳରୁ ଆସିଛନ୍ତି – ପ୍ରତି ୪ ଜଣରେ ଜଣେ ଦଳବଦଳି (ଡିଫେକ୍ଟର, ଟର୍ନକୋଟ୍) ଅଛନ୍ତି, ସଂଖ୍ୟାଧିକ କଂଗ୍ରେସରୁ ଆସିଛନ୍ତି। କଂଗ୍ରେସରୁ ୩୭, ବିଆର୍‌ଏସ୍ ୯, ବିଏସ୍‌ପି ୮, ଟିଏମ୍‌ସି ୭, ବିଜେଡି ୬, ଏନ୍‌ସିପି ୬, ଏସ୍‌ପି ୬ ଓ ଏଆଇଡିଏମ୍‌କେ ୪। ଯେଉଁ ଯେଉଁ ଅଞ୍ଚଳରେ ଦଳ ସାଧାରଣତଃ ଦୁର୍ବଳ ସେଠିକୁ ବ୍ୟାପିବାର ଏ ଏକ ଚେଷ୍ଟା। ବହୁଦିନ ଧରି ଅନୁଗତ ଥିବା ବ୍ୟକ୍ତିମାନେ ଦଳପତିଙ୍କଠାରେ ପ୍ରତିବାଦ କରୁଛନ୍ତି, ବିରୋଧ ବି କରୁଛନ୍ତି, ତଥାପି ଦଳତ୍ୟାଗୀଙ୍କୁ ନିଆଯାଉଛି। ବେଳେ ବେଳେ ଦଳତ୍ୟାଗୀ ପୁରୁଷ ଏମ୍‌ପିକୁ ଟିକଟ ନ ଦେଇ ତାଙ୍କ ସମ୍ପର୍କୀୟ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି, ଯଥା ଗୁଜରାଟର ସାବରକଣ୍ଠାର ଏମ୍‌ପି ଥିବା ଭିଖାଜି ଠାକ୍‌ରେଙ୍କୁ ନ ଦେଇ ଭାଜପା ଦଳରେ ଏବେ ଯୋଗଦେଇଥିବା ଜଣେ ଭୂତପୂର୍ବ କଂଗ୍ରେସ ବିଧାୟକଙ୍କ ସ୍ତ୍ରୀକୁ ପ୍ରାର୍ଥୀ କରିଥିଲା। ଏମାନେ ଭାଜପାର ମୂଳ ନୀତି ସହ କେବେ ଯୋଡ଼ି ହୋଇ ନ ଥିଲେ। ମୂଳ କାରଣ ନୂଆ କରି ଆସିଥିବା ଏହିମାନଙ୍କ ଅଞ୍ଚଳରେ ଭାଜପାର ନାଁ ନ ଥିଲା। ତେଣୁ ଭାଜପା ପାଦଚିହ୍ନ ନୂଆ ନୂଆ ଜାଗାକୁ ବ୍ୟାପିବ ବୋଲି ସେମାନଙ୍କ ଆଶା। ୧୩ ଦଳବଦଳିଙ୍କ ନାଁରେ କେନ୍ଦ୍ରୀୟ ସଂସ୍ଥା ଯାଞ୍ଚ କରୁଥିଲେ ବି ସେମାନଙ୍କୁ ପ୍ରାର୍ଥୀ କରାଯାଇଛି, (ତା' ଭିତରୁ ୯ ହାରିଯାଇଛନ୍ତି)। ଓଡ଼ିଶାର ଉଦାହରଣ ଦେବା ଉଚିତ ମନେକରୁନାହିଁ।

ଏଥର ନିର୍ବାଚନ ପରେ ଇଣ୍ଡିଆ ସାମ୍ମୁଖ୍ୟ ସରକାର ଗଢ଼ିପାରିଥିଲେ କଂଗ୍ରେସର ଶାସନ ଚାଲିଥାନ୍ତା, କଂଗ୍ରେସ୍ ତା'ର ଆଶାନୁସାରେ ବେଶି ଆସନ ପାଇଥିଲେ ବି ସରକାର ଗଢ଼ିବାର ସଂଖ୍ୟା ହାସଲ କରିବା ପାଇଁ ଆଉ ଆକ୍ରମଣାତ୍ମକ ଉଦ୍ୟମ କରୁନାହିଁ, କାରଣ ୧୯୯୯ର ଶିକ୍ଷା ସୋନିଆ ଗାନ୍ଧୀଙ୍କୁ ଡରାଇଦେଇଛି। ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ହେଲା ପରେ ସେ ଲୋକ ସଭାରୁ ଇସ୍ତଫା ଦେବା କଥା, ନ ଦେଇଥିଲେ ବି ଏମ୍‌ପି ପଦ ଛାଡ଼ିଛନ୍ତି ବୋଲି ଧରିନେବା କଥା। ମୁଖ୍ୟ ଶାସନ ସଚିବ ହିସାବରେ ମୁଁ ତାଙ୍କର ଦିଲ୍ଲୀଗସ୍ତ ପ୍ରୋଗ୍ରାମ୍ ଦେଖି ନ ଯିବାକୁ ପରାମର୍ଶ ଦେଇଥିଲି। ସେ କହିଲେ, କାଲି (୧୭ ଏପ୍ରିଲ୍ ୧୯୯୯) ଅଟଳବିହାରୀ ବାଜପେୟୀ ତାଙ୍କ ସରକାର ପାଇଁ ଆସ୍ଥା ଭୋଟ ଲୋଡ଼ିବେ, ମାଡାମ୍ କହିଛନ୍ତି ମୁଁ ଏମ୍‌ପି ପଦରୁ ଇସ୍ତଫା ଦେଇ ନ ଥିବାରୁ ଭୋଟ୍ ଦେଇପାରିବି। ମାଡାମ୍‌ଙ୍କ କଥା ନ ରଖିଲେ ମୋତେ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦେଇପାରନ୍ତି। ସେ ଦିଲ୍ଲୀ ଗଲେ, ଭୋଟ ଦେଲେ, ତାଙ୍କର ଗୋଟିଏ ଭୋଟ ହିଁ (୨୬୯ ହଁ – ୨୭୦ ନା) ବାଜପେୟୀଙ୍କ ସରକାରକୁ ହରାଇଲା। କିନ୍ତୁ ଏପ୍ରିଲ ୨୫ ସୁଦ୍ଧା ସୋନିଆ ସରକାର ଗଢ଼ିପାରିଲେ ନାହିଁ। ପରିସ୍ଥିତି କିପରି ଥିଲା ଜାଣିବା ଦରକାର। ସେତେବେଳକୁ ସୋନିଆ ଗାନ୍ଧୀ କଂଗ୍ରେସରେ ପ୍ରେସିଡେଣ୍ଟ ହେବାର ବର୍ଷେ ହୋଇଥାଏ, ୨୭୨ ଏମ୍‌ପିଙ୍କ ସମର୍ଥନ ଦାବି କରି ସେ ରାଷ୍ଟ୍ରପତି କେ. ଆର୍. ନାରାୟଣଙ୍କୁ ଦେଖାକରି ସରକାର ଗଢ଼ିବାର ଦାବି ଉପସ୍ଥାପନ କଲେ। ସୋନିଆ ଗାନ୍ଧୀ ଯେତେବେଳେ ଶୁଣିଲେ ଯେ ମୁଲାୟମ୍ ସିଂ ଯାଦବ, ଆର୍‌ଏସ୍‌ପି ଓ ଫରୱାର୍ଡ ବ୍ଲକ୍ କଂଗ୍ରେସ ସରକାରକୁ ସମର୍ଥନ କରିବେ ନାହିଁ। ସେମାନେ ଏକ ତୃତୀୟ ସାମ୍ମୁଖ୍ୟ କରି କଂଗ୍ରେସ ବାହାରୁ ସମର୍ଥନ କରୁ ବୋଲି ଚାହିଁଲେ। ହତାଶ ସୋନିଆ ଏପ୍ରିଲ ୨୫ରେ ନାରାୟଣଙ୍କୁ ଜଣାଇଲେ ଯେ ସେ ସରକାର ଗଢ଼ିପାରିବେ ନାହିଁ। ଏପରି ଭାବେ ଚେଙ୍କ ପାଇଥିବା କଂଗ୍ରେସ ଅପେକ୍ଷା କରିବାକୁ ଚାହୁଁଛି କେତେବେଳେ ଏନ୍‌ଡିଏ ମେଣ୍ଟରେ ଫାଟ ଆସିବ ଆଉ ସେ ଡେଇଁ ପଡ଼ିବେ। ଅନ୍ୟ ଦଳମାନେ, ବିଶେଷତଃ ତୃଣମୂଳ କଂଗ୍ରେସ ଓ ଆପ୍, ଏନ୍‌ଡିଏରୁ କିଛି ଅସନ୍ତୁଷ୍ଟଙ୍କୁ ଶିକାର କରିବାକୁ ଚାହୁଁଥିଲେ। ଶୁଣାଯାଏ ନିର୍ବାଚନ ଫଳ ବାହାରୁଥିବା ଦିନ ତୃଣମୂଳର ମମତା ଏସ୍‌ପିର ଅଖିଳେଶ ଯାଦବକୁ କହିଲେ, ୧୯୯୦ଦଶକର ମଧ୍ୟଭାଗର ୟୁନାଇଟେଡ୍ ଫ୍ରଣ୍ଟ ଦିନଠାରୁ ତୁମ ବାପା(ମୁଲାୟମ୍ ସିଂ ଯାଦବ)ଙ୍କ ସାଙ୍ଗ ଥିବା ଟିଡିପିର ଏନ୍. ଚନ୍ଦ୍ରାବାବୁ ନାଇଡୁ ଏବଂ ଜେଡି(ୟୁ)ର ନୀତୀଶ କୁମାରଙ୍କ ସହ କଥାବାର୍ତ୍ତା କର, ଭାଜପା ସାମ୍ମୁଖ୍ୟରୁ ସେମାନେ ବାହାରି ଆସନ୍ତୁ, ଇଣ୍ଡି ଆଲାୟାନ୍ସରେ ଯୋଗ ଦିଅନ୍ତୁ। ପରେ ମମତାଙ୍କ ପୁତୁରା ଅଭିଷେକ ଓ ଦଳର ସାଙ୍ଗ ଡେରେକ୍ ଓ'ବ୍ରାଏନ୍ ଦିଲ୍ଲୀରେ ଯାଦବଙ୍କ ସଙ୍ଗେ କଥାବାର୍ତ୍ତା ହୋଇଥିଲେ। କିନ୍ତୁ କଂଗ୍ରେସର ନୀରବତା ଶ୍ରୀ ମୋଦିଙ୍କ ନ୍ୟାଶନାଲ୍ ଡିମୋକ୍ରାଟିକ୍ ଆଲାୟାନ୍ସକୁ ଦୃଢ଼ କଲା। ଫଳ ଆଜିର ସରକାର।

sahadevas@yahoo.com



# ଜବରଦସ୍ତିଆ ଦକ୍ଷିଣା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଠାକୁରଙ୍କ ପୂଜା ଆଳରେ ପୂଜକମାନେ ପଇସା ନେବା ବିଷୟଟି ଅନେକ ଥର ମୋତେ ବ୍ୟଥିତ କରିଛି। ସେ ଶ୍ରୀମନ୍ଦିରରେ ମୁଣ୍ଡରେ ବେତ ଛୁଆଁଇ ଦେଇ ପଇସା ମାଗିବା ହଉ କି ବିମଳା ମନ୍ଦିରରେ ଜୋର କରି ହାତକୁ ଶଙ୍ଖା ଓ ସିନ୍ଦୂର ବଢ଼େଇ ଦେଇ ଦକ୍ଷିଣା ଦେବା କଥା; ଗଣେଶଙ୍କୁ ମୁଣ୍ଡିଆ ମାର, ମୂର୍ତ୍ତିର ପାଦକୁ ସ୍ପର୍ଶ କରି ଆଶୀର୍ବାଦ ନିଅ, ଶନି ମନ୍ଦିରରେ ନବଗ୍ରହଙ୍କ ପାଖରେ ଦୀପ ଜାଳ, ଶିବ ମନ୍ଦିରଗୁଡ଼ିକରେ ତମ୍ବା ନାଗଗୁଡ଼ିକୁ ବେଲପତ୍ର ଚଢାଅ ; ଭକ୍ତମାନଙ୍କୁ ଏସବୁ ଉପଦେଶ ଦେବା ପଛରେ ପୂଜକ ବା ପଣ୍ଡିତମାନଙ୍କ ଉଦ୍ଦେଶ୍ୟ ଥାଏ ଦକ୍ଷିଣା ଆକାରରେ କିଛି ପଇସା ପାଇବା। ହେଲେ କିଛି ଦିନ ତଳେ ସାବିତ୍ରୀ ବ୍ରତ ପୂଜା ପାଇଁ ଘର ପାଖ ଏକ ଦେବୀ ମନ୍ଦିରକୁ ଯିବାର ଅନୁଭୂତି ମୋର ମନକୁ କେବଳ ବ୍ୟଥିତ କରିନାହିଁ, ବରଂ ବଦଳୁଥିବା ଏ ବ୍ୟବସ୍ଥା ପାଇଁ ମନରେ ବିଦ୍ରୋହର ଗୋଟିଏ ନିଆଁଝୁଲ ସୃଷ୍ଟି କରିଛି।

କଥାଟି ବିଷୟରେ ବିସ୍ତୃତ ଭାବରେ ନ ଜଣେଇଲେ ପାଠକେ ଏହା ବିଷୟରେ ଅନୁମାନ ଲଗେଇ ପାରିବେ ନାହିଁ, ଏଣୁ କଥାଟିକୁ ବର୍ଣ୍ଣନା କରିବାକୁ ଉଚିତ ମଣୁଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପୂଜା ସାମଗ୍ରୀ, ଶାଢ଼ି, ଚୁଡ଼ି, ଶଙ୍ଖା, ସିନ୍ଦୂର ସଜାଡ଼ି ଆମେ ମନ୍ଦିରରେ ପହଞ୍ଚିଲୁ। ସେମିତି କିଛି ଖାସ୍ ଭିଡ଼ ନ ଥାଏ ମନ୍ଦିରରେ। ପୂଜକ ସଭିଙ୍କୁ ଧାଡ଼ିରେ ଆସିବା ପାଇଁ କହୁଥାନ୍ତି। ଆମ ପାଳି ପଡ଼ି ଆମେ ଭୋଗଥାଳି ଏବଂ ଦକ୍ଷିଣା ଦେଇ ଅପେକ୍ଷା କରିଥାଉ। ଆମ ପାଖରେ ଜଣେ ନବ ବିବାହିତା ମହିଳା ଆସି ତାଙ୍କ ଥାଳିଟି ବଢ଼େଇଲେ। ଥାଳିରେ ଶାଢ଼ି ଖଣ୍ଡିଏ ଥାଏ ପୂଜା ପାଇଁ। ସେ ଥାଳି ବଢ଼େଇ ଦେଇ ନନାଙ୍କୁ ପଚାଶ ଟଙ୍କାଟିଏ ବଢ଼େଇ ଦେଲେ। ହଠାତ୍ ନନା କହି ଉଠିଲେ, 'ଗୋଟିଏ ଶାଢ଼ି ପୂଜା କଲେ ୧୦୦ ଟଙ୍କା ମାଆ, ଆଉ ପଚାଶ ଟଙ୍କା ଦିଅ'। ବିଚାରୀ ମହିଳା ଜଣକ ନିଜ ଶକ୍ତି ଅନୁସାରେ ସେତିକି ହିଁ ମନ୍ଦିରକୁ ନେଇକି ଆସିଥିଲେ ପୂଜକଙ୍କୁ ଦକ୍ଷିଣା ଦେବା ପାଇଁ, ସାଙ୍ଗେ ସାଙ୍ଗେ ସେ ଆଉ ପଚାଶ ଟଙ୍କା ଆଣିବେ ବା କେଉଁଠୁ? କାହାକୁ ମାଗି ପଇସା ଦେଇଦେବା ବି ଠିକ୍ ଲାଗିବ ନାହିଁ, ତେଣୁ ବାଧ ହୋଇ ସେ ମନ୍ଦିରର ଗୋଟିଏ କୋଣକୁ ଯାଇ ତାଙ୍କ ସ୍ୱାମୀଙ୍କୁ ଫୋନ କଲେ ଏବଂ ଯେତେଶୀଘ୍ର ସମ୍ଭବ ପଇସା ନେଇକି ଆସିବା ପାଇଁ କହିଲେ। ସେହି ମହିଳା ଜଣକଙ୍କ ମୁହଁ ସେହି ସମୟରେ ଲଜ୍ଜାରେ ନାଲି ପଡ଼ିଯାଇଥାଏ, ସେଇ ଅନିଚ୍ଛାକୃତ ଭୁଲ୍ ପାଇଁ ଯାହା ସେ ଆଶା ହିଁ କରି ନ ଥିଲେ!

ମୋ ମନରେ ପ୍ରଶ୍ନ ଆସିଲା ଯେ ଶାଢ଼ି ଗୋଟାକୁ ପୂଜା କରିବା ପାଇଁ ୧୦୦ ଟଙ୍କା ଦର ନିର୍ଦ୍ଧାରଣ କଲା କିଏ? କୌଣସି ନିର୍ଦ୍ଦିଷ୍ଟ ପୂଜା କମିଟି ନା ସଙ୍ଗଠନ? ଠାକୁରାଣୀଙ୍କ ମୂର୍ତ୍ତିରେ ଶାଢ଼ିକୁ ଟିକେ ଛୁଆଁଇ ଦେଇ ଭକ୍ତମାନଙ୍କଠାରୁ ପଇସା ନେବାର ଏହି ନୂଆ ପ୍ରକ୍ରିୟା କେବେଠାରୁ ଆରମ୍ଭ ହେଲାଣି? ଆଶ୍ଚର୍ଯ୍ୟ ଲାଗିଲା ଯେ ପୂଜକଙ୍କୁ ଟିକେ ସଙ୍କୋଚ ବି ନାହିଁ ଶହେ ଟଙ୍କାରୁ କମ ଦକ୍ଷିଣା ଦେଖିଲେ ସେ ବଡ଼ ପାଟିରେ ଆଉ ବାକି ପଇସା ମାଗିନେବାକୁ ଭକ୍ତମାନଙ୍କୁ ବାଧ କରୁଛନ୍ତି! ଭକ୍ତଟିଏ ମନ୍ଦିରକୁ ପୂଜା କରିବାକୁ ଯାଏ ନିଜ ପରିବାରର ଶୁଭ ମନାସିବା ପାଇଁ, ସେଠି ଏମାନେ ଟଙ୍କା ପଇସା ପାଇଁ ଏମିତି ହଟହଟା କଲେ, ସେମାନଙ୍କର ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଆଉ ଶ୍ରଦ୍ଧା ରହିବ ତ? ମୋତେ ତ



ଲାଗିଲା ଆଗାମୀ ବର୍ଷଠାରୁ ମୁଁ ଆଉ କୌଣସି ମନ୍ଦିରକୁ ପୂଜା ପାଇଁ ଯିବି ନାହିଁ। ଘରେ ହିଁ ସବୁ ପ୍ରକାର ଆୟୋଜନ କରି ଶାନ୍ତିରେ ପୂଜା କରିବି। ଅନ୍ତତଃ ମନରେ କାହା ପ୍ରତି ରାଗ ଆସିବ ନାହିଁ।

ଏବେ ଅନେକ ଜାଗାରେ ଦେଖାଯାଉଛି ଯେ, ମନ୍ଦିରଗୁଡ଼ିକରେ ଟ୍ରଷ୍ଟ ଗଠନ କରାଯାଇ ତାହାର ନବୀକରଣ ଏବଂ ଉନ୍ନତୀକରଣ କରାଯାଉଛି। ଏହା ପାଇଁ ଆବଶ୍ୟକ ଅର୍ଥ ଆସେ କେଉଁଠୁ? ଟିକେ ଚିନ୍ତା କଲେ! ଏହା ପାଇଁ ସେମାନେ ଲୋକଙ୍କଠାରୁ ଚାନ୍ଦା ଆଦାୟ କରନ୍ତି ବା ଭକ୍ତମାନଙ୍କୁ ମନ୍ଦିର ଟ୍ରଷ୍ଟ ତରଫରୁ କିଛି ଅର୍ଥ ଦାନ କରିବା ପାଇଁ ବାଧ କରନ୍ତି। ଆର୍ଥିକ ଭାବରେ ସକ୍ଷମ ଲୋକଙ୍କର ତ ବିଶେଷ କିଛି ଅସୁବିଧା ହୁଏନାହିଁ, ଯେଉଁମାନେ ଅଭାବୀ ଭଗବାନଙ୍କ ନାଁ ଶୁଣି ଦାନ ନ ଦେଇ ଯିବାର ଅନ୍ୟ ଗତି ନାହିଁ। ପାଖରେ ନ ଥାଉ ପଛେ, ପୂଜକଙ୍କୁ ମନା କରିଦେଲେ କାଳେ କିଛି ଅନିଷ୍ଟ ହେବ, ସେହି ଭୟ ସେମାନଙ୍କ ମନରେ ସବୁବେଳେ ରହିଥାଏ।

ଆଶ୍ଚର୍ଯ୍ୟ ଲାଗେ ଯେ ପୂଜକମାନେ ନିଜ ସ୍ୱାର୍ଥ ସାଧନ ପାଇଁ ଭଗବାନଙ୍କ ନାଁର ସାହାରା ନେଉଛନ୍ତି। ନ ହେଲେ ଦକ୍ଷିଣା ଆକାରରେ ପାଉଥିବା ଟଙ୍କା ପାଇଁ ଏତେ ବ୍ୟସ୍ତତା ଓ ତତ୍ପରତା କାହିଁକି? ଭକ୍ତ ନିଜ ଖୁସିରେ ଯାହା ଦେଉଛି ତାଙ୍କୁ ଖୁସି କରିପାରୁନାହିଁ କାରଣ, ଏହାକୁ ସେମାନେ ଆୟର ଏକ ନୂଆ ପନ୍ଥା ବୋଲି ଧରିନେଲେଣି। ମନ୍ଦିରର ପୂଜକ ହିସାବରେ, ନିୟମିତ ଭାବରେ ଅନୁଷ୍ଠାନ ତାଙ୍କୁ ଏକ ନିର୍ଦ୍ଧାରିତ ମୂଲ୍ୟ ଦେଉଥିଲେ ସୁଦ୍ଧା ଅତିରିକ୍ତ ଆୟ ପାଇଁ ଭକ୍ତଙ୍କୁ ବାଧ କରିବା ଏମାନଙ୍କର ଏକ ଅଭ୍ୟାସରେ ପରିଣତ ହେଲାଣି। ଦରମା ପରେ ଉପୁରି ଭଳି ପୂଜକମାନଙ୍କ ଉପୁରି ଆୟ ଭଗବତ ବିଶ୍ୱାସ ଏବଂ ଲୋକଙ୍କ ବିଶ୍ୱାସକୁ ବାଧା ପହଞ୍ଚାଉଛି।

ଏହି ଅନୁଭୂତି ସବୁ ସାଧାରଣ ଜନତା ନିତି ଭୋଗୁଥିଲେ ମଧ୍ୟ ମୁହଁ ଖୋଲି ବିରୋଧ କରୁନାହାନ୍ତି, କାରଣ ଏହା ପଛରେ ରହିଛି ଈଶ୍ୱରଙ୍କ ଉପରେ ବିଶ୍ୱାସ ବୋଲି ଗୋଟିଏ ସମ୍ବେଦନଶୀଳ ପ୍ରସଙ୍ଗ। ସେମାନଙ୍କର ଡର, କାଳେ ଆମେ ମନା କଲେ ପୂଜକ ଅସନ୍ତୁଷ୍ଟ ହୋଇ ଆମକୁ ଅଭିଶାପ ଦେଇଦେବେ ବା ଭଗବାନଙ୍କ କୃପା ଦୃଷ୍ଟିରୁ ସେମାନେ ବଞ୍ଚିତ ହୋଇଯିବେ। ସାମାନ୍ୟ କିଛି ଟଙ୍କା ହଉ ପଛେ, ଭକ୍ତମାନଙ୍କଠାରୁ ବାଧ ବାଧକତାରେ ନିଆଯାଉଥିବା ଦାନ ବା ଦକ୍ଷିଣାର ଏ ପରମ୍ପରାର ଅନ୍ତ କେଉଁଠି? ଅନିଚ୍ଛାକୃତ ଭାବରେ ହାସଲ କରୁଥିବା ଏହି ଆୟ ଅସାଧୁ ଉପାୟ ଅନ୍ତର୍ଭୁକ୍ତ ହେଉନାହିଁ କି? ନା ମନ୍ଦିର ପୂଜକ ବୋଲି ଭଦ୍ରମୁଖା ଧାରଣ କରି ସେମାନେ ଅନାୟାସରେ ଏହି କାମ ସବୁ ଜାରି ରଖିବେ?

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ପୋଲିସ ଅଧିକାରୀ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ବ୍ୟସ୍ତ ରଖିବା ସହ ବୁଲା କୁକୁରଙ୍କ ସୁରକ୍ଷାରେ ସମୟ ଦେବା ନିଶ୍ଚିତ ଭାବେ ପ୍ରେରଣାଦାୟକ କାର୍ଯ୍ୟ। ଏଭଳି କାର୍ଯ୍ୟ ଜାରି ରଖିଛନ୍ତି ମୁମ୍ବାଇର ବୋରିଭାଲି ପୋଲିସ ଷ୍ଟେଶନରେ କାର୍ଯ୍ୟରତ ପୋଲିସ ଅଧିକାରୀ ସୁଧୀର କୁଡାଲକର। କୋଭିଡ ମହାମାରୀ ସମୟରେ ସେ ବୁଲା କୁକୁରଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ସେ ସମୟରେ ପ୍ରାଣୀମାନଙ୍କ ପ୍ରତି ଅତ୍ୟଧିକ କ୍ରୂରତା ଲକ୍ଷ୍ୟ କରିଥିଲେ ଓ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ସେହି ସମୟରୁ ସେ କୁକୁରଙ୍କ ସୁରକ୍ଷାରେ ଲାଗିପଡ଼ିଛନ୍ତି। ଏଥିପାଇଁ ସୁଧୀର ପିୟୋର ଆନିମଲ ଲଭର୍ସ( ପିଏଏଲ୍) ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପ କରି ସେଥିରେ ୭,୦୦୦ ସଦସ୍ୟଙ୍କୁ ସାମିଲ କରିପାରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ରହିଛନ୍ତି ଆଇନଜୀବୀ, ଆକ୍ଟିଭିଷ୍ଟ, ଫିଡର ଏବଂ ଆନିମଲ ଲଭର୍ସ। ଏମାନଙ୍କ ସହାୟତାରେ ସୁଧୀର ଏଯାବତ ୩୫୦୦ ପ୍ରାଣୀ ନିର୍ଯାତନାକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି। ସେମାନଙ୍କ ବିରୋଧରେ କେସ ପରିଚାଳନା କରୁଛନ୍ତି ୧୯ ଜଣିଆ ଓକିଲଟିମ୍। ଡ୍ରେନରେ ରହିଥିବା ଏକ ୧୨୦ ବର୍ଷର କଇଁଛ ଉଦ୍ଧାର କରି ସୁଧୀର ବେଶ୍ ଚର୍ଚ୍ଚିତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୭୫

- ମଧୁବନୀ ରାସ୍ତାରେ ଗୋଟିଏ ବସ୍ ନଦୀକୁ ଖସିପଡ଼ିବା ଫଳରେ ୧୩ ମୃତ।
- ଗୁଜରାଟର ଜନତା ସାମ୍ମୁଖ୍ୟ ଓ କିଶାନ ମଜଦୁର ଲୋକ ପକ୍ଷରୁ ଅସାଧୁମେଣ୍ଟ ବିରୁଦ୍ଧରେ ପ୍ରତିବାଦ ଜଣାଇ ୭୫ ବର୍ଷ ବୟସ୍କ ସ୍ୱାଧୀନତା ସଂଗ୍ରାମୀ ଏଲ୍.ପି. ଶାହଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ।
- ଶ୍ରୀଲଙ୍କାରୁ ୮୦୦ କିଲୋମିଟର ଦୂର ଭାରତ ମହାସାଗରରେ ୩୬୦୦ ଟନ ବିଶିଷ୍ଟ ଏକ ତୈଳ ବୋଝେଇ ଜାହାଜରେ ବିସ୍ଫୋରଣ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 6 |
| | 4 | | 2 | 1 | | | | |
| 5 | | | 6 | | | 9 | | 2 |
| | | | | | 6 | | | 9 |
| 7 | | 4 | 3 | | | | | |
| | | | | 4 | | | 5 | 3 |
| 6 | | 1 | | | 9 | | | 8 |
| | 8 | | | | | | 9 | |
| | 3 | | 1 | 2 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 4 | 9 | 5 | 7 | 6 | 1 |
| 4 | 6 | 5 | 7 | 2 | 1 | 3 | 9 | 8 |
| 1 | 9 | 7 | 8 | 6 | 3 | 5 | 4 | 2 |
| 7 | 2 | 1 | 9 | 8 | 4 | 6 | 3 | 5 |
| 8 | 5 | 4 | 3 | 1 | 6 | 2 | 7 | 9 |
| 9 | 3 | 6 | 2 | 5 | 7 | 8 | 1 | 4 |
| 6 | 4 | 8 | 5 | 7 | 9 | 1 | 2 | 3 |
| 5 | 7 | 9 | 1 | 3 | 2 | 4 | 8 | 6 |
| 2 | 1 | 3 | 6 | 4 | 8 | 9 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀରେ ଟ୍ରାଫିକ୍ ବ୍ୟବସ୍ଥା ହେଉ

ମହାଶୟ,

ସତ୍ୟବାଦୀ ପୁରୀ ଜିଲା ଅନ୍ତର୍ଗତ ପୁରୀ ନଗରୀର ଉତ୍ତରରେ ୧୨ ମାଇଲ ବା ପାଞ୍ଚକୋଷ ଦୂରରେ ଅବସ୍ଥିତ। ଏହି ସ୍ଥାନରେ ପୀଠ ଦେବତା ସତ୍ୟବାଦୀ ବା ସାକ୍ଷୀଗୋପାଳ, ମଣିବିଗ୍ରହ ଶ୍ରୀକୃଷ୍ଣ ମୂର୍ତ୍ତିଙ୍କ ନାମ ଓ ମହିମା ଦିଗଦିଗନ୍ତ ବ୍ୟାପି ଅଛି। ସାମ୍ୟ ମୈତ୍ରୀର ପବିତ୍ର ଧାମ ନୀଳାଚଳର ସାନିଧ୍ୟ ଲାଭ କରି ସତ୍ୟବାଦୀଙ୍କର ସ୍ୱକୀୟ ପ୍ରେମ ଓ ପ୍ରତିଷ୍ଠାନ ପ୍ରଭୃତି ସୁଯୋଗ ଘଟିଛି। ଆଜି ସାକ୍ଷୀଗୋପାଳ ନାମ ଭାରତର ସର୍ବତ୍ର ସୁବିଦିତ। ସତ୍ୟବାଦୀ ଓ ସାକ୍ଷୀଗୋପାଳ ଏକ ଜାଗାର ନାମ । ଯେଉଁ ହିନ୍ଦୁ ଯାତ୍ରୀମାନେ ଭାରତର ବିଭିନ୍ନ ସ୍ଥାନରୁ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀ ଆସିଥାନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ସତ୍ୟବାଦୀ ଆସିଥାନ୍ତି। ପ୍ରଭୁଙ୍କର ନଟବର ବେଶ ଅତି ସୁନ୍ଦର ଓ ବଂଶୀଧାରଣ ସହ ଅତି ଚମତ୍କାର । ଶ୍ରୀଜୀଉଙ୍କ କୃପାଲାଭ କରିବା ପାଇଁ ପ୍ରତିଦିନ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବାରୁ ବସ୍‌ଷ୍ଟାଣ୍ଡଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଜନଗହଳି ଲାଗିଥାଏ। ୧୬ ନମ୍ବର ଜାତୀୟ ରାଜପଥ ରାସ୍ତାରେ ଦୁଇଓଳି ଉଠା ପରିବା ଦୋକାନୀ ତଥା ଫାଷ୍ଟଫୁଟ ବ୍ୟବସାୟୀ ରାସ୍ତା ଅବରୋଧ କରୁଛନ୍ତି। ଜନଗହଳି ମଧ୍ୟରେ ଟ୍ରାକ୍ଟର, ବାଲି ବୋଝେଇ ଟ୍ରକ୍, ଦୁଇଚକିଆ, ତିନିଚକିଆ ଓ ଚାରି ଚକିଆ ଗାଡ଼ି ସେହି ରାସ୍ତା ଉପରେ ଜାମ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ସମସ୍ୟା ଦିନକୁ ଦିନ ବଢୁଥିବା ହେତୁ ଯଥାଶୀଘ୍ର ସତ୍ୟବାଦୀ ବଜାରରେ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ବ୍ୟବସ୍ଥା କରିବାକୁ ଜିଲାପାଳ ତଥା ଏସ୍‌ପିଙ୍କ ନିକଟରେ ଦାବି ହେଉଛି।

-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଦୁଇ ପାରୁଶରେ ମୋର ପକ୍ୱଶାଳୀ
ପଡ଼ିଅଛି ନଇଁ
ରହି ରହି
ଅଦୂର ସେ ନଦୀକୋଳୁଁ ଆସଇ ବାରତା
ବିଶ୍ୱର ଅବିନଶ୍ୱର କି ନିଗୂଢ଼ ବ୍ୟଥା!
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସନ୍ତୋଷ



@ ବିଶ୍ୱ



@ ସରସ୍ୱତୀ



@ ରଶ୍ମିରଞ୍ଜନ



@ ହିମାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଦାରୁଦିଅଁଙ୍କ ଅପେକ୍ଷାରେ ସ୍ନାନବେଦି

**ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)**

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶନିବାର ଦାରୁଦିଅଁ ଶ୍ରୀମନ୍ଦିର ରତ୍ନବେଦି ଛାଡ଼ି ସ୍ନାନବେଦିକୁ ବିଜେ କରିବେ। ଚତୁର୍ଦ୍ଧାବିଗ୍ରହ ୧୦୮ ଗରା ସୁବାସିତ ଜଳରେ ସ୍ନାନବେଦିରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦି ସଜେଇ ହୋଇ ମହାପ୍ରଭୁଙ୍କ ଆଗମନକୁ ଅପେକ୍ଷା କରିଛି। ଆଉ କେଇ ଘଣ୍ଟା ପରେ ଚତୁର୍ଦ୍ଧାବିଗ୍ରହ ରତ୍ନବେଦିରୁ ସ୍ନାନବେଦିକୁ ଧାଡ଼ିପହଣ୍ଡିରେ ଆସିବେ। ଭକ୍ତମାନେ ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ତେଣୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ହେବାରେ ଲାଗିଲାଣି। ଶନିବାର ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ନେଇ ଆକଳନ କରାଯାଇଛି। ସ୍ନାନଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମାର୍କେଟଛକ ଠାରୁ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ଭକ୍ତମାନେ ଏହି ବ୍ୟାରିକେଡ୍ ଓ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିସାରି ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ଆଇନ ଶୃଙ୍ଖଳା, ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଫୋର୍ସ ସହ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଚଳିତବର୍ଷ ସମୁଦାୟ ୬୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗରମକୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ସାହାଯ୍ୟ କରିବାକୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଯେଉଁ ଭକ୍ତମାନେ ବଡ଼ଦାଣ୍ଡରେ ଠିଆହୋଇ ମହାପ୍ରଭୁଙ୍କ ସ୍ନାନ ଓ ହାତୀବେଶ ଦର୍ଶନ କରିବାକୁ ଚାହିଁବେ, ସେମାନଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ଟେଣ୍ଟ ବା ଛାମୁଡିଆ ବ୍ୟବସ୍ଥା କରାଯାଇଛି। ସିଂହଦ୍ୱାର ଥାନା ସମ୍ମୁଖରେ ଏହି ଛାମୁଡ଼ିଆ ନିର୍ମାଣ କରାଯାଇଛି। ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ କାର୍ଯ୍ୟ ସମ୍ପାଦନ ହେବା ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଭକ୍ତମାନେ ମାର୍କେଟ ଛକରୁ ବ୍ୟାରିକେଡ୍ ଦେଇ ଶ୍ରୀକୃଷ୍ଣ ସିନେମା ହଲ ଛକ ପର୍ଯ୍ୟନ୍ତ ଆସିବା ପରେ ସେଠାରୁ ଶ୍ରୀଜଗନ୍ନାଥ ଭକ୍ତ ଅଭ୍ୟର୍ଥନା କେନ୍ଦ୍ରକୁ ଯିବେ। ସେଠାରେ ଚେକିଂ ହେବା ପରେ ଦୋଳବେଦିସ୍ଥିତ ଷ୍ଟିଲ ବ୍ୟାରିକେଡ ଦେଇ ସିଂହଦ୍ୱାର ନିକଟକୁ ଯିବେ। ସେଠାରୁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ସେହିଭଳି ଟିକେଟଧାରୀମାନେ ପହଣ୍ଡି ଦର୍ଶନ ନିମନ୍ତେ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ଅପରପକ୍ଷରେ ସ୍ନାନଯାତ୍ରାରେ କିଭଳି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ ସେନେଇ ଛତିଶା ନିଯୋଗ ଓ ପରିଚାଳନା କମିଟି ବୈଠକରେ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଏହି ନୀତି ନିର୍ଘଣ୍ଟ ଅନୁଯାୟୀ, ରାତି ୪.୩୦ରେ ମଙ୍ଗଳାର୍ପଣ, ଭୋର ୫ଟାରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାବିଗ୍ରହଙ୍କୁ ସ୍ନାନବେଦି ଉପରକୁ ବିଜେ କରାଯିବ। ସକାଳ ୭ଟାରେ ମଙ୍ଗଳଆଳତି ପରେ ଅନ୍ୟାନ୍ୟ ନୀତି କରାଯାଇ ମଧ୍ୟାହ୍ନ ୧୨ଟା ୨୦ରୁ ଅପରାହ୍ନ ୧ଟା ୪୫ ମଧ୍ୟରେ ଜଳଲାଗି ନୀତି ଅନୁଷ୍ଠିତ ହେବ। ଅପରାହ୍ନ ୩ଟାରେ ଛେରାପହଁରା, ୩ଟା ୪୦ ମଧ୍ୟରେ ହାତୀବେଶ ଅନୁଷ୍ଠିତ ହେବ। ଦୁର୍ଲଭ ହାତୀବେଶକୁ ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡ ସମେତ ସ୍ନାନମଣ୍ଡପର ଅତି ନିକଟରୁ ସନ୍ଧ୍ୟା ୭ଟା ୩୦ରୁ ରାତି ୧୦ଟା ୩୦ ଅର୍ଥାତ ୩ଘଣ୍ଟା ପର୍ଯ୍ୟନ୍ତ ଦର୍ଶନ କରିବାର ସୁଯୋଗ ପାଇବେ। ରାତି ୧୧ଟାରେ ହାତୀବେଶ ମଇଲମ କରାଯାଇ ରାତି ୧୧ଟା ୩୦ରୁ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଅନୁଷ୍ଠିତ ହେବ। ଅପରପକ୍ଷରେ ଶୁକ୍ରବାର ସକାଳେ କୋଠସୁଆଁସିଆମାନେ ମହାପ୍ରଭୁଙ୍କ ଚାରମାଳ ବନ୍ଧା କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ଅପରାହ୍ନ ୩ଟା ୫୫ରେ ଦଇତାପତି ସେବକମାନେ ସେନାପଟା ଲାଗି ଶେଷ କରିଥିଲେ। ପହଣ୍ଡି ସମୟରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ସେନାପଟାଲାଗି କରାଯାଇଥାଏ। ଏଥିପାଇଁ ଅପରାହ୍ନ ୩ଟା ୫୫ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ସ୍ନାନବେଦିକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯିବା ସହ ଆକର୍ଷଣୀୟ ଚାନ୍ଦୁଆ ଲଗାଯାଇଛି। ସେହିପରି ହାତୀବେଶ ପ୍ରସ୍ତୁତି ଶେଷ ହୋଇଥିବାବେଳେ ସ୍ନାନ ପରେ ଅଣସର ପିଣ୍ଡିରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କ ସ୍ଥାନରେ ପୂଜା ପାଉଥିବା ପଟିଦିଅଁଙ୍କ ପ୍ରସ୍ତୁତି ଚିତ୍ରକାର ସେବାୟତଙ୍କ ଦ୍ୱାରା ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



## ଆଜି ପବିତ୍ର ସ୍ନାନଯାତ୍ରା

- ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ ମହାପ୍ରଭୁ
- ଭକ୍ତଙ୍କ ସୁରକ୍ଷା ଦାୟିତ୍ୱରେ ୬୮ ପ୍ଲାଟୁନ୍ ଫୋର୍ସ

# ସ୍ନାନଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ପୁରୀ,୨୧।୬ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ସ୍ନାନପୂର୍ଣ୍ଣିମାରେ ଶନିବାର ରତ୍ନବେଦି ଛାଡ଼ି ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେବେ। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପୁରୀ ଆସି ଏହି ସବୁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଜେନା ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସ୍ନାନବେଦିକୁ ଯାଇ ପ୍ରସ୍ତୁତିର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ ବରିଷ୍ଠ ସେବାୟତ, ଜିଲାପାଳ, ପରିଚାଳନା କମିଟି ସଦସ୍ୟଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି ଓ ଭକ୍ତଙ୍କ ଦର୍ଶନ ଶୃଙ୍ଖଳିତ କରିବା ଲାଗି ସେ ପରାମର୍ଶ ଦେଇଥିଲେ। ପରେ ସେ କହିଛନ୍ତି, ସ୍ନାନଯାତ୍ରା ଲାଗି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତ ଅଛି। ସମସ୍ତ ସେବାୟତଙ୍କ ମଧ୍ୟରେ ଭଲ ବୁଝାମଣାରେ ନୀତି ସମ୍ପାଦନ ହେବ। ମୁଖ୍ୟମନ୍ତ୍ରୀଙ୍କ ସହ ସେବାୟତମାନେ ଆଲୋଚନା କରି ଶୃଙ୍ଖଳିତ ନୀତି ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସଅଳ ପହଣ୍ଡି ପାଇଁ ଲକ୍ଷ୍ୟ ରଖାଯାଇଛି। ଭକ୍ତମାନେ ଦର୍ଶନ ସାରି ଅନ୍ୟ ଭକ୍ତଙ୍କୁ ଦର୍ଶନ ପାଇଁ ସୁଯୋଗ ଦିଅନ୍ତୁ। ଏଣେତେଣେ ଦୀପ ନ ଲଗାଇ ପ୍ରଶାସନ ଚିହ୍ନଟ କରିଥିବା ସ୍ଥାନରେ ଦୀପ ଲଗାଇବା ଲାଗି ମୁଖ୍ୟ ଶାସନ ସଚିବ ଜେନା ଭକ୍ତଙ୍କୁ ଅନୁରୋଧ କରିଛନ୍ତି। ଅଭିଜ୍ଞ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ଦାୟିତ୍ୱରେ ରହିବେ। ପ୍ରବଳ ଗରମକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଦ୍ୱାରା ଜଳ ସିଞ୍ଚନ କରାଯିବ। ଡାକ୍ତରୀ ଟିମ୍, ଆମ୍ବୁଲାନ୍ସ ଆଦି ଉପସ୍ଥିତ ରହିବେ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।



ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ପୁରୀର ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ୍ ଆନିମେଶନ।



ମହାପ୍ରଭୁଙ୍କ ହାତୀବେଶ ପ୍ରସ୍ତୁତିରେ ନିମଗ୍ନ କାରିଗର।

# ଡିପ୍‌ଥେରିଆ: ରାୟଗଡ଼ା ନୁହେଁ, ସଂକ୍ରମଣର ଉତ୍ସ କଳାହାଣ୍ଡି

**ଭୁବନେଶ୍ୱର, ୨୧।୬ (ଅସମାପିକା ସାହୁ)**



ରାଜ୍ୟରେ ଡିପ୍‌ଥେରିଆ ବ୍ୟାପିବାରେ ଲାଗିଛି। ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢୁଥିବାରୁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ତେବେ ରାୟଗଡ଼ା ନୁହେଁ, କଳାହାଣ୍ଡି ଜିଲା ହେଉଛି ଡିପ୍‌ଥେରିଆ ସଂକ୍ରମଣର ଉତ୍ସ ବୋଲି ଶୁକ୍ରବାର ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ସୂଚନା ଦେଇଛନ୍ତି। କଳାହାଣ୍ଡିର ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରୁ ସଂକ୍ରମଣ ବ୍ୟାପିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ମନୁଷପଦରରୁ ଜଣେ ବ୍ୟକ୍ତି ଇନ୍ଦ୍ରାବତୀକୁ ଯାଇଥିଲେ। ସେ ସେଠାରୁ ସଂକ୍ରମିତ ହୋଇ ମନୁଷପଦର ଫେରିବା ପରେ ଡିପ୍‌ଥେରିଆ ସଂକ୍ରମଣ ବ୍ୟାପିଥିବା ଜଣାପଡିଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଳାହାଣ୍ଡି ଓ କୋରାପୁଟରେ ଏବେ ବି ସର୍ଭେଲାନ୍ସ ଚାଲିଛି। କୋରାପୁଟ ବନ୍ଧୁଗାଁର ୩୩ ପିଲାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି। କାଶୀପୁର ମନୁଷପଦର ଅଞ୍ଚଳର ୧୮ଟି ଗାଁରୁ ୧୩ ଗାଁରେ ବୁଷ୍ଟର ଡୋଜ୍ ଟିକାକରଣ ସରିଛି। ଏ ସବୁ ଗାଁରେ ୪୬୮ ଜଣ ପିଲାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି। ଏହାଛଡ଼ା କାଶୀପୁର ବ୍ଲକର ଅନ୍ୟ ଗାଁରେ ଯେଉଁ ପିଲାମାନେ ଡିପ୍‌ଥେରିଆ ଟିକା ବିଲ୍‌କୁଲ୍ ନେଇ ନ ଥିବେ, ସେମାନଙ୍କୁ ଚିହ୍ନଟ କରାଯାଇ ଟିକା ଦିଆଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା ହୋଇଛି। ସେହିଭଳି ଡିପ୍‌ଥେରିଆରେ ମୃତ୍ୟୁ ହୋଇଥିବା ଜଣେ ୧୧ ବର୍ଷୀୟା ଝିଅର ଓଜନ ମାତ୍ର ୧୫ କିଲୋଗ୍ରାମ ଥିଲା। ତେବେ ତାହା ଅପପୁଷ୍ଟି ନା ନାହିଁ, ସେନେଇ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗକୁ କୁହାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି।

ସେପଟେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ରାଜ୍ୟରେ ଡିପ୍‌ଥେରିଆ ସଂକ୍ରମଣ ସ୍ଥିର ରହିଛି। ନୂଆ ସଂକ୍ରମଣ ବାହାରି ନାହାନ୍ତି। ସଂକ୍ରମଣର କାରଣ ଅପପୁଷ୍ଟି ନା ନୁହେଁ, ସେନେଇ ଅନ୍ୟ ବିଭାଗ ଦ୍ୱାରା ତଦନ୍ତ ଚାଲିଛି। ଏହାର ଯାଞ୍ଚ କରିବାକୁ ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଡା. ମିଶ୍ର କହିଛନ୍ତି।


EXPRESSION OF INTEREST
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)

No. 287 /SIHM/2024-25/TENDER Date: 21.06.2024

E-tender invited by SIHM, Balangir from established dealers/shops manufacturers/distributors/firm registered in India for supply of :

DSLR Camera, Lens, Various Electrical Equipment's, Various Furniture, PA System and Smart Class Room Items & Other Equipments to State IHM, Balangir for the Academic Session 2024-2025.

Interested parties may kindly visit the below mentioned website for further details:
www.tenderwizard.com/SIHM or www.sihmbalangir.org

Sd/-
Principal

INS CHILIKA
ସାଧାରଣ ବିଜ୍ଞପ୍ତି
RPA (ଡ୍ରୋନ୍ / ୟୁଏଭି) ସମେତ କୌଣସି ଉଡ଼ାଣଯାନର ନିଷିଦ୍ଧାଞ୍ଚଳରେ ଉଡ଼ାଣ ମନା

ପ୍ରତିରକ୍ଷା ପ୍ରତିଷ୍ଠାନ INS Chilikaର ୩ କି.ମି. ମଧ୍ୟରେ କୌଣସି ପ୍ରକାର ଉଡ଼ାଣଯାନ (ଡ୍ରୋନ୍/ୟୁଏଭି)ର ଉଡ଼ାଣକୁ ନିଷିଦ୍ଧ କରାଯାଇଛି। ଯଦି କୌଣସି ଉଡ଼ାଣଯାନ ସମେତ ଆର୍‌ପିଏ ଡ୍ରୋନ୍ (ୟୁଏଭି) ଏହି ନିୟମକୁ ଉଲ୍ଲଂଘନ କରନ୍ତି ତେବେ ତାହାକୁ ଧ୍ୱଂସ ବାଜ୍ୟାପ୍ତି କରିଦିଆଯିବ ଏବଂ ଚାଳକଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଧାରା ୧୨୧, ୧୨୧(କ), ୨୮୭, ୩୩୬ ଏବଂ ୩୩୮ ମୂଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ନିହାତି ଆବଶ୍ୟକ ପଡେ, ତେବେ ମହାନିର୍ଦ୍ଦେଶକ, ସାଧାରଣ ବିମାନ ଚଳାଚଳ ପ୍ରାଧିକରଣ (ଡିଜିସିଏ)ଙ୍କ ନିକଟରୁ ଡିଜିସିଏ ୱେବ୍‌ସାଇଟ୍ ମାଧ୍ୟମରେ ଅପରେଟର ସଂସ୍ଥାକୁ ସ୍ୱୀକୃତି ଆଣିବାକୁ ହେବ ଏବଂ ଉଦ୍ଦିଷ୍ଟ ଉଡ଼ାଣର ଗୋଟିଏ ଗୋଟିଏ ସପ୍ତାହ ପୂର୍ବରୁ ସ୍ୱୀକୃତିପତ୍ର INS Chilika ନିକଟରେ ଦାଖଲ କରିବାକୁ ହେବ।
CBC-10702/11/0016/2425

FAKIR MOHAN UNIVERSITY
Vyasa Vihar, Nuapadhi,
Balasore, Odisha, PIN - 756089
No. FMU-DEV-FD-454/2024/4389 Date: 21.06.2024

TENDER CALL NOTICE

Sealed tenders are invited from reputed Tent House Owner/Event Managers having valid GST Certificate and PAN number for arranging iron truss pandal and auditorium for about 800 guests for celebration of 26th Foundation Day of Fakir Mohan University at Nuapadhi Campus on 11.07.2024. The last date of receipt of filled-in tender papers at the end of the undersigned is 01.07.2024 by 02.00 P.M. The tenders will be opened on the same day at 3.00 P.M. in the office chamber of the undersigned. The authority reserves the right to cancel or accept any or all tender(s) without assigning any reason thereof. For details, visit our website: **www.fmuniversity.nic.in**.

By order of the Vice-Chancellor
Sd./- Registrar

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

TEACHER REQUIRE
Male/Female Teachers require for English and Odia Medium School in Bhubaneswar.
Call: 7978084379
9337119851

WANTED
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 9078282976

WALK IN INTERVIEW
A walk in interview will be held on Dt.24 & 26.06.2024 from 10 A.M. to 2 P.M. for the Post of 1. Resident Medical Officer, 2. Full time Medicine Specialist, 3. Floor Manager, 4. Marketing Executive, 5. OT in charge with experience, 6. Hospital Electrical Maintenance Supervisor, 7. Housekeeping Maintenance, 8. Experienced Front Office Executive both Male & Female, 9. Pathology Laboratory Technician, 10. Office Peon. Please come with all of your testimonials. Salary is negotiable. Candidates will be apply on hospital mail ID- usthihospital.2009@gmail.com
USTHI Hospital
N4 1/1, IRC Village, Nayapalli, BBSR
Ph.: 0674-2556267/2550312, 9090963722
E Mail: usthihospital.2009@gmail.com

WANTED
ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା: ୧୦,୦୦୦/- ଏବଂ ରହିବା ଓ ଖାଇବା ମାଗଣା।
7809525452

REQUIRED
Dentor and Technician Required.
Salary will be Negotiated
AKARSH MOTORS
Tankapani Road, BBSR
Mob.: 9437205155

REQUIRED
ESTABLISHED
2020 Start Up Company requires Telesales to be a part of the Fast Expansion Programme.
Candidate Details: Female (Only), Age: 20-25 Yrs. Degree Pass/Communication Skill in Odia, Hindi.
SMART & EXPERIENCED IN TELE CALLING & OFFICE WORK.
Computer Knowledge Preferred: MS Office (Word/Excel)
Experience: 1-2 years preferred.
Salary Plus Monthly Incentives
Immediate Joining • Place of posting: Bhubaneswar
• Send CV with Photo. Apply Now to:
octothorp2020@gmail.com, WHATSAPP NO.: 9938844566

WANTED
CIVIL ENGINEER DEGREE / DIPLOMA OR DRAFTSMAN CIVIL CANDIDATES WITH AUTOCAD EXPERIENCE
9777247762

REQUIRED
Cook cum Peon
Driver
Office Bearer cum Cleaner
ରହିବା, ଖାଇବା ସୁବିଧା ରହିଅଛି
-: Contact :-
8847855057

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553 No. CAD-301
OPTCL Lifeline of Odisha

ENGAGEMENT OF STAFF FOR CRECHE ON CONTRACTUAL BASIS

The Following staff are urgently required for functioning of Creche at OPTCL Tech Tower, Janpath, Saheed Nagar, Bhubaneswar. Interested experienced female aspirants may send their resume along with recent colour passport photo through mail to **cr@optcl.co.in** mentioning in the subject for the post applied for within 7 days from the date of publication of this announcement.

CRECHE SUPERVISOR
**Qualification:** Any Graduate (Female), Additional qualification in relevant field will be preferred.
**Experience:** 3 to 5 years of relevant experience in handling such responsibility in running of creche.
**Remuneration:** Consolidated remuneration of Rs. 25000/- . No other allowances will be paid.

CRECHE ASSISTANT
**Qualification:** Higher Secondary (Female), Additional qualification in child care, nursing or nutrition will be preferred.
**Experience:** 1 to 2 years of relevant experience in handling such responsibility in any creche.
**Remuneration:** Consolidated remuneration of RS. 15000/-.No other allowances will be paid.
**Only short listed candidates will be called for interview. No TA/DA will be paid for attending interview.** OIPR-04011/11/0009/2425 HIPR- 02/2024-25
/optcl.odisha /optcl_odisha

GHANASHYAM HEMALATA VIDYAMANDIR, PURI
Estd- 1995 PURI, ORISSA
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com

REQUIREMENT OF TEACHERS

| POST | SUBJECTS |
|---|---|
| PRINCIPAL | SCIENCE / ENGLISH MEDIUM BACKGROUND |
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, COMPUTER, ODIA |
| PET | MALE AND FEMALE |
| LIBRARIAN & NTT | FEMALE |

- **Qualification :** - As Per CBSE norms.
- **Salary :** -
  - **PRINCIPAL -** Negotiable.
  - **PGT-** Rs.35,000/- (Negotiable, based on performance & experience)
  - **TGT-** Rs.25,000/- (Negotiable, based on performance & experience)
  - **PRT-** Rs.16,000/- (Negotiable, based on performance & experience)
  - **PET / LIBRARIAN & NTT-** Salary negotiable
- Competent & Experienced teachers having knowledge in Computer are preferable.
- Free Accommodation, Fooding & Laundry for all the above post.
- Interested candidate can apply by sending their resume (with photograph) through post to **The Chairman, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002** or by mail to **recruit.ghvm@gmail.com** within 07 days of the publication of advertisement.

CHAIRMAN

# ଜଳ ଯୋଗ ଦ୍ୱାରା ମୃତ୍ୟୁକୁ ଏଡ଼ାଇ ହେବ

## ବିନ୍ଦୁ ସାଗରରେ ପାଣିରେ ବୁଡ଼ି ଯୋଗ ଶିକ୍ଷା ଦେଲେ ଅଶୋକ ବରାଳ

ଭୁବନେଶ୍ୱର,୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ)



ଜଳ ଯୋଗ ଦ୍ୱାରା ପାଣିବୁଡି ମୃତ୍ୟୁକୁ ଏଡାଇ ଦିଆଯାଇପରିବ ବୋଲି ଅନ୍ତର୍ଜାତିକ ଜଳ ଯୋଗଗୁରୁ ଅଶୋକ କୁମାର ବରାଳ କହିଛନ୍ତି। ବିଶ୍ୱ ଯୋଗ ଦିବସ ଅବସରରେ ଭୁବନେଶ୍ୱରର ଐତିହାସିକ ପୁଷ୍କରିଣୀ ବିନ୍ଦୁ ସାଗରରେ ଜଳ ଯୋଗ କରିବା ଅବସରରେ ସେ କହିଲେ, ଯୋଗ ବିଶ୍ୱକୁ ଭାରତର ଅବଦାନ ହୋଇଥିବା ବେଳେ ଜଳ ଯୋଗ ବିଶ୍ୱକୁ ଓଡିଶାର ଅବଦାନ। ଆମ୍ଭେମାନେ ଯଦି ପାଣିରେ ଯୋଗ ଓ ପ୍ରାଣାୟମ କରିବା ସହିତ ପାଣିରେ ବସିପାରୁଛୁ ଓ ଶୋଇପାରୁଛୁ, ତେବେ ମଣିଷ କାହିଁକି ପାଣିରେ ବୁଡି ମରିବ। ଭାସିବା ଜାଣିଲେ ଆଉ କେହି ବୁଡି ମରିବେ ନାହିଁ। ମଣିଷ ତା ଶରୀରର ଭାସମାନ ଗୁଣ ଜାଣିନଥିବାରୁ ପାଣିରେ ବୁଡି ମରୁଛି। ପ୍ରତ୍ୟେକ ପ୍ରାଣୀଙ୍କ ଭାସମାନ ଗୁଣ ରହିଛି। ମଣିଷ ନିଜର ଭାସମାନ ଗୁଣ ବିଷୟରେ ଅଜ୍ଞ ଥିବାରୁ ପାଣିରେ ବୁଡି ଯାଉଛି। ନାକ ଏବଂ ପାଟି ବାଟେ ଶରୀର ମଧ୍ୟକୁ ଅଧିକ ପାଣି ପ୍ରବେଶ କରୁଥିବାରୁ ମଣିଷ ଶରୀରର ଓଜନ ସେ ଅପସାରିତ କରୁଥିବା ଜଳର ଓଜନଠାରୁ ଅଧିକ ହେଉଥିବାରୁ ମଣିଷ ପାଣିରେ ବୁଡି ଯାଇଥାଏ। ଯଦି ମଣିଷ ଶରୀରକୁ ନାକ ଓ ପାଟି ବାଟେ ପାଣି ପ୍ରବେଶ ନ କରେ ତେବେ ମଣିଷ ଶରୀର ପାଣିରେ ସାଧାରଣତଃ ବୁଡିବ ନାହିଁ ବୋଲି ସେ କହିଛନ୍ତି। ଏହି ଅବସରରେ ଜଳ ଯୋଗଦ୍ୱାରା ଲୋକମାନଙ୍କ ମନରେ ଥିବା ପାଣିବୁଡି ଭୟ ଦୂର କରିବା ପାଇଁ ଜଳ ଯୋଗଗୁରୁ ବରାଳଙ୍କ ଓଡ୍ରାଫ ଏବଂ ସପ୍ତମ ବାଟାଲିୟନ ଯବାନମାନଙ୍କ ସହ ମିଶି ବିନ୍ଦୁ ସାଗରରେ ଜଳ ଯୋଗ କରିଥିଲେ। ଏହି ଅବସରରେ ବରାଳ ଏବଂ ଓଡ୍ରାଫ ଯବାନମାନେ ପାଣିରେ ଭାସି ବିଭିନ୍ନ ପ୍ରକାର ଯୋଗ ଓ ପ୍ରାଣାୟମ ପ୍ରଦର୍ଶନ କରିଥିଲେ।

# ଯୋଗ ଦ୍ୱାରା ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା ସମ୍ଭବ

ଭୁବନେଶ୍ୱର,୨୧।୬ (ଅନୁରାଧା ମହାରଣା)




ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନୁଷ୍ଠିତ ଯୋଗ ଦିବସରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ।

ଓଡ଼ିଶା ରାଜ୍ୟ ପତଞ୍ଜଳି ପରବାର ତଥା ଖୋର୍ଦ୍ଧା ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ନୂଆପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ପଡ଼ିଆରେ ଶୁକ୍ରବାର ଯୋଗ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ପତଞ୍ଜଳି ମୁଖ୍ୟ ସୁଧାଂଶୁ ଶେଖର ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଏବଂ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଛନ୍ତି। ଚଳିତବର୍ଷ ଯୋଗ ଦିବସ ପାଳନର ବିଷୟବସ୍ତୁ 'ସ୍ୱୟଂ ଏବଂ ସମାଜ ପାଇଁ ଯୋଗ' ରଖାଯାଇଥିବାବେଳେ ଏ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି। ଯୋଗ ଦ୍ୱାରା ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା, ବୌଦ୍ଧିକ ବିକାଶ ସହ ଆତ୍ମିକ ଉନ୍ନତି ସମ୍ଭବ ବୋଲି ସେ କହିଛନ୍ତି। ଯୋଗ କେବଳ ଗୋଟିଏ ଦିନର ଅଭ୍ୟାସ ନୁହେଁ ବରଂ ୩୬୫ ଦିନର ଏବଂ ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ମନୁଷ୍ୟକୁ ନୀରୋଗ ରଖିଥାଏ ବୋଲି ଉପମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ବୁଝାଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ ତଥା ଉପକଣ୍ଠ ଏବଂ ଜିଲାର ପ୍ରତ୍ୟେକ ଯୋଗକେନ୍ଦ୍ରରୁ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଯୋଗାଭ୍ୟାସୀ ଉପସ୍ଥିତ ଥିଲେ। ରାଜ୍ୟ ପତଞ୍ଜଳି ଯୁବ ପ୍ରଭାରୀ, ଅମୃତାଂଶୁ ପ୍ରଧାନ, ରାଜ୍ୟ ମିଡିଆ ପ୍ରଭାରୀ କ୍ଷିତୀଶ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କମଳିନୀ ନାୟକ, ନିବେଦିତା ପତି, ସନ୍ଧ୍ୟା ମିଶ୍ର, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲା ପ୍ରଭାରୀ ଶ୍ରୀଧର ବାରିକ ବୀରବର ବିଶ୍ୱାଳ, ସୁଜାତା ମିଶ୍ର, ବିଦ୍ୟାଧର ଜେନା, ସୁନନ୍ଦା ରଥ ପ୍ରମୁଖ ପରିଚାଳନା କରିଥିଲେ।



# ଯୋଗାଭ୍ୟାସ କଲେ ୫୦ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୧।୬(ଅସମାପିକା ସାହୁ)

ମାନସିକ ଏବଂ ଶାରୀରିକ ସ୍ତରରେ ସୁସ୍ଥ ରହିବା ପାଇଁ ଭାରତୀୟ ସଂସ୍କୃତିର ମହାନ ଉଦ୍ଭାବନ 'ଯୋଗ'କୁ ସାରା ବିଶ୍ୱରେ ଯୋଗ ଦିବସ ମାଧ୍ୟମରେ ପହଞ୍ଚାଯାଇ ପାରିଛି। ଅନ୍ତର୍ଜାତୀୟ ଯୋଗ ଦିବସର ମହତ୍ତ୍ୱକୁ ଉପଲବ୍ଧି କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟରେ ୫୦ହଜାରରୁ ଅଧିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଯୋଗାଭ୍ୟାସ କରିଛନ୍ତି। ଯୋଗ କିପରି ଆମକୁ ସୁସ୍ଥ ଓ ନିରୋଗ ରଖିବା ସହିତ ମାନସିକ ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣରେ ରଖୁଛି , ତାହା ଉପରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିଛନ୍ତି।



ପ୍ରୟାସ ଯୋଗ ଅନୁଷ୍ଠାନ ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ ଯୋଗ ପ୍ରଦର୍ଶନ କରୁଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ଯୋଗ ଦିବସ

ଭୁବନେଶ୍ୱର, ୨୧।୬(ଅସମାପିକା ସାହୁ)

ରାଜ୍ୟର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ସାଧାରଣ ଯୋଗ ପ୍ରୋଟକଲ ଅନୁଯାୟୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀଙ୍କ ମଧ୍ୟରେ ଶୁକ୍ରବାର ସକାଳ ୭ଟାରୁ ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଯୋଗନ୍ୟାସ, କ୍ରିୟା, ପ୍ରାଣାୟମ, ଧ୍ୟାନ ଓ ସଂକଳ୍ପ ଆଦି କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଯୋଗ ପ୍ରଦର୍ଶନ ପରେ ଯୋଗ ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ସମ୍ପର୍କରେ ଯୋଗ ଓ ବ୍ୟାୟାମର ଉପକାରିତା ବାବଦରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଭୁବନେଶ୍ୱର ଫରେଷ୍ଟ ପାର୍କରେ ଶୁକ୍ରବାର ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଏଥିରେ ବିଶିଷ୍ଟ ବିଲ୍ଡର ଶ୍ୟାମପ୍ରସାଦ ମିଶ୍ର, ଶିଳ୍ପପତି ସାହୁ, ଆସିଷ୍ଟାଣ୍ଟ ପୋଲିସ କମିଶନର ଉତ୍କଳ ଆଇଚ, ବରିଷ୍ଠ ଆଇନଜୀବୀ ଦିବାକର ମିଶ୍ର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦୁର୍ଯ୍ୟୋଧନ ପରିଡ଼ା, ସାମାଜିକ କର୍ମୀ ଶଙ୍କର ପରିଡ଼ା ପ୍ରମୁଖ ଯୋଗଦେଇଛନ୍ତି।

# ଶରୀର, ମନ, ଆତ୍ମାର ସମନ୍ୱୟ ରଖେ ଯୋଗ

ଭୁବନେଶ୍ୱର, ୨୧।୬(ଅସମାପିକା ସାହୁ)

**ରାଜଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ**

ରାଜଭବନଠାରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସଙ୍କ ନିର୍ଦ୍ଦେଶକ୍ରମେ ଅଭିଷେକ ହଲଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟପାଳଙ୍କ ବ୍ୟକ୍ତିଗତ ଶାସନ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ରାଜ୍ୟପାଳଙ୍କ ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀଙ୍କ ସମେତ ରାଜଭବନର ଅନ୍ୟ ଅଧିକାରୀ ଓ କର୍ମଚାରୀ ସମୂହ ଭାବେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଯୋଗଗୁରୁ ଅଜିତ୍ କୁମାର ରଣା ଏବଂ ନୀଳିମା ପାଲ୍ ଯୋଗ ଶିବିର ପରିଚାଳନା କରିଥିଲେ। ଚାପଗ୍ରସ୍ତ ସମାଜରେ ଶରୀର, ମନ ଓ ଆତ୍ମାର ସମନ୍ୱୟ ପାଇଁ ଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ସୁସ୍ଥ ଶରୀର ଓ ସୁସ୍ଥ ସମାଜ ଗଠନରେ ଯୋଗ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ଶୀର୍ଷକ 'ନିଜ ପାଇଁ ଯୋଗ ଓ ସମାଜ ପାଇଁ ଯୋଗ' ହୋଇଥିବାରୁ ଏହାକୁ ଅଧିକ ସୁଦୂରପ୍ରସାରୀ କରିବା ଉପରେ କାର୍ଯ୍ୟକ୍ରମ ମାଧ୍ୟମରେ ଗୁରୁତ୍ୱାରୋପ କରାଯାଇଥିଲା।



ରାଜଭବନ ପରିସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗଦିବସ।

# ପୂର୍ବତଟ ରେଳପଥ ପାଳିଲା ଯୋଗ ଦିବସ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ଅର୍ନ୍ତଜାତୀୟ ଯୋଗଦଦିବସ ପଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ଏହାର ପରିସୀମା ମଧ୍ୟରେ ଥିବା ବିଭିନ୍ନ ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ସହିତ ବିଭିନ୍ନ ରେଳ ପ୍ରତିଷ୍ଠାନରେ ଏହି ଦିବସ ପାଳନ କରାଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କୋରାପୁଟରେ ଆୟୋଜିତ ଯୋଗ ଅଧିବେଶନରେ ରେଳ କର୍ମଚାରୀ ଓ ଅଧିକାରୀଙ୍କ ସହିତ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଭୁବନେଶ୍ୱରର ରେଳ ବିହାରଠାରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ମଣ୍ଡଳ ରେଳପଥ ପ୍ରବନ୍ଧକ, ଅତିରିକ୍ତ ମଣ୍ଡଳ ରେଳପଥ ପ୍ରବନ୍ଧକମାନେ ସେମାନଙ୍କ ମୁଖ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। କୋରାପୁଟରେ ଆୟୋଜିତ ଯୋଗ ଶିବିରରେ ଅଂଶଗ୍ରହଣ କରି ମହାପ୍ରବନ୍ଧକ ଫୁଙ୍କୱାଲ କହିଛନ୍ତି ଯେ, ଯୋଗ ଶାରୀରିକ ଏବଂ ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ସର୍ବୋତ୍ତମ ଉପାୟ। ଶରୀରର ଆଭ୍ୟନ୍ତରୀଣ ସନ୍ତୁଳନ ବଜାୟ ରଖିବା ନିୟମିତ ଯୋଗ ଅଭ୍ୟାସ କରିବାକୁ ସେ ପରାମର୍ଶ ଦେଇଥିଲେ। ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନା, କୋଚିଂ ଡିପୋ ଏବଂ ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଶାଖା କାର୍ଯ୍ୟାଳୟରେ କର୍ମଚାରୀ ତଥା ଅଧିକାରୀମାନେ ମଧ୍ୟ ଯୋଗ ଦିବସ ପାଳନ କରିଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଦସ୍ୟମାନେ ମଧ୍ୟ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରମୁଖ କାର୍ମିକ ଅଧିକାରୀ ସିଦ୍ଧାର୍ଥ କାଟି ଭୁବନେଶ୍ୱରରେ ଯୋଗ ଦିବସ ପାଳନକୁ ସଂଯୋଜନା କରିଥିବାବେଳେ କୋରାପୁଟରେ ଯୋଗ ଦିବସ ପାଳନକୁ ମଣ୍ଡଳ ରେଳପଥ ପ୍ରବନ୍ଧକ ସୌରଭ ପ୍ରସାଦ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ସ୍ମରଣୀୟ କରାଇବା ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳସଦନ ଠାରେ ରେଳପଥ ମୁଖ୍ୟାଳୟରେ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା।

# ସମସ୍ତେ ଯୋଗ କରିବା ଜରୁରୀ: ମନମୋହନ




ଯୁବମୋର୍ଚ୍ଚା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ କାର୍ଯ୍ୟକ୍ରମରେ ଭାଜପା ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୧।୬(ସୁନିତ୍ ମିଶ୍ର)

ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ମାନସିକ, ଶାରୀରିକ ସୁସ୍ଥତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କଠାରୁ ଆରମ୍ଭକରି ବୟସ୍କ ପର୍ଯ୍ୟନ୍ତ ସଭିଏଁ ଯୋଗ କରିବା ଜରୁରୀ ବୋଲି ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜି ଠାରେ ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ଯୋଗ ଶିବିରରେ ଉପସ୍ଥିତ ରହି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏଥିସହ ଯୋଗ ଦିବସରେ ସମସ୍ତ ଓଡ଼ିଶାବାସୀଙ୍କୁ ସେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମନମୋହନ କହିଛନ୍ତି, ଭାରତ ହିଁ ଯୋଗର ଜନ୍ମଭୂମି। ଯୋଗକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ଭାରତର ପ୍ରଧାନମନ୍ତ୍ରୀ ୨୦୧୪ ଡିସେମ୍ବରରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ଜୁନ୍ ୨୧କୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ୧୭୭ ରାଷ୍ଟ୍ର ସମର୍ଥନ କରିଥିଲେ। ସେହିଦିନରୁ ଭାରତର ଏହି ପ୍ରାଚୀନ କଳାକୁ ସାରା ବିଶ୍ୱ ଆପଣାଇଛି। ଚଳିତ ବର୍ଷ ଯୋଗ ଦିବସର ଶୀର୍ଷକ ' ନିଜ ପାଇଁ ଓ ସମାଜ ଲାଗି ଯୋଗ' ରଖାଯାଇଛି। ତେଣୁ ସମସ୍ତେ ନିୟମିତ ଯୋଗାଭ୍ୟାସ କରିବା ଜରୁରୀ ବୋଲି ମନମୋହନ କହିଛନ୍ତି। ସେହିପରି ଭୁବନେଶ୍ୱରସ୍ଥିତ ମୂଳା ପଡ଼ିଆଠାରେ ଅନୁଷ୍ଠିତ ଯୋଗ ଶିବିରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଉପସ୍ଥିତ ରହି ନୀରୋଗ ରହିବା ପାଇଁ ଯୋଗ ଜରୁରୀ ବୋଲି କହିଛନ୍ତି। ଯୋଗାସନ କରିବା ଦ୍ୱାରା ବ୍ୟକ୍ତି କର୍ମଚଞ୍ଚଳ ହେବା ସହ ପ୍ରଫୁଲ୍ଲ ଚିତ୍ତ ଅନୁଭବ କରେ। ନିୟମିତ ଯୋଗ କରିବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିପାରୁଛି। ଏନେଇ ବ୍ୟସ୍ତବହୁଳ ଜୀବନରେ ସଭିଏଁ ନିୟମିତ ଯୋଗ କରିବାକୁ ମନମୋହନ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଯୋଗ ଦିବସ ଉପଲକ୍ଷେ ଭାଜପା ପକ୍ଷରୁ ରାଜ୍ୟର ଅନେକ ସ୍ଥାନରେ ଯୋଗ ଶିବିର ଆୟୋଜନ କରାଯାଇଛି।



ପୋଲିସ ସେବା ଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ପୋଲିସ କମିଶନର ସଞ୍ଜୀବ କୁମାର ପଣ୍ଡା, ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ସହ ବରିଷ୍ଠ ଅଧିକାରୀମାନେ ଯୋଗ କରୁଛନ୍ତି।



ରସୁଲଗଡ଼ ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ପିଲାମାନଙ୍କୁ ଯୋଗ ଶିକ୍ଷା ଦିଆଯାଉଛି।



ପୁରୀ: କାରିଗର ପଟିଦିଅଁ ପ୍ରସ୍ତୁତିରେ ବ୍ୟସ୍ତ ।



ରଥ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତୀରେ ଶିଳ୍ପୀ ରଙ୍ଗ ଦେଉଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ରଥଖଳାରୁ...

# ରଥ ପାର୍ଶ୍ୱଦେବଦେବୀ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ଆରମ୍ଭ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ମହାରଣା ସେବକ ଏବଂ ଭୋଇ ସେବକମାନଙ୍କ ସହଯୋଗରେ ତିନିରଥ ଚାରି ନାହାକାଗୁଡ଼ିକର ଝାଙ୍କ ସଳଖ କରାଯାଇ (ଚାରି ନାହାକାଗୁଡ଼ିକୁ ସିଧା କରାଯିବା) ପ୍ରଥମ ଭୂଇଁ ଚଉତା ବା ଛକାଠି ସଂଯୋଗ ହୋଇ କଣ୍ଟାବାଡ଼ିଆ ଶେଷ ହୋଇଛି । ତିନିରଥର ଚଉଦ ନାହାକା ଉଠିବା ପରେ ଛକାଠିରେ ପ୍ରଥମ ଭୂଇଁର ପାଖୁଡ଼ା ସଂଯୋଗ ହେବ । ତିନିରଥରେ ଚଉଦ ନାହାକା ଉଠିବା ପୂର୍ବରୁ ଦଣ୍ଡାରେ ଖଦି ଓରା (ନଡ଼ିଆ ଗର) ଆଡକରି ପକାଯାଇ ସେଥିରେ ସେଥିରେ କାପ ଏବଂ ବିନ୍ଧ କରାଯାଇ ସେଟିଙ୍ଗ କରାଯିବ । ତିନି ରଥର ୧୦ଟି ଲେଖାଏ ଚଉଦ ନାହାକା ନିର୍ମାଣ ଶେଷ ହୋଇଥିଲା, ଶୁକ୍ରବାର ତିନି ରଥର ବାକି ୪ଟି ଲେଖାଏ ଚଉଦ ନାହାକା ନିର୍ମାଣ ଶେଷ ହୋଇଛି । ଏଥିସହ ତିନି ରଥର ୪ଟି ଅଁଳାରୁ ୨ଟି ଅଁଳାର ଚଉପଟ କାର୍ଯ୍ୟ ଶେଷ ହୋଇ ଆଉ ଦୁଇଟି ଅଁଳାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରୂପକାର ସେବକମାନେ ତିନିରଥର ନାଟ ଗୋଡ଼ରେ ରାହୁରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି । ଦୋଳ ବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପୋଟଳ ପାଇଁ ପୋଟଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଚିତ୍ରକାର ସେବକମାନେ ତିନି ରଥର ପାର୍ଶ୍ୱ ଦେବଦେବୀ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି ।



ରଥର ଚାରିନାହାକା ଉପରେ ଛଅଖଣ୍ଡ କାଠ ଖଞ୍ଜାଯାଉଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୬।୨୦୨୪

| | |
|---|---|
| ୩,୩୪,୪୪୦ ଟଙ୍କା | |
| ସୁନା | ୨.୨୫୦ ଗ୍ରାମ୍ |
| ରୁପା | ୩୨.୨୦୦ ଗ୍ରାମ୍ |

# ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ: ଉପମୁଖ୍ୟମନ୍ତ୍ରୀ

ଗୋପ,୨୧।୬(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟର ଶତକଡା ୫୦ ପ୍ରତିଶତ ମହିଳା ମିଶନ ଶକ୍ତି ଦ୍ୱାରା ସ୍ୱାବଲମ୍ବୀ ହୋଇପାରିଥିବା ବେଳେ ଏବେ ଏହି ମିଶନ ଶକ୍ତି ବନ୍ଦ ହେବାର ଅପପ୍ରଚାର ଭିତ୍ତିହୀନ ବୋଲି ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗଦେଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପ୍ରଭାତୀ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଥିଲେ, ପର୍ଯ୍ୟଟନ କ୍ଷେତ୍ର ସହିତ ରାଜ୍ୟର ଅନ୍ୟାନ୍ୟ କ୍ଷେତ୍ରର ବିକାଶ ପାଇଁ ଆମ ସରକାର ତତ୍ପର ରହିଛି ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଝୋଟ ୟୁନିଟ୍ ବୁଲି ଦେଖୁଛନ୍ତି ।

ମହିଳାମାନଙ୍କୁ କିପରି ଅଧିକ ସ୍ୱାବଲମ୍ବୀ କରାଯିବ, ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, କାକଟପୁରର ମା' ମଙ୍ଗଳା ମନ୍ଦିର ସହିତ ଆଖ ପାଖରେ ଥିବା ମଠ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ଉପରେ ନଜର ରହିବ । ଏହି ଅବସରରେ ସେ କୋଣାର୍କ ନିକଟସ୍ଥ ଓମ୍ ଗାୟତ୍ରୀ ଝୋଟ ୟୁନିଟ୍ ବୁଲି ଦେଖିବା ସହିତ ସେଠାରେ କାର୍ଯ୍ୟରତ ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଝୋଟ କାମ ଦେଖି ଖୁସିବ୍ୟକ୍ତ କରିଥିଲେ । ଏହି ସମୟରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ଟିଙ୍କିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଗୃହକର୍ତ୍ତା ନ ଥିବାବେଳେ ଘର ତାଲା ଭାଙ୍ଗି ଚୋରି

ଯୋଗେଶ୍ୱରପୁର,୨୧।୬(ରଶ୍ମୀରଞ୍ଜନ ସାହୁ)

ପୋଲିସ ପାଟ୍ରୋଲିଂ ଅଭାବରୁ ନୟାହାଟ ଅଞ୍ଚଳରେ ବାରମ୍ବାର ଚୋରି ହେଉଛି । ଗତ ବୁଧବାର ବିଳମ୍ବିତ ରାତ୍ରରେ ନୟାହାଟ ବଜାରର ପୁରୁଣା ପୋଷ୍ଟ ଅଫିସ ନିକଟରେ ଭଡାଘରେ ରହୁଥିବା ନନ୍ଦିନୀ ବିଶ୍ୱାଳ ଘରେ ଚୋରି ହୋଇଛି । ସେ ତାଲା ପକାଇ ନିଜ ଘରକୁ ଯାଇଥିବାବେଳେ କେତେକ ଦୁର୍ବୃତ୍ତ ତାଲା ଭାଙ୍ଗି ସୁନାଚେନ, କାନଫୁଲ, ପାଉଞ୍ଜି, ନଗଦ ୪ ହଜାର ଟଙ୍କା, ଟିଭି, ଗ୍ୟାସ ସିଲିଣ୍ଡର, ଚାଉଳ ଆଦି ଏକ ପଲସର ବାଇକ୍‌ରେ ବାନ୍ଧି ନେଉଥିବା ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଏ ସମ୍ପର୍କରେ ନନ୍ଦିନୀ ନୟାହାଟ ଫାଣ୍ଡିରେ ଅଭିଯୋଗ କରିବା ପରେ ଗୋପ ପୋଲିସ ଆସି ତଦନ୍ତ ଚଳାଇଛି ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର,୨୧।୬(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଥାନା ଅଧୀନ ସରଦେଇପୁର ଗୋବର୍ଦ୍ଧନପୁର ନଗରରୁ ଶୁକ୍ରବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ ହୋଇଛି । ମୃତା ହେଲେ ମୋନାଲିସା ଓଝା(୨୮) । ସୂଚନା ମୁତାବକ, ବାଲିଅନ୍ତା ଥାନା ଅଧୀନ ବେଣ୍ଣୁପୁର ଗ୍ରାମର ମୋନାଲିସା ୪ବର୍ଷ ପୂର୍ବେ ସରଦେଇପୁର ଗୋବର୍ଦ୍ଧନପୁର ନଗରରେ ରହୁଥିବା ସୁଶାନ୍ତ କୁମାର ମହାରଣାଙ୍କୁ ବିବାହ କରିଥିଲେ । ତେବେ ଶୁକ୍ରବାର ଘର ପଙ୍ଖାରେ ମୋନାଲିସା ଝୁଲୁଥିବା ଦେଖିବାକୁ ମିଳିଥିଲା ।

# ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନରେ ଭକ୍ତ ପୁଣ୍ୟ ଅର୍ଜନ କରେ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ବଳଗଣ୍ଡିସ୍ଥିତ ହାତୀ ଆଖଡା ମଠ ପରିସରରେ ସ୍ନାନ ପୂର୍ଣ୍ଣିମାର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବେଦପାଠ ସହ ସମ୍ପାଦକ ଅଧାପକ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜଗନ୍ନାଥ ତତ୍ତ୍ୱର ବାଖ୍ୟା କରାଯାଇଥିଲା । ଅନୁଷ୍ଠାନର ସଭାପତି ଆଧାପକ ଡ. ବଳରାମ ଦାଶଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଦାସ କହିଥିଲେ, ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନରେ ଭକ୍ତ ପୁଣ୍ୟ ଅର୍ଜନ ସହ ମୁକ୍ତିଲାଭ କରିଥାଏ । ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ରୂପେ ମହନ୍ତ ରାମଚରଣ ଦାସ ଯୋଗଦେଇ କହିଥିଲେ, ଜଗନ୍ନାଥ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ନାଥ । ସ୍ନାନ ପୂର୍ଣ୍ଣିମାର ଗଜାନନ ବେଶ ଅନନ୍ୟ, ଗଣପତି ଭଟ୍ଟ ହାତୀ ବେଶ ଦର୍ଶନ କରି ଦିବ୍ୟଜ୍ଞାନ ଲାଭ କରି ଜଗନ୍ନାଥ ପରମ ବ୍ରହ୍ମବୋଲି ଜାଣି ପାରିଥିଲେ ବୋଲି ଦାସ କହିଥିଲେ । ମୁଖ୍ୟ ବକ୍ତା ରୂପେ ସୀତାରାମ ଦାସ, ସମ୍ମାନିତ ଅତିଥି ରୂପେ ମହନ୍ତ ସୁଖରାମ ଦାସ, ପ୍ରବଚକ ଦଣ୍ଡପାଣି ଦାଶ, ସମାଜସେବୀ ମନୋଜ ରଥ, ବିନୋଦ ପଣ୍ଡା ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ମହିମା ଓ ସ୍ନାନ ପୂର୍ଣ୍ଣମାର ଅନନ୍ୟ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହରିଶଙ୍କର ମିଶ୍ର, ସଦାଶିବ ମିଶ୍ର, ସାରଙ୍ଗଧର ଷଡ଼ଙ୍ଗୀ, ବଶିଷ୍ଠ ଦାସ, ନାରାୟଣ ଦାସ ଏବଂ ଅଂଶୁମାନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଦେବେନ୍ଦ୍ର ଦାଶ, ଅନନ୍ତ ପ୍ରଧାନ, ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଚାରୁଲତା ମିଶ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଦୟାନିଧି ପଣ୍ଡା ପରିଚାଳନା କରିଥିଲେ ।



ଓଡ଼ିଶା ବିଧାନସଭାର ନୂତନ ବାଚସ୍ପତି ସୁରମା ପାଢୀ ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି ।

# ଘର ଥାଇ ବି ବାରଦୁଆର ହେଉଛନ୍ତି ବୃଦ୍ଧ ଦମ୍ପତି

ପିପିଲି,୨୧।୬(ପ୍ରଭାତ ମହାପାତ୍ର)

ଜମିବାଡ଼ି, ଘରଦ୍ୱାର, ପିଲା, ପରିବାର ବର୍ଗ ସମସ୍ତେ ଥାଇ ମଧ ଏକ ବୃଦ୍ଧ ଦମ୍ପତି ଦୀର୍ଘ ୪ ବର୍ଷ ହେବ ଯାଯାବର ଜୀବନ ବିତାଉଛନ୍ତି । ଗୋଟିଏ ବ୍ୟାଗ୍‌ରେ ସମସ୍ତ ଆସବାବପତ୍ର ବୋହି ବାର ଦୁଆର ଶୁଙ୍ଘି ପିଣ୍ଡା ହୋଇ ଦିନ କାଟୁଛନ୍ତି । ଏହି ଘଟଣା ପିପିଲି ଜଗନ୍ନାଥପୁର ଗାଁରେ ଦେଖିବାକୁ ମିଳିଛି । ତେବେ ବୃଦ୍ଧ ଦମ୍ପତି ହେଉଛନ୍ତି ନିକଟସ୍ଥ ଡିହସାହି ଗ୍ରାମର ୬୨ ବର୍ଷୀୟା ଭଗବତ ବରାଳ ଓ କନକ ବରାଳ (୫୫) । କାହିଁକି ବାହାରେ ରହୁଛନ୍ତି ବୋଲି ପଚାରିବାରେ ଉଭୟ କୋହଭରା କଣ୍ଠରେ ମୋ ପରିବାର ମୋତେ ଅଲଗା କରି ଦେଇଥିବା କହିଥିଲେ । ଘରେ ପିଲାମାନେ ମାରଧର କରୁଛନ୍ତି । ଘରେ ଆମକୁ ନିର୍ଯାତନା ଦିଆଯାଉଛି । ତେଣୁ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଜାଣି ଅନେକ ଥର ପିପିଲି ଥାନାର ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ପରିବାର କଳହ ପାଇଁ ଉଚିତ୍ ନ୍ୟାୟ ନ ପାଇ ପୂର୍ବ ପରି ନିର୍ଯାତନାର ଶିକାର ହୋଇ ପରିବାର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ । ଯିଏ କେହି ସେମାନଙ୍କୁ ଦୟା ଦେଖାଉଛନ୍ତି, ତାଙ୍କୁ ବି ଦମ୍ପତିଙ୍କ ପରିବାର ଲୋକେ ଗାଳିଗୁଲଜ କରୁଛନ୍ତି । ତେଣୁ ସେମାନେ ବାଧହୋଇ ବାହାରେ ଜୀବନ ଅତିବାହିତ କରୁଥିବା କହିଥିଲେ । ଏଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଥିବାବେଳେ ବୃଦ୍ଧ ଦମ୍ପତିଙ୍କୁ ପୋଲିସ ପ୍ରଶାସନ ନ୍ୟାୟ ଦେବାକୁ ଦାବି ହେଉଛି ।

# କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଦ୍ୟୁତ କର୍ମଚାରୀଙ୍କ ଧାରଣା

ପିପିଲି,୨୧।୬
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପିପିଲି ବିଦ୍ୟୁତ ବିଭାଗ(୨) କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ କଲ୍ୟାଣ ସୂତ୍ରଧରଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଶୁକ୍ରବାର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଥିଲେ । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାନଗଲେ ପିପିଲି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରଖାଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ୧୫ଜଣ ଯୁବକ ଟିଚର କଲୋନୀର ଶ୍ରୀଧର ସାହୁଙ୍କ ବିଦ୍ୟୁତ ସଂଯୋଗ କାହିଁକି ଦେଇନୁ କହି ବିଦ୍ୟୁତ କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ବିଦ୍ୟୁତ ସଂଯୋଗ ପାଇଁ ଖୁଣ୍ଟ ଆବଶ୍ୟକ ବୋଲି କନିଷ୍ଠ ଯନ୍ତ୍ରୀ କହିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି । ଯନ୍ତ୍ରୀଙ୍କ ସହକର୍ମୀ ରାକେଶ ବେହେରାଙ୍କୁ ମଧ ମାଡ଼ ମରାଯିବା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫିଙ୍ଗି ଦେଇଥିଲେ । ଅଭିଯୋଗ ଭିତ୍ତିରେ ପୋଲିସ ଏକ ମାମଲା (ନଂ. ୨୯୯/୨୪) ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ନେଇ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି କହିଛନ୍ତି ।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ମହାପ୍ରଭୁଙ୍କ ପାଟବସ୍ତ୍ର, ସୂତା ଲୁଗା

ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)

ଚଳିତବର୍ଷ ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଲୁଗା ଓ ପାଟବସ୍ତ୍ର ଗୁରୁବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛି । ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାରଙ୍କ ପକ୍ଷରୁ ଏହି ପାଟବସ୍ତ୍ର ଓ ସୂତା ଲୁଗା ଯୋଗାଇ ଦିଆଯାଉଛି । ଏନେଇ ବୁଣାକାର ଗୋପୀନାଥ ଦାସ କହିଛନ୍ତି, ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ତାଲିକା ପାଇବା ପରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଠିକ୍ ସମୟରେ ସରିଛି ।

ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡ଼ଣୀ, ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରାବନ୍ଧୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ ଯାଇଛି । ବଡ଼ସିଂହାର ବେଶ ଲାଗି (ଗୀତଗୋବିନ୍ଦ ବହିର ତୃତୀୟ ପୟାର ପ୍ରଥମ ଶ୍ଳୋକ) କଂସାରୀ ରପି ସଂସାର, ବାସନାବନ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀଃ ଲେଖାଥିବା ଗୀତଗୋବିନ୍ଦ ପାଟ ଠାକୁରଙ୍କ ନିତିଦିନିଆ ରାତି ବଡ଼ସିଂହାର ବେଶ ଲାଗି ପଠାଯାଇଛି ।

# ଡେଲାଙ୍ଗ ଆଦର୍ଶ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ

ଡେଲାଙ୍ଗ,୨୧।୬(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ବେରବୋଇଠାରେ ନବନିର୍ମିତ ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାରଠାରୁ ପାଠପଢା ଆରମ୍ଭ ହୋଇଛି । ଏହି ଅବସରରେ ଅଭିଭାବକ ମହାସଂଘ ପକ୍ଷରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନଙ୍କୁ ନୂତନ ବିଦ୍ୟାଳୟକୁ ପାଛୋଟି ନିଆଯାଇ ସ୍ୱାଗତ କରାଯାଇଛି । ଅଭିଭାବକ ମହାସଂଘ ସଭାପତି ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତର୍ଜାତୀୟ ଯୋଗ ଦିବସରେ ନୂତନ ଗୃହ ପ୍ରବେଶ କରିଥିବାରୁ ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷା ସହିତ କ୍ରୀଡ଼ା, ଯୋଗ ଓ ଚିତ୍ରାଙ୍କନ ପରି କୌଶଳରେ ପାରଦର୍ଶିତା ହାସଲ କରିବାକୁ ସଭାପତି ପ୍ରଧାନ ଆହ୍ୱାନ ଦେଇଥିଲେ । ଅଭିଭାବକ ସଂଘ ସମ୍ପାଦକ ମୋହନ ମହାନ୍ତି, ଅଭିଭାବକ ପ୍ରଶାନ୍ତ ବେହେରା, ବସନ୍ତ ବେହେରା,ଜୟନ୍ତୀ ନାୟକ, ବିଶ୍ୱନାଥ ନାୟକ, ରଶ୍ମିରଞ୍ଜନ ଦାଶ, ଚିନ୍ମୟ ମହାନ୍ତି, ରୀନା ବେହେରା, ଦେବେନ୍ଦ୍ର ବେହେରା, ସ୍ନେହଲତା ରାଉତ, ବିଶ୍ୱଜିତ ପଣ୍ଡା, ଅଶୋକ ଜେନା, ବିକାଶ ସ୍ୱାଇଁ, ବିଶ୍ୱନାଥ ମଙ୍ଗରାଜ, ସତ୍ୟାନନ୍ଦ ପ୍ରଧାନ ପ୍ରମୁଖଙ୍କ ସହିତ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ । ସୂଚନା ଥାଉକି, ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ସମାପ୍ତ ନ ହେବା ପୂର୍ବରୁ ଛାତ୍ରୀଛାତ୍ରମାନେ ମହତାବ ଉଚ୍ଚ ବିଦ୍ୟାଳୟ ଅସ୍ଥାୟୀ ଭାବେ ପାଠପଢୁଥିଲେ ।




କାର୍ଯ୍ୟକ୍ରମ ଶିକ୍ଷୟତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ ।

# ଶ୍ରୀମନ୍ଦିରଠୁ ବେଳାଭୂମି ସବୁଠି କଡ଼ା ସୁରକ୍ଷା

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ସ୍ନାନଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପ୍ରବଳ ଭକ୍ତଙ୍କ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଆଇନ୍‌ଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଶୁକ୍ରବାର ପୋଲିସ ରିଜର୍ଭ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାଞ୍ଚଳ ଆଇଜି ସଞ୍ଜୟ କୌଶଳ,ଏଡିଜି ଦୟାଲ ଗଙ୍ଗୱର ଏବଂ ଡାଇରେକ୍ଟର ଇଣ୍ଟେଲିଜେନ୍ସ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ସହ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ଅଧିକାରୀମାନେ ସ୍ନାନଯାତ୍ରାର ବ୍ୟବସ୍ଥାବଳୀ ସମ୍ପର୍କରେ ଅଧିକାରୀ ଓ ପୋଲିସ କର୍ମଚାରୀମାନଙ୍କୁ ଅବଗତ କରାଇଛନ୍ତି । ସମୀକ୍ଷା ବୈଠକ ପରେ ଏସ୍‌ପି ମିଶ୍ର ପୋଲିସ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କହିଥିଲେ, ଚଳିତ ବର୍ଷ ସମୁଦାୟ ୬୮ ପ୍ଲାଟୁନରୁ ଉର୍ଦ୍ଧ୍ୱ ପୋଲିସ ଫୋର୍ସ ସହରରେ ମୁତୟନ ହେବା ସହ ପହଣ୍ଡି ସମୟରେ ଶ୍ରୀମନ୍ଦିର ଭିତରେ ଓ ଶ୍ରୀମନ୍ଦିର ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାକୁ ୫ଟି ଭାଗରେ ବିଭକ୍ତ କରାଯାଇଛି । ଏଥିରେ ୪ ଜଣ କମାଣ୍ଡାଣ୍ଟ ତଥା ଏସ୍‌ପି ର୍ୟାଙ୍କ ଅଫିସରଙ୍କ ସହ ୧୫ ଜଣ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୩୦ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି ର୍ୟାଙ୍କ ଅଫିସର, ୬୫ ଜଣ ସୁବେଦାର୍ ତଥା ଇନ୍ସପେକ୍ଟର, ୩୨୩ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫୧ ଜଣ ହାବିଲଦାର, ୧୨ ଜଣ ଟ୍ରାଫିକ୍ ହାବିଲଦାର, ୩୬୫ ଜଣ କନଷ୍ଟେବଲ, ୫୨ ଜଣ ଟ୍ରାଫିକ୍ କନଷ୍ଟେବଲ, ୫୯୪ ଜଣ ହୋମ୍‌ଗାର୍ଡ ଏବଂ ୬୮ ପ୍ଲାଟୁନ୍ ୧ ସେକ୍ସନ୍ ଫୋର୍ସ ମୁତୟନ ହେବେ । ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଜଣେ କମାଣ୍ଡାଣ୍ଟ ର୍ୟାଙ୍କ୍ ଅଧିକାରୀ, ୨ ଡେପୁଟି କମାଣ୍ଡାଣ୍ଟ , ୬ ଜଣ ଆସିଷ୍ଟାଣ୍ଟ, ୧୦ ଜଣ ସୁବେଦାର୍ ତଥା ଇନ୍ସପେକ୍ଟର, ୮୭ ଜଣ ଏସ୍ ଆଇ ଓ ଏଏସ୍ ଆଇ, ୩୪ ଜଣ ହାବିଲଦାର, ୧୨ ଜଣ ଟ୍ରାଫିକ୍ ହାବିଲଦାର, ୧୪୦ ଜଣ କନେଷ୍ଟବଲ, ୪୬ ଜଣ ଟ୍ରାଫିକ୍ କନଷ୍ଟେବଲ, ୪୦୬ ଜଣ ହୋମ୍‌ଗାର୍ଡ, ୮ ପ୍ଲାଟୁନ୍ ୨ ସେକ୍ସନ୍ ଫୋର୍ସ ମୁତୟନ ହେବେ । ବେଳାଭୂମିରେ ଯାତ୍ରୀଙ୍କ ନିୟନ୍ତ୍ରଣ ପାଇଁ ଜଣେ ଡେପୁଟି କମାଣ୍ଡାଣ୍ଟ, ଜଣେ ଆସିଷ୍ଟାଣ୍ଡ୍ କମାଣ୍ଡାଣ୍ଟ, ଜଣେ ଇନ୍ସପେକ୍ଟର, ୯ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୮ ଜଣ କନଷ୍ଟେବଲ, ୩୦ ଜଣ ହୋମ୍‌ଗାର୍ଡ ଓ ୧ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ । ଅନ୍ୟାନ୍ୟ ସେବା ପାଇଁ ୨ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଏବଂ ୨ ସେକ୍ସନ୍ ଫୋର୍ସ ମୁତୟନ ହେବେ ବୋଲି ଏସପି ମିଶ୍ର କହିଛନ୍ତି । ମରିଚିକୋଟଠାରୁ ଶ୍ରୀମନ୍ଦିର ଚାରିପାଖକୁ ନୋ ଭେଇକିଲ୍ ଜୋନ ଘୋଷଣା କରାଯାଇଛି । କେବଳ ପାସ୍‌ଧାରୀମାନଙ୍କ ନିମନ୍ତେ କଟକଣା ନାହିଁ । ସେହିପରି ଗାଡିଗୁଡିକ ପାର୍କି ନିମନ୍ତେ ଶ୍ରୀଜଗନ୍ନାଥ ବଲଭ ପାର୍କି, ମେଡିକାଲ ଛକଠାରେ ହୋଇଥିବା ବହୁତଳ ପାର୍କିଠାରେ ଚାରିଚକିଆ ଗାଡି ପାର୍କି ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର ଆଡୁ ଆସୁଥିବା ବସଗୁଡିକ ବସଷ୍ଟାଣ୍ଡକୁ ଯାଇପାରିବେ । ଭିଆଇପି ବା ପ୍ରୋଟକଲ ଗାଡି ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିରେ ପାର୍କି କରାଯିବ । ଗାଡିଗୁଡିକ ଶ୍ରୀସେତୁ ଦେଇ ଆସିବ । ଯଦି ଗହଳି ଅଧିକ ହୁଏ ତେବେ ଭିଆପିଙ୍କ ଗାଡି ଲୋକନାଥ ରୋଡ ଦେଇ ଗଦାଧର ସ୍କୁଲ ପର୍ଯ୍ୟନ୍ତ ଆସିବ । ଯେଉଁମାନେ ଭୁବନେଶ୍ୱର ଆଡୁ ଚାରିଚକିଆରେ ଆସିବେ ସେମାନେ ବୀରହେରେକୃଷ୍ଣପୁର ଛକ ଠାରୁ ଶ୍ରୀସେତୁ ଦେଇ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କି ଠାରେ ଗାଡି ପାର୍କି କରିବେ । ପୁରୀ ଟାଉନ୍ ବସ୍, ଅଟୋ ରିକ୍ସାକୁ ବଡ଼ଦାଣ୍ଡରେ ମେଡିକାଲ୍ ଛକ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯିବ । ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ହାଲୁକା ମୋଟର ଜାନ ଗୁଡିକର ଯାତ୍ରିକା, ବ୍ଲୁ ଫ୍ଲାଗ ବେଳାଭୂମି ଏବଂ ହୋଟେଲ ନୀଳାଚଳ ଅଶୋକାରେ ପାର୍କିଂ କରିବେ । କୌଣସି ସହାୟତା ଆବଶ୍ୟକ ହେଲେ ୨୪୦୭ ପୁରୀ ପୋଲିସ୍ ସହାୟତା ନମ୍ବର –୬୩୭୦୯୬୭୧୦୦ ରେ ଯୋଗାଯୋଗ କରିପାରିବେ ।

## ମରିଚିକୋଟଠାରୁ ଶ୍ରୀମନ୍ଦିର ଚାରିପାଖ ନୋ ଭେଇକିଲ୍ ଜୋନ

# 'ପ୍ରାଥମିକତାଭିତ୍ତିରେ ଜଳବନ୍ଦୀ ସମସ୍ୟା ଦୂରକର'

କଟକ,୨୧।୬(କାର୍ତ୍ତିକ ସାହୁ)

## ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା



କଟକ ସହରରେ ଜଳବନ୍ଦୀ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ଦୂର କରିବା ପାଇଁ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଯାଇଥିବାରୁ କଟକ ମହାନଗର ନିଗମ(ସିଏମ୍ସି) ଓ ଜିଲା ପ୍ରଶାସନ ତତ୍ପର ହେବାକୁ ହାଇକୋର୍ଟ କହିଛନ୍ତି। ବର୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ବଡ଼ନାଳ ଓ ସଂଯୋଗକାରୀ ନାଳକୁ ତୁରନ୍ତ ସଫା କରିବାକୁ ହାଇକୋର୍ଟ ସିଏମ୍ସିକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ସହର ସମସ୍ୟା ଆଧାରିତ ବିଭିନ୍ନ ଅଭିଯୋଗଗୁଡ଼ିକୁ ଗ୍ରହଣ କରି ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଶୁକ୍ରବାର ଶୁଣାଣିବେଳେ ବକ୍ସ ଡ୍ରେନ୍ ଓ ମୁଖ୍ୟ ନାଳ ଉପରୁ ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। କଟକ ଡିସିପି ପ୍ରକାଶ ଆର୍, ଅତିରିକ୍ତ ଡିସିପି ଅନିଲ ମିଶ୍ର ଓ ଟ୍ରାଫିକ ଏସିପି ସୁଶାନ୍ତ କୁମାର ସିଂହ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦର ପ୍ରମାଣ ଭାବେ ଫଟୋ ଦେଖାଇଥିଲେ। ଏହାପରେ ପ୍ରତିଦିନ ବିଭିନ୍ନ ଥାନା ଅଞ୍ଚଳରେ ଜବରଦଖଲ ଯାଞ୍ଚ କରାଯିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପିସିଆର୍ ଭ୍ୟାନ୍ ବିଭିନ୍ନ ସ୍ଥାନକୁ ଯାଇ ଜବରଦଖଲ ସ୍ଥଳ ଯାଞ୍ଚ କରିବ। ଜବରଦଖଲ ଉଚ୍ଛେଦ କରାଯାଇଥିବା ସ୍ଥାନରେ ଯେପରି କେହି ପୁଣି ଜବରଦଖଲ ନ କରନ୍ତି ଏଥିପ୍ରତି ଥାନାଧିକାରୀ ଗୁରୁତ୍ୱ ଦେବେ। ସିଏମ୍ସି ମଧ୍ୟ ଏ ଦିଗରେ ସଚେତନତା ସୃଷ୍ଟି କରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ରାସ୍ତା ଉପରେ ବେଆଇନ ପାର୍କିଂ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତିଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ସହରରେ ବେଆଇନ ପାର୍କିଂ ସ୍ଥିତି ଯାଞ୍ଚ କରିଥିଲା। ବିଶେଷକରି ଲିଙ୍କରୋଡ୍ରୁ ବାଦାମବାଡ଼ି ମଧ୍ୟରେ ରାସ୍ତାପାର୍ଶ୍ୱରେ ବସ୍, କାର୍ ଓ ବାଇକ୍ ଆଦି ବହୁ ଭାବେ ପାର୍କିଂ କରାଯାଉଥିବା ବାର୍ ସଭାପତି ହାଇକୋର୍ଟଙ୍କୁ ଅବଗତ କରିଥିଲେ।

ଅନ୍ୟ ଏକ ପ୍ରମୁଖ ସମସ୍ୟା ଜଳ ନିଷ୍କାସନ ପାଇଁ କେଉଁ କେଉଁ ସ୍ଥାନରେ କେତେ ସଂଖ୍ୟକ ପମ୍ପ ଲଗାଯାଇଛି। ପମ୍ପକୁ କେତେ ସମୟ ଚଲାଯାଇଥିବାର ତଥ୍ୟ ପ୍ରଦାନ ଲାଗି ସିଏମ୍ସିକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ସିଏମ୍ସି ପକ୍ଷରୁ ୨୦୨୪ ବର୍ଷ ଲାଗି ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଲଗାଣ ବର୍ଷା ସମୟରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା, ରାପିଡ୍ ଆକ୍ସନ ଫୋର୍ସ ଗଠନ କରିବା, ତଳିଆ ଅଞ୍ଚଳରୁ ଜଳ ନିଷ୍କାସନ କରିବା ଏବଂ ଡ୍ରେନ୍ରେ ଜମାଟ ବାନ୍ଧିଥିବା ଆବର୍ଜନା ସଫା କରିବା ଗୁରୁତ୍ୱ ଦିଆଯାଇଛି। ସିଏମ୍ସି ପକ୍ଷରୁ ୪୦୩.୧୩ କି.ମି ଡ୍ରେନ୍ ମଧ୍ୟରୁ ୩୪୭.୫୭ କି.ମି. ଡ୍ରେନ୍ ଉପରେ କଂକ୍ରିଟ ସ୍ଲାବ୍ ପକାଯାଇଛି। ପୁଣି ୪୨.୬ କି.ମି. ଡ୍ରେନ୍ରେ ସ୍ଲାବ୍ ପକାଯାଉଥିବାବେଳେ ୧୨.୯ କିମି ମୁକୁଳା ଡ୍ରେନ୍ରେ ବାଉଁଶବାଡ଼ା ବୁଲାଇବା କାର୍ଯ୍ୟ ଜୁଲାଇ ୧୦ ସୁଦ୍ଧା ଶେଷ କରାଯିବ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ସେହିପରି ସିଏମ୍ସି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଆକାରରେ ଜଣାଇବାକୁ ନଗର ଉନ୍ନୟନ ସଚିବ ଓ ସିଏମ୍ସି କମିଶନରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ହାଇକୋର୍ଟ ଶୁଣାଣି କରି ଆବଶ୍ୟକ ଆଦେଶ ପ୍ରଦାନ କରିଛନ୍ତି।

# ସୁପର ସକ୍ସନ ମେଶିନରେ ଡ୍ରେନ୍ ସଫେଇ

କଟକ,୨୧।୬(କାର୍ତ୍ତିକ ସାହୁ)



ମେଶିନ ସାହାଯ୍ୟରେ ନାଳରୁ ଆବର୍ଜନା କଢ଼ାଯାଉଛି।

କଟକ ସହରର ଜଳବନ୍ଦୀ ସମସ୍ୟା ଦୂର ପାଇଁ କଟକ ମହାନଗର ନିଗମ (ସିଏମ୍ସି) ପକ୍ଷରୁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ପ୍ରାୟ ୨ କୋଟି ଟଙ୍କା ମୂଲ୍ୟର ହାଇପ୍ରେସର ସୁପର ସକ୍ସନ ମେଶିନ୍ ଏହି ସମସ୍ୟାର ସମାଧାନ କରିବ। ସିଏମ୍ସି ମେୟର ସୁବାସ ସିଂଙ୍କ ଉପସ୍ଥିତିରେ ଏହି ମେଶିନ୍ର କାର୍ଯ୍ୟ ବକ୍ସଡ୍ରେନ୍ ଉପରେ ଶୁକ୍ରବାର ଆରମ୍ଭ କରାଯାଇଛି।

ସୂଚନା ଅନୁସାରେ, କଟକ ସହରରେ ବର୍ଷା ସମୟରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବା ପଛରେ ପ୍ରମୁଖ କାରଣ ହେଉଛି ଡ୍ରେନ୍। ଡ୍ରେନ୍ ଜାମ୍ ରହୁଥିବାରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଅତ୍ୟାଧୁନିକ ମେଶିନ୍ ଦ୍ୱାରା ଡ୍ରେନ୍ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ନବନିର୍ମିତ ବକ୍ସ ଡ୍ରେନ୍ରେ ଏହି ମେଶିନ୍ ଦ୍ୱାରା ସଫେଇ କାର୍ଯ୍ୟକୁ ମେୟର ସିଂ ଉଦ୍‌ଘାଟନ କରି କହିଛନ୍ତି, ଏହି ମେଶିନ୍ ଦ୍ୱାରା ବଡ଼ ବଡ଼ ନାଳନର୍ଦ୍ଦମାରୁ ପଙ୍କ, ଇଟା ଓ ପଥର ବାହାର କରାଯାଇପାରିବ। ବକ୍ସ ଡ୍ରେନ୍ର ଛାତ ଏବେ ଚାରିଚିକିଆ ସଡ଼କ ରୂପେ ବ୍ୟବହାର ହେଉଛି। ଏହାର ସଫେଇ ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। କଟକରେ ପ୍ରଥମ ଥର ପାଇଁ ଏହି ଅତ୍ୟାଧୁନିକ ମେଶିନ କାର୍ଯ୍ୟରେ ଲାଗିଛି। କଠିନ ବର୍ଜ୍ୟ ଉତ୍ତୋଳନ କରିବା କ୍ଷେତ୍ରରେ ଭାରତରେ ବ୍ୟବହୃତ ଏହା ସର୍ବାଧୁନିକ ଯନ୍ତ୍ର। ପ୍ରାୟ ୨୦୦ ମିଟର ଦୂରରୁ ଡ୍ରେନ୍ ମଧ୍ୟରୁ ପଙ୍କ ସାଙ୍ଗକୁ ଇଟା ଓ ପଥର ଭଳି ବିଭିନ୍ନ କଠିନ ବର୍ଜ୍ୟ ବାହାର କରିବାର କ୍ଷମତା ଏହି ଯନ୍ତ୍ରର ରହିଛି। ଦିଲ୍ଲୀରୁ ଆସିଥିବା ଏହି ଯନ୍ତ୍ର କେଶରପୁର ଅଞ୍ଚଳରେ ବକ୍ସଡ୍ରେନ ସହ ସଂଯୋଗ କରାଯାଇଛି। ବୁଧବାର ଅପରାହ୍ନରେ ପରୀକ୍ଷାମୂଳକ ଭାବେ କିଛି ସମୟ ପାଇଁ ସଫେଇ କରାଯାଇଥିଲା। ଏହା ନିୟମିତ ଚାଲିବ। ବର୍ଷ ବର୍ଷ ଧରି ଚାଲିଥିବା ବକ୍ସଡ୍ରେନ କାର୍ଯ୍ୟ ପ୍ରାୟ ଶେଷ ହେବା ପରେ ଏବେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଜଳ ନିଷ୍କାସନକୁ ନ ଅଟକାଇ ସଫେଇ ହୋଇପାରିବା ଭଳି ବ୍ୟବସ୍ଥା ନେଇ ବକ୍ସଡ୍ରେନ୍ର ନିର୍ମାଣ ହୋଇଥିବାରୁ ପାଣି ଖସିବାର ପ୍ରକ୍ରିୟା ବାଧାପ୍ରାପ୍ତ ହେବନାହିଁ। ଗଣ୍ଡାଡିଆ କେଶରପୁର ନିକଟରେ ସଫେଇ ପାଇଁ ବାଟ ଖୋଲାଯାଇଛି ଏବଂ ସମଗ୍ର ବକ୍ସଡ୍ରେନ ଛାତ(ଚାରିଚିକିଆ ସଡ଼କ)ର ୧୪ଟି ସ୍ଥାନରେ ଏ ବ୍ୟବସ୍ଥା ରହିଛି। ଏଠି ସ୍ଲାବ ବଦଳରେ କଂକ୍ରିଟ ବିମ୍ ବିଛାଯାଇଛି। ଏଗୁଡ଼ିକୁ ହାଇଡ୍ରା ଯନ୍ତ୍ରଯାନ ଦ୍ୱାରା ଅପସାରିତ କରାଯିବ। ବକ୍ସ ଡ୍ରେନ ସଫେଇ ପର୍ଯ୍ୟାୟ କ୍ରମେ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗଣ୍ଡାଡିଆ କେଶରପୁରରୁ ବଜ୍ରକବାଟି ଛକ ପର୍ଯ୍ୟନ୍ତ ହେବ। ବକ୍ସଡ୍ରେନ ଭିତରେ ଲମ୍ବ ଭାବରେ ବିଭାଜନ କାନ୍ଥ ରହିଛି। ଗୋଟିଏ ପଟର ନିଷ୍କାସନକୁ ବନ୍ଦ କରି ସଫେଇ କରାଯାଉଥିଲାବେଳେ ଅନ୍ୟପଟରେ ନିଷ୍କାସନ ସ୍ୱାଭାବିକ ଭାବେ ଚାଲିପାରିବ। ଏପରି ପର୍ଯ୍ୟାୟ କ୍ରମେ ପଟାପୋଲରୁ ଛତ୍ରବଜାର ପର୍ଯ୍ୟନ୍ତ ସମଗ୍ର ବକ୍ସ ଡ୍ରେନ ସଫା ହେବ ବୋଲି ମେୟର କହିଛନ୍ତି। କର୍ପୋରେଟର ପ୍ରଦୀପ୍ତ କୁମାର ସାହୁ, ଦେବେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩ ବର୍ଷରେ ଶେଷ ହେବ ଏଏଚ୍ପିଜିଆଇସି ନୂତନ କୋଠା ନିର୍ମାଣ

କଟକ,୨୧।୬(ଶିଲ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ (ଏଏଚ୍ପିଜିଆଇସି)ର ନୂତନ କୋଠା ନିର୍ମାଣ କାମ ଆସନ୍ତା ୩ ବର୍ଷ ମଧ୍ୟରେ ଶେଷ ହେବ। କିଛି ସପ୍ତାହ ମଧ୍ୟରେ କାମ ଆରମ୍ଭ ହେବ ବୋଲି ମେଡିକାଲ ପକ୍ଷରୁ ସୂଚନା ରହିଛି। ୯୦୦ କୋଟି ଟଙ୍କା ବ୍ୟୟରେ ୧୫ ମହଲା ବିଶିଷ୍ଟ କୋଠା ନିର୍ମାଣ ହେବ। ଏଥିରେ ୧୦୦୦ ବେଡ୍ ବ୍ୟବସ୍ଥା କରାଯିବ। ସେଥିମଧ୍ୟରେ ୬୦ଟି ଆଇସିୟୁ ବେଡ୍ ରହିଛି। ଏଥିସହ ୧୨ଟି ଅତ୍ୟାଧୁନିକ ଓଟି ବ୍ୟବସ୍ଥା, ୯ଟି ଓଟି ଆଉଟଡୋର, ଜରୁରିକାଳୀନ ବିଭାଗ, ପାଥୋଲୋଜି ବ୍ୟବସ୍ଥା କରାଯିବ। ଏହି ନୂତନ କୋଠା ନିର୍ମାଣ ପାଇଁ ମେଡିକାଲର କେତେକ କୋଠା ଭଙ୍ଗାଯିବ। ଏନେଇ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ କହିଛନ୍ତି, ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଯୋଗୁ କାର୍ଯ୍ୟର ଆରମ୍ଭ ହୋଇପାରି ନ ଥିଲା। ଆସନ୍ତା କିଛି ସପ୍ତାହ ମଧ୍ୟରେ ଟେଣ୍ଡର ଡକାଯାଇ ଏହି କାର୍ଯ୍ୟ ଆରମ୍ଭ ହେବ। ୩ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଶୁକ୍ରବାର ସାକ୍ଷାତ୍ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଧର୍ମିଣୀ ପ୍ରିୟଙ୍କା ମାର୍ଣ୍ଡି।

# 'ସମାଜକୁ ଶୃଙ୍ଖଳିତ କରେ ଶାସ୍ତ୍ରୀୟ ସଙ୍ଗୀତ'

କଟକ,୨୧।୬(କାର୍ତ୍ତିକ ସାହୁ)

## କଳାବତୀ କଳା ନିକେତନରେ ବିଶ୍ୱ ସଙ୍ଗୀତ ଦିବସ

ବିଡାନାସୀ ତାରିଣୀ ବିହାରସ୍ଥିତ କଳାବତୀ କଳା ନିକେତନରେ ବିଶ୍ୱ ସଙ୍ଗୀତ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆକାଶବାଣୀର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ପ୍ରସେନ୍‌ଜିତ ମହାନ୍ତି ଯୋଗଦେଇ କହିଛନ୍ତି, ଶାସ୍ତ୍ରୀୟ ସଙ୍ଗୀତ ସମାଜକୁ ଶୃଙ୍ଖଳିତ କରିଥାଏ। ସେହିପରି ଅନ୍ୟତମ ଅତିଥି ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପମହାନିର୍ଦ୍ଦେଶିକା ଡ. ଜୟନ୍ତୀ ମଞ୍ଜରୀ ରଥ କହିଛନ୍ତି, ଶାସ୍ତ୍ରୀୟ ସଙ୍ଗୀତ ସାଧନା କଲେ ଏକାଗ୍ରତା ବଢ଼ିବା ସହ ପରମ ଆନନ୍ଦ ମିଳେ। ସମ୍ମାନୀତ ଅତିଥି ଏସିପି କୃଷ୍ଣଚନ୍ଦ୍ର ସେଠୀ ଶାସ୍ତ୍ରୀୟ ସଙ୍ଗୀତ କବଚ ସଦୃଶ କାମ କରେ ବୋଲି କହିଥିଲେ। ସଙ୍ଗୀତ ଗୁରୁ ବିଶ୍ୱନାଥ ମିଶ୍ର ଅଧ୍ୟକ୍ଷତା କରି ସଙ୍ଗୀତ ଦିବସର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଡ. ସନାତନ ପଣ୍ଡାଙ୍କ ରଚିତ ଗୁରୁ ବନ୍ଦନା ଗାନ କରିଥିଲେ। ତ୍ରିନାଥ ଜେନା, ପ୍ରିୟନାଥ ମିଶ୍ର, ରୀନା ମିଶ୍ର, ଦେବସ୍ମିତା ମିଶ୍ର, ବିଭୁପ୍ରସାଦ ମିଶ୍ର, ଅନନ୍ୟା ମିଶ୍ର, ଗୀତାଞ୍ଜଳି ପଣ୍ଡା, ଶ୍ୟାମଳୀ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ତ୍ରିନାଥ ଜେନା ଧନ୍ୟବାଦ ଦେଇଥିଲେ।




କଳାବତୀ କଳା ନିକେତନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଭଲ ମଣିଷ ହୁଅନ୍ତୁ ଛାତ୍ରୀଛାତ୍ର

## କଳିଙ୍ଗ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ଚୌଦ୍ୱାର,୨୧।୬(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠର ୬୪ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରି ବିଦ୍ୟାପୀଠର ଉନ୍ନତି ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ତଥା ବିଦ୍ୟାଳୟର ପୁରାତନ ଛାତ୍ରୀ ଅର୍ଚ୍ଚିତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହିତ ଭାବର ଆଦାନପ୍ରଦାନ କରିବା ସହ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ସମିତି ଆଲୁମ୍ନି କମିଟି ସଭାପତି ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଇଓ କୁନ୍ତଳା ଖଟୁଆ, ଡ. ତ୍ରିଦିବ ବେହେରା, ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'କଳିଙ୍ଗା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ ବିବରଣୀ ପାଠ, ଆଲୁମ୍ନି ସମିତି ସମ୍ପାଦକ ତଥା କାଉନସିଲର ଆଶୁତୋଷ ଦାସ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଆଲୁମ୍ନି ସମିତି କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କପାଳେଶ୍ୱର ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ମଙ୍ଗୁଳି-ଜଗତପୁର, ୨୧।୬(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ଅଧୀନ ୪ ନମ୍ବର ୱାର୍ଡସ୍ଥିତ କପାଳେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର ମହାବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମି ରାଉତରାୟ, ମୁଖ୍ୟବକ୍ତା ବିଇଓ କୁନ୍ତଳା ଖଟୁଆ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବିଇଓ ଅରୁନ୍ଧତୀ ମିଶ୍ର, ସୁଷମା ଦେଇ, କାଉନ୍ସିଲର ଅଜୟ ବେହେରା ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଗିରୀଶ ଚନ୍ଦ୍ର ସାହୁ, ସୁଶାନ୍ତ ବେହେରା, ଶିକ୍ଷକ ସମ୍ବିତ ବେହେରା, ଶ୍ରୀକାନ୍ତ ବେହେରା, ଏଚ୍. ସିମ୍ପାନି, ଶୁଚିସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ସୁରେନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ



ସମୀକ୍ଷା ବୈଠକରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟମାନେ।

କଟକ ସଦର,୨୧।୬(ସୁଶାନ୍ତ କୁମାର ଜେନା)

## ସମସ୍ତ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ କରିବାକୁ ପରାମର୍ଶ

୨୦୨୦ ମସିହାରୁ କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସାମିଲ କରାଯାଉ ନ ଥିଲା। ଏବେ ପଞ୍ଚାୟତ ସମିତି ବୈଠକ ସମେତ ବିଭିନ୍ନ ସଭା ଆୟୋଜନବେଳେ ସେମାନଙ୍କୁ ଡକାଯିବ ବୋଲି ନବ ନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଶୁକ୍ରବାର ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ପଦକ୍ଷେପ ନେବାକୁ ବିଧାୟକ ସେଠୀ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପରେ ପ୍ରଥମଥର ପାଇଁ ବିଧାୟକ ବିଭିନ୍ନ କାର୍ଯ୍ୟର ସମୀକ୍ଷା ପାଇଁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଗତ ସରକାର ଅମଳର ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିଡିଓ, ଯନ୍ତ୍ରୀମାନଙ୍କୁ ପଚାରି ବୁଝିଥିଲେ। ଏଥିସହ ଯୋଗାଣ, ଭତ୍ତା ବଣ୍ଟନ, କୃଷି ଭଳି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାରୀମାନେ ବିଧାୟକଙ୍କୁ ବୁଝାଇଥିଲେ। ଏହି ସମୀକ୍ଷା ବୈଠକରେ ବିଡିଓ ରୁମାନା ଜାଫ୍ରୀ, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ, କୃଷି ଅଧିକାରୀ ଜାଫନା ରାୟ ଅଂଶଗ୍ରହଣ କରିଥିଲେ।

# ହୋହଲ୍ଲାରେ ସରିଲା ପଞ୍ଚାୟତ ସମିତି ବୈଠକ

ମଙ୍ଗୁଳି-ଜଗତପୁର,୨୧।୬(ମାନସ ସାମଲ)



ବୈଠକରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ଅନ୍ୟମାନେ।

- ଜନ ପ୍ରତିନିଧିଙ୍କୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ
- ଷ୍ଟ୍ରିଟ୍‌ଲାଇଟ୍ ବିଲ୍‌କୁ ନେଇ କଥା କଟାକଟି

ଚଳିତ ନିର୍ବାଚନ ପରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ପ୍ରଥମ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ହୋହଲ୍ଲା ମଧ୍ୟରେ ଶେଷ ହୋଇଛି। ବୈଠକ ଆରମ୍ଭ ହେବାର ପ୍ରାୟ ୧୦ ମିନିଟ୍ ପରେ ବ୍ଲକ ପ୍ରଶାସନ ୨୪ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଗୁରୁତ୍ୱ ଦେଉନି ବୋଲି କହି ଉଭୟ ସରପଞ୍ଚ ଓ ସମିତି ସଭ୍ୟ ହୋହଲ୍ଲା କରିଥିଲେ। ସମସ୍ତ ପଞ୍ଚାୟତରେ ରାସ୍ତାଘାଟ, ଷ୍ଟ୍ରିଟ୍‌ଲାଇଟ୍, ଶିକ୍ଷା, ପାନୀୟ ଜଳ, ରାଶନ୍‌କାର୍ଡରେ ଅନିୟମିତତା ଭଳି ସମସ୍ୟାର ସମାଧାନ ଠିକ୍ ଭାବେ ହେଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘବର୍ଷ ଧରି ମରାମତି ନ ହେବା କିମ୍ବା ତାହାର ବିଲ୍ ବ୍ଲକ ପ୍ରଶାସନ ପଇଠ କରୁନି ବୋଲି ଗରୁଡଗାଁ ସରପଞ୍ଚ ଦୀପ୍ତିମୟୀ ବେହେରା ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ହେମନ୍ତ ମହନ୍ତ କହିଛନ୍ତି, ବ୍ଲକ ପ୍ରଶାସନ ପାଖରେ ଷ୍ଟ୍ରିଟ୍ ଲାଇଟ୍ ବିଲ୍ ଦେବା ପାଇଁ ଟଙ୍କା ନାହିଁ। ପ୍ରତିନିଧିମାନେ ନିଜ ଅଞ୍ଚଳର ଷ୍ଟ୍ରିଟ୍‌ଲାଇଟ୍ ବିଲ୍ କଥା ଚିନ୍ତା କରନ୍ତୁ ବୋଲି ସେ କହିଛନ୍ତି। ବ୍ଲକ୍‌ର ବାର୍ଷିକ ଆୟବ୍ୟୟର ହିସାବ ଦେଲେ ଯାଇ ଆମେ ବିଲ୍ ପଇଠ କରିବୁ। ନହେଲେ ବ୍ଲକକୁ କୌଣସି ଅଧିକାରୀଙ୍କୁ ପୂରାଇ ଦେବୁନି ବୋଲି ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟ ଜିଦ୍ ଧରିଥିଲେ। ଏହାକୁ ଉପସ୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟ ସମର୍ଥନ କରିଥିଲେ। ବିଧାୟକ ପ୍ରଶାନ୍ତ ବେହେରା ଏଥିରେ ହସ୍ତକ୍ଷେପ କରିଥିଲେ। ଆଗକୁ ବ୍ଲକ ପ୍ରଶାସନ ସମସ୍ତ ଲୋକ ପ୍ରତିନିଧିଙ୍କୁ ଗୁରୁତ୍ୱ ଦେବା ସହ ଆସନ୍ତା ବୈଠକ ପୂର୍ବରୁ ଆୟବ୍ୟୟର ହିସାବ ଦେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

ଅପରପକ୍ଷରେ କୟଳପଡା ସରପଞ୍ଚ ଶୈଳବାଳା ନାୟକ କହିଛନ୍ତି, ବୈଠକର ଏଜେଣ୍ଡା ଅନୁଯାୟୀ ଆଲୋଚନା ହେଉନି। ଏଭଳି ହେଲେ ଆମେ କାହିଁକି ବୈଠକକୁ ଆସିବୁ। ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ, ଅଙ୍ଗନୱାଡି ଗୃହରେ ଲାଇନ୍ ନାହିଁ, ବର୍ଷ ବର୍ଷ ଧରି ଟେଣ୍ଡର କାମ ସରିଲେ ମଧ୍ୟ ବିଲ୍ ହେଉନି। ସେଥିପାଇଁ ଜନସାଧାରଣ ଆମକୁ ପ୍ରଶ୍ନ ପଚାରୁଛନ୍ତି। ଆମେ କ'ଣ ସେମାନଙ୍କୁ ଉତ୍ତର ଦେବୁ ବୋଲି ନାୟକ କହିଛନ୍ତି। ପ୍ରାୟ ୩/୪ ଘଣ୍ଟା କଥା କଟାକଟି ପରେ କୌଣସି ସନ୍ତୋଷଜନକ ନିଷ୍କର୍ଷ ନ ବାହାରିବାରୁ ତରବରିଆ ଭାବେ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଧନ୍ୟବାଦ ଦେଇ ବୈଠକ ଶେଷ କରିଦେଇଥିଲେ। ଫଳରେ ଅସନ୍ତୁଷ୍ଟ ହୋଇ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଫେରିଯାଇଥିଲେ। ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ଶାହାଜାନ, ସିଡିପିଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚିଲିକାରେ ବୁଡ଼ି ବୃଦ୍ଧ ମୃତ

ବାଲୁଗାଁ,୨୧।୬(ସଂଗ୍ରାମ ପାଇକରାୟ): ଚିଲିକାରେ ବୁଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ପାଟଣାସାହିର କସ୍ତୁରି ବେହେରା(୭୦)। ସେ ବାଲୁଗାଁ ଚିଲିକା କୂଳସ୍ଥିତ ମାଛ ଗୋଦାମରେ କାମ କରନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ କୌଣସି କାର୍ଯ୍ୟରେ ବାଲୁଗାଁ ଚିଲିକାକୂଳ ଜେଟି ନିକଟକୁ ଯାଇଥିଲେ। ସେଠାରେ ଅସାବଧାନତାରୁ ତାଙ୍କ ଗୋଡ଼ ଖସିଯିବାରୁ ଚିଲିକାରେ ବୁଡ଼ିଯାଇଥିଲେ। ସେ ବୁଡ଼ିଯାଉଥିବା ଦେଖି କେତେଜଣ ମତ୍ସ୍ୟଜୀବୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୪)ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ୩ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ



ଜଟଣୀ,୨୧।୬(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ଥାନା ପୋଲିସ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ବାଲିଛକ ସାହିର ଶିବ ଦାସ ଓରଫ ରମେଶ(୩୦)। ତାଙ୍କ ନିକଟରୁ ୩ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ୧୧୦ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୪୧/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ଜଟଣୀ ଓଭରବ୍ରିଜ୍ ନିକଟରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା।

### ବିଧାୟକ, ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବେଗୁନିଆ,୨୧।୬(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବିଜୁ ପଟ୍ଟନାୟକ ଟାଉନ ହଲ୍‌ଠାରେ ଶୁକ୍ରବାର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଉଭୟ ନେତା ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବେଗୁନିଆ, ବୋଲଗଡ଼ ବ୍ଲକ ଅଞ୍ଚଳର ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ଚନ୍ଦକା ଡମପଡ଼ାରେ ଛଡ଼ାହେବେ ଗୟଳ, ଶମ୍ବର

ଭୁବନେଶ୍ୱର,୨୧।୬(ଅସମାପିକା ସାହୁ): ଚନ୍ଦକା ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟରେ ପୁଣି ଦେଖାଯିବେ ଗୟଳ ଓ ଶମ୍ବର। ଏଠାର ଲୋପ ପାଇଥିବା ଏହି ଦୁଇ ବନ୍ୟପ୍ରାଣୀଙ୍କୁ ଛାଡ଼ିବା ସହ ବଂଶବୃଦ୍ଧି ପାଇଁ ବନ ବିଭାଗ ଯୋଜନା କରିଛି। ଏଥିପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିସାରିଛନ୍ତି। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ଦୁଇଟି ଭିନ୍ନ ଚିଠି ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟକୁ ଆସିଛି। ଗୋଟିଏ ଚିଠିରେ ଗୟଳ ପାଇଁ ଅନୁମତି ଦିଆଯାଇଥିବା ବେଳେ ଆଉ ଏକ ଚିଠିରେ ଶମ୍ବର ଏବଂ ହରିଣ ଟ୍ରାନ୍ସଲୋକେଟ କରିବା ପାଇଁ ଅନୁମତି ଦିଆଯାଇଛି। ଏହି ପ୍ରାଣୀଙ୍କୁ ଏବେ ଟ୍ରାନ୍ସଲୋକେଟ କରିବା ବା ପୁନର୍ବାର ଛାଡ଼ିବା ପାଇଁ ମଧ୍ୟ ବନ ବିଭାଗ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଜଣାପଡ଼ିଛି।

### ବିଧାୟକ ପ୍ରଦୀପ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବେଗୁନିଆ,୨୧।୬(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଏବଂ ତହସିଲ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉତ୍ସବରେ ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସରପଞ୍ଚ ଓ ସମିତିସଭ୍ୟ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂ ପରିଚାଳନା କରିଥିଲେ।

# ମରାମତି ହେବ ଦୁର୍ବଳ ନଦୀବନ୍ଧ, କେନାଲ

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

- ଜରୁରିକାଳୀନ ସେବାକୁ ଗୁରୁତ୍ୱ
- ଅନୁପସ୍ଥିତ ଅଧିକାରୀଙ୍କୁ ଜାରି ହେବ କାରଣଦର୍ଶାଅ ନୋଟିସ

ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)




ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ବଳ ନଦୀବନ୍ଧ ମରାମତି, ଡ୍ରେନେଜ୍ ପୁନରୁଦ୍ଧାର, ଜଳ ନିଷ୍କାସନ, ସ୍ୱାସ୍ଥ୍ୟ, ପାନୀୟଜଳ, ରିଲିଫ୍, ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ରାଜୁଆ ନଦୀବନ୍ଧ ସୁଦୃଢ଼ୀକରଣ, ଦୁର୍ବଳ ନଦୀବନ୍ଧ, କେନାଲ ମରାମତି ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ବାଣପୁର ବ୍ଲକର ନନ୍ଦପୁର, ମଙ୍ଗରାଜପୁର, ସାନହନ୍ତୁଆଡ଼ କ୍ଷୁଦ୍ର ବନ୍ୟା ପରିସ୍ଥିତି ନିୟନ୍ତ୍ରଣ, ବାଣପୁର ବାଲୁଗାଁ ଡ୍ରେନ୍‌ର ପୁନରୁଦ୍ଧାର, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଅତ୍ରି ଉଷ୍ଣପ୍ରସ୍ରବଣ ଭିତରକୁ ଯେପରି ବନ୍ୟାଜଳ ନ ମାଡ଼ିବ, ସେଥିଲାଗି ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଅନୁପସ୍ଥିତ ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କୁ ଅନୁଶାସନ, ଦାୟିତ୍ୱ ଏବଂ ରାଜନୈତିକ ବ୍ୟକ୍ତିବିଶେଷଠାରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାକୁ କହିଥିଲେ।

ବନ୍ୟା, ବାତ୍ୟାର ପ୍ରତିକାର ପାଇଁ ସମ୍ଭାବ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ବାତ୍ୟା ମୁକାବିଲା ନିମନ୍ତେ ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ମେ' ପ୍ରଥମ ଦିବସରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ଖୋଲାଯାଇଛି। ଜିଲା ନିୟନ୍ତ୍ରଣ କକ୍ଷ, ଭୁବନେଶ୍ୱର ଓ ଖୋର୍ଦ୍ଧା ଉପଜିଲାପାଳଙ୍କ ନିୟନ୍ତ୍ରଣ କକ୍ଷ, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ଖୋର୍ଦ୍ଧା, ପ୍ରାଚୀ ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ନିମାପଡ଼ା ଜଳସେଚନ ବିଭାଗକୁ ଯୋଗାଯୋଗ କରିବେ। ଦୈନିକ ବୃଷ୍ଟିପାତ ରେକର୍ଡ କରାଯିବ। ନଦୀ ଓ କେନାଲର ଦୁର୍ବଳ ବନ୍ଧଗୁଡ଼ିକ ତୁରନ୍ତ ମରାମତି ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜଳସେଚନ ଏବଂ ଡ୍ରେନେଜ୍‌ଗୁଡ଼ିକ ଅବରୋଧମୁକ୍ତ ହେବ ସେଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେବେ। ଜିଲାରେ ୪୮୦ ଅସ୍ଥାୟୀ ଆଶ୍ରୟସ୍ଥଳୀ ଏବଂ ୫୦ଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ଆଶ୍ରୟସ୍ଥଳୀଗୁଡିକର ଆବଶ୍ୟକ ମରାମତି କରାଯିବ। ପ୍ରତ୍ୟେକ ବାତ୍ୟାଶ୍ରୟସ୍ଥଳୀରେ ଜଣେ ନୋଡାଲ ଅଫିସର ଦାୟିତ୍ୱରେ ରହିବେ। ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ପର୍ଯ୍ୟାପ୍ତ ମାତ୍ରାରେ ଶୁଖିଲା ଖାଦ୍ୟ ଓ ଛତୁଆ ରଖାଯିବ। ସମ୍ଭାବ୍ୟ ବନ୍ୟା, ବାତ୍ୟା ପରିସ୍ଥିତିରେ ଡଙ୍ଗା ନିୟୋଜନ ଲାଗି ଟାଙ୍ଗୀ ଓ ଚିଲିକା ବିଡିଓ ଡଙ୍ଗା ମାଲିକମାନଙ୍କ ସହ ଯୋଗାଯୋଗ ରକ୍ଷାକରି ବ୍ୟବସ୍ଥା କରିବେ। ସ୍ୱତନ୍ତ୍ର ରିଲିଫ କମିଶନଙ୍କ ୮ଟି ବୋଟ୍ ମଧ୍ୟରୁ ୩ଟି ବାଲିପାଟଣା, ୨ଟି ଲେଖାଏ ବାଲିଅନ୍ତା ଓ ଖୋର୍ଦ୍ଧା ଏବଂ ଗୋଟିଏ ଜଟଣୀ ବ୍ଲକ କାର୍ଯ୍ୟାଳୟରେ ରହିବ। ଏହି ପାୱାର ବୋଟ୍ ଚଳାଇବା ପାଇଁ ଡ୍ରାଇଭରମାନଙ୍କୁ ନିଯୁକ୍ତି ଦିଆଯିବ। ବନ୍ୟା ଓ ବାତ୍ୟା ସମୟରେ ଟେଲିଫୋନ ଲାଇନ୍ ଯେପରି ଠିକ୍ ଭାବେ କାର୍ଯ୍ୟ କରିବ ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ବର୍ଷାଦିନ ପୂର୍ବରୁ ନାଳ, କେନାଲ, ଡ୍ରେନେଜ୍‌ର ପୁନରୁଦ୍ଧାର, ମରାମତି ଉପରେ ପୌର ଓ ଏନ୍‌ଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ।

ଭୁବନେଶ୍ୱର ମହାନଗର ନିଗମରେ ବର୍ଷାଦିନେ ଜଳ ନିଷ୍କାସନ ଲାଗି ଡ୍ରେନେଜ୍ ଡିଭିଜନ ଭୁବନେଶ୍ୱରକୁ ଜିଲାପାଳ ତାଗିଦ କରିଥିଲେ। ବର୍ଷାଜନିତ ଜଳ ନିଷ୍କାସନ, ସମସ୍ୟା ସମାଧାନ ପାଇଁ ବିଏମ୍‌ସି ଡ୍ରେନେଜ୍ ଡିଭିଜନ ବିଭାଗ ଆଗୁଆ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବ। ଏ ସଂକ୍ରାନ୍ତରେ ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ୧ ଓ ୨, ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ଭୁବନେଶ୍ୱର ଉପଜିଲାପାଳ ଜଳ ନିଷ୍କାସନ, ନାଳ ପରିଷ୍କାର ସଂକ୍ରାନ୍ତରେ ତଦନ୍ତ କରି ଜୁନ୍ ଶେଷ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ। ବନ୍ୟା ପୂର୍ବରୁ ଚୁଡ଼ା, ଚାଉଳ, ଗୁଡ଼ ଓ କିରୋସିନ ମହଜୁଦ ରଖିବା ଲାଗି ଜିଲା ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବିଡିଓ, ପୌର ନିର୍ବାହୀ ଅଧିକାରୀମାନେ ନିଜ ଅଞ୍ଚଳର ଆବଶ୍ୟକତା ଅନୁସାରେ ରିପୋର୍ଟ ପ୍ରଦାନ କରିବେ। ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନା ସହ ଗଚ୍ଛିତ ଖାଦ୍ୟ ତାଲିକା ପ୍ରଦାନ କରିବେ। ଜିଲା ଯୋଗାଣ ଅଧିକାରୀ ସମସ୍ତ ଚୁଡ଼ା ମାଲିକଙ୍କ ସହ ଯୋଗାଯୋଗ ରକ୍ଷାକରି ବିପର୍ଯ୍ୟୟ ସମୟରେ ସାମଗ୍ରୀ ଶୀଘ୍ର ପହଞ୍ଚାଇବା ବ୍ୟବସ୍ଥା କରିବେ। ଏଥିଲାଗି ବିଭିନ୍ନ ଦଳ ଗଠନ କରି ସାମଗ୍ରୀର ଗୁଣବତ୍ତା ଯାଞ୍ଚ ସହ କଳାବଜାରକୁ ରୋକିବା ଦିଗରେ ଯତ୍ନବାନ୍ ହେବେ। ସେହିପରି ବ୍ୟାପକ ଫସଲ ନଷ୍ଟହେବା ସମ୍ଭାବନା ରହିଛି। ତେବେ କୃଷିକାର୍ଯ୍ୟ ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ସହ ସବିଶେଷ ରିପୋର୍ଟ ପ୍ରଦାନ କରିବେ। ଜନସାଧାରଣ ଏବଂ ପଶୁସମ୍ପଦ ସ୍ୱାସ୍ଥ୍ୟ ଉପରେ ବିଶେଷ ଆବଶ୍ୟକତା ରହିଛି। ଆଶ୍ରୟସ୍ଥଳୀରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ମେଡିସିନ ମହଜୁଦ ରଖିବା ସହ ମେଡିକାଲ ଟିମ୍ ପ୍ରସ୍ତୁତ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ୟବସ୍ଥା କରିବେ। ଆବଶ୍ୟକ ପଶୁ ଖାଦ୍ୟ, ସ୍ୱାସ୍ଥ୍ୟଯତ୍ନ ଲାଗି ଜିଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଗୁରୁତ୍ୱ ଦେବେ।

ବନ୍ୟା, ବାତ୍ୟା ସମୟରେ ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ବ୍ଲକ, ଏନ୍‌ଏସି, ପୌର ପରିଷଦକୁ ଗୋଟିଏ ଲେଖାଏ ବନାଞ୍ଚଳ ସର୍କଲରେ ବିଭକ୍ତ କରାଯାଇଛି। ସମ୍ପୃକ୍ତ ଅଧିକାରୀ ଏହି ସର୍କଲ ଦାୟିତ୍ୱରେ ରହିବେ। ନରାଜଠାରେ ୬ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେବା ମାତ୍ରେ ଜଳସେଚନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଜିଲା ତଥା ଉପଜିଲାପାଳ କାର୍ଯ୍ୟାଳୟକୁ ପ୍ରତିଘଣ୍ଟାରେ ବିବରଣୀ ଦେବେ। ରିଲିଫ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ସମ୍ପୃକ୍ତ ଅଧିକାରୀ ନିଜ ସର୍କଲରେ ସହକାରୀ ଓ ଅଣଅନୁଷ୍ଠାନ ସଂସ୍ଥା ସହ ଯୋଗାଯୋଗ ରଖି ନିଜ ଅଞ୍ଚଳରେ ରିଲିଫ୍ ଦଳ ଗଠନ କରିବେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏମ୍‌ପି ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଅତିରିକ୍ତ ଏସ୍‌ପି ଏସ.ଏନ୍. ମୁର୍ମୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିରରୁ ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ ଲୁଟେରା

ବାଲୁଗାଁ,୨୧।୬(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ବଡ଼କୁଳ ରେଳଫାଟକ ନିକଟ ତ୍ରିନାଥ ମନ୍ଦିର ହୁଣ୍ଡି ତାଲା ଭାଙ୍ଗି ଲୁଟ୍ ଉଦ୍ୟମ ବେଳେ ଅଞ୍ଚଳବାସୀ ସମ୍ପୃକ୍ତ ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଲୁଟେରା ଜଣଙ୍କ ହେଲେ ବାଲୁଗାଁ ଗୁଣ୍ଡୁରପୁର ସାହିର ରାକେଶ ପଣ୍ଡା(୨୩)। ତାଙ୍କ ନିକଟରୁ ଏକ ଚୋରି ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ବଡ଼କୁଳ ଅସୁମାରୀ ପାଟଣା ଗ୍ରାମର ସୁରେନ୍ଦ୍ର ସାହୁ ତ୍ରିନାଥ ମନ୍ଦିର ନିକଟରେ ଏକ ଚା'ଦୋକାନ କରି ବ୍ୟବସାୟ କରନ୍ତି। ବୁଧବାର ରାତି ପ୍ରାୟ ୧୧ଟାରେ ତ୍ରିନାଥ ମନ୍ଦିର ପରିସରରେ କିଛି ଭଙ୍ଗାଯାଉଥିବା ଶବ୍ଦ ସେ ଶୁଣିବାକୁ ପାଇଥିଲେ। ମନ୍ଦିରରେ ଚୋରି ହେଉଥିବା ସନ୍ଦେହକରି ସୁରେନ୍ଦ୍ର ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ମନ୍ଦିରର ମୁଖ୍ୟ ଫାଟକ ତାଲା ଭଙ୍ଗାଯାଇଥିବା ଦେଖି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଗ୍ରାମବାସୀଙ୍କୁ ଦେଖି ରାକେଶ ଖସି ପଳାଇବା ପାଇଁ ଉଦ୍ୟମ କରିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରିଥିଲେ। ଘଟଣାସ୍ଥଳରେ ପହଞ୍ଚିବା ପରେ ପୋଲିସକୁ ରାକେଶଙ୍କୁ ଜିମା ଦିଆଯାଇଥିଲା। ସେ ବ୍ୟବହୃତ କରିଥିବା ବାଇକ୍‌ଟି ବାଣପୁର କଲେଜ ରୋଡ୍‌ରୁ ଚୋରି କରିଥିବା ନେଇ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ୍ ଉକ୍ତ ଗାଡ଼ିକୁ ଜବତ କରିବା ସହ ସୁରେନ୍ଦ୍ରଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୨୦୬/୨୪) ରୁଜୁକରି ରାକେଶଙ୍କୁ ଗିରଫ କରିଥିଲା।

## ସିକୋ ରାଜ୍ୟ ତୈଳିକ ବୈଶ୍ୟ ସାଧକ ସମାଜର ଅଧିବେଶନ



ଟାଙ୍ଗୀ,୨୧।୬ (ରଘୁନାଥ ସାହୁ)

ସିକୋ ରାଜ୍ୟ ତୈଳିକ ବୈଶ୍ୟ ସାଧକ ସମାଜର ୪୪ ତମ ଅଧିବେଶନ ସ୍ଥାନୀୟ ମା'ତାରାଦେବୀ ପୀଠରେ ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧକ ସମାଜର ସଭାପତି ରଘୁନାଥ ସାହୁ, ସମ୍ମାନିତ ଅତିଥି ସାଧାରଣ ସମ୍ପାଦକ ଭାଗୀରଥି ସାମନ୍ତରାୟ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସାହୁ, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ମଙ୍ଗଳାଯୋଡ଼ି ରାଜ୍ୟ ସଭାପତି ବୀରଞ୍ଚି ନାରାୟଣ ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, ରଣପୁର ରାଜ୍ୟ ସଭାପତି ତ୍ରିନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନରେ ଭାଇଚାରା, ଜାତି ଭାଇମାନଙ୍କୁ ସହଯୋଗ, ମେଧାବୀ, ଗରିବ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବୃତ୍ତି ପ୍ରଦାନ, ବିଭିନ୍ନ ସମସ୍ୟାରେ ସମସ୍ତଙ୍କ ସହାୟତା ଯୋଗାଇଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ୭ଲକ୍ଷ ଟଙ୍କା ଅନୁଦାନରେ ଗଢି ଉଠିଥିବା ଅସମ୍ପୂର୍ଣ୍ଣ ଦୋକାନ ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ କୈଳାସ ଚନ୍ଦ୍ର ସାହୁ, ଉପସଭାପତି ଭକ୍ତି ଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ବିଚିତ୍ରାନନ୍ଦ ସୁବୁଦ୍ଧି, ସହ ସମ୍ପାଦକ ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ସର୍ବେଶ୍ୱର ସାହୁ, କୋଷାଧକ୍ଷ ଚନ୍ଦ୍ରମଣି ସାହୁ, ଉପଦେଷ୍ଟା ସୁରେଶ ଚନ୍ଦ୍ର ସାହୁ, ପଦ୍ମ ଚରଣ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ଶେଷରେ ସମ୍ପାଦକ ବିଚିତ୍ରାନନ୍ଦ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)

କାଇପଦର ମାଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷାବିତ୍ ରଜନୀକାନ୍ତ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତିଲୋତ୍ତମା ବାରିକ, ସମ୍ମାନିତ ଅତିଥି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଖୋର୍ଦ୍ଧା ଜିଲା ସଭାପତି ରାମଚନ୍ଦ୍ର ଷଣ୍ଢ, ରାଜ୍ୟ ସଂଘ ପିଷ୍ଟାର ଉପସଭାପତି ଅଗାଧୁ ସେଠୀ, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମହାପାତ୍ର, ମୁଖ୍ୟବକ୍ତା ରାଜ୍ୟ ଶିକ୍ଷକ ମହାସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବିଶ୍ୱାଳ, ଖୋର୍ଦ୍ଧା ମଣ୍ଡଳ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ରତ୍ନାକର ରାଉତରାୟ ଓ ସଭାପତି ଅଭିରାମ ବେହେରା, ଶିକ୍ଷକ ଅଭିରାମ ପଣ୍ଡା, ବେଣୁଧର ମହାପାତ୍ର, ଗୋବର୍ଦ୍ଧନ ରଞ୍ଜିତ, ବିପିନ ବିହାରୀ ବେହେରା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶେଷରେ ବିଦାୟୀ ପ୍ରଧାନ ଶିକ୍ଷକ ବେହେରା ନିଜ ଦୀର୍ଘଦିନର ଅଭିଜ୍ଞତା ପ୍ରକାଶ କରିଥିଲେ। କ୍ଲଷ୍ଟର ସିଆର୍‌ସିସି ବାଗେଶ୍ରୀ ମହାପାତ୍ର, ଶିକ୍ଷକ ନିରଞ୍ଜନ ସାହୁ ତାଙ୍କର ସାମାଜିକ କର୍ତ୍ତବ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷକ ନବକିଶୋର ମଲ୍ଲିକ, ଭିକାରୀ ମାର୍ଥା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମାନସ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନିଶା ପାଇଁ ରୋଷେୟାଙ୍କୁ ହତ୍ୟା, ଶ୍ରମିକ ଗିରଫ

**ତମାଣ୍ଡୋରେ ଅଭାବନୀୟ ଘଟଣା**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଝାଁଳା, ୨୧।୬ (ବୁଲା ବାରିକ)

ଜଣେ ରୋଷେୟାଙ୍କୁ ଲୁହା ରଡ୍‌ରେ ପିଟି ପିଟି ହତ୍ୟା କରାଯାଇଛି। ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ ମହୁରା ଗାଁ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକ ଘରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ହେଲେ ଖୋର୍ଦ୍ଧା ପାଟପୁରା ଅଞ୍ଚଳର ସୁଶାନ୍ତ ଶତପଥୀ। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘର ଛାତ ଉପରୁ ମୃତଦେହ ଜବତ କରିଥିଲା। ପରେ ଏମ୍ସରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ତେବେ ତାଙ୍କ ସହ ସେଠାରେ ରହୁଥିବା ଶ୍ରମିକ ରଞ୍ଜନ ଦୀପ ତାଙ୍କୁ ହତ୍ୟା କରିଥିବା ଜଣାପଡିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ନିଶା ପାଇଁ ଝଗଡାରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଘଟଣା ଘଟାଇ ଅଭିଯୁକ୍ତ ରଞ୍ଜନ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ଓଗାଲପଡ଼ା ଅଞ୍ଚଳରୁ ଗିରଫ କରିବା ପରେ ଥାନାରେ ପଚରାଉଚରା କରୁଛି। ଏନେଇ ଏକ ହତ୍ୟା ମାମଲା (ନଂ. ୨୩୯/୨୦୨୪) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁବ୍ରତ କୁମାର ମେହେର କହିଛନ୍ତି। ସୂଚନାନୁସାରେ, ମୃତଦେହ ମିଳିଥିବା ଘରକୁ ନଂପୁଟ ସରପଞ୍ଚଙ୍କ ସ୍ୱାମୀ କୃଷ୍ଣପାଣି ପାତ୍ର ଭଡାରେ ନେଇଛନ୍ତି। ସେ ଘର ନିକଟରେ ଏକ କାର୍ଯ୍ୟାଳୟ ନିର୍ମାଣ କରୁଛନ୍ତି। ଏଥିପାଇଁ ଅଭିଯୁକ୍ତ ରଞ୍ଜନଙ୍କ ସହ ବିଭିନ୍ନ କାମ କରୁଥିବା ଶ୍ରମିକଙ୍କୁ ଉକ୍ତ ଘରେ ରଖିଥିଲେ। ମୃତ ସୁଶାନ୍ତ ବିଭିନ୍ନ ସ୍ଥାନରେ ରୋଷେଇ କରିବା ସହ ରାତିରେ ସେହି ଘରେ ରହୁଥିଲେ। ଗୁରୁବାର ରାତିରେ ସୁଶାନ୍ତ ଓ ରଞ୍ଜନ ମଦ ପିଇ ସାରିବା ପରେ ଉଭୟ ଛାତ ଉପରକୁ ଶୋଇବାକୁ ଯାଇଥିଲେ। ହେଲେ ଭୋର ସମୟରେ କୋଠାରେ ରହୁଥିବା ଜଣେ ଶ୍ରମିକ ଛାତ ଉପରକୁ ଯାଇଥିବାବେଳେ ପାଣି ଟାଙ୍କି କଡରେ ସୁଶାନ୍ତଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ହେଲେ ରଞ୍ଜନ ନ ଥିବାରୁ ସେ ଏଭଳି କାଣ୍ଡ ଭିଆଇଥିବା ସନ୍ଦେହ କରିଥିରେ। ଏନେଇ ସେ ମାଲିକ କୃଷ୍ଣପାଣିଙ୍କୁ ଫୋନ୍ କରି ତୁରନ୍ତ ଘଟଣା ବିଷୟରେ ଜଣାଇବାରୁ ସେ ତମାଣ୍ଡୋ ଥାନାକୁ ଖବର ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଟାଙ୍ଗୀ,୨୧।୬ (ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବଡ଼ପାରୀ ଭୋବରା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଭୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରୀଷ୍ମ ଅବକାଶର ଗୃହ କାର୍ଯ୍ୟ, ଜୁନଠାରୁ ଫେବୃଆରୀ ୯ ମାସର କାର୍ଯ୍ୟସୂଚୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଟାବଲେଟ୍‌ର ବ୍ୟବହାର, ମୋ ସ୍କୁଲର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଓସେପା ଅଧିକାରୀ ସୁଦେଷ୍ଣା କର, ଖୋର୍ଦ୍ଧା ଜିଲା ଶିକ୍ଷକ ପ୍ରଶିକ୍ଷକ ଆୟେଶା ତନ୍‌ୱାର, ସୁବାସ କୁମାର ଜେନା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସିଆର୍‌ସିସି ଦୁଃଶାସନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବଡ଼ପାରୀ ଓ ରାମଚନ୍ଦ୍ରପୁର ପଞ୍ଚାୟତର ୧୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ବ୍ଲକ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା

**ନନ୍ଦସାହିରେ ପାନୀୟଜଳ ଅଭାବ**

ବୋଲଗଡ଼,୨୧।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ପଞ୍ଚାୟତ ନନ୍ଦସାହି ଗ୍ରାମରେ ପାନୀୟ ଜଳର ଅଭାବ ଦେଖାଦେଇଛି। ତୁରନ୍ତ ପାନୀୟ ଜଳ ଯୋଗାଣ ଦାବିରେ ଶୁକ୍ରବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏବିଡିଓ ରତିକାନ୍ତ ମିଶ୍ର ଏବଂ ପାନୀୟ ଜଳ ଯୋଗାଣ ଅଧିକାରିଣୀ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ସହ ଗ୍ରାମକୁ ଆସି ସ୍ଥିତି ପରଖିଥିଲେ। ପାନୀୟ ଜଳର ବ୍ୟବସ୍ଥା ସହ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ।



ସୂଚନା ମୁତାବକ, ନନ୍ଦସାହି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ରୁହନ୍ତି। ଦୁଇ ମାସ ହେବ ପଞ୍ଚାୟତ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଆସୁ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ସରପଞ୍ଚ, ବିଡିଓ ଏବଂ ପାନୀୟଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ସୁଫଳ ମିଳିଲା ନାହିଁ। ଅସରଳା ନନ୍ଦସାହିର ମହିଳା ଓ ପୁରୁଷ ମାଠିଆ, ବାଲ୍ଟି ଧରି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମର ଗୋଟିଏ ନଳକୂଅ ଉପରେ ସାହିର ୩୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରୁଛନ୍ତି। କିନ୍ତୁ ସେହି ନଳକୂଅରୁ ପାଣି ନ ବାହାରିବାରୁ ତାହା ଅଚଳ ହୋଇ ପଡ଼ିଛି। ପାଣି ପାଇଁ ଗ୍ରାମବାସୀ ଚାଲି ଚାଲି ନଈ ଭିତରେ ଥିବା ଚୁଆରୁ ପାଣି ଛାଣିଆଣି ପିଉଛନ୍ତି। ଏହି ନଈଟି ଗ୍ରାମବାସୀଙ୍କ ପାଇଁ ଏକମାତ୍ର ସାହାରା ପାଲଟିଛି। ଦୀର୍ଘଦିନ ହେବ ପ୍ରଶାସନ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

# ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିକଲା କଂଗ୍ରେସ

■ଏନ୍‌ଇଇଟି-ୟୁଜି, ୟୁଜିସି-ନେଟ୍ ପରୀକ୍ଷା ଅନିୟମିତତା ବିବାଦ

■ମାଷ୍ଟର କ୍ୟାଣ୍ଟିନ୍‌ଠାରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୧ା୬(ସୁନିତ୍ ମିଶ୍ର)



ଏନ୍‌ଇଇଟି-ୟୁଜି, ୟୁଜିସି-ନେଟ୍ ପରୀକ୍ଷା ଅନିୟମିତତା ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଶୁକ୍ରବାର ପ୍ରଦେଶ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ୟୁଜିସି-ନେଟ୍ ଓ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଘୋର ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଓଡ଼ିଶା କଂଗ୍ରେସ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଶୁକ୍ରବାର ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପୃକ୍ତ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ବିରୋଧକରି ଏକ ରାଲି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଶରତ କହିଛନ୍ତି, କେନ୍ଦ୍ରରେ ଥିବା ମୋଦି ସରକାର ଛାତ୍ର ବିରୋଧୀ ସରକାର । ଗତ ବର୍ଷଗୁଡ଼ିକରେ ଅନେକ ପରୀକ୍ଷାରେ ବ୍ୟାପକ ଅନିୟମିତତା ସତ୍ତ୍ୱେ ଏହାକୁ ରୋକିବାରେ ସରକାର ଅସମର୍ଥ ହେଉଛନ୍ତି। ଏହି ଘଟଣାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ହେଲେ ପ୍ରକୃତ ଦୋଷୀ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

କଂଗ୍ରେସ ପକ୍ଷରୁ କୁହାଯାଇଛି, କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତାର ଅନେକ ନଜିର ରହିଛି। ଭାଜପା ଶାସିତ ରାଜ୍ୟର ସରକାରରେ ସର୍ବାଧିକ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏହି ମଡେଲକୁ ମୋଦି ସରକାର ଆପଣାଇ ଗତ ୭ ବର୍ଷରେ ୭୦ରୁ ଊର୍ଦ୍ଧ୍ୱ ପରୀକ୍ଷାରେ ପେପର ଲିକ୍ ହୋଇଛି। ଏହାଦ୍ୱାରା ୨ କୋଟିରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଏବେ ଅନ୍ଧକାରକୁ ଠେଲିହୋଇଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ୟୁଜିସି-ନେଟ୍ ଜୁନ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ପରେ ଏହି ପରୀକ୍ଷାକୁ ବାତିଲ କରାଯାଇ ସିବିଆଇ ତଦନ୍ତ ଚାଲିଛି। ଡାକ୍ତରୀ ପ୍ରବେଶିକା ପରୀକ୍ଷା ୨୦୨୪(ଏନ୍‌ଇଇଟି)ରେ ମଧ୍ୟ ସମାନଭାବେ ବ୍ୟାପକ ଅନିୟମିତତା ଯଥା: ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବେ ଅନ୍ଧକାରରେ। ଏହି ପରୀକ୍ଷାରେ ୬୭ ଜଣ ଟପ୍ପର ହେବା, ଗୋଟିଏ ସେଣ୍ଟରରୁ ଏକାଧିକ ଟପ୍ପର, ଗ୍ରେସ୍ ମାର୍କ ଦେବା ଇତ୍ୟାଦି ବ୍ୟାପକ ଅନିୟମିତତାର ଜ୍ୱଳନ୍ତ ଉଦାହରଣ। ବର୍ଷ ବର୍ଷ ଧରି କଠିନ ପରିଶ୍ରମକରି ଡାକ୍ତର ହେବା ପାଇଁ ଆଶାବାନ୍ଧିଥିବା ଛାତ୍ରୀଛାତ୍ରମାନଙ୍କୁ ମୋଦି ସରକାର ନିରାଶ କରିଛି। ଏନ୍‌ଟିଏର କାର୍ଯ୍ୟକାରିତା ବର୍ତ୍ତମାନ ସନ୍ଦେହ ଘେରରେ ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ବର୍ଷ ଧରି ଶିକ୍ଷା ବିଭାଗ ଦାୟିତ୍ୱରେ କାର୍ଯ୍ୟ କରୁଥିବା ବେଳେ ପେପର ଲିକ୍‌କୁ ରୋକିବା ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଘଟଣାରେ ପାଟନା ପୋଲିସ ୭ ଜଣଙ୍କୁ ଗିରଫ କରିଛି । ତନ୍ମଧ୍ୟରୁ ୪ ଜଣ ପରୀକ୍ଷାର୍ଥୀ। ସେମାନେ ଆଗୁଆ ପ୍ରଶ୍ନପତ୍ର ପାଇବା ପୋଲିସ ଆଗରେ ସ୍ୱୀକାର ମଧ୍ୟ କରିଛନ୍ତି। ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ ବୋଲି ଯେଉଁ ବାହୁସ୍ଫୋଟ ମାରୁଥିଲେ ବର୍ତ୍ତମାନ ସର୍ବସମ୍ମୁଖରେ କ୍ଷମା ପ୍ରାର୍ଥନା କରିବା ସହ ନିଜର ନୈତିକତା ଆଧାରରେ କଂଗ୍ରେସ ତାଙ୍କର ଇସ୍ତଫା ଦାବି କରିଛି।


ଜିଏସ୍‌ଟି କାଉନସିଲ୍ ବୈଠକରେ ଯୋଗ ଦେବାକୁ ନୂଆଦିଲ୍ଲୀ ଯାଇଥିବା ଅବସରରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

## ଭାଜପା ସରକାର ଆଣିପାରେ କାମଚଳା ବଜେଟ: କନକ ବର୍ଦ୍ଧନ

ଭୁବନେଶ୍ୱର,୨୧ା୬(ସୁନିତ୍ ମିଶ୍ର)

ରାଜ୍ୟର କ୍ଷମତାସୀନ ଭାଜପା ସରକାର ଆସନ୍ତା ଜୁଲାଇରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟ(ଲେଖାନୁଦାନ) ବିଧାନସଭାରେ ଉପସ୍ଥାପନ କରିପାରେ। ପ୍ରଥମଥର ପାଇଁ ସରକାର ଗଢିଥିବା ଭାଜପା ନିଜର ନିର୍ବାଚନୀ ପ୍ରତିଶ୍ରୁତିକୁ ପାଳନ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ପୂର୍ଣ୍ଣାଙ୍ଗ ବଜେଟ ଆଣିବା ପାଇଁ ବିଳମ୍ବ ହେବ ବୋଲି ଜଣାପଡ଼ିଛି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବା ପୂର୍ବରୁ ଲେଖାନୁଦାନ ଆଗତ କରାଯିବ। ପୂର୍ବରେ ସରକାର ଚଳିତ ଆର୍ଥିକ ବର୍ଷର ଜୁଲାଇ ପର୍ଯ୍ୟନ୍ତ ଲେଖାନୁଦାନ(କାମଚଳା ବଜେଟ) ଆଗତ କରିଥିଲେ। ଆମେ ଆଉ ଏକ ଲେଖାନୁଦାନ ଆଗତ କରିବୁ। ତା'ପରେ ପୂର୍ଣ୍ଣାଙ୍ଗ ବଜେଟ୍ ଗୃହରେ ଆସିବ। ପାର୍ଲାମେଣ୍ଟରେ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ପରେ ହିଁ ଓଡ଼ିଶାରେ ଭାଜପା ସରକାର ନିଜର ପ୍ରଥମ ବଜେଟ୍ ଉପସ୍ଥାପନ କରିବେ। କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ପାଣ୍ଠି ଆବଣ୍ଟନକୁ ଦେଖିବା ପରେ ରାଜ୍ୟ ବଜେଟ୍ ପ୍ରସ୍ତୁତ କରାଯିବ ବୋଲି ସିଂହଦେଓ କହିଛନ୍ତି। କନକ ବର୍ଦ୍ଧନ ସିଂହଦେଓ ଜିଏସଟି କାଉନସିଲ ବୈଠକ ଓ କେନ୍ଦ୍ରୀୟ ପ୍ରାକ୍ ବଜେଟ ଆଲୋଚନା ଉପରେ ରାଜ୍ୟ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବାକୁ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବେ ସ୍ନାନ ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତାଙ୍କ ବଦଳରେ ସିଂହଦେଓ ଦିଲ୍ଲୀରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

## ସାରଦାଙ୍କ ବିଧାୟକ ପଦ ରଦ୍ଦ ପାଇଁ ହାଇକୋର୍ଟରେ ଦିଲୀପ ରାୟ

କଟକ,୨୧ା୬ (କାର୍ତ୍ତିକ ସାହୁ)

ଚଳିତ ନିର୍ବାଚନରେ ରାଉରକେଲା ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ଭାଜପା ନେତା ଦିଲୀପ ରାୟ ହାଇକୋର୍ଟରେ ଆବେଦନ କରିଛନ୍ତି। ବିଧାୟକ ନାୟକ ପ୍ରାର୍ଥିପତ୍ର ଦାଖଲବେଳେ ସତ୍ୟପାଠରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ତଥ୍ୟ ପ୍ରଦାନ କରିନାହାନ୍ତି। ଏଥିସହ ତାଙ୍କ ନାମରେ ରହିଥିବା ବିଭିନ୍ନ ଆପରାଧିକ ମାମଲାର ଠିକ୍ ତଥ୍ୟ ମଧ୍ୟ ସେ ଦାଖଲ କରିନାହାନ୍ତି। ରିଟର୍ଣ୍ଣିଂ ଅଫିସର ନାୟକଙ୍କ ପ୍ରାର୍ଥିପତ୍ରକୁ ଠିକ୍ ଭାବେ ଯାଞ୍ଚ ନ କରି ଗ୍ରହଣ କରିଥିବା ଦିଲୀପ ପିଟିଶନ୍‌ରେ ଦର୍ଶାଇଛନ୍ତି। ଏହାଦ୍ୱାରା ନାୟକଙ୍କ ପାଇଁ ଦ୍ୱିତୀୟ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଦିଲୀପ ୧୯୮୫ ଓ ୧୯୯୦ ନିର୍ବାଚନରେ ରାଉରକେଲାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକଙ୍କ ଜନତା ଦଳ ମନ୍ତ୍ରିମଣ୍ଡଳରେ ସେ ଶିଳ୍ପମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ମାତ୍ର ୧୯୯୫ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରଭାତ ମହାପାତ୍ରଙ୍କଠାରୁ ସେ ପରାସ୍ତ ହୋଇଥିଲେ। ଏଥିସହ ୧୯୯୬ରେ ସେ ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ସେ ୧୯୯୬ରୁ ୨୦୦୨ ଓ ୨୦୦୨ରୁ ୨୦୦୮ ପର୍ଯ୍ୟନ୍ତ କ୍ରମାଗତ ୨ ଥର ଏହି ପଦରେ ରହିଥିଲେ। ଏଥିସହ ଅଟଳ ବିହାରୀ ବାଜପେୟୀ ସରକାରରେ ସେ କୋଇଲା ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଭାଜପାରେ ଯୋଗଦେଇ ୨୦୧୪ରେ ରାଉରକେଲା ବିଧାୟକ ଭାବେ ସାରଦା ନାୟକଙ୍କୁ ହରାଇ ବିଜୟୀ ହୋଇଥିଲେ। ମାତ୍ର ସେ ୨୦୧୯ ନିର୍ବାଚନ ଲଢ଼ି ନ ଥିଲେ। ଅପରପକ୍ଷରେ ସାରଦା ୨୦୦୪, ୨୦୦୯, ୨୦୧୯ ଓ ୨୦୨୪ ନିର୍ବାଚନରେ ରାଉରକେଲା ବିଧାନସଭା ଆସନରୁ ବିଜୟ ଲାଭ କରିବା ସହ ଗତ ବିଜେଡି ସରକାରରେ ଶ୍ରମ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୧୦ ତାରିଖରେ ସାରଦା ପ୍ରସାଦ ନାୟକଙ୍କ ପାଇଁ ପ୍ରଥମ ଅଡୁଆ ଆଣିଥିଲେ ପରାଜିତ ଏନ୍‌ସିପି ପ୍ରାର୍ଥୀ ରାଜ କୁମାର ଯାଦବ। ଯାଦବ ବିଧାୟକ ନାୟକଙ୍କ ବିରୋଧରେ ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ପିଟିଶନ୍ ଦାଖଲ କରିଥିଲେ। ବିଧାୟକ ନାୟକ ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ଦେଇଥିବା ଯାଦବ ପିଟିଶନ୍‌ରେ ଦର୍ଶାଇଥିଲେ। ସେଥିରେ ସେ ନିଜ ସମ୍ପତ୍ତି ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିନାହାନ୍ତି। ଏଥିସହ ତାଙ୍କ ନାମରେ ରହିଥିବା ବିଭିନ୍ନ ଆପରାଧିକ ମାମଲାର ଠିକ୍ ତଥ୍ୟ ମଧ୍ୟ ସେ ଦେଇନାହାନ୍ତି। ତେଣୁ ନାୟକଙ୍କ ସଭ୍ୟପଦ ରଦ୍ଦ କରାଯିବା ନେଇ ସେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହି ଆବେଦନକୁ ବିଚାର ପାଇଁ ଗ୍ରହଣ କରିବା ସହ ତାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ଆବେଦନକାରୀ ନିଜର ଯୁକ୍ତି ଦର୍ଶାଇଛନ୍ତି।

## ବିଧାୟକଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବି: ଅମରେଶ

ଭୁବନେଶ୍ୱର,୨୧ା୬(ବନ୍ଦନା ସେଠୀ)


ଗୁଆଝରଠାରେ ଆୟୋଜିତ ଚନ୍ଦନ ଉତ୍ସବରେ ଭାଜପାର ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂଙ୍କ ସହ ବିଜେଡି କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ଓ ଅନ୍ୟମାନେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୦୨୨ ଓ ୨୦୨୩ରେ ଦୁଇଥର ପବ୍ଲିକ୍ ୱାର୍କସ କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିବା ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା କର୍ପୋରେଟର ଅମରେଶ ଜେନା ଏଥର ଏହି ପଦ ପାଇଁ ନାମାଙ୍କନପତ୍ର ଭରି ନ ଥିଲେ। ଫଳରେ ଅନ୍ୟ ଜଣେ ବିଜେଡି କର୍ପୋରେଟର ସମ୍ପୃକ୍ତ କମିଟିରେ ଅଧ୍ୟକ୍ଷ ହୋଇଛନ୍ତି। ଏପରିସ୍ଥିତିରେ ଅମରେଶ ଖୁବ୍‌ଶୀଘ୍ର ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଅମରେଶ କହିଛନ୍ତି, ସେ ଏବେ ବି ଦଳରେ ଅଛନ୍ତି। ଆଗକୁ ବିଜେଡି ପାଇଁ କାମ କରିବେ। ଏଥିସହ ଜଣେ ପୂର୍ବତନ ବିଧାୟକ ଏବଂ ଜଣେ ବର୍ତ୍ତମାନର ବିଧାୟକଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବେ। ଏନେଇ ତଦନ୍ତ ପାଇଁ ଉଦ୍ୟମ କରିବେ ବୋଲି ଅମରେଶ କହିଛନ୍ତି। ଅନ୍ୟପକ୍ଷରେ ଏକାମ୍ର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ମଧ୍ୟ ଭାଜପାରେ ମିଶିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି।

୨୦୨୪ ବିଧାନସଭା ନିର୍ବାଚନରେ ଏହି ଦୁଇ ବିଜେଡି ନେତା ବିରଞ୍ଚି ଓ ଅମରେଶ ବିଧାୟକ ଟିକେଟ୍ ଆଶାୟୀ ଥିଲେ। ତେବେ ଦଳ ସେମାନଙ୍କୁ ଟିକେଟ୍ ନ ଦେଇ ପୁରୁଣା ପ୍ରାର୍ଥୀଙ୍କୁ ଭରସା କରିଥିବାରୁ ଏମାନେ ଦଳର ନିଷ୍ପତ୍ତିକୁ ବିରୋଧ କରିଥିଲେ। ତେବେ ବୁଝାସୁଝା ପରେ ସେମାନେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ ମଧ୍ୟ ଭିତିରିଆ ଭାଜପାକୁ ସମର୍ଥନ କରିଥିବା ଅଭିଯୋଗ ହୋଇଥିଲା।

### ଭାଜପାରେ ମିଶିବା ଚର୍ଚ୍ଚା ଖଣ୍ଡନ କଲେ ବିରଞ୍ଚି, ଅମରେଶ

ଏକାମ୍ରରେ ପୂର୍ବତନ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ନିର୍ବାଚନ ହାରିଥିବାବେଳେ ମଧ୍ୟ ନିର୍ବାଚନମଣ୍ଡଳୀରେ ଅନନ୍ତ ନାରାୟଣ ଜେନା ମାତ୍ର ୩୭ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଦଳର ଏଭଳି ସ୍ଥିତି ପାଇଁ ଅନ୍ୟ ବିଜେଡି କର୍ପୋରେଟରମାନେ ବିରଞ୍ଚି ଓ ଅମରେଶଙ୍କୁ ଦାୟୀ କରୁଥିବାବେଳେ ଖୁବ୍‌ଶୀଘ୍ର ଏମାନେ ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି।

ସେହିପରି ଶୁକ୍ରବାର ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ନିର୍ବାଚନରେ ବିରଞ୍ଚି ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ବିଜେଡିରୁ ନାମାଙ୍କନପତ୍ର ଦାଖଲ କରିଥିଲେ। ହେଲେ ଅଶୋକଙ୍କ ହାରିବା ପଛରେ ବିରଞ୍ଚିଙ୍କ ହାତ ଥିବା ଅଭିଯୋଗ କରି ଅନ୍ୟଜଣେ ବିଜେଡି କର୍ପୋରେଟର ତାଙ୍କ ବିରୋଧରେ ନାମାଙ୍କନପତ୍ର ଭରି ଥିଲେ। ଗୋଟିଏ ପଦ ପାଇଁ ଦୁଇ ବିଜେଡି କର୍ପୋରେଟର ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନେଇ ଏବେ ଜୋର୍ ଆଲୋଚନା ଚାଲିଛି। ଏହାସହ ଖୁବ୍‌ଶୀଘ୍ର ବିରଞ୍ଚି ଭାଜପାରେ ସାମିଲ୍ ହେବା ନେଇ ମଧ୍ୟ ଶୁଣାଯାଉଛି। ଏହି ଚର୍ଚ୍ଚା ଅଧିକ ରୋଚକ ହେବାରେ ଲାଗିଛି। କାରଣ କମିଟି ଅଧ୍ୟକ୍ଷ ଭାବେ ବିରଞ୍ଚିଙ୍କ ବିଜୟ ପରେ ଭାଜପା କର୍ପୋରେଟରମାନେ ଉତ୍ସାହିତ ହୋଇ ତାଳି ମାରିବା ଓ ହୁଳହୁଳି ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କେବଳ ସେତିକି ନୁହେଁ, ଗୁରୁବାର ଏକାମ୍ର ବିଧାୟକ ବାବୁ ସିଂଙ୍କ ପକ୍ଷରୁ ଗୁଆଝରଠାରେ ଆୟୋଜିତ ଚନ୍ଦନ ଉତ୍ସବରେ ମଧ୍ୟ ବିରଞ୍ଚିଙ୍କୁ ଦେଖିବାକୁ ମିଳିଥିଲା। ତେବେ ଭାଜପାରେ ମିଶିବା ଚର୍ଚ୍ଚା ସମ୍ପର୍କରେ ବିରଞ୍ଚି କହିଛନ୍ତି, ଏସବୁ ମିଛ ପ୍ରଚାର। ସେ ଏବେ ବି ଦଳରେ ଅଛନ୍ତି। ଆଗକୁ କିପରି ଭଲ କାମ କରିବେ ସେ ନେଇ ଧ୍ୟାନ ଦେବେ ବୋଲି ସଫେଇ ଦେଇଛନ୍ତି।

## ମନ୍ତ୍ରୀ ବଳସାମନ୍ତଙ୍କ ଉପସ୍ଥିତିରେ ୨ ଭାଜପା ଗୋଷ୍ଠୀଙ୍କ ଗଣ୍ଡଗୋଳ

ଯାଜପୁର ଟାଉନ,୨୧ା୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁରରେ ଯୋଗ ଦିବସ ଓ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ଯୋଗଦେବା ପାଇଁ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଶୁକ୍ରବାର ସକାଳେ ଆସିଥିବାବେଳେ ତାଙ୍କ ଉପସ୍ଥିତିରେ ୨ ଭାଜପା ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ସେଠାରେ ଭାଜପାର ଗୋଟିଏ ଗୋଷ୍ଠୀ ବାଣ ଫୁଟାଇ ଓ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ଯୋଗ କାର୍ଯ୍ୟକ୍ରମ ସାରି ସର୍କିଟ୍ ହାଉସ୍‌କୁ ଯାଇଥିବାବେଳେ ପ୍ରାୟ ୧୦ଟା୩୦ ମିନିଟ୍‌ରେ ଭାଜପାର ଅନ୍ୟ ଏକ ଗୋଷ୍ଠୀ ପହଞ୍ଚି ପୂର୍ବରୁ ଉପସ୍ଥିତ ଥିବା ଭାଜପା କର୍ମୀଙ୍କୁ କ'ଣ ପାଇଁ ଏଠାକୁ ଆସିଛ, ଭାଜପାର ଯାଜପୁର ବିଧାୟକ ପ୍ରାର୍ଥୀଙ୍କୁ ହରାଇବାରେ ତୁମ୍ଭମାନଙ୍କ ପ୍ରଚ୍ଛନ୍ନ ହାତ ଥିବା କହି ଗାଳିଗୁଲଜ କରିଥିଲେ। ଏପରି କି ସେଠାରେ ଥିବା ଭିନ୍ନ ଗୋଷ୍ଠୀର କେତେଜଣ କର୍ମୀଙ୍କୁ ବିଦା କରିଦେଇଥିଲେ। ପରେ ସେହି ଗୋଷ୍ଠୀର ଜଣେ କର୍ମୀ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ଅନ୍ୟ ଏକ ଗୋଷ୍ଠୀର କର୍ମୀ ସେମାନଙ୍କୁ ମାଡମାରିବା ସହ ସର୍କିଟ୍ ହାଉସ୍‌ରୁ ବିଦା କରିଦେଇଥିଲେ। ମନ୍ତ୍ରୀ ସର୍କିଟ୍ ହାଉସ୍ ଛାଡ଼ି ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ଯୋଗଦେବାପାଇଁ ପଳାଇ ଆସିଥିଲେ। ଏ ସମ୍ପର୍କରେ ମନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ସୂଚନାଯୋଗ୍ୟ, ଯାଜପୁର ଭାଜପା ବିଧାୟକ ପ୍ରାର୍ଥୀ ଗୌତମ ରାୟ ମାତ୍ର ଅଳ୍ପ ଭୋଟ୍‌ରେ ହାରିଯାଇଥିବା ବେଳେ ତାଙ୍କୁ ଭାଜପାର ଅନ୍ୟ ୨ ଗୋଷ୍ଠୀ ସାହାଯ୍ୟ ନକରି ବିଜେଡିକୁ ସାହାଯ୍ୟ କରିଛନ୍ତି ବୋଲି ଗୌତମଙ୍କ ସମର୍ଥକ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଥାନାରେ କୌଣସି ଏତଲା ଦିଆଯାଇନଥିବା ବେଳେ ଭାଜପାର ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନଙ୍କୁ ଅବଗତ କରାଯାଇଥିବା ଜଣାପଡିଛି।

## ଝାରସୁଗୁଡ଼ା: ଯାଞ୍ଚ ହେବ ଇଭିଏମ୍

■କିଛି ଲୋକ ଶାସନକୁ ନିଜ ପରିବାର ଜାଗିରିଦାର ଭାବୁଛନ୍ତି: ଟଙ୍କଧର

■ଅଧିକାର ପାଇଁ ଲଢୁଛି: ଦୀପାଳି

ଭୁବନେଶ୍ୱର,୨୧ା୬(ଅନିଲ ଦାସ)


ଟଙ୍କଧର ତ୍ରିପାଠୀ


ଦୀପାଳି ଦାସ

ଚଳିତ ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ଦୀପାଳି ଦାସ ପରାଜିତ ହୋଇଛନ୍ତି। ନିଜ ପରାଜିତକୁ ସହଜରେ ଗ୍ରହଣ କରି ପାରୁ ନ ଥିବା ଦୀପାଳି ପୁଣି ଥରେ ଇଭିଏମ୍ ଯାଞ୍ଚ ପାଇଁ ଆବେଦନ କରିଥିଲେ। ଏହାକୁ ନିର୍ବାଚନ କମିଶନର ଗ୍ରହଣ କରିଛନ୍ତି । ଆସନ୍ତା ଜୁଲାଇ ୧୯ ପରେ ତାରିଖ ନିର୍ଦ୍ଧାରିତ ହେବ ବୋଲି ଜଣାଯାଇଛି। ନିର୍ବାଚନ କମିଶନରଙ୍କ ତତ୍ତ୍ୱାବଧାନରେ ଏକ ଇଞ୍ଜିନିୟରିଂ ଟିମ୍ ଉପସ୍ଥିତିରେ ଝାରସୁଗୁଡାରେ ୧୩ଟି ବୁଥ୍, ୧୩ ସେଟ୍ ଇଭିଏମ୍ ଓ ଭିଭିପିଏଟି ଯାଞ୍ଚ କରାଯିବ। ନିୟମ ଅନୁଯାୟୀ ନିର୍ବାଚନ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିଲେ ପ୍ରାର୍ଥୀ ଏଥିପାଇଁ ଆବେଦନ କରିପାରିବେ। ଏହି ଆଧାରରେ ୫ ପ୍ରତିଶତ ଇଭିଏମ୍‌ର ପୁନଃ ଗଣତି କରାଯିବ। ନିର୍ବାଚନ କମିଶନ ଆବେଦନକୁ ଗ୍ରହଣ କରିବା ପରେ ଗଣମାଧ୍ୟମକୁ ଦୀପାଳି କହିଛନ୍ତି, ଭାରତର ନାଗରିକ ହିସାବରେ ସେ ତାଙ୍କ ଅଧିକାର ପାଇଁ ଲଢୁଛନ୍ତି। ଏଥିନିମନ୍ତେ ନିର୍ବାଚନ କମିଶନରଙ୍କ ନିକଟରୁ ପତ୍ର ପାଇଛନ୍ତି। ଜୁଲାଇ ୧୯ ପରେ ଏଥିନିମନ୍ତେ ଦିନ ଧାର୍ଯ୍ୟ ହେବ । ଏଥିରେ କାହାକୁ କୌଣସି ଅସୁବିଧା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, କିଛି ଲୋକ ଶାସନ ବ୍ୟବସ୍ଥାକୁ ନିଜ ପରିବାରର ଜାଗିରଦାର ଭାବନ୍ତି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ସେମାନେ ଭୁଲି ଯାଉଛନ୍ତି। ଏଠାରେ ଜନାଦେଶକୁ ସମ୍ମାନ ଦେବା ପ୍ରତ୍ୟେକ ନିର୍ବାଚିତ ଓ ପରାଜିତ ପ୍ରାର୍ଥୀଙ୍କ ଦାୟିତ୍ୱ। ମାତ୍ର କେତେଜଣ ପ୍ରାର୍ଥୀ ଜନାଦେଶକୁ ଗ୍ରହଣ କରିପାରନ୍ତି ନାହିଁ। ଜନାଦେଶକୁ ଗ୍ରହଣ କରିବା ଶିଖନ୍ତୁ, କାରଣ ଏଠାରେ ପରିବାର ରାଜନୀତିର ସମାପ୍ତ ହୋଇଛି ବୋଲି ସେ କହିଛନ୍ତି। ମାତ୍ର ସେମାନେ ସେ ମାନସିକତାରୁ ବାହାରି ପାରୁନାହାନ୍ତି। ନିର୍ବାଚନ କମିଶନରଙ୍କ ନଜରରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇଥିବା ବେଳେ ସିସିଟିଭିରେ ଏହା ରେକର୍ଡ ହୋଇଛି। ଏଥିସହ ତାଙ୍କ ଏଜେଣ୍ଟ ସବୁ ଡକ୍ୟୁମେଣ୍ଟରେ ଦସ୍ତଖତ ମଧ୍ୟ କରିଛନ୍ତି। ଏବେ ସେ ପୁଣି ଥରେ ଇଭିଏମ୍ ଯାଞ୍ଚ ପାଇଁ ଆବେଦନ କରିଥିବାରୁ ତାହା ସ୍ୱାଗତଯୋଗ୍ୟ ବୋଲି ଟଙ୍କଧର କହିଛନ୍ତି।

## ବିଜେଡି ହାତରୁ ଗଲା ୨ ଅଧ୍ୟକ୍ଷ ପଦ

### ସିଏମ୍‌ସିର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ

କଟକ,୨୧ା୬ (କାର୍ତ୍ତିକ ସାହୁ)


ରାକେଶ ସ୍ୱାଇଁ


ପ୍ରଦୀପ କୁମାର ରାଉତ

କଟକ ମହାନଗର ନିଗମ (ସିଏମ୍‌ସି)ର ୮ଟି ଷ୍ଟାଣ୍ଡିଂ କମିଟି ମଧ୍ୟରୁ ୨ଟି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ବିଜେଡି ହାତରୁ ଏଥର ଖସିଯାଇଛି। ୬ଟି କମିଟିରେ ପୂର୍ବ ଅଧ୍ୟକ୍ଷମାନେ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସିଏମ୍‌ସିର ବିଜୁ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଅଧ୍ୟକ୍ଷ ନିର୍ବାଚନ ପରେ ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି। ଚଳିତ ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାଚ୍ୟୁତ ହେବା ପରେ ସିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନର ଫଳାଫଳ ନିଶ୍ଚିତ ଭାବେ ଆଗାମୀ ଦିନରେ ବିଜେଡିକୁ ଅଡୁଆରେ ପକାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ନିର୍ବାଚନ ଓ ମନୋନୟନ ଆଧାରରେ ନୂଆ ଅଧ୍ୟକ୍ଷମାନଙ୍କୁ ବାଛିଥିଲେ। ୮ଟି ଷ୍ଟାଣ୍ଡିଂ କମିଟିରେ ୭ ଜଣ ଲେଖାଏଁ ସଦସ୍ୟ ଅଛନ୍ତି। ଏହି ସଦସ୍ୟମାନେ ସେମାନଙ୍କ କମିଟି ଅଧ୍ୟକ୍ଷ ବାଛିଥିଲେ। ଏଥିରେ ଦୁଇଟି କମିଟିର ଅଧ୍ୟକ୍ଷ ବଦଳିଥିବାବେଳେ ୬ଟିରେ ଅଧ୍ୟକ୍ଷ ଅପରିବର୍ତ୍ତିତ ଅଛନ୍ତି। ଯୋଜନା ଓ ଉନ୍ନୟନ କମିଟି ଅଧ୍ୟକ୍ଷ ଭାବେ ୩ ନଂ. ୱାର୍ଡ ସ୍ୱାଧୀନ କର୍ପୋରେଟର ପ୍ରଦୀପ କୁମାର ରାଉତ ଓ ଏଷ୍ଟାବ୍ଲିଶ୍‌ମେଣ୍ଟ କମିଟି ଅଧ୍ୟକ୍ଷ ଭାବେ ୫୧ ନଂ. ୱାର୍ଡର ଭାଜପା କର୍ପୋରେଟର ରାକେଶ ସ୍ୱାଇଁ ନୂତନ ଭାବେ ନିର୍ବାଚିତ ହୋଇଛନ୍ତି। ଅଧ୍ୟକ୍ଷ ରାଉତ ୨୦୨୨ରେ ସ୍ୱାଧୀନ କର୍ପୋରେଟର ଭାବେ ବିଜୟୀ ହେବା ପରେ ବିଜେଡିରେ ମିଶିଥିଲେ। ସେହିପରି ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷ ଭାବେ ୨୪ ନଂ. ୱାର୍ଡର ବିଜେଡି କର୍ପୋରେଟର ଦୀପ୍ତିମୟୀ ମୁଳିଆ, ଲାଇସେନ୍ସ ଓ ଆବେଦନ କମିଟି ଅଧ୍ୟକ୍ଷା ଭାବେ ୧୭ ନଂ. ୱାର୍ଡର ବିଜେଡି କର୍ପୋରେଟର ଏ. ଶ୍ରୀଦେବୀ, ଶିକ୍ଷା ଓ ଚିତ୍ତ ବିନୋଦନ କମିଟି ଅଧ୍ୟକ୍ଷା ଭାବେ ୧୦ ନଂ. ୱାର୍ଡର ବିଜେଡି କର୍ପୋରେଟର ମୋନାଲିସା ଦାସ, ପୂର୍ତ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ୪୪ ନଂ. ୱାର୍ଡର ବିଜେଡି କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଗ୍ରିଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ୪୬ ନଂ. ୱାର୍ଡର ବିଜେଡି କର୍ପୋରେଟର ପ୍ରଳୟା ବେଉରା, ଟିକସ ଓ ଅର୍ଥ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଭାବେ ଡେପୁଟି ମେୟର ଦମୟନ୍ତୀ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ଅପରପକ୍ଷରେ ଯୋଜନା ଓ ଉନ୍ନୟନ କମିଟି ଅଧ୍ୟକ୍ଷ ନିର୍ବାଚନରେ ପୂର୍ବ ଅଧ୍ୟକ୍ଷ ୨୧ ନଂ. ୱାର୍ଡର ବିଜେଡି କର୍ପୋରେଟର ଅଶୋକ ଶର୍ମାଙ୍କ ସପକ୍ଷରେ ଜଣେ ଭୋଟ ଦେଇଥିବାବେଳେ ଅନ୍ୟ ଜଣେ ସଦସ୍ୟ ଅନୁପସ୍ଥିତ ଥିଲେ। ୩ ନଂ. ୱାର୍ଡ କର୍ପୋରେଟର ରାଉତ ନିଜକୁ ମିଶାଇ ୫ଟି ଭୋଟ ପାଇ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ଏଷ୍ଟାବ୍ଲିଶ୍‌ମେଣ୍ଟ କମିଟି ଅଧ୍ୟକ୍ଷ ଥିବା ପୂର୍ଣ୍ଣିମା ସ୍ୱାଇଁଙ୍କ ସପକ୍ଷରେ ୩ ଜଣ ସଦସ୍ୟ ଥିବାବେଳେ ୫୧ ନଂ. ୱାର୍ଡ କର୍ପୋରେଟର ରାକେଶ ସ୍ୱାଇଁଙ୍କ ସପକ୍ଷରେ ୪ ଜଣ ସଦସ୍ୟ ଭୋଟ ଦେଇଥିଲେ। ବିଜେଡି କର୍ପୋରେଟରମାନେ ପୂର୍ଣ୍ଣିମାଙ୍କୁ ପୁନର୍ବାର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ କରିବା ପାଇଁ ଯଥାସାଧ ଉଦ୍ୟମ କରିଥିଲେ। ମାତ୍ର ଉଭୟେ ୩ଟି ଲେଖାଏ ଭୋଟ ପାଇଥିବାବେଳେ ଶେଷ ପର୍ଯ୍ୟାୟରେ ଜଣେ ସଦସ୍ୟଙ୍କ ଭୋଟ ରାକେଶଙ୍କୁ ବିଜୟୀ କରାଇଥିଲା।

**ଆସାମରେ ବନ୍ୟା, ୪ ଲକ୍ଷ ଲୋକ ପ୍ରଭାବିତ**

ଆସାମରେ ବନ୍ୟା ଗମ୍ଭୀର ରୂପ ନେଇଛି। ରାଜ୍ୟର କୋପିଲି, ବାରାକ, କୁଶିଆରା ଆଦି ପ୍ରମୁଖ ନଦୀଗୁଡ଼ିକରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ୧୯ଟି ଜିଲାର ୪ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀକୁ ଜଳଯୋଗାଣ ଦାବିରେ ଆତିଶୀଙ୍କ ଅନଶନ



ନୂଆଦିଲ୍ଲୀ,୨୧।୬

ରାଜଧାନୀ ଦିଲ୍ଲୀରେ ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ହରିୟାଣା ଅଧିକ ଜଳ ଯୋଗାଇଦେବା ଦାବିରେ ଦିଲ୍ଲୀ ଜଳସମ୍ପଦ ମନ୍ତ୍ରୀ ଆତିଶୀ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି। ଦକ୍ଷିଣ ଦିଲ୍ଲୀର ଭୋଗଲଠାରେ ସେ ଅନଶନରେ ବସିଥିବାବେଳେ ତାଙ୍କ ପାଖରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଓ ଆମ୍ ଆଦ୍‌ମୀ ପାର୍ଟିର ନେତାମାନେ ଉପସ୍ଥିତ ଥିଲେ। ଆତିଶୀଙ୍କ ତପସ୍ୟା ସଫଳ ହେବ ବୋଲି ତିହାର ଜେଲରୁ କେଜ୍‌ରିୱାଲ ବାର୍ତ୍ତା ପଠାଇଥିବାବେଳେ ସୁନୀତା ଏହାକୁ ପଢ଼ିଥିଲେ। ଦିଲ୍ଲୀ ଜନସାଧାରଣ ହରିୟାଣାରୁ ଜଳର ଉପଯୁକ୍ତ ଭାଗ ନ ପାଇବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଆତିଶୀ କହିଛନ୍ତି।

# ୮୦% ଶୁଖିଗଲାଣି ୧୫୦ ଜଳଭଣ୍ଡାର

ନୂଆଦିଲ୍ଲୀ,୨୧।୬(ପି.ଟି.)

ସାରା ଦେଶରେ କିଛି ସପ୍ତାହ ହେଲା ପ୍ରଚଣ୍ଡ ଗ୍ରୀଷ୍ମଲହରି ପ୍ରବାହିତ ହେଉଥିବାବେଳେ ଉତ୍କଟ ଜଳ ସମସ୍ୟା ସ୍ଥିତିକୁ ଅଧିକ ସଙ୍ଗିନ୍ କରିଛି। ଦେଶର ୧୫୦ଟି ପ୍ରମୁଖ ଜଳଭଣ୍ଡାରରେ ମୋଟ ଜଳ ପରିମାଣ ୨୧ ପ୍ରତିଶତକୁ ହ୍ରାସ ପାଇଛି। ଅର୍ଥାତ୍ ଜଳଭଣ୍ଡାରଗୁଡ଼ିକ ପାଖାପାଖି ୮୦ ପ୍ରତିଶତ ଶୁଖିଗଲାଣି। ଫଳରେ ଦିଲ୍ଲୀ, ବେଙ୍ଗାଲୁରୁ ସମେତ ବିଭିନ୍ନ ସହରରେ ଜଳାଭାବ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେବଳ ପାନୀୟ ଜଳଯୋଗାଣ ନୁହେଁ, ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଜଳଭଣ୍ଡାରଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ସଦ୍ୟତମ ବୁଲେଟିନ୍‌ରେ ୧୫୦ ପ୍ରମୁଖ ଜଳଭଣ୍ଡାର ଷ୍ଟୋରେଜ୍ ସ୍ଥିତି ସମ୍ପର୍କରେ ତଥ୍ୟ ଦେଇଛନ୍ତି। ସେଗୁଡ଼ିକର ମୋଟ ଜଳ ପରିମାଣ ୧୭୮.୭୮୪ ବିଲିୟନ ଘନମିଟର (ବିସିଏମ୍), ଯାହାକି ଦେଶର ମୋଟ ଲାଇଭ୍ ଷ୍ଟୋରେଜ୍



ସାମର୍ଥ୍ୟର ୬୯.୩୫ ପ୍ରତିଶତ। ଗୁରୁବାର ସେଥିରେ ମୋଟ ଉପଲବ୍ଧ ଜଳ ପରିମାଣ ୩୭.୬୬୨ ବିସିଏମ୍ ରହିଥିଲା, ଯାହାକି ସେମାନଙ୍କ ମୋଟ ଜଳଧାରଣ କ୍ଷମତାର ୨୧ ପ୍ରତିଶତ। ଗତବର୍ଷର ଏହି ସମୟ ତୁଳନାରେ ଚଳିତ ବର୍ଷ ଜଳଭଣ୍ଡାରଗୁଡ଼ିକର ଜଳ ପରିମାଣ ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ଏହି ସମୟରେ ମୋଟ ଉପଲବ୍ଧ ଜଳ ପରିମାଣ ଥିଲା ୪୬.୮୮୩ ବିସିଏମ୍। ଚଳିତ ବର୍ଷ ଜଳଭଣ୍ଡାରଗୁଡ଼ିକର ଜଳ ପରିମାଣ ଗତ ୧୦ ବର୍ଷର ହାରାହାରି ଷ୍ଟୋରେଜ୍ ପରିମାଣ ୪୧.୪୪୬ ବିସିଏମ୍‌ରୁ ମଧ୍ୟ କମ୍ ରହିଛି। ଗଚ୍ଛିତ ଜଳ ଗତବର୍ଷର ସ୍ତରର ୮୦ ପ୍ରତିଶତ ହୋଇଥିବାବେଳେ ସ୍ୱାଭାବିକ ଷ୍ଟୋରେଜ୍‌ର ୯୧ ପ୍ରତିଶତ।

ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବରୁ ଦେଶରେ ଗ୍ରୀଷ୍ମଲହରି ବୃଦ୍ଧି ପାଇଛି। ଫଳରେ ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଜଳ ସଙ୍କଟ ସୃଷ୍ଟି ହୋଇଛି। ଦକ୍ଷିଣ ଭାରତୀୟ ଅଞ୍ଚଳର ଜଳଭଣ୍ଡାରଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ

### ପ୍ରଚଣ୍ଡ ଗ୍ରୀଷ୍ମ ଲହରର ପ୍ରଭାବ

ହୋଇଛନ୍ତି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁରେ ୪୨ଟି ଜଳଭଣ୍ଡାର ରହିଥିବାବେଳେ ମୋଟ ଜଳ ସାମର୍ଥ୍ୟ ୫୩.୩୩୪ ବିସିଏମ୍। ତେବେ ବର୍ତ୍ତମାନ ସେଠାରେ ଉପଲବ୍ଧ ଜଳ ପରିମାଣ ୮.୫୦୮ ବିସିଏମ୍ ରହିଛି; ଯାହାକି ସାମର୍ଥ୍ୟର ୧୬ ପ୍ରତିଶତ। ଗତବର୍ଷ ସେଗୁଡ଼ିକର ଜଳ ପରିମାଣ ୨୧ ପ୍ରତିଶତ ରହିଥିଲାବେଳେ ସ୍ୱାଭାବିକ ଷ୍ଟୋରେଜ୍ ୨୦ ପ୍ରତିଶତ। ଉତ୍ତର ଭାରତୀୟ ରାଜ୍ୟ ହିମାଚଳପ୍ରଦେଶ, ପଞ୍ଜାବ ଓ ରାଜସ୍ଥାନରେ ରହିଥିବା ୧୦ଟି ଜଳଭଣ୍ଡାର ମୋଟ ଜଳ ସାମର୍ଥ୍ୟ ୧୯.୬୬୩ ବିସଏମ୍ ହୋଇଥିବାବେଳେ ଏବେ ୫.୪୮୮ ବିସିଏମ୍ ରହିଛି ଅର୍ଥାତ୍ ମୋଟ ଜଳଧାରଣ କ୍ଷମତାର ୨୮ ପ୍ରତିଶତ। ଗତବର୍ଷ ତାହା ୩୯ ପ୍ରତିଶତ ରହିଥିଲା। ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ଆସାମ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ତ୍ରିପୁରା, ନାଗାଲାଣ୍ଡ ଏବଂ ବିହାରରେ ୨୩ଟି ଜଳଭଣ୍ଡାର ରହିଥିବାବେଳେ ଏହାର ମୋଟ ଜଳଧାରଣ ସାମର୍ଥ୍ୟ ୨୦.୪୩୦ ବିସିଏମ୍। କିନ୍ତୁ ଏବେ ଉପଲବ୍ଧ ଅଛି ୩.୮୭୩ ବିସିଏମ୍, ଯାହାକି ୧୯ ପ୍ରତିଶତ। ପୂର୍ବବର୍ଷ ଜଳ ପରିମାଣ ୧୮ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଦେଇଛି। ଏହି ରିଜର୍ଭୟରଗୁଡ଼ିକର ସ୍ୱାଭାବିକ ଜଳ ପରିମାଣ ୨୩ ପ୍ରତିଶତ।

ପଶ୍ଚିମ ଭାଗରେ ଥିବା ଗୁଜରାଟ, ମହାରାଷ୍ଟ୍ରରେ ୪୯ ଜଳଭଣ୍ଡାର ରହିଥିବାବେଳେ ମୋଟ ଜଳ ସାମର୍ଥ୍ୟ ୩୭.୧୩୦ ବିସିଏମ୍। ବର୍ତ୍ତମାନ ସେଠାରେ ୭.୬୦୮ ବିସିଏମ୍ ଅର୍ଥାତ୍ ୨୦.୪୯ ପ୍ରତିଶତ ଜଳ ରହିଛି। ଗତବର୍ଷ ଜଳ ପରିମାଣ ୨୪ ପ୍ରତିଶତ ରହିଥିଲା। କେନ୍ଦ୍ରୀୟ ଅଞ୍ଚଳ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ର ୨୬ ଜଳଭଣ୍ଡାର ମୋଟ ସାମର୍ଥ୍ୟ ୪୮.୨୨୭ ବିସିଏମ୍ ହୋଇଥିବାବେଳେ ୧୨.୧୮୫ ବିସିଏମ୍‌କୁ ଅର୍ଥାତ୍ ୨୫ ପ୍ରତିଶତକୁ ଖସିଆସିଛି। ଗତବର୍ଷ ତାହା ୩୨ ପ୍ରତିଶତ ରହିଥିଲା। ଚଳିତ ବର୍ଷର ମୋଟ ଉପଲବ୍ଧ ଜଳ ପରିମାଣ ଗତବର୍ଷ ତୁଳନାରେ ଏବଂ ସ୍ୱାଭାବିକ ଜଳ ପରିମାଣଠାରୁ କମ୍ ରହିଛି। କେବଳ ଗଙ୍ଗା, ବ୍ରହ୍ମପୁତ୍ର, ସାବରମତୀ, ନର୍ମଦା, ତାପ୍ତି ଓ ଅନ୍ୟ କେତେକ ନଦୀରେ ସ୍ୱାଭାବିକଠାରୁ ଭଲ ଜଳ ରହିଛି। ଅନ୍ୟପକ୍ଷରେ ବ୍ରାହ୍ମଣୀ, ବୈତରଣୀ, କ୍ରିଷ୍ଣା, ମହାନଦୀ, ଗୋଦାବରୀ, କାବେରୀ ଓ ଅନ୍ୟ ନଦୀଗୁଡ଼ିକର ଅବବାହିକାରେ ଜଳ ସଙ୍କଟ ଦେଖାଦେଇଛି। ଆସାମ, ଝାଡ଼ଖଣ୍ଡ, ତ୍ରିପୁରା, ବିହାର, ଉତ୍ତରାଖଣ୍ଡ, କର୍ଣ୍ଣାଟକ ଓ କେରଳରେ ଜଳଭଣ୍ଡାଗୁଡ଼ିକରେ ଗତବର୍ଷ ତୁଳନାରେ ଅଧିକ ଜଳ ରହିଥିବାବେଳେ ହିମାଚଳପ୍ରଦେଶ, ପଞ୍ଜାବ, ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଜଳ ପରିମାଣ ବହୁତ କମ୍ ରହିଥିବା ଜଳ ଆୟୋଗଙ୍କ ତଥ୍ୟରୁ ଜଣାପଡ଼ିଛି।

## ହିଜାବ ବିରୋଧରେ ଆଇନ ଆଣିଲା ତାଜକିସ୍ତାନ

ଦୁଶାଁବେ, ୨୧।୬

ମୁସଲମାନବହୁଳ ମଧ୍ୟଏସୀୟ ଦେଶ ତାଜକିସ୍ତାନ ଶୁକ୍ରବାର ହିଜାବ ଓ ବୁର୍ଖା ପରି ଇସଲାମିକ ପୋଷାକ ଉପରେ ପ୍ରତିବନ୍ଧକ ଲଗାଇଛି। ବୁଧବାର ଏନେଇ ଏକ ବିବାଦୀୟ ବିଲ୍ ତାଜକିସ୍ତାନର ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଶୁକ୍ରବାର ରାଷ୍ଟ୍ରପତି ଇମୋମାଲି ରହମନ ମଞ୍ଜୁରୀ ପ୍ରଦାନ କରିବା ପରେ ଏହା ଆଇନରେ ପରିଣତ ହୋଇଛି। ଆଇନରେ ହିଜାବକୁ ବିଦେଶୀ ପୋଷାକ ଦର୍ଶାଯାଇଛି। ଆଇନ ଉଲ୍ଲଂଘନ କଲେ ୮ ହଜାରରୁ ୬୫ ହଜାର ତାଜକିସ୍ତାନ ସମୋନୀ ଜରିମାନା ଦେବାକୁ ହେବ।



ଶ୍ରୀନଗରସ୍ଥିତ ଏସ୍‌କେଆଇସିସି ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗାଭ୍ୟାସ କରୁଛନ୍ତି।

## ସକାରାତ୍ମକ ପରିବର୍ତ୍ତନର ନୂଆ ମାର୍ଗ ଯୋଗ

### ଶ୍ରୀନଗରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଲେ ମୋଦି

ଶ୍ରୀନଗର,୨୧।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛନ୍ତି। ସାରା ବିଶ୍ୱ ଯୋଗକୁ ବୈଶ୍ୱିକ ସ୍ୱାଚ୍ଛନ୍ଦ୍ୟ ପାଇଁ ଏକ ଶକ୍ତିଶାଳୀ ଏଜେଣ୍ଟ ଭାବେ ଦେଖୁଥିବା ମୋଦି କହିଛନ୍ତି। ଶ୍ରୀନଗରର ଅନ୍ତର୍ଜାତୀୟ କନ୍‌ଫରେନ୍ସ ସେଣ୍ଟରଠାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଲୋକମାନଙ୍କର କଲ୍ୟାଣ ସହ ସାରା ବିଶ୍ୱର କଲ୍ୟାଣ ଜଡ଼ିତ, ଏହା ଯୋଗ ହୃଦୟଙ୍ଗମ କରାଇବାରେ ସହାୟକ ହୋଇଛି। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଯୋଗ ଏକ ନୂଆ ମାର୍ଗ ହୋଇପାରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ନୂଆଦିଲ୍ଲୀର ଲୋଧି ଗାର୍ଡେନ ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଯୋଗ ଦିବସ ପାଳିତ ହୋଇଯାଇଛି। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ଦେଶର ହଜାର ହଜାର ଲୋକ ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗାଭ୍ୟାସ କରିଛନ୍ତି। ଭାରତର ପ୍ରସ୍ତାବ କ୍ରମେ ୨୦୧୪ ଡିସେମ୍ବରରେ ଜାତିସଂଘ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଥିଲା। ୧୭୫ଟି ସଦସ୍ୟ ରାଷ୍ଟ୍ର ଏହାକୁ ସମର୍ଥନ କରିଥିଲେ।

## ତିବ୍ବତର ୩୦ ସ୍ଥାନର ନାଁ ବଦଳାଇବ ଭାରତ

ନୂଆଦିଲ୍ଲୀ,୨୧।୬

ଅରୁଣାଚଳପ୍ରଦେଶକୁ ଚାଇନା ନିଜର ଦାବି କରିବା ସହ ଏହାର କେତେଗୁଡ଼ିଏ ସ୍ଥାନର ନାଁ ବଦଳାଇ ଦେଇଛି। ତେଣୁ ଯେସାକୁ ତେସା ନୀତିରେ ଭାରତ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳର ୩୦ଟି ସ୍ଥାନର ନାମ ପରିବର୍ତ୍ତନ କରି ଏଲ୍‌ଏସି ଅନ୍ତର୍ଗତ ଅଞ୍ଚଳର ମାନଚିତ୍ରରେ ପରିଣତ କରିବାକୁ ଯୋଜନା କରିଛି। ନୂଆ ଏନ୍‌ଡିଏ ସରକାର ପୁନଃ ନାମିତ କରିବା ପ୍ରସ୍ତାବକୁ ଅନୁମୋଦନ କରିଛି। ଏହା ଚାଇନାର ନାମ ପରିବର୍ତ୍ତନ ରଣନୀତିର ଦୃଢ଼ ଜବାବ ହେବ। ଉକ୍ତ ଅଞ୍ଚଳ ମଧ୍ୟରେ ୧୧ଟି ଆବାସିକ ଅଞ୍ଚଳ, ୧୨ଟି ପାର୍ବତ୍ୟାଞ୍ଚଳ, ୪ ନଦୀ, ଗୋଟିଏ ହ୍ରଦ ରହିଛି।

## କେଜ୍‌ରିୱାଲଙ୍କ ଜାମିନ ହାଇକୋର୍ଟରେ ସ୍ଥଗିତ

ନୂଆଦିଲ୍ଲୀ,୨୧।୬

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ତଳକୋର୍ଟ ଜାମିନ ପ୍ରଦାନ କରିବାର ଦିନକ ପରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା କେଜ୍‌ରିୱାଲ ଶୁକ୍ରବାର ତିହାର ଜେଲରୁ ବାହାରିପାରି ନାହାନ୍ତି। ତଳକୋର୍ଟଙ୍କ ରାୟକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଏହା ଉପରେ ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କ ଖଣ୍ଡପୀଠ କେଜ୍‌ରିୱାଲଙ୍କୁ ନୋଟିସ ଜାରିକରି ଜବାବ ମାଗିଛନ୍ତି। ଉକ୍ତ ଆବେଦନର ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଜାମିନ ଉପରେ ସ୍ଥଗିତାଦେଶ ଜାରି ରହିବ ବୋଲି ଜଷ୍ଟିସ୍ ଜୈନ କହିଛନ୍ତି। ଉଚ୍ଚ ଅଦାଲ ସମ୍ପୂର୍ଣ୍ଣ ରେକର୍ଡ ତଦାରଖ କରିବାକୁ ଚାହୁଁଥିବାରୁ ରାୟକୁ ୨-୩ ଦିନ ସଂରକ୍ଷିତ ରଖାଯାଇଥିବା କହିଛନ୍ତି। ୨୫ ତାରିଖରେ ରାୟ ପ୍ରକାଶ ପାଇପାରେ ବୋଲି କୁହାଯାଇଛି। ଶୁଣାଣି ସମୟରେ ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ତଳକୋର୍ଟଙ୍କ ରାୟ ସମ୍ପୂର୍ଣ୍ଣ ଦୋଷଯୁକ୍ତ। ଏହା ମନିଲଣ୍ଡରିଂ ପ୍ରତିକାର ଆଇନର ଧାରା ୪୫ ନିର୍ଦ୍ଦେଶର ବିରୁଦ୍ଧାଚରଣ କରୁଛି ବୋଲି ସେ ଦର୍ଶାଇଥିଲେ।

କେଜ୍‌ରିୱାଲଙ୍କୁ ତଳକୋର୍ଟରୁ ମିଳିଥିବା ଜାମିନକୁ ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ଘଟଣାରେ ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆପ୍‌ର ରାଷ୍ଟ୍ରୀୟ ଆବାହକଙ୍କ ପ୍ରତି ଇଡି ଜଣେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଭଳି ବ୍ୟବହାର କରୁଥିବା ସେ କହିଛନ୍ତି।

# ଏନ୍‌ଇଇଟି ବିଭ୍ରାଟ: ଦେଶବ୍ୟାପୀ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୨୧।୬

ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଯିବା ଦାବିରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ଛତିଶଗଡ଼, କର୍ଣ୍ଣାଟକ ଓ ଅନ୍ୟାନ୍ୟ ରାଜ୍ୟରେ ବିକ୍ଷୋଭ ହୋଇଥିଲା। ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବଙ୍କ ନେତୃତ୍ୱରେ ରାଜଧାନୀରେ ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ଦୁର୍ନୀତି ବିରୋଧରେ ବିକ୍ଷୋଭରେ ଅନୁଷ୍ଠିତ ବିକ୍ଷୋଭରେ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। ନରେନ୍ଦ୍ର ମୋଦି ସରକାରରେ ପରୀକ୍ଷା ପ୍ରଶ୍ନପତ୍ର

### ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି




କର୍ଣ୍ଣାଟକର ଚିକ୍କମାଗାଲୁରୁରେ ଏନ୍‌ଏସ୍‌ୟୁଆଇ ପକ୍ଷରୁ ଛାତ୍ରୀଙ୍କ ବିକ୍ଷୋଭ।

ପ୍ରଘଟ ଯୋଗୁ ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି। ଏହା ସେମାନଙ୍କ କଠିନ ପରିଶ୍ରମ ଓ ସେମାନଙ୍କ ମାତାପିତାଙ୍କ ଆଶାଆକାଂକ୍ଷା ଉପରେ ଆକ୍ରମଣ। ପିଲାମାନଙ୍କ ପ୍ରତି ଅନ୍ୟାୟ ହେବାକୁ ଦିଆଯିବ ନାହିଁ। 'ପେପର ଲିକ୍' ସରକାରଙ୍କୁ ମୁଣ୍ଡ ନୋଇଁବାକୁ ପଡ଼ିବ ବୋଲି କଂଗ୍ରେସ କହିଛି। ପଞ୍ଜାବରେ ପିସିସି ମୁଖ୍ୟ ଅମରିନ୍ଦର ସିଂ ରାଜା ୱାରିଙ୍ଗଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିବାବେଳେ କର୍ଣ୍ଣାଟକରେ ଏନ୍‌ଏସ୍‌ୟୁଆଇ ଏବଂ ଯୁବକଂଗ୍ରେସ ପକ୍ଷରୁ ବେଙ୍ଗାଲୁରୁରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନ୍‌ଇଇଟି ଏବଂ ୟୁଜିସି-ନେଟ୍ ପ୍ରସଙ୍ଗକୁ ନେଇ ପାଟନାରେ ବିହାରର କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିଥିଲେ।

ସୂଚନାଯୋଗ୍ୟ, ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଗତ ମେ' ୫ରେ ହୋଇଥିବା ଏନ୍‌ଇଇଟି ପରୀକ୍ଷାରେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଭାଗ ନେଇଥିଲେ। ତେବେ ଜୁନ୍ ୪ରେ ରେଜଲ୍ଟ ଆସିବା ପରେ ବ୍ୟାପକ ଅନିୟମିତତା ହୋଇଥିବା ପଦାକୁ ଆସିଥିଲା। ୬୭ ଜଣ ପିଲାଙ୍କୁ ପୂର୍ଣ୍ଣ ମାର୍କ ଦିଆଯାଇ ର୍ୟାଙ୍କ୍ ୱାନ୍‌ରେ ରଖାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଗୋଟିଏ ପରୀକ୍ଷା କେନ୍ଦ୍ରରୁ ୬ ଜଣ ଥିଲେ। ଏହି ମାମଲାରେ ପାଟନାରୁ ଗିରଫ ହୋଇଥିବା ଅନୁରାଗ ଯାଦବ ନାମକ ଛାତ୍ରଙ୍କ କହିବା ଅନୁଯାୟୀ ତାଙ୍କୁ ପରୀକ୍ଷା ପୂର୍ବଦିନ ପ୍ରଶ୍ନପତ୍ର ମିଳିଥିଲା। ପେପର ଲିକ୍‌ରେ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ପାଟନାର ଏନ୍‌ଏଚ୍‌ଏଆଇ ଗେଷ୍ଟହାଉସ୍‌ରେ ରହିଥିଲେ। ତେଣୁ ପ୍ରଶ୍ନପତ୍ର ଲିକ୍ ସହ ରାଜନୈତିକ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି। ପରୀକ୍ଷା ପୂର୍ବଦିନ କେତେଜଣ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଯୋଗାଡ଼ କରାଯାଇଥିଲା। ପ୍ରତି ପ୍ରଶ୍ନପତ୍ର ପାଇଁ ସେମାନଙ୍କୁ ୩୦ରୁ ୩୨ ଲକ୍ଷ ଟଙ୍କା ଲେଖାଏ ଦେବାକୁ ପଡ଼ିଥିଲା ବୋଲି ଗିରଫ ପରୀକ୍ଷାର୍ଥୀ ସ୍ୱୀକାର କରିଥିଲେ।

**ଫୁରସତ୍**

## ପରିବାରରେ ୬ ପିଢ଼ିର ୧୮୫ ସଦସ୍ୟ



ଆଜମେର

ସମ୍ପ୍ରତି ଜଏଣ୍ଟ ଫ୍ୟାମିଲିର ଧାରା ସମାପ୍ତ ହେଉଥିବା ବେଳେ ଅଧିକାଂଶ ଲୋକ ନ୍ୟୁକ୍ଲିଆର ଫ୍ୟାମିଲିରେ ରହିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଏହି ପରିବର୍ତ୍ତନଶୀଳ ଧାରା ମଧ୍ୟରେ ରାଜସ୍ଥାନର ଏକ ପରିବାରରେ ସମୁଦାୟ ୧୮୫ଜଣ ସଦସ୍ୟ ଏକାଠି ବସବାସ କରୁଥିବା ଜଣାପଡ଼ିଛି। ଏବେ ଏହି ପରିବାରର ମୁଖିଆ ବାଗଡ଼ି ମାଲି ରହିଛନ୍ତି। ସୋସିଆଲ ମିଡିଆରେ ଏହି ପରିବାରର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ପରିବାରର ସମସ୍ତ ସଦସ୍ୟ ଏକାଠି ନଜର ଆସିଛନ୍ତି।

ଆଜମେରଠାରୁ ୩୬ କିଲୋମିଟର ଦୂରରେ ନାସିରାବାଦ ନିକଟସ୍ଥ ରାମସର ଗ୍ରାମରେ ଏହି ବିଶାଳ ପରିବାର ବସବାସ କରୁଛି। ବଡ଼ ପରିବାର ହୋଇଥିବାରୁ ରୋଷେଇ ଘର ମଧ୍ୟ ବଡ଼ ହୋଇଥିବା ପରିବାରର ମହିଳାମାନେ କହିଛନ୍ତି। ଏହି ପରିବାରରେ ସକାଳ ଓ ସନ୍ଧ୍ୟାରେ ଏକସଙ୍ଗେ ୧୩ଟି ଚୁଲି ଜଳେ, ଯେଉଁଥିରେ ପ୍ରତ୍ୟେକ ଦିନ ୧୫ କିଲୋଗ୍ରାମ ପନିପରିବା ଓ ୫୦ କିଲୋଗ୍ରାମରୁ ଅଧିକ ମଇଦା ବ୍ୟବହାର କରାଯାଇଥାଏ। ଘରର ମହିଳା ଓ ଝିଅମାନେ ପୂରା ପରିବାର ପାଇଁ ଖାଦ୍ୟ ରାନ୍ଧିଥାନ୍ତି। ସେହିପରି ପ୍ରତି ମାସରେ ରାଶନ ପାଇଁ ମଧ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ପରିବାରରେ ୬ଟି ପିଢ଼ି ଏକାଠି ରୁହନ୍ତି, ଯେଉଁଥିରେ ୬୫ ଜଣ ପୁରୁଷ, ୬୦ ଜଣ ମହିଳା ଓ ୬୦ ଜଣ ଶିଶୁ ରହିଛନ୍ତି।

ତେବେ ଏହି ପରିବାର ବାଗଡ଼ିଙ୍କ ଜେଜେବାପା ସୁଲତାନ ମାଲିଙ୍କଠାରୁ ଆରମ୍ଭ ହୋଇଛି। ସୁଲତାନଙ୍କର ୬ ପୁଅ ରହିଛନ୍ତି। ସେ ସର୍ବଦା ନିଜ ୬ ପୁଅଙ୍କୁ ପରିବାରକୁ ଏକଜୁଟ କରି ରଖିବାକୁ ଶିକ୍ଷା ଦେଇଥିବା ବାଗଡି କହିଛନ୍ତି। ଆଜିବି ପରିବାରରେ ସୁଲତାନଙ୍କ ଏହି ଶିକ୍ଷାକୁ ସମସ୍ତେ ଅନୁସରଣ କରୁଛନ୍ତି। ଯେତେବେଳେ ଏହି ପରିବାରର କୌଣସି ସଦସ୍ୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥାଏ, ପରିବାରର ସମସ୍ତ ମୁରବି ଏକାଠି ବସି ଉକ୍ତ ବିବାଦ ସମାଧାନ କରୁଥିବା ବାଗଡି କହିଛନ୍ତି।

ବାଗଡି ପରିବାରର କିଛି ସଦସ୍ୟ ସରକାରୀ ଓ କେତେକ ଘରୋଇ ସଂସ୍ଥାରେ କାମ କରୁଥିବାବେଳେ ଅନ୍ୟ ସଦସ୍ୟମାନେ ଚାଷ, ପଶୁପାଳନ, ଦୋକାନ ଆଦି ଦ୍ୱାରା ରୋଜଗାର କରିଥାନ୍ତି। ପରିବାରର ସମସ୍ତେ ଏକାଠି ଖାଇବା ସହ ପରସ୍ପରର ସୁଖ ଓ ଦୁଃଖରେ ଠିଆ ହୋଇଥାନ୍ତି।

## ମୃତ୍ୟୁ ପରେ ବିବାହ



କୁଆଲାଲମ୍ପୁର

ବିବାହର ଠିକ୍ ପୂର୍ବରୁ ମାଲେସିଆର ୟାଙ୍ଗ୍ ଜିଙ୍ଗଶାନ(୩୧) ଏବଂ ଲି ଜୁଇଙ୍ଗ(୩୨) ନାମକ ଏକ ପ୍ରେମୀ ଯୁଗଳଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଉଭୟେ ପ୍ରାୟ ୩ ବର୍ଷ ଧରି ଲିଭ୍-ଇନ୍-ରିଲେଶନ୍‌ଶିପ୍‌ରେ ଏକାଠି ରହିଥିଲେ। ଖୁବ୍‌ଶୀଘ୍ର ଉଭୟଙ୍କର ବିବାହ କରିବାକୁ ସେମାନଙ୍କ ପରିବାରବର୍ଗ ସ୍ଥିର କରିଥିଲେ। ମୃତ୍ୟୁପରେ ସେମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ପରିବାର ପକ୍ଷରୁ ଉଭୟଙ୍କର ବିବାହ ସମ୍ପନ୍ନ କରାଯାଇଛି। କୁଆଲାଲମ୍ପୁରର ଏକ ହଲ୍‌ରେ ଏହି ବିବାହ ଅନୁଷ୍ଠିତ ହୋଇଯାଇଛି। ବିବାହରେ ଉଭୟ ୟାଙ୍ଗ୍ ଓ ଲିଙ୍କ ଫଟୋରେ ଫୁଲମାଳ ଚଢ଼ାଯିବା ସହ ନିକଟରେ ସେମାନଙ୍କ ଷ୍ଟାଚ୍ୟୁ ରଖାଯାଇଥିବା ଦେଖିବାକୁ ମିଳିଛି।

## ବିଗ୍‌ବସ୍ ପାଇଁ ସନା ପ୍ରସ୍ତୁତ

ମୁମ୍ବାଇ

ପ୍ରସିଦ୍ଧ ଟିଭି ଇଣ୍ଡଷ୍ଟ୍ରି ଅଭିନେତ୍ରୀ ସନା ମକ୍‌ବୁଲ୍ ଖାନ୍ ଏବେ ଖୁବ୍ ଚର୍ଚ୍ଚାରେ ରହିଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହେଉଥିବା 'ବିଗ୍‌ବସ୍ ଓଟିଟି ସିଜନ ୩'ରେ ତାଙ୍କୁ ଦେଖିବାକୁ ମିଳିବ। ବିଗ୍‌ବସ୍‌ର ଏହି ସିଜନରେ ସନାଙ୍କୁ ଦେଖିବାକୁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଛୋଟ ପରଦାର ବିଭିନ୍ନ ଧାରାବାହିକ ଓ ରିୟଲିଟି ଶୋ' ବ୍ୟତୀତ ସନା କେତେକ ତେଲୁଗୁ ଓ ତାମିଲ ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି। ସେ ପ୍ରଥମଥର ପାଇଁ ୨୦୦୯ରେ ରିୟଲିଟି ଶୋ' 'ଟିନ୍ ଡିଭା'ରେ ଭାଗ ନେଇଥିଲେ। ଏହାବ୍ୟତୀତ ସନା ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇଛନ୍ତି। 'କିତ୍‌ନି ମହବତ୍ତ ହେ ୨', 'ଇସ୍ ପ୍ୟାର୍ କା କ୍ୟା ନାମ ଦୁଁ' ଓ 'ଆଦତ ସେ ମଜବୁର୍' ଭଳି ଧାରାବାହିକରେ କାମ କରିଛନ୍ତି। ତେବେ କିଛିଦିନ ଧରି ସନା ହେପାଟାଇଟିସ୍‌ରେ ପୀଡ଼ିତ ଥିବାରୁ ତାଙ୍କୁ ଅନେକ ଧାରାବାହିକ ଓ ଶୋ' ହରାଇବାକୁ ପଡିଥିଲା। ତାଙ୍କୁ ଶେଷଥର ପାଇଁ ୨୦୨୧ରେ 'ଫିଅର ଫ୍ୟାକ୍ଟର: ଖତ୍‌ରୋ କେ ଖିଲାଡି ୧୧'ରେ ଦେଖିବାକୁ ମିଳିଥିଲା। ଦୀର୍ଘ ଦିନ ପରେ ସେ 'ବିଗ୍‌ବସ୍ ଓଟିଟି ୩' ସହ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଏଥର ଅନିଲ କାପୁର 'ବିଗ୍‌ବସ୍ ଓଟିଟି ୩'ର ଆୟୋଜନ କରୁଥିବା ଦେଖିବାକୁ ମିଳିବ। ବିଗ୍‌ବସ୍‌ର ଏହି ସିଜନରେ ସନାଙ୍କ ବ୍ୟତୀତ ବିଭିନ୍ନ ଟିଭି ଅଭିନେତା, ସଂଗୀତଜ୍ଞ ଓ କ୍ରୀଡ଼ା ତାରକା ମଧ୍ୟ ଅଂଶଗ୍ରହଣକାରୀ ଭାବେ ନଜର ଆସିବେ।



**ବଳାତ୍କାର ପରେ ଯୁବତୀଙ୍କ ଫଟୋ ଭାଇରାଲ, ଯୁବକ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଯୁବତୀଙ୍କ ଫଟୋ ଓ ଭିଡିଓ ଭାଇରାଲ ଧମକ ଦେଇ ବାରମ୍ବାର ବଳାତ୍କାର କଲେ। ଶେଷରେ ସେସବୁକୁ ପୀଡିତାଙ୍କ ଭାଇ ଓ ମା'ଙ୍କ ପାଖକୁ ପଠାଇଥିଲେ। ଅଭିଯୋଗ ପରେ ମହିଳା ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଦୀପ୍ତି ରଞ୍ଜନ ମହାପାତ୍ର ଓରଫ କୁନା(୩୩)। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ଏକ ମୋବାଇଲ ଫୋନକୁ ଜବତ କରିଛି ପୋଲିସ।

# ପୁଣି ବିଜେଡି ହାତରେ ୭ ଅଧ୍ୟକ୍ଷ ପଦ

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର,୨୧।୬(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଥାନା ଅଧୀନ ସରଦେଇପୁର ଗୋବର୍ଦ୍ଧନପୁର ନଗରରୁ ଶୁକ୍ରବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତା ହେଲେ ମୋନାଲିସା ଓଝା(୨୮)। ସୂଚନା ମୁତାବକ, ବାଲିଅନ୍ତା ଥାନା ଅଧୀନ ବେଣ୍ଟପୁର ଗ୍ରାମର ମୋନାଲିସା ୪ବର୍ଷ ପୂର୍ବେ ସରଦେଇପୁର ଗୋବର୍ଦ୍ଧନପୁର ନଗରରେ ରହୁଥିବା ସୁଶାନ୍ତ କୁମାର ମହାରଣାଙ୍କୁ ବିବାହ କରିଥିଲେ। ତେବେ ଶୁକ୍ରବାର ଘର ପଙ୍ଖାରେ ମୋନାଲିସା ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ମଧୁସୂଦନ ସେତୁରେ ଦୁର୍ଘଟଣା, ୨ ମୃତ

କଟକ,୨୧।୬ (କାର୍ତ୍ତିକ ସାହୁ)

କଟକ ନୂଆପାଟଣାସ୍ଥିତ ମଧୁସୂଦନ ସେତୁ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍‌ରେ ଯାଉଥିବା ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସିଡିଏ ଫେଜ୍-୨ ଓ ଚୌଦ୍ୱାର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଓ ଆହତଙ୍କ ପରିଚୟ ମିଳି ନ ଥିବାବେଳେ ସେମାନଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଛି। ଦୁର୍ଘଟଣାର କାରଣ ଜଣାପଡି ନାହିଁ। ତେବେ ଏକ ମାଲ୍ ବୋଝେଇ ଟ୍ରକ୍ ଖରାପ ହୋଇ ରାସ୍ତାପାର୍ଶ୍ୱରେ ଅଟକି ଥିବାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଟ୍ରକ୍‌ରେ ପିଟି ହୋଇଯାଇଥିବା କୁହାଯାଉଛି।

## ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ

- ନାମାଙ୍କନ ଭରିଲେନି ଭାଜପା କର୍ପୋରେଟର
- ନିର୍ଦ୍ୱନ୍ଦ୍ୱରେ ଚୟନ ହେଲେ ୬ ବିଜେଡି କର୍ପୋରେଟର

ଭୁବନେଶ୍ୱର, ୨୧।୬ (ବନ୍ଦନା ସେଠୀ)



କନ୍‌ଷ୍ଟ୍ରାକ୍ଟସ୍ କମିଟି ଅଧ୍ୟକ୍ଷ ତଥା ମେୟର ସୁଲୋଚନା ଦାସଙ୍କ ସହ ନବନିର୍ବାଚିତ କମିଟି ଅଧ୍ୟକ୍ଷ ଓ ଅନ୍ୟମାନେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ/ଅଧ୍ୟକ୍ଷା ପଦ ପାଇଁ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ତେବେ ଚଳିତ ନିର୍ବାଚନରେ ଭାଜପା ଓ ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଅଧ୍ୟକ୍ଷ ପଦ ପାଇବାକୁ ଟଣାଓଟରା ହେବ ବୋଲି ଯେଉଁ ଚର୍ଚ୍ଚା ଚାଲିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟରେ ଭାଜପା ସରକାର ଗଢ଼ିବା ପରେ ମଧ୍ୟ ବିଏମ୍‌ସିରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦକୁ ନେଇ କୌଣସି ଭାଜପା କର୍ପୋରେଟର ନୋମିନେଶନ ଫାଇଲ୍ କରି ନ ଥିଲେ। ଅନ୍ୟପକ୍ଷରେ ଗୋଟିଏ ଅଧ୍ୟକ୍ଷ ପଦକୁ ନେଇ ୨ ବିଜେଡି କର୍ପୋରେଟର ମୁହାଁମୁହିଁ ହୋଇଥିବାବେଳେ ୭ ଅଧ୍ୟକ୍ଷ ପଦକୁ ବିଜେଡି କର୍ପୋରେଟର ସହଜରେ ହାତେଇ ନେଇଥିଲେ।

ବିଏମ୍‌ସିର ମୋଟ ୧୦ କମିଟି ମଧ୍ୟରୁ ନିୟମ ଅନୁଯାୟୀ କନ୍‌ଷ୍ଟ୍ରାକ୍ଟସ୍ କମିଟି ଅଧ୍ୟକ୍ଷ ଭାବେ ପୂର୍ବପରି ମେୟର ସୁଲୋଚନା ଦାସ ରହିଛନ୍ତି। ବାକି ୯ଟି କମିଟି ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଦାଖଲ ହୋଇଥିଲା। ପରିମଳ, ବିଦ୍ୟୁତ୍ ଯୋଗାଣ, ଜଳଯୋଗାଣ ଓ ପରିବେଶ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ଏକାଧିକ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ବିରଞ୍ଚି ନାରାୟଣ ମହାସୁପକାର ଓ ଭରତ ଲେଙ୍କା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ବିରଞ୍ଚି ଗୋଟିଏ ଭୋଟରେ ବିଜୟୀ ହୋଇଥିଲେ। ସେହିପରି ୬ଟି କମିଟି ଯଥା ଟାକ୍ସେସନ, ଫାଇନାନ୍ସ ଆଣ୍ଡ୍ ଆକାଉଣ୍ଟସ୍ କମିଟି ଅଧ୍ୟକ୍ଷ ଭାବେ ରାଜକିଶୋର ଦାସ, ପବ୍ଲିକ ୱାର୍କ୍ସ କମିଟି ଅଧ୍ୟକ୍ଷ ଭାବେ ଶ୍ରୀଧର ବେହେରା, ଏଜୁକେଶନ, ରିକ୍ରେଶନ ଓ କଲ୍‌ଚର ଅଧ୍ୟକ୍ଷ ଭାବେ ମିହିର କୁମାର ରାଉତ, କର୍ପୋରେଶନ ଏଷ୍ଟାବ୍ଲିଶମେଣ୍ଟ ଅଧ୍ୟକ୍ଷ ଭାବେ କୁମାରେନ୍ଦ୍ର ମହାପାତ୍ର, ଗ୍ରିଭାନ୍ସ ଆଣ୍ଡ୍ ସୋସିଆଲ ଜଷ୍ଟିସ୍ ଅଧ୍ୟକ୍ଷା ଭାବେ ବିନୟିନୀ ଜେନା ଏବଂ ସ୍ଲମ୍ ସେଟେଲ୍‌ମେଣ୍ଟ ଅଧ୍ୟକ୍ଷା ଭାବେ ମହାମାୟା ସ୍ୱାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତେବେ ବାକି ୨ କମିଟିର ଅଧ୍ୟକ୍ଷ ଚୟନ ହୋଇପାରି ନାହିଁ। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିର୍ବାଚନ ପ୍ରକ୍ରିୟାରେ ଅତିରିକ୍ତ କମିଶନର ଘାସିରାମ ମାଝୀ, ସସ୍ମିତା ସାହୁ, ଡେପୁଟି କମିଶନର କର୍ପୋରେଶନ ଏବଂ ଡେପୁଟି କମିଶନର, ନିର୍ବାଚନ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।

### ପରସ୍ପର ବିରୋଧରେ ଛିଡ଼ା ହେଲେ ବିଜେଡି କର୍ପୋରେଟର

ପ୍ରଥମ ଥର ପାଇଁ ବିଏମ୍‌ସିର ଗୋଟିଏ ପଦ ପାଇଁ ଗୋଟିଏ ଦଳର ଦୁଇ କର୍ପୋରେଟର ପରସ୍ପରର ବିରୋଧରେ ଛିଡ଼ା ହୋଇଥିଲେ। ବିଏମ୍‌ସିର ପରିମଳ, ବିଦ୍ୟୁତ୍ ଯୋଗାଣ, ଜଳଯୋଗାଣ ଓ ପରିବେଶ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ଏବଂ ଭରତ ଲେଙ୍କାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ନିୟମ ଅନୁଯାୟୀ କମିଟିର ଅନ୍ୟ ୭ଜଣ ସଦସ୍ୟଙ୍କ ମଧ୍ୟରୁ ଭରତଙ୍କୁ ୩ଟି ଭୋଟ୍ ମିଳିଥିବାବେଳେ ବିରଞ୍ଚିଙ୍କୁ ୪ଟି ଭୋଟ୍ ମିଳିଥିଲା। ତେଣୁ ଗୋଟିଏ ଭୋଟ୍‌ରେ ବିରଞ୍ଚି ବାଜି ମାରିଥିଲେ ଓ ଲଗାତର ତୃତୀୟ ଥର ପାଇଁ କମିଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏନେଇ ବିରଞ୍ଚି କହିଛନ୍ତି, ନିର୍ବାଚନ ସବୁବେଳେ ବ୍ୟକ୍ତିକୁ ନେଇ ହୁଏ, କାହା କଥାରେ ହୁଏନାହିଁ। ଲୋକଙ୍କ ପାଇଁ ଯିଏ କାମ କରୁଛି, କର୍ପୋରେଟରମାନେ ତାଙ୍କୁ ହିଁ କମିଟି ଅଧ୍ୟକ୍ଷ ଭାବେ ବାଛିଛନ୍ତି। ଆମେ ସବୁ ମିଳିମିଶି ଅଛୁ। ଆଗକୁ କେମିତି ଭଲ କାମ କରିବୁ ସେ ନେଇ ଧ୍ୟାନ ଦେବୁ।

### ୨ କମିଟି ଅଧ୍ୟକ୍ଷ ନୂଆ

୨୦୨୨ରୁ ୨୦୨୪ ଜୁନ୍ ପର୍ଯ୍ୟନ୍ତ ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଣ୍ଟସ କମିଟିର ଅଧ୍ୟକ୍ଷା ଭାବେ ପ୍ରୀତିନନ୍ଦା ରାଉତରାୟ ପଦ ସମ୍ଭାଳି ଥିଲେ। ତେବେ ଏଥର ନିର୍ବାଚନରେ ପ୍ରୀତିନନ୍ଦ ନୋମିନେଶନ ଫାଇଲ୍ କରି ନ ଥିଲେ। ୱାର୍ଡ ନଂ. ୩୦ର କର୍ପୋରେଟର ରାଜକିଶୋର ଦାସ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଭରିଥିବାବେଳେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ପବ୍ଲିକ୍ ୱାର୍କ୍ସର ଅଧ୍ୟକ୍ଷ ଭାବେ ଅମରେଶ ଜେନା ଦାୟିତ୍ୱ ତୁଲାଉ ଥିବାବେଳେ ଦୁଇଦିନ ତଳେ ସେ ପଦରୁ ଇସ୍ତଫା ଦେଇଥିଲେ। ହେଲେ ସେ ନୋମିନେଶନ ଫାଇଲ୍ କରି ନ ଥିଲେ। ୱାର୍ଡ ନଂ. ୫୨ର କର୍ପୋରେଟର ଶ୍ରୀଧର ବେହେରା ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ତେବେ ଅନ୍ୟମାନେ ପୁରୁଣା ହୋଇଥିବାବେଳେ ଏହି ଦୁଇଜଣ ନୂଆ।

### ୧ ମିନିଟ୍ ବିଳମ୍ବ ପାଇଁ ୨ କମିଟି ଅଧ୍ୟକ୍ଷ ଚୟନ ହୋଇପାରିଲାନି

ଅଧ୍ୟକ୍ଷ ପଦ ନୋମିନେଶନ ଦାଖଲ ପାଇଁ ୧୦ଟା ୩୦ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ପ୍ଲାନିଂ ଆଣ୍ଡ୍ ଡେଭଲପ୍‌ମେଣ୍ଟ କମିଟିର ପୂର୍ବତନ ଅଧ୍ୟକ୍ଷ ଶ୍ରୀଧର ଜେନା ଏବଂ ଲାଇସେନ୍ସ ଆଣ୍ଡ୍ ଆପିଲ୍‌ସ ଷ୍ଟାଣ୍ଡିଂ କମିଟିର ପୂର୍ବତନ ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା ନିର୍ଦ୍ଧାରିତ ସମୟର ଗୋଟିଏ ମିନିଟ୍ ବିଳମ୍ବରେ ପହଞ୍ଚି ନୋମିନେଶନ ଫାଇଲ୍ କରିଥିଲେ। ତେବେ ନିୟମ ଅନୁଯାୟୀ ବିଳମ୍ବରେ ପହଞ୍ଚି ଥିବାରୁ ତାହାକୁ ଗ୍ରହଣ କରାଯାଇ ନାହିଁ। ତେଣୁ ଏହି ଦୁଇ ଅଧ୍ୟକ୍ଷ ପଦ ପାଇଁ ପୁନଃ ନୋଟିଫିକେଶନ ପରେ ନିର୍ବାଚନ କରାଯିବ।

### ବିଜେଡି ଜିତିଲା, ଭାଜପା ଖୁସି ମନାଇଲା

ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ ସମୟରେ ପ୍ରଥମଥର ପାଇଁ ବିଏମ୍‌ସି ମୁଖ୍ୟାଳୟରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ପରିମଳ ଷ୍ଟାଣ୍ଡିଂ କମିଟି ନିର୍ବାଚନରେ ବିରଞ୍ଚି ନାରାୟଣ ମହାସୁପକାର ଜିତିବା ପରେ ବିଜେଡିର କୌଣସି କର୍ପୋରେଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳି ନ ଥିଲା। ଏପରିକି କୌଣସି ବିଜେଡି କର୍ପୋରେଟର ଏଥିରେ ତାଳି ମାରି ନ ଥିଲେ। ମାତ୍ର ଭାଜପା କର୍ପୋରେଟରମାନେ ଏଥିରେ ଉତ୍ସାହିତ ହେବା ସହ ତାଳି ମାରି ଖୁସି ମନାଇଥିଲେ। ଏଥିସହ ଭାଜପାର ମହିଳା କର୍ପୋରେଟରମାନେ ହୁଳହୁଳି ଦେଇ ବିରଞ୍ଚିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତେଣୁ ବିଜେଡି କର୍ପୋରେଟରଙ୍କ ବିଜୟକୁ ନେଇ ଭାଜପା କର୍ପୋରେଟରଙ୍କ ଖୁସି ମନାଇବା ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

## ନିଶା ପାଇଁ ରୋଷେୟାଙ୍କୁ ହତ୍ୟା, ଶ୍ରମିକ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଯାଁଳା, ୨୧।୬ (ବୁଲା ବାରିକ)

**ତମାଣ୍ଡୋରେ ଅଭାବନୀୟ ଘଟଣା**

ଜଣେ ରୋଷେୟାଙ୍କୁ ଲୁହା ରଡ୍‌ରେ ପିଟି ପିଟି ହତ୍ୟା କରାଯାଇଛି। ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ ମହୁରା ଗାଁ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକ ଘରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ହେଲେ ଖୋର୍ଦ୍ଧା ପାଟପୁରା ଅଞ୍ଚଳର ସୁଶାନ୍ତ ଶତପଥୀ। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘର ଛାତ ଉପରୁ ମୃତଦେହ ଜବତ କରିଥିଲା। ପରେ ଏମ୍ସରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ତେବେ ତାଙ୍କ ସହ ସେଠାରେ ରହୁଥିବା ଶ୍ରମିକ ରଞ୍ଜନ ଦୀପ ତାଙ୍କୁ ହତ୍ୟା କରିଥିବା ଜଣାପଡିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ନିଶା ପାଇଁ ଝଗଡାରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଘଟଣା ଘଟାଇ ଅଭିଯୁକ୍ତ ରଞ୍ଜନ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ଓଗାଳପଡ଼ା ଅଞ୍ଚଳରୁ ଗିରଫ କରିବା ପରେ ଥାନାରେ ପଚରାଉଚରା କରୁଛି। ଏନେଇ ଏକ ହତ୍ୟା ମାମଲା (ନଂ. ୨୩୯/୨୦୨୪) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁବ୍ରତ କୁମାର ମେହେର କହିଛନ୍ତି।

ସୂଚନାନୁସାରେ, ମୃତଦେହ ମିଳିଥିବା ଘରକୁ ନଁପୁଟ ସରପଞ୍ଚଙ୍କ ସ୍ୱାମୀ କୁମ୍ଭପାଣି ପାତ୍ର ଭଡାରେ ନେଇଛନ୍ତି। ସେ ଘର ନିକଟରେ ଏକ କାର୍ଯ୍ୟାଳୟ ନିର୍ମାଣ କରୁଛନ୍ତି। ଏଥିପାଇଁ ଅଭିଯୁକ୍ତ ରଞ୍ଜନଙ୍କ ସହ ବିଭିନ୍ନ କାମ କରୁଥିବା ଶ୍ରମିକଙ୍କୁ ଉକ୍ତ ଘରେ ରଖିଥିଲେ। ମୃତ ସୁଶାନ୍ତ ବିଭିନ୍ନ ସ୍ଥାନରେ ରୋଷେଇ କରିବା ସହ ରାତିରେ ସେହି ଘରେ ରହୁଥିଲେ। ଗୁରୁବାର ରାତିରେ ସୁଶାନ୍ତ ଓ ରଞ୍ଜନ ମଦ ପିଇ ସାରିବା ପରେ ଉଭୟ ଛାତ ଉପରକୁ ଶୋଇବାକୁ ଯାଇଥିଲେ। ହେଲେ ଭୋର ସମୟରେ କୋଠାରେ ରହୁଥିବା ଜଣେ ଶ୍ରମିକ ଛାତ ଉପରକୁ ଯାଇଥିବାବେଳେ ପାଣି ଟାଙ୍କି କଡରେ ସୁଶାନ୍ତଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ହେଲେ ରଞ୍ଜନ ନ ଥିବାରୁ ସେ ଏଭଳି କାଣ୍ଡ ଭିଆଇଥିବା ସନ୍ଦେହ କରିଥିଲେ। ଏନେଇ ସେ ମାଲିକ କୁମ୍ଭପାଣିଙ୍କୁ ଫୋନ୍ କରି ତୁରନ୍ତ ଘଟଣା ବିଷୟରେ ଜଣାଇବାରୁ ସେ ତମାଣ୍ଡୋ ଥାନାକୁ ଖବର ଦେଇଥିଲେ।



ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଶୁକ୍ରବାର ସାକ୍ଷାତ୍ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଧର୍ମିଣୀ ପ୍ରିୟଙ୍କା ମାର୍ଣ୍ଡି।

## ୨୨ରୁ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ବିଶ୍ୱ ଦକ୍ଷତା କେନ୍ଦ୍ର 'ସ୍କୁଲ ଅଫ ଇଞ୍ଜିନିୟରିଂ' ବିଭାଗର ୨୦୨୪-୨୫ ବ୍ୟାଚ୍ ସେପ୍ଟେମ୍ବର ସେସନରେ ନାମଲେଖା ପାଇଁ ଜୁନ୍ ୨୨ରୁ ଆବେଦନ ଆରମ୍ଭ ହେବ। ଏହି ପ୍ରକ୍ରିୟା ଅଗଷ୍ଟ ୩୦ ପର୍ଯ୍ୟନ୍ତ ଚାଲିବ। ଆବେଦନ ସରିବା ପରେ ଅନ୍‌ଲାଇନ ମାଧ୍ୟମରେ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ କରାଯିବ। ଚଳିତବର୍ଷ ଏହି ବିଭାଗର ମୋଟ ୭ଟିବିଷୟରେ ନାମଲେଖା ଅନୁଷ୍ଠିତ ହେବ। 'ସ୍କୁଲ ଅଫ ଇଞ୍ଜିନିୟରିଂ' ବିଭାଗ ଅଧୀନରେ 'ପ୍ରିସିଶନ ଇଞ୍ଜିନିୟରିଂ' ଭଳି ଅତ୍ୟାଧୁନିକ ପାଠ୍ୟକ୍ରମ ଆରମ୍ଭ ହେଉଛି। ଏଥିରେ ଇଞ୍ଜିନିୟରିଂ ଡ୍ରଇଂ ଆଣ୍ଡ୍ ଇନ୍ସପେକ୍ସନ ଟେକ୍ନିକ୍ସ, ଇଞ୍ଜିନିୟରିଂ ପ୍ରୋସେସ (ଟର୍ନିଂ), ଇଞ୍ଜିନିୟରିଂ ପ୍ରୋସେସ, ଥ୍ରୀଡି କ୍ୟାଡ୍/କ୍ୟାମ୍ ଆପ୍ଲିକେଶନସ୍ ସିଏନ୍‌ସି ସିଟ୍ ମେଟାଲ ଫାବ୍ରିକେଶନ ଏବଂ ଗ୍ରାଇଣ୍ଡିଂ ଆଦି ମଡ୍ୟୁଲ ଆଦି ବିଷୟ ରହିଛି। କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିପାରିବେ। ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ www.worldskill-center.orgରେ ପ୍ରଥମେ ପଞ୍ଜୀକରଣ କରିବା ପରେ ନାମଲେଖା ପାଇଁ ଆବେଦନ କରିପାରିବେ। ଅଧିକ ସୂଚନା ପାଇଁ ନଂ. ୧୮୦୦୨୬୬ ୬୦୦୨ରେ ଯୋଗାଯୋଗ କରିବାକୁ କୁହାଯାଇଛି।

## କଲେଜ ଛାତ୍ରରୁ ଅଧ୍ୟାପିକାଙ୍କୁ ଠେଲି ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨୧।୬(ସତ୍ୟଜିତ୍ ରାଉତ)

**୧୨ଦିନ ଧରି ଜୀବନ ସହ ସଂଘର୍ଷ ପରେ ଆଖି ବୁଜିଲେ**



ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ଏକ ଇଞ୍ଜିନିୟରିଂ କଲେଜରେ ଜଣେ ଅଧ୍ୟାପିକାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳର ବର୍ଷା ମିଶ୍ର (୨୯)। ଜୁନ୍ ୧୧ରୁ କଲେଜ ଛାତ୍ରରୁ ଖସିପଡି ବର୍ଷା ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବର୍ଷାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ କଲେଜ କର୍ତ୍ତୃପକ୍ଷ ଓ ବିଭାଗୀୟ ଏଚ୍‌ଓଡି ଦାୟୀ ବୋଲି ବର୍ଷାଙ୍କ ଭାଇ ସୁନୀଲ ମିଶ୍ର ଅଭିଯୋଗ କରିଛନ୍ତି। ବର୍ଷାଙ୍କୁ ଏଚ୍‌ଓଡି ଠେଲି ହତ୍ୟା କରିଥିବା ସୁନୀଲ ତମାଣ୍ଡୋ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ଶୁକ୍ରବାର ବର୍ଷାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତା ବର୍ଷା କଲେଜର କମ୍ପ୍ୟୁଟର ସାଇନ୍ସ ବିଭାଗର ଟେକ୍ନିକାଲ ଆସିଷ୍ଟାଣ୍ଟ ଭାବେ ବର୍ଷେ ହେବ ଚାକିରି କରୁଥିଲେ। ଗତ ଜୁନ ୧୧ ଅପରାହ୍ନରେ କଲେଜ ଛାତରୁ ବର୍ଷା ପଡିଯାଇ ଗୁରୁତର ହୋଇଥିଲେ। କଲେଜର ସହକର୍ମୀଙ୍କଠାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଏମ୍ସରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଭାଇ ସୁନୀଲଙ୍କ ଏତଲାକୁ ଭିତ୍ତିକରି ପୋଲିସ ହତ୍ୟା ଉଦ୍ୟମ ଦଫାରେ ଏକ ମାମଲା (ନଂ.୩୩୨/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବର୍ଷାଙ୍କ ମୃତ୍ୟୁ ପରେ ପୋଲିସ ହତ୍ୟା ଦିଗକୁ ନେଇ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଥିବାବେଳେ କଲେଜ ସିସିଟିଭି ଫୁଟେଜ୍ ଯାଞ୍ଚ କରି ସତ୍ୟତା ଜାଣିବାକୁ ତନାଘନା ଚଳାଇଛି।

## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ବିଶ୍ୱ ସଙ୍ଗୀତ ଦିବସ

ଭୁବନେଶ୍ୱର,୨୧।୬ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ବିଶ୍ୱ ସଙ୍ଗୀତ ଦିବସ' ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାଏଙ୍କ ମାର୍ଗଦର୍ଶିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଉତ୍ସବରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ-ନିର୍ଦ୍ଦେଶକ ସୁବୋଧ କୁମାର ଆଚାର୍ଯ୍ୟ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଉଭୟ ଗୁରୁ ଓ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଉପ ଶାସ୍ତ୍ରୀୟ ସଙ୍ଗୀତ ଗାୟନ, ତବଲା ବାଦନ ଓ ବଂଶୀ ବାଦନ ପରିବେଷଣ କରାଯାଇଛି। ଉପ ଶାସ୍ତ୍ରୀୟ ସଂଗୀତ ଗାୟନରେ ଚମ୍ପୁ, ଛାନ୍ଦ, ଜଣାଣ, ଭଜନକୁ ଗୁରୁ ଡ. ବିଜୟ କୁମାର ଜେନା, ଗୁରୁ ଚନ୍ଦନ କୁମାର ଜେନା, ନିମାକାନ୍ତ ରାଉତରାୟ, ଭାରତୀ ଜେନାଙ୍କ ସହ ଛାତ୍ରୀଛାତ୍ର ଅଭିଲିପ୍ସା ପାତ୍ର, ଅମିତ କୁମାର ପଣ୍ଡା, ଅରୋଅଶେଷ ପାତ୍ର, ମନସ୍ୱିନୀ ଭୁଜବଳ ପରିବେଷଣ କରିଥିଲେ। ତବଲା ବାଦନରେ ଗୁରୁ ପ୍ରମୋଦ କୁମାର ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ଗୁରୁ ଶ୍ରୀନିବାସ ଶତପଥୀ ବଂଶୀ ବାଦନ କରିଥିଲେ।




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ବିଶ୍ୱ ସଙ୍ଗୀତ ଦିବସ ପାଳନ ଅବସରରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଚନ୍ଦକା ଡମପଡ଼ାରେ ଛଡ଼ାହେବେ ଗୟଳ, ଶମ୍ବର

ଭୁବନେଶ୍ୱର,୨୧।୬(ଅସମାପିକା ସାହୁ)

ଚନ୍ଦକା ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟରେ ପୁଣି ଦେଖାଯିବେ ଗୟଳ ଓ ଶମ୍ବର। ଏଠାର ଲୋପ ପାଇଥିବା ଏହି ଦୁଇ ବନ୍ୟପ୍ରାଣୀଙ୍କୁ ଛାଡ଼ିବା ସହ ବଂଶବୃଦ୍ଧି ପାଇଁ ବନ ବିଭାଗ ଯୋଜନା କରିଛି। ଏଥିପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିସାରିଛନ୍ତି। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ଦୁଇଟି ଭିନ୍ନ ଚିଠି ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟକୁ ଆସିଛି। ଗୋଟିଏ ଚିଠିରେ ଗୟଳ ପାଇଁ ଅନୁମତି ଦିଆଯାଇଥିବା ବେଳେ ଆଉ ଏକ ଚିଠିରେ ଶମ୍ବର ଏବଂ ହରିଣ ଟ୍ରାନ୍ସଲୋକେଟ କରିବା ପାଇଁ ଅନୁମତି ଦିଆଯାଇଛି। ଏହି ପ୍ରାଣୀଙ୍କୁ ଏବେ ଟ୍ରାନ୍ସଲୋକେଟ କରିବା ବା ପୁନର୍ବାର ଛାଡ଼ିବା ପାଇଁ ମଧ୍ୟ ବନ ବିଭାଗ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଜଣାପଡ଼ିଛି। ବନ ବିଭାଗର ସୂଚନାନୁସାରେ, ଚନ୍ଦକା ଡମପଡ଼ାରେ ମୋଟ ୨୦ଟି ଗୟଳ ଛଡ଼ାଯିବ। ସେଥିମଧ୍ୟରୁ ୧୫ଟି ପ୍ରାପ୍ତବୟସ୍କ (୩ରୁ ୫ ବୟସ) ମାଈ ଥିବାବେଳେ ୫ଟି ଅଣ୍ଡିରା (୩ରୁ ୫ ବୟସ) ରହିବେ। ୧୯୭୨ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁସାରେ ଏହି ଗୟଳଙ୍କୁ ଟ୍ରାନ୍ସଲୋକେଟ କରିବା ପାଇଁ ମନ୍ତ୍ରଣାଳୟ ଚିଠିରେ ଉଲ୍ଲେଖ କରିଛି। ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରୁ ଆଣି ଚନ୍ଦକା ଡମପଡ଼ାରେ ଛାଡ଼ିବା ପାଇଁ ଅନୁମତି ଦିଆଯାଇଛି। ତେବେ ଅଭୟାରଣ୍ୟରୁ ଧରିବାଠାରୁ ଆରମ୍ଭ କରି ଛାଡ଼ିବା ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁସାରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟ ବନ ବିଭାଗ ତତ୍ତ୍ୱାବଧାନରେ ହେବ। ପର୍ଯ୍ୟାପ୍ତ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେବାକୁ କୁହାଯାଇଛି। ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ/ରାଜ୍ୟ ବନ ବିଭାଗ ଏହି ପୂରା ପ୍ରକ୍ରିୟାର ଯାଞ୍ଚ କରିବେ। ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ୩ ମାସରେ ଥରେ ମନ୍ତ୍ରଣାଳୟକୁ ରିପୋର୍ଟ ପ୍ରଦାନ କରିବେ। ଯଦି ଏ ସମସ୍ତ ପ୍ରକ୍ରିୟାରେ ଗୟଳ ପ୍ରତି ବିପଦ ଥିବା ପରିଲକ୍ଷିତ ହେବ, ମନ୍ତ୍ରଣାଳୟ ତାହାର ସମୀକ୍ଷା କରିବ କିମ୍ବା ଅନୁମତିକୁ ଉଠାଇ ଦେବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ଚିଠି ପାଇବା ପରେ ବିଭାଗ ପକ୍ଷରୁ ଗୟଳ ଧରିବା, ସ୍ଥାନାନ୍ତର ଓ ଛାଡ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରୁ ଏହି ଟ୍ରାନ୍ସଲୋକେଟ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଅଗଷ୍ଟ ସୁଦ୍ଧା ଶେଷ କରିବା ପାଇଁ ବନ ବିଭାଗ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ସେହିଭଳି ତପ୍ତପାଣି ହରିଣ ପାର୍କରୁ ୩୨ ଶମ୍ବର ଆଣି ଚନ୍ଦକା ଡମପଡ଼ାରେ ଛଡ଼ାଯିବ। ଏଥିରେ ୧୪ ମାଈ ଏବଂ ୧୮ ଅଣ୍ଡିରା ରହିବ। ଜୁଲାଇ ପ୍ରଥମ ସପ୍ତାହରୁ ଏହି କାମ ଆରମ୍ଭ ହେବାକୁ ଥିବାବେଳେ ମାସକ ମଧ୍ୟରେ ହିଁ ଶେଷ କରିବାକୁ ବନ ବିଭାଗ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ତପ୍ତପାଣି ହରିଣ ପାର୍କରୁ ଚିତ୍ରା ହରିଣ ଅଣାଯାଇ ଗଜପତି ଜିଲା ଲଖାରୀ ଭ୍ୟାଲି ବନ୍ୟପ୍ରାଣୀ ଅଭୟାରଣ୍ୟରେ ଛଡ଼ାଯିବ। ମୋଟ ୪୦ଟି ଚିତ୍ରା ହରିଣ ଅଣାଯିବାକୁ ଥିବାବେଳେ ୨୫ ମାଈ ଏବଂ ୧୫ ଅଣ୍ଡିରା ରହିବ।





## ସଂକ୍ଷେପରେ

### ମହିମା ଆଶ୍ରମର ବାର୍ଷିକ ଉତ୍ସବ

ନେମାଳ,୨୧।୬(କିରଣ ଶଙ୍କର ନାୟକ)

ନେମାଳ ସତ୍ୟସନାତନ ମହିମା ଆଶ୍ରମର ବାର୍ଷିକ ବ୍ରହ୍ମଧ୍ୱନୀ ସ୍ଥାପନ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମହିମା ଧର୍ମାବଲମ୍ବୀମାନେ ଆଶ୍ରମରେ ପହଞ୍ଚି ଭଜନ, କୀର୍ତ୍ତନ କରିବା ସହ ବ୍ରହ୍ମଧ୍ୱନୀ ପଠନ କରି ଘୃତାହୁତି ପ୍ରଦାନ କରିଛନ୍ତି। ପ୍ରଭାତରୁ ମହିମା ସାଧୁସନ୍ଥମାନେ ପ୍ରାର୍ଥନା କାର୍ଯ୍ୟ ସମାପନ କରିବା ପରେ ଏକ ହୋଇ ବିଶ୍ୱର ମଙ୍ଗଳ କାମନା କରିଥିଲେ। ଆଶ୍ରମକୁ ସୁସଜ୍ଜିତ କରାଯିବା ସଙ୍ଗେସଙ୍ଗେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ବ୍ରହ୍ମଅବଧୂତ ବାବା ଗୋପାଳ ଦାସ, ଚିଦାନନ୍ଦ ଦାସ, ପବିତ୍ର ବାବା, ଶଙ୍କରାନନ୍ଦ ବାବା, ଭରତ ଚନ୍ଦ୍ର ବାବା, ଇନ୍ଦ୍ରମଣି ଦାସ, ସଞ୍ଜୟ ଦାସ ଓ ଧନେଶ୍ୱର ଦାସ ପ୍ରମୁଖ ବହୁ କୌପିନୀ ଓ ବକ୍କଳଧାରୀ ବାବା ଯୋଗଦେଇଥିଲେ।

### ବେଆଇନ ଗୃହ ନିର୍ମାଣକୁ ବନ୍ଦ କଲେ ତହସିଲଦାର

ମାହାଙ୍ଗା,୨୧।୬(ଯଯାତି ସିଂହ)

ମାହାଙ୍ଗା ତହସିଲ ଅନ୍ତର୍ଗତ କଇଥା ପଞ୍ଚାୟତ ତ୍ରିନାଥପୁର ଗୁନି ସାହି ଗ୍ରାମରେ ବେଆଇନ ଭାବେ ହେଉଥିବା ଗୃହ ନିର୍ମାଣକୁ ତହସିଲଦାର ବନ୍ଦ କରିଛନ୍ତି। ଗ୍ରାମର ରଜତ ଗାହାଣ ବେଆଇନଭାବେ ଗେଙ୍ଗୁଟୀ ନଦୀ(ବାଇଁସିଆ) ନଦୀ ପାର୍ଶ୍ୱରେ ଏକ ଗୃହ ନିର୍ମାଣ କରୁଥିଲେ। ଏନେଇ ଗ୍ରାମର ଅମୂଲ୍ୟ ଗାହାଣଙ୍କ ସହ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ସହ ତହସିଲଠାରୁ ଆରମ୍ଭ କରି ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଏହାପରେ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଏବଂ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗୃହ ନିର୍ମାଣ କରୁଥିବା ରଜତଙ୍କୁ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଗୃହ ନିର୍ମାଣକାରୀଙ୍କୁ କାର୍ଯ୍ୟ ବନ୍ଦ କରିବାକୁ କୁହାଯାଇଛି। ପରେ ଉଭୟ ପକ୍ଷଙ୍କୁ ନୋଟିସ ଜାରି କରାଯାଇ ଗୃହ ଭଙ୍ଗାଯିବ।

# ଯୋଗ କଲେ ମନୁଷ୍ୟ ନୀରୋଗ ରୁହେ



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜିଲା ପ୍ରଶାସନ ପକ୍ଷରୁ ଯୋଗ ଦିବସ ପାଳନ।



ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାଟର କଟକ ପକ୍ଷରୁ ବାଲିଯାତ୍ରା ତଳପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟ୍ ଓ ଅନ୍ୟମାନେ ଯୋଗ ପ୍ରଶିକ୍ଷଣ ନେଉଛନ୍ତି।

କଟକ/ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୨୧।୬(ଶିଳ୍ପା ପ୍ରିୟଦର୍ଶିନୀ/ ମାନସ ସାମଲ/ଆଶୁତୋଷ ଦାସ)

କଟକର ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଯୋଗ ଦିବସ ପାଳନ ହୋଇଛି। ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାଏ ଯୋଗଦେଇଥିଲେ। ଏହି ଅବସରରେ ବିଧାୟିକା ସୋଫିଆ କହିଛନ୍ତି, ଯୋଗ କଲେ ମଣିଷ ସୁସ୍ଥ ସବଳ ଓ ନିରୋଗ ରହିଥାଏ।

ସେହିପରି ବାରବାଟୀ ଷ୍ଟାଡିୟମଠାରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ବିଜୟ କୁମାର ଦାସଙ୍କ ସମେତ ସିଏମ୍‌ସିର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ସିଏମ୍‌ସି କମିଶନର ଦାସ କହିଛନ୍ତି, ରୋଗ ଦୂର କରେଇବାର ପ୍ରମୁଖ ଭୂମିକା ଗ୍ରହଣ କରିଛି ଯୋଗ। ତେଣୁ ନିତାନ୍ତ ଯୋଗ କରିବା ଆବଶ୍ୟକ।

ରେଭେନ୍‌ସା ବିଶ୍ୱବିଦ୍ୟାଳୟସ୍ଥିତ

### ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

ଆନେକ୍ସ-୧୦ରେ କୁଳସଚିବ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ଏଥିରେ କୁଳସଚିବ ନାୟକ କହିଛନ୍ତି, ଯୋଗ ମାନସିକ ସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଜୀବନକୁ ଶୃଙ୍ଖଳିତ କରିଥାଏ। ସେହିପରି ବାଲିଯାତ୍ରା ପଡିଆରେ ଏନ୍‌ସିସି କ୍ୟାଡେଟ୍ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଥିଲା।

ଖ୍ରୀଷ୍ଟ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ମଧୁମିତା ପାତ୍ର ଉଦ୍‌ଘାଟନ କରିଥିଲେ। ଯୋଗ ଶିକ୍ଷକ ସୂର୍ଯ୍ୟକାନ୍ତ ଧୀରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଯୁବ ରେଡ୍‌କ୍ରସର ସଂଯୋଜିକା ଡ. କ୍ଷଣପ୍ରଭା ନନ୍ଦ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାତୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ମର୍କତ ନଗରସ୍ଥିତ ସ୍କୁଲ ଦି ସେଲଟର, ସେକ୍ଟର-୭ଠାରେ ଥିବା ଫ୍ରେଣ୍ଡ୍‌ସ କ୍ଲବ, ସିଡିଏ ସେକ୍ଟର-୬ସ୍ଥିତ ଜୟ ନାରାୟଣ ପାର୍କ, ତେଲେଙ୍ଗା ବଜାରସ୍ଥିତ ଶିଶୁ ଭାରତୀ ସ୍କୁଲ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା କର୍ମୀମାନେ ଯୋଗ ଦେଇଥିଲେ।

ଚୌଦ୍ୱାର ପୌରପାଳିକା ୬ ନମ୍ବର ୱାର୍ଡଅଧୀନ ନୁଆଁକିରି ଗ୍ରାମସ୍ଥିତ ବିବେକାନନ୍ଦ ପାଠାଗାର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପାଠାଗାର ସମ୍ପାଦକ ସୁରେଶ ରାଉତରାୟ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଗୁରୁ ସୁରେଶ କୁମାର ଦାସ ଯୋଗ ଶିକ୍ଷା ଦେଇଥିଲେ। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ନାୟକ, ସଭ୍ୟ ଅଶୋକ କୁମାର ରାଉତରାୟ, ସମୀର କୁମାର ନାୟକ, ପବିତ୍ର ମହାନ୍ତି, ସନ୍ତୋଷ ଭୂୟାଁ, ରଶ୍ମି ମହାନ୍ତି, ପ୍ରଭାତ ମହାନ୍ତି, ସଞ୍ଜିତ୍ ମହାନ୍ତି, ଅଂଶୁମାନ ମହାପାତ୍ର, ସୁଜିତ୍ ଦାସଙ୍କ ସମେତ ପାଠାଗାରର ସମସ୍ତ ସଭ୍ୟ ଯୋଗ ଶିକ୍ଷାରେ ଅଂଶଗ୍ରହଣ କରିଥିଲେ।

ଚୌଦ୍ୱାର କଲେଜ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୋଗଗୁରୁ ସୁରେଶ କୁମାର ଦାଶ, ଅଂଶୁମାନ ମହାପାତ୍ର ଓ ଶିକ୍ଷକ ବୈଦ୍ୟନାଥ ନାୟକ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଏହି ଅବସରରେ ଯୋଗ ସମ୍ପର୍କିତ ଶପଥପାଠ କରାଯାଇଥିଲା। ଅଧ୍ୟାପକ ଶରତ ଚନ୍ଦ୍ର ମଲ୍ଲିକ, ମୋହିତ କର, ପ୍ରଭାକର ମିଶ୍ର, ଦୀପକ କୁମାର ବେହେରା, ରତିକାନ୍ତ ସ୍ୱାଇଁ, ମମତା ସାହୁ, ହରପ୍ରିୟା ମହାପାତ୍ର, କ୍ଷୀରାବ୍ଧି ଚୌଧୁରୀ, କ୍ରିଷ୍ଣା କାବେରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



କଟକ କ୍ଲବ୍‌ରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି।




ଓସିଏ କନ୍‌ଫରେନ୍ସ ହଲ୍‌ରେ ସିଏମ୍‌ସି ପକ୍ଷରୁ ଅନୁଷ୍ଠିତ ଯୋଗ ଶିବିର।

# ଦୁର୍ଘଟଣାରେ ୩ ମୃତ

କଟକ/ ସାଲେପୁର,୨୧।୬ (କାର୍ତ୍ତିକ ସାହୁ/ ଅରବିନ୍ଦ ଭୂୟାଁ)

କଟକ ନୂଆପାଟଣାସ୍ଥିତ ମଧୁସୂଦନ ସେତୁ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍‌ରେ ଯାଉଥିବା ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସିଡିଏ ଫେଜ୍-୨ ଓ ଚୌଦ୍ୱାର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଓ ଆହତଙ୍କ ପରିଚୟ ମିଳି ନ ଥିବାବେଳେ ସେମାନଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଛି। ଦୁର୍ଘଟଣାର କାରଣ ଜଣାପଡି ନାହିଁ। ତେବେ ଏକ ମାଲ୍ ବୋଝେଇ ଟ୍ରକ୍ ଖରାପ ହୋଇ ରାସ୍ତାପାର୍ଶ୍ୱରେ ଅଟକି ଥିବାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଟ୍ରକ୍‌ରେ ପିଟି ହୋଇଯାଇଥିବା କୁହାଯାଉଛି।

ସେହିପରି କଟକରୁ କେନ୍ଦ୍ରାପଡ଼ା ଯାଇଥିବା ଜଗତପୁର ପୂର୍ତ୍ତ ବିଭାଗ ରାସ୍ତାର ଭାତପଡ଼ା ଗ୍ରାମ ନିକଟରେ ଟ୍ରକ୍ ପଛକୁ ଏକ କାର ଧକ୍କା ଦେଇଛି। ଫଳରେ କାର ଆଗ୍ ସିଟ୍‌ରେ ବସିଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଥାନା ହଜାରିବଗିଚା ଅଞ୍ଚଳର ଶିବଶଙ୍କର ରାଉତ। ଅପରପକ୍ଷେ ଦୁର୍ଘଟଣା ପରେ କାର ଚାଳକ ଫେରାର ହୋଇଯାଇଛନ୍ତି। ଶିବଶଙ୍କର ରାଉତ ଏକ କାର୍‌ରେ ଗୁରୁବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ଜଗତ୍‌ପୁର ଦେଇ କେନ୍ଦ୍ରାପଡ଼ା ଯାଉଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। କାର୍‌ର ସମ୍ମୁଖ ଭାଗ ଟ୍ରକ୍ ଭିତରକୁ ପଶିଯାଇଥିଲା।ଫଳରେ ଶିବଶଙ୍କର ଗୁରୁତର ହୋଇଥିଲେ। ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ମାମଲା (ନଂ.୨୬୫/୨୪) ରୁଜୁ କରିଛି।

### ଆଜି ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ଦେବସ୍ନାନ ଯାତ୍ରା

ନେମାଳ,୨୧।୬(କିରଣ ଶଙ୍କର ନାୟକ)

ନେମାଳ ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ଶନିବାର ଦେବସ୍ନାନ ଯାତ୍ରା ପାଳିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ଶ୍ରୀଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦ ଓ ଗୋପୀନାଥଜୀଉ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେବାୟତ ସଂଘ ପକ୍ଷରୁ ନିର୍ଦ୍ଧାରିତ ସମୟରେ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ପାଳନ କରାଯିବା ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ନିମିତ୍ତ ସାଧୁସନ୍ଥ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଖାଦ୍ୟ ପାନୀୟର ବ୍ୟବସ୍ଥା ହୋଇଛି। ପୋଲିସ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ପୀଠରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜଳ ସିଞ୍ଚନ କରାଯିବାର ବ୍ୟବସ୍ଥା ମଧ୍ୟ ହୋଇଛି।

# ଅକ୍ଟୋବର ସୁଦ୍ଧା ପାନୀୟଜଳ ଯୋଗାଅ: ବିଧାୟକ

ବଡ଼ମ୍ବା,୨୧।୬(ମାୟାଧର ମଲ୍ଲିକ)

ଅକ୍ଟୋବର ସୁଦ୍ଧା ବଡ଼ମ୍ବା-ନରସିଂହପୁର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାପାଇଁ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକା ସଂସ୍ଥା ଅଧିକାରୀଙ୍କୁ କହିଛନ୍ତି। ଶୁକ୍ରବାର ବଡ଼ମ୍ବା ରାଜସ୍ୱ ଡାକବଙ୍ଗଳାଠାରେ ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକା ସଂସ୍ଥା ଅଧିକାରୀଙ୍କୁ ନେଇ ବିଧାୟକ ଦଳବେହେରା ପାନୀୟ ଜଳ ସଂକ୍ରାନ୍ତିୟ ଏକ ବୈଠକ କରି ଏକଥା ଜଣାଇଛନ୍ତି। ଏଲ୍ ଆଣ୍ଡ ଟି ଠିକା ସଂସ୍ଥା ୪ ବର୍ଷରୁ ଉର୍ଦ୍ଧ୍ୱ ଧରି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଛି। ହେଲେ ସମ୍ପୃକ୍ତ ଠିକା ସଂସ୍ଥା କର୍ମକର୍ତ୍ତା ଏବେ ସୁଦ୍ଧା ଜଳ ଯୋଗାଇବା ପାଇଁ ସକ୍ଷମ ହୋଇନାହାନ୍ତି। ତେବେ ଠିକା ସଂସ୍ଥା କ'ଣ କରୁଛି, ପ୍ରକଳ୍ପ କାର୍ଯ୍ୟ କାହିଁକି ଶେଷ ହେଉନାହିଁ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି।

ଏପରିକି ଏହା ଉପରେ ପ୍ରତ୍ୟେକ ସପ୍ତାହ ମଧ୍ୟରେ ବିଧାୟକ ସମୀକ୍ଷା କରିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ଅକ୍ଟୋବର ସୁଧାପାଣିର ସୁପରିଚାଳନା ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ଆଇଟିଆଇ ଓ ଡିପ୍ଲୋମା ପିଲାଙ୍କୁ ପ୍ରଶିକ୍ଷଣ ସହ ନିଯୁକ୍ତି ଦିଆଯିବ ବିଧାୟକ କହିଛନ୍ତି। ଉକ୍ତ ବୈଠକରେ ଠିକା ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁମନ୍ତ କୁମାର ପାଢ଼ୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଅଧିକାରୀ ଚର୍ଚ୍ଚିନ ମିଶ୍ର, ସହକାରୀ ଯନ୍ତ୍ରୀ ସୁବୋଧ ମାଣ୍ଡୋଇ, କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ବେହେରା, ପୂଜାରାଣୀ ନାୟକ, ସଞ୍ଜୟ କୁମାର ରଣା, ଠିକା ସଂସ୍ଥା ପ୍ରକଳ୍ପ ପରିଚାଳକ ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଦଳବେହେରା ଶପଥ ଗ୍ରହଣ କରିବା ପରେ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଭେଟି ବଡ଼ମ୍ବା ନରସିଂହପୁରର ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା କରିଥିଲେ।



ବୈଠକରେ ବିଧାୟକ ବିଜୟ କୁମାର ଦଳବେହେରା ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

# ସୁସ୍ଥ, ନିରାମୟ ଜୀବନ ଯାପନ ପାଇଁ ଯୋଗ ଜରୁରୀ

ଆଠଗଡ/ତିଗିରିଆ/ବାଙ୍କୀ/ ବଡ଼ମ୍ବା/ସାଲେପୁର, ୨୧।୬(ସତ୍ୟ ପ୍ରସାଦ ରଥ/ ଜାଫର ଖାଁ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ମାୟାଧର ମଲ୍ଲିକ/ ଅରବିନ୍ଦ ଭୂୟାଁ)

ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ଆଠଗଡ ପଞ୍ଚାୟତ ସମିତି, ଏନ୍‌ଏସ୍‌ସି, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଯୋରନ୍ଦା ଗାଁ କଲ୍ୟାଣ ସମିତି ସମୂହରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଠଗଡ ପଞ୍ଚାୟତ ସମିତି ପକ୍ଷରୁ ଜେନପଦା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଯୋଗ ଶିବିର ଆୟୋଜିତ ହୋଇଥିଲା। ସେହିପରି ଆଠଗଡ ଏନ୍‌ଏସି ପକ୍ଷରୁ ସହରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଶୋକ କୁମାର ବେହେରା, ମନୋଜ ପାଣିଗ୍ରାହୀ ଯଦୁମଣି ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ତିଗିରିଆ ବ୍ଲକ ପ୍ରଶାସନ ତରଫରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ପୂର୍ବତନ ସମିତି ଅଧ୍ୟକ୍ଷ ଭାଗିରଥି ନନ୍ଦ, ତିଗିରିଆ ବିଡିଓ ପ୍ରଣବ କୁମାର ବେହେରା, ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ,ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।




ଆଠଗଡ଼ର ଯୋରନ୍ଦାସ୍ଥିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଆୟୋଜିତ ଯୋଗ ଶିବିର।

ଯୋଗାଭ୍ୟାସ କରି ନିରୋଗ ରହିବା ପାଇଁ ଶିବିରରେ ସଭିଏଁ ଶପଥ ପାଠ କରିଥିଲେ।

ସେହିପରି ନୂଆପାଟଣା ସରସ୍ୱତୀ ଶିଶୁମନ୍ଦିର ଓ ତିଗିରିଆ ନିଜିଗଡ ସ୍ଥିତ ପି. ପି. ଦେବ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି।

ବାଙ୍କୀ ଉପଖଣ୍ଡରେ ସ୍ଥାନୀୟ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡ଼ିୟମରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁସ୍ଥ ଏବଂ ନିରାମୟ ଜୀବନ ଯାପନ ପାଇଁ ଯୋଗ କରିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ଆଞ୍ଚଳିକ କ୍ରୀଡ଼ା ପରିଷଦର ସମ୍ପାଦକ ସନ୍ତୋଷ କୁମାର ରଣା, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ତହସିଲଦାର ଅଶେଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ବାଙ୍କୀ ମହାବିଦ୍ୟାଳୟ, ଚର୍ଚ୍ଚିକା ଉଚ୍ଚ ବିଦ୍ୟାଳୟ ଭଳି ଅନ୍ୟାନ୍ୟ ସରକାରୀ ବେସରକାରୀ ଅନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଯାଇଛି।

ବଡ଼ମ୍ବା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବୈକୁଣ୍ଠନାଥ ସ୍ମୃତି ମଣ୍ଡପରେ ଯୋଗ ଦିବସ ପାଳିତ ହୋଇ ଯାଇଛି। ଏଥିରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିଭୂଦତ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ।

ସାଲେପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ସାଲେପୁରସ୍ଥିତ ମଧୁସୂଦନ ମଣ୍ଡପ ପରିସରରେ ଯୋଗଦିବସ ପାଳିତ ହୋଇଯାଇଛି। ଏଥିରେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ଯୋଗର ଉପକାରିତା ସଂପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବହୁଗ୍ରାମ ମହାବିଦ୍ୟାଳୟ, ରେବା ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମନ୍ତ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।ସାଲେପୁର ପତଞ୍ଜଳି ଯୋଗ ସମିତି ପକ୍ଷରୁ ସାଲେପୁର ଖେଳପଡ଼ିଆ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ବହୁ ଯୁବକ ଓ ଛାତ୍ରୀଛାତ୍ରଙ୍କ ସମେତ ସାଲେପୁର କଲେଜର ଏନ୍‌ସି ସି ଓ ଏନ୍‌ଏସ୍‌ଏସ୍ କ୍ୟାଡେଟ୍‌ମାନେ ଯୋଗ ଦେଇଥିଲେ। ଏହାଛଡ଼ା ଯୋଗସମିତିର ସମସ୍ତ ସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ,ବରେଣ୍ୟ ଅତିଥିଭାବେ ବ୍ରହ୍ମଚାରୀ ସତ୍ୟବତ୍ସଳ ଦାସ, ଅନ୍ୟତମ ଅତିଥି ଭାବେ ସାଲେପୁର ଇସ୍କନ ଶାଖା ପରିଚାଳକ ବିକ୍ରମାଦିତ୍ୟ ସାହୁ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।



ସାଲେପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ଯୋଗ ଶିବିର।



ତିଗିରିଆ ନୂଆପାଟଣାସ୍ଥିତ ରାମେଶ୍ୱର ମନ୍ଦିରରେ ଅନୁଷ୍ଠିତ ଶିବିରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ସୁସ୍ଥ ଶରୀର ଗଠନ ପାଇଁ ଭିଟାମିନ ହେଉଛି ଯୋଗାଭ୍ୟାସ

ବେଗୁନିଆ,୨୧।୬
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ଦିନିକିଆ ଯୋଗାଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର ମୁଖ୍ୟ ଅଧିକାରିଣୀ ବିଜୟଲକ୍ଷ୍ମୀ ସୁବୁଦ୍ଧି, ଯୁବ ରେଡକ୍ରସର ପରାମର୍ଶଦାତା ବିଧୁଭୂଷଣ ରାଉତ ଶିବିର ପରିଚାଳନା କରିଥିଲେ। ଯୋଗ ଗୁରୁ ରମେଶ ଚନ୍ଦ୍ର ସାହୁ, ବୀରଞ୍ଚି ସାହୁ ଏବଂ ପ୍ରଶାନ୍ତ ପଣ୍ଡିତରାୟ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଯୋଗର ଉପାଦେୟତା ସମ୍ପର୍କରେ କହିଥିଲେ। ସେହିପରି କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜନ ହୋଇଥିଲା। ଅଧ୍ୟାପକ ଦିଲୀପ ସାଥୁଆ, ଶ୍ରୀନିବାସ ସାହୁ, ବିଜୟ ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଯୋଗ ଗୁରୁ ମନୋରଞ୍ଜନ ପଣ୍ଡା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଇଥିଲେ। ମାନସିକ ଚାପ ଓ ଶରୀର ସୁସ୍ଥତା ପାଇଁ ଯୋଗାଭ୍ୟାସ ଭିଟାମିନ ସଦୃଶ ବୋଲି ଅତିଥି ମିଶ୍ର ଉଦ୍‌ବୋଧନ ଦେଇଥିଲେ। ସେହିପରି ପରିଛଲ ସ୍ଥିତ ଦୟାନନ୍ଦ ସରସ୍ୱତୀ ଆଦର୍ଶ ଗୁରୁକୂଳ, ବେଗୁନିଆ ଟାଉନ ହଲ୍ ପରିସରରେ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଯୋଗ ଶିବିରରେ ବିଧାୟକ ପ୍ରଦୀପ ସାହୁ, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି ଯୋଗଦେଇଥିଲେ। ସେହିପରି ବେଗୁନିଆ ଜେଏମ୍‌ଏଫ୍‌ସି କୋର୍ଟରେ ଆଡଭୋକେଟ ପ୍ରଦୀପ ମଙ୍ଗରାଜଙ୍କ ନେତୃତ୍ୱରେ କୋର୍ଟ ପରିସରରେ ଅନୁଷ୍ଠିତ ଯୋଗ ଶିବିରରେ ବିଚାରପତି ଆଦର୍ଶ ବେହେରା ଯୋଗଦେଇଥିଲେ।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ମାମଲା ରୁଜୁ

ନିରାକାରପୁର,୨୧।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ବେଆଇନଭାବେ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଦ୍ରୁତ ଗତିରେ ଶୁକ୍ରବାର ରାମେଶ୍ୱରଛକ ପଟୁ ନୂଆ ଜଗନ୍ନାଥ ସଡ଼କରେ ପୁରୀ ଜିଲା କଣାସ ବ୍ଲକ ଅଞ୍ଚଳ ଅଭିମୁଖେ ଯାଉଥିଲା। ଖବରପାଇ ନିରାକାରପୁର ପୋଲିସ ଲେଣ୍ଡୋ ଛକଠାରେ ଉକ୍ତ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଟକି ନ ଥିଲା। ଜେଣ ସମିତିସଭ୍ୟ ଟ୍ରକ ଚାଳକଙ୍କ ଗାଡ଼ି ନ ଅଟକାଇ ନେଇଯିବାକୁ କହିଥିଲେ। ପରେ ଗାଡ଼ିକୁ ପୋଲିସ ପିଛା କରୁଥିବା ଜାଣିବା ପରେ ଟ୍ରକ୍ ଚାଳକ କଣାସ ବ୍ଲକ ଅନ୍ତର୍ଗତ କେଶରପୁର ଛକ ଠାରେ ଗାଡ଼ି ଛାଡି ଫେରାର ହୋଇଯାଇଥିଲେ। ଏହା ପରେ ପୋଲିସ ଟ୍ରକଟିକୁ ଜବତ କରିଛି। ଏନେଇ ଗାଡି ମାଲିକ ଓ ଚାଳକଙ୍କ ନାମରେ ମାମଲା (ନଂ.୧୫୯/୨୪)ରୁଜୁ ହୋଇଛି।

# ୮ଟାରେ ପହଣ୍ଡି, ୧୧ଟାରେ ଦେବସ୍ନାନ

**ଜାଗୁଳିପାଟଣା ପୂର୍ଣ୍ଣ ବିଗ୍ରହ**

ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)


ଦେବସ୍ନାନ ମଣ୍ଡପ।

ଶନିବାର ଦେବସ୍ନାନ ପୂର୍ଣ୍ଣିମା। ଏଥିଲାଗି ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣ ବିଗ୍ରହ)ଙ୍କ ଦେବସ୍ନାନ ଲାଗି ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଚତୁର୍ଦ୍ଧା ବିଗ୍ରହଙ୍କ ଦେବସ୍ନାନ ଲାଗି ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ପୂର୍ଣ୍ଣ ବିଗ୍ରହଙ୍କଠାରେ ଭୋର ୪ଟାରେ ଦ୍ୱାରଫିଟା, ୫ଟାରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ତଡ଼ପଲାଗି ଆଦି ନୀତି ହୋଇ ୬ଟା ୩୦ଟାରେ ଗୋପାଳବଲ୍ଲଭ ଭୋଗ ଅର୍ପଣ ପରେ ସ୍ନାନଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହେବ। ସକାଳ ୮ଟାରେ ପହଣ୍ଡି ଆରମ୍ଭ ହେବ। ପ୍ରଥମେ ଶ୍ରୀସୁଦର୍ଶନ, ପରେ ଦେବୀ ସୁଭଦ୍ରା, ଶ୍ରୀବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ସ୍ନାନମଣ୍ଡପକୁ ବିଜେ କରିବେ। ୧୧ଟାରେ ମହାପ୍ରଭୁଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଲାଗି କାରୁଣ୍ୟ କୁଣ୍ଡରୁ ଜଳ ଆସିବ। ବର୍ଷସାରା ଏହି କାରୁଣ୍ୟ କୁଣ୍ଡ ଅବ୍ୟବହୃତ ହୋଇ ରହିଥାଏ। ବର୍ଷକୁ ଥରେ ଜ୍ୟେଷ୍ଠମାସ ପୂର୍ଣ୍ଣମୀରେ ଦେବସ୍ନାନ ଯାତ୍ରା ପୂର୍ବରୁ ଏହାକୁ ପୁନରୁଦ୍ଧାର କରାଯାଇଥାଏ। ଏହି ଜଳ ଠାକୁରଙ୍କ ସ୍ନାନଯାତ୍ରାରେ ବ୍ୟବହାର କରାଯାଏ। ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇ ସେବକମାନେ ସ୍ନାନଜଳ ଧରି ମଣ୍ଡପରେ ପହଞ୍ଚିଥାନ୍ତି। ସେଥିରେ ଚନ୍ଦନ, କର୍ପୂର, ଅଗୁର, ସୁଗନ୍ଧିତ ପୁଷ୍ପ ପକାଯାଇ ଷୋଡ଼ଶ ଉପଚାରରେ ସ୍ନାନଜଳକୁ ଅଭିମନ୍ତ୍ରିତ କରାଯାଇ ଠାକୁରଙ୍କୁ ସ୍ନାନ କରାଯାଏ। ବର୍ଷସାରା ପ୍ରତ୍ୟହ ବିମ୍ବ(ଦର୍ପଣ)ସ୍ନାନ କରୁଥିବା ପୂର୍ଣ୍ଣବିଗ୍ରହ ସ୍ନାନବେଦିରେ ଆପଦମସ୍ତକ ସ୍ନାନ କରିବେ। ଏଥିଲାଗି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ସେହିପରି ଗଡ଼ଖୋର୍ଦ୍ଧାସ୍ଥିତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଚତୁର୍ଦ୍ଧା ବିଗ୍ରହଙ୍କ ଦେବସ୍ନାନ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ଚଳିତବର୍ଷ ଦେବସ୍ନାନ ପୂର୍ଣ୍ଣମୀରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କମିଟି ସଦସ୍ୟ ଅଜିତ୍ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଯୋଗ ଦ୍ୱାରା ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା ସମ୍ଭବ




ଭୁବନେଶ୍ୱର,୨୧।୬ (ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ପତଞ୍ଜଳି ପରିବାର ତଥା ଖୋର୍ଦ୍ଧା ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ନୂଆପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ପଡ଼ିଆରେ ଶୁକ୍ରବାର ଯୋଗ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ପତଞ୍ଜଳି ମୁଖ୍ୟ ସୁଧାଂଶୁ ଶେଖର ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଏବଂ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଛନ୍ତି। ଚଳିତବର୍ଷ ଯୋଗ ଦିବସ ପାଳନର ବିଷୟବସ୍ତୁ 'ସ୍ୱୟଂ ଏବଂ ସମାଜ ପାଇଁ ଯୋଗ' ରଖାଯାଇଥିବାବେଳେ ଏ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି। ଯୋଗ ଦ୍ୱାରା ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା, ବୌଦ୍ଧିକ ବିକାଶ ସହ ଆତ୍ମିକ ଉନ୍ନତି ସମ୍ଭବ ବୋଲି ସେ କହିଛନ୍ତି। ଯୋଗ କେବଳ ଗୋଟିଏ ଦିନର ଅଭ୍ୟାସ ନୁହେଁ ବରଂ ୩୬୫ ଦିନର ଏବଂ ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ମନୁଷ୍ୟକୁ ନୀରୋଗ ରଖିଥାଏ ବୋଲି ଉପମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ବୁଝାଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ ତଥା ଉପକଣ୍ଠ ଏବଂ ଜିଲାର ପ୍ରତ୍ୟେକ ଯୋଗକେନ୍ଦ୍ରରୁ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଯୋଗାଭ୍ୟାସୀ ଉପସ୍ଥିତ ଥିଲେ। ରାଜ୍ୟ ପତଞ୍ଜଳି ଯୁବ ପ୍ରଭାରୀ, ଅମୃତାଂଶୁ ପ୍ରଧାନ, ରାଜ୍ୟ ମିଡିଆ ପ୍ରଭାରୀ କ୍ଷିତୀଶ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କମଳିନୀ ନାୟକ, ନିବେଦିତା ପତି, ସନ୍ଧ୍ୟା ମିଶ୍ର, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲା ପ୍ରଭାରୀ ଶ୍ରୀଧର ବାରିକ ବୀରବର ବିଶ୍ୱାଳ, ସୁଜାତା ମିଶ୍ର, ବିଦ୍ୟାଧର ଜେନା, ସୁନନ୍ଦା ରଥ ପ୍ରମୁଖ ପରିଚାଳନା କରିଥିଲେ।

## ୨୨ରୁ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର 'ସ୍କୁଲ ଅଫ ଇଞ୍ଜିନିୟରିଂ' ବିଭାଗର ୨୦୨୪-୨୫ ବ୍ୟାଚ୍ ସେପ୍ଟେମ୍ବର ସେସନରେ ନାମଲେଖା ପାଇଁ ଜୁନ୍ ୨୨ରୁ ନାମଲେଖା ଆବେଦନ ଆରମ୍ଭ ହେବ। ଏହି ପ୍ରକ୍ରିୟା ଅଗଷ୍ଟ ୩୦ ପର୍ଯ୍ୟନ୍ତ ଚାଲିବ। ଆବେଦନ ପ୍ରକ୍ରିୟା ଶେଷ ହେବା ପରେ ଅନ୍‌ଲାଇନ ମାଧ୍ୟମରେ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ କରାଯିବ। ଚଳିତବର୍ଷ ଏହି ବିଭାଗର ମୋଟ ୭ଟି ବିଷୟରେ ନାମଲେଖା ଅନୁଷ୍ଠିତ ହେବ। ଚଳିତ ଶିକ୍ଷାବର୍ଷରୁ 'ସ୍କୁଲ ଅଫ ଇଞ୍ଜିନିୟରିଂ' ବିଭାଗ ଅଧୀନରେ 'ପ୍ରିସିଶନ ଇଞ୍ଜିନିୟରିଂ' ଭଳି ଅତ୍ୟାଧୁନିକ ପାଠ୍ୟକ୍ରମ ଆରମ୍ଭ ହେଉଛି। ଏଥିରେ ଇଞ୍ଜିନିୟରିଂ ଡ୍ରଇଂ ଆଣ୍ଡ୍ ଇନ୍ସପେକ୍ସନ ଟେକ୍ନିକ୍ସ, ଇଞ୍ଜିନିୟରିଂ ପ୍ରୋସେସ (ଟର୍ନିଂ), ଇଞ୍ଜିନିୟରିଂ ପ୍ରୋସେସ, ଥ୍ରୀଡି କ୍ୟାଡ୍/କ୍ୟାମ୍ ଅପ୍ଲିକେଶନସ୍ ସିଏନ୍‌ସି ସିଟ୍ ମେଟାଲ ଫାବ୍ରିକେଶନ ଏବଂ ଗ୍ରାଇଣ୍ଡିଂ ଆଦି ମଡ୍ୟୁଲ ରହିଛି। ଏହାସହିତ ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାନୋଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିଶନିଂ ଆଣ୍ଡ୍ ରେଫ୍ରିଜରେଶନ ଏବଂ ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ (ଲିଫ୍ଟ ଟେକ୍ନୋଲୋଜି) ବିଷୟ ରହିଛି। କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିପାରିବେ। ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ www.worldskillcenter.orgରେ ପ୍ରଥମେ ଙ୍ଗୀକରଣ କରିବା ପରେ ନାମଲେଖା ପାଇଁ ଆବେଦନ କରିପାରିବେ। ଅଧିକ ସୂଚନା ପାଇଁ ନଂ. ୧୮୦୦୨୬୬ ୬୦୦୨ରେ ଯୋଗାଯୋଗ କରିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଟାଙ୍ଗୀ,୨୧।୬(ରଘୁନାଥ ସାହୁ)

ଓଡିଶା ସରକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରିୟମ୍ବଦା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶିକ୍ଷକ ନେତା ବ୍ଲକ ସଭାପତି ସଲୀଳ କୁମାର ସ୍ୱାଇଁ, ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଙ୍ଗୁରବାଳା ସୁନ୍ଦରାୟ, କାରଟିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୋଫାନ ନାୟକ, ଲକ୍ଷ୍ମୀଧରପୁର କ୍ଲଷ୍ଟର ପୂର୍ବତନ ସିଆରସିସି ଲଳିତ ନାରାୟଣ ମହାପାତ୍ର, ମୁକ୍ତେଶର ଦେବ କ୍ଲଷ୍ଟର ସିଆରସିସି ଅମିତ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ଆସନ ପ୍ରାଣାୟାମ କରାଯାଇଥିଲା। ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଥିବାରୁ ଶିଶୁମାନଙ୍କ ସୁରକ୍ଷା, ଉପସ୍ଥାନ, ପାନୀୟଜଳ, ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସାମଗ୍ରୀ ସଫା ଚାଉଳ ମହଜୁଦ, ଶୌଚାଳୟ ପରିବେଶ ସ୍ୱଚ୍ଛ ରଖିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। କୁନ୍ତଳା ସାହୁ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଜିଲା ପ୍ଲାନିଂ କୋର୍ଡିନେଟର ମନସ୍ୱିନୀ ମହାନ୍ତି ପ୍ରମୁଖ ପରିଦର୍ଶନରେ ଆସି ପାଠପଢା ସହିତ ଶିଶୁ ସୁରକ୍ଷା, ଉପସ୍ଥାନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ୨୪ଜଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଗୀତାଞ୍ଜଳି ବେହେରା, ମଞ୍ଜୁବାଳା ଦେଇ, ସତ୍ୟନାରାୟଣ ପ୍ରଧାନ, ବିଭୁତି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଯୋଗଦିବସ



**ଜଟଣୀ,୨୧।୬(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକସ୍ତରୀୟ ଯୋଗ ଦିବସ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଏଥିରେ ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ସମେତ ସମସ୍ତ ପଞ୍ଚାୟତ ସମିତି କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ପ୍ରାର୍ଥନା, ଯୋଗାସନ ଓ ଶାନ୍ତି ମନ୍ତ୍ର ପଠନ କରାଯାଇଥିଲା। ଶେଷରେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଜଟଣୀ ପୌରପାଳିକା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପୌରାଞ୍ଚଳ ଅନ୍ତର୍ଗତ ଟାଉନ ହଲ ପରିସରରେ ଆୟୋଜିତ ଏହି ଦିବସରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ପରିଷଦ ଉପାଧ୍ୟକ୍ଷା ଆରତୀ ରାଉତ, ବିଷ୍ଣୁ ସାହୁ, ନୀଳିମା ସାହୁ, ଦିଲୀପ ମାର୍ଥା, ପି. ରାଜକୁମାରୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ସ୍ଥାନୀୟ ଜନସାଧାରଣ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଚିନ୍ତାମଣି ବେହେରା ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପୌର କର୍ମଚାରୀ ସାଗରିକା ପ୍ରଧାନ, ଜ୍ୟୋତିରଞ୍ଜନ ରାଉତରାୟ, ସତ୍ୟବ୍ରତ ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନା ଓ ସହଯୋଗ କରିଥିଲେ।

**ନିରାକାରପୁର(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗ ଗୁରୁ ଦିବାକର ସାହୁ , ବିହାରୀ ଚରଣ ସାହୁ, ଓମ ପ୍ରକାଶ ମିଶ୍ର, ମାନସ ଚନ୍ଦ୍ର ପଟ୍ଟନାୟକ, କଳ୍ପନା ସାହୁ, ସରୋଜ ପରିଡା, ନିର୍ମଳା ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡିଆରେ କଲେଜ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବ୍ରତତୀ ମିଶ୍ରଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ.ସଞ୍ଜୟ କୁମାର ମହାପାତ୍ର, ଭାରତୀୟ ଯୋଗ ସଂସ୍ଥାନ ନିରାକାରପୁର ଶାଖାର ପ୍ରଶିକ୍ଷକ ଦିବାକର ସାହୁ ଯୋଗଦେଇଥିଲେ। ଅଧ୍ୟାପକ ସୌରଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ.କୈବଲ୍ୟ ଚରଣ ପତି ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଡ.ଜୟନ୍ତ ବାନାର୍ଜୀ ଭାରତୀୟ ଯୋଗ ସଂସ୍ଥାନର ପ୍ରଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ବିଭନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କବି ପ୍ରସନ୍ନ ପାଟଶାଣୀ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି।

**ବାଲୁଗାଁ, (ସଂଗ୍ରାମ ପାଇକରାୟ):** ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନନ୍ତ ପ୍ରସାଦ ସେଠୀ



ଏବଂ ଗୌରାଙ୍ଗ ଚରଣ ବାରିକ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମନ୍ତ୍ର ଉଚ୍ଚାରଣ, ଧ୍ୱନି ପରେ ଯୋଗ ଶିକ୍ଷା, ଶେଷରେ ଯୋଗ କରିବା ଦ୍ୱାରା କିପ୍ରକାର ଲାଭ ମିଳେ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଓ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ସେହିପରି ଭାରତୀୟ ନୌ ସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷାର୍ଥୀ, ଜାହାଜ କର୍ମକର୍ତ୍ତା ଏବଂ ସେମାନଙ୍କ ପରିବାରବର୍ଗ ଅଂଶଗ୍ରହଣ କରିଥିଲେ। କମାଣ୍ଡର ସିଏମଡି ଏନ୍.ପି ପ୍ରଦୀପ ଉପସ୍ଥିତ ରହି ସମସ୍ତଙ୍କୁ ଯୋଗ ସାଧନାର ଉପକାରିତା ଦିଗରେ ବକ୍ତବ୍ୟ ରଖିବା ସହ ଏହାକୁ ଦୈନନ୍ଦିନ ଅଭ୍ୟାସ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

## ଏକାଠି ଯୋଗ କଲେ

ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ବିଜେବି ହାଇସ୍କୁଲରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏନ୍‌ସିସି କ୍ୟାଡେଟ, ଛାତ୍ର ଏବଂ ଶିକ୍ଷକ ଏକାଠି ବସି ଯୋଗ କରିଥିଲେ। ଏନ୍‌ସିସି ଅଫିସର ବିଭୁ ପ୍ରସାଦ ସେନାପତି ଯୋଗର ଆବଶ୍ୟକତା ଏବଂ ଉପକାରିତା ସମ୍ପର୍କରେ କହିଥିଲେ। ସେହିପରି କାଇପଦର କଲେଜ ଏନ୍‌ଏସ୍‌ଏସ୍, ୟୁଥ ରେଡକ୍ରସ, ଏନ୍‌ସିସି, ସ୍କାଉଟସ ଆଣ୍ଡ ଗାଇଡସ୍ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ତରୁଣକାନ୍ତ ରାୟ ସଭାପତିତ୍ୱ କରିଥିଲେ। ଉପାଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅନୁପମା ଚମ୍ପତିରାୟ ଯୋଗର ଆବଶ୍ୟକତା ସମ୍ପର୍କରେ କହିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଖୋର୍ଦ୍ଧା ଗୋଡିପଡ଼ା ସ୍ଥିତ ଆଶ୍ରମ ପରିସରରେ ବ୍ରହ୍ମକୁମାରୀ ଅନୁରାଧାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଭୁବନେଶ୍ୱର ଏମସ୍‌ର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ଅଶୋକ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀମଦ୍ ଭଗବତ ଗୀତାରେ ଦର୍ଶାଯାଇଥିବା ବିଭିନ୍ନ ଯୋଗ ସମ୍ପର୍କରେ କହିଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ, ପ୍ରଦୀପ, ନୃସିଂହ ପ୍ରମୁଖ ଆସନ, ପ୍ରାଣାୟମ ଅଭ୍ୟାସ କରାଇଥିଲେ। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିଜେବି ହାଇସ୍କୁଲ ପଡିଆରେ ଯୋଗଦିବସ ପାଳିତ ହୋଇଯାଇଛି। ଏକାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଯୋଗାଭ୍ୟାସ ସହ ସୁସ୍ଥତାର ବାର୍ତ୍ତା ଦେଇଥିଲେ। ଜାଗୃତି ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ଯୋଗ ଏକ ସାଧନା। ନିରନ୍ତର ସାଧନା ଦ୍ୱାରା ଏହାର ଜୀବନଶୈଳୀରେ ବିଶେଷ ପ୍ରଭାବ ପଡିଥାଏ। ଦିଲୀପ ପଟ୍ଟନାୟକ, ରଞ୍ଜିତ ସାମନ୍ତରାୟ, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଉପକଣ୍ଠ ନନ୍ଦପୁର ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ବରିଷ୍ଠ ନାଗରିକ ଉଦ୍ୟାନ କେନ୍ଦ୍ରରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ଫାଉଣ୍ଡେଶନ ଆବାହକ ଶ୍ରୀରଞ୍ଜନ ମଙ୍ଗରାଜ ଯୋଗର ଉପଦେୟତା ଉପରେ କହିଥିଲେ। ବିଡିଏ କଲୋନୀସ୍ଥିତ ସିଗମା ପବ୍ଲିକ ସ୍କୁଲ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଓ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗର ଆବଶ୍ୟକତା ଉପରେ କହିଥିଲେ। ପିଲାମାନେ ସୂର୍ଯ୍ୟନମସ୍କାର, ବିଭିନ୍ନ ଆସନ, ପ୍ରାଣାୟମ, ଧ୍ୟାନ କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ଶାରୀରିକ ସୁସ୍ଥତା ପାଇଁ ଯୋଗ ନିତାନ୍ତ ଜରୁରୀ



**ଜିଲାସ୍ତରୀୟ ଯୋଗ ଦିବସ ସମାରୋହ**

ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)

ଯୋଗ ଶରୀରକୁ ସୁସ୍ଥ ରଖେ। ଏଥିସହିତ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ଦୈନିକ ଯୋଗାଭ୍ୟାସ ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ସନ୍ତୁଳିତ ରହିବା ସହ ଏକାଗ୍ରତା ବୃଦ୍ଧି ଘଟିଥାଏ। ଯୋଗ ଶରୀରକୁ ସୁସ୍ଥ, ମନକୁ ସନ୍ତୁଳିତ କରିଥାଏ। ଯୋଗ ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଉଥାଏ। ନିତ୍ୟ ଯୋଗାଭ୍ୟାସ ଦ୍ୱାରା ସକାରାତ୍ମକ ଉର୍ଜା, ସାତ୍ୱିକତା, ଆଧ୍ୟାତ୍ମିକତା ଏବଂ ଜ୍ଞାନୋଦୟ ବୃଦ୍ଧି ଘଟିଥାଏ। ଭାରତୀୟ ପ୍ରୀଚନ ସଂସ୍କୃତି ପରମ୍ପରା ଜଡ଼ିତ ଯୋଗ ବିଶ୍ୱକୁ ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱର ବାର୍ତ୍ତା ଦେଉଛି ବୋଲି ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଜିଲାସ୍ତରୀୟ ଯୋଗ ଦିବସ ସମାରୋହରେ ମତପ୍ରକାଶ ପାଇଛି। ଏହି ସମାରୋହରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବକ, ଯୁବତୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, କ୍ରୀଡାବିତ୍, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଏକାଠି ଯୋଗ, ପ୍ରାଣାୟାମ କରିଥିଲେ। ପତଞ୍ଜଳି ଯୋଗକେନ୍ଦ୍ରର ମନୋଜ ଉଦୟ ସିଂ, ବିଶ୍ୱନାଥ ଜେନା, ଇଂ. ଗୌରାଙ୍ଗ ମଣ୍ଡଳ ପ୍ରମୁଖ ସାଧକ ଯୋଗାଭ୍ୟାସ କରାଇଥିଲେ। ଏହି ସମାରୋହରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ାଧିକାରୀ ଅଜୟ ବେହେରା ସଂଯୋଜନା କରିଥିବା ବେଳେ ଜିଲା ପରିଷଦ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଯୋଗସାଧକ କିଶୋର କୁମାର ଏବଂ ଏକାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କର ଯୋଗ, ରୁହ ନୀରୋଗ

ନିମାପଡ଼ା, ୨୧।୬(ବିଚିତ୍ରାନନ୍ଦ ସାହୁ)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ନିମାପଡ଼ାର ଐତିହାସିକ ବାରବାଟୀ ପଡ଼ିଆରେ ଶତାଧିକ ଛାତ୍ରୀଛାତ୍ରଙ୍କ ଗହଣରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗାଭ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉଦ୍‌ଘାଟନ କରି କହିଥିଲେ ଯେ, ଯୋଗ ଭାରତର ଏକ ପୁରାତନ ପରମ୍ପରା ଏବଂ ଏହା ଭାରତ ସରକାରଙ୍କର ଏକ ଅଙ୍ଗ ହୋଇସାରିଛି। ନୂତନ ସରକାରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ମହିଳା ଶିଶୁ ବିକାଶ ବିଭାଗରେ ଯୋଗ ପ୍ରଶିକ୍ଷକ ରହିବେ ବୋଲି ପ୍ରଭାତୀ କହିବା ସହ କର ଯୋଗ, ରୁହ ନିରୋଗ ସୁସ୍ଥର ବାର୍ତ୍ତା ଦେଇଥିଲେ। ସ୍ଥାନୀୟ ଯୋଗ ମହୋତ୍ସବ ସମିତି, ବ୍ଲକ ଏବଂ ଏନ୍‌ଏସି ପକ୍ଷରୁ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ତହସିଲଦାର ବସନ୍ତ କୁମାର ହାତୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ଯୋଗ ମହୋତ୍ସବ ସମିତିର କର୍ମକର୍ତ୍ତା, ଛାତ୍ରୀଛାତ୍ର, ଯୋଗପ୍ରେମୀ ଓ ସ୍ୱେଚ୍ଛାସେବୀ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ।

### ବିଦ୍ୟାଳୟରେ ଯୋଗ କଲେ ଛାତ୍ରୀଛାତ୍ର

ଡେଲାଙ୍ଗ,୨୧।୬(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସରକାରୀ ରାଧାକାନ୍ତ ବିଦ୍ୟାପୀଠ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ, ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ଗଡ ମୋଟରୀ, ଅମାଲଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ କରିଥିଲେ। ଯୋଗଗୁରୁ ରାମକୃଷ୍ଣ ବଳିଆରସିଂହ ଓ ବଟକୃଷ୍ଣ ଜେନା ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଧାକାନ୍ତ ବିଦ୍ୟାପୀଠରେ ଶାରିରୀକ ଶିକ୍ଷା ଶିକ୍ଷକ ନଟବର ସେଠୀ ମଞ୍ଚ ସଂଯୋଜନା ଓ ପରିଚାଳନା କରିଥିବା ବେଳେ ମୋଟରୀ ବିଦ୍ୟାଳୟର କେଶିରାମ ହେମରମ୍, ଅମାଲଙ୍ଗ ବିଦ୍ୟାପୀଠରେ ସିତାକାନ୍ତ ରାଉତରାୟ, ବେରବୋଇ ବିଦ୍ୟାପୀଠର ଶର୍ମିଷ୍ଠା ପଣ୍ଡା ପ୍ରମୁଖ ଶାରିରୀକ ଶିକ୍ଷା ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନେହେରୁ ଯୁବକେନ୍ଦ୍ର ପୁରୀ ଓ ଲିମ୍ବୋ ଏଜୁକେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ଯୋଗଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଶିବିରରେ ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନ ଡେଲାଙ୍ଗ ଓ ରାଧାକାନ୍ତ ବିଦ୍ୟାପୀଠର ପିଲାମାନେ ଅଂଶ ଗ୍ରହଣ କରିଥିଲେ। ସେହିପରି ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଜୋକନଡୁଆସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ମଧ୍ୟ ଯୋଗଦିବସ ପାଳିତ ହୋଇଯାଇଛି।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରାଯାଇଥିଲା। ଯୋଗ ପ୍ରଶିକ୍ଷିକା ବିଥିକା ମହାନ୍ତି କର୍ମଚାରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ଦିବସ ପାଳନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାର ସମୀକ୍ଷା କରିଥିଲେ। ସେହିପରି ଲୋକନାଥ ମାର୍ଗସ୍ଥିତ ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ. ମୀରାରାଣୀ ଖଣ୍ଡୁଆଳ ଯୋଗ ଶିବିରକୁ ଉଦଘାଟନ କରିଥିଲେ। ସମାଜସେବୀ ମନୋଜ ରଥ ମୁଖ୍ୟ ବକ୍ତା, ଅଧ୍ୟାପକ ଡ. ଶ୍ରୀନିବାସ ସାହୁ ସମ୍ମାନିତ ରୂପେ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ବଳରାମ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜନଶିକ୍ଷଣ ସଂସ୍ଥାନ, ପୁରୀ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପୁରୀ ବ୍ଲୁଫ୍ଲାଗ ବିଚ୍‌ରେ ପାଳିତ ହୋଇଛି। ଏଥିରେ ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିଲେ। ଅତିଥି ରୂପେ ଅତିରିକ୍ତ ଜିଲାପାଳ (ସାଧାରଣ) ଶରତଚନ୍ଦ୍ର ବେହେରା, ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ପଦ୍ମଚରଣ ସେଠୀ, କାର୍ଯ୍ୟକ୍ରମ ସଂଯୋଜକ ଦିଲ୍ଲୀପ କୁମାର ନାୟକ, ରଶ୍ମିରଞ୍ଜନ ମିଶ୍ର, ବାଦଲ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସୂର୍ଯ୍ୟମନ୍ଦିର ସମ୍ମୁଖରେ ଯୋଗାଭ୍ୟାସ

## ସାମିଲ ହେଲେ ଉପମୁଖ୍ୟମନ୍ତ୍ରୀ, ପୁରୀ ଏମ୍‌ପି, ଜିଲାପାଳ

କୋଣାର୍କ,୨୧।୬(ଜ୍ୟୋତିରାଜ ମହାନ୍ତି):


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୁରୀ ଏମ୍‌ପି ସମ୍ବିତ ପାତ୍ର ଏବଂ ଅନ୍ୟମାନେ ଯୋଗ କରୁଛନ୍ତି ।

ସୂର୍ଯ୍ୟମନ୍ଦିର ସମ୍ମୁଖରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ନିୟମିତ ଯୋଗାଭ୍ୟାସ ଶରୀରକୁ ସୁସ୍ଥ ରଖେ ଏବଂ ଭାରତୀୟ ସଂସ୍କୃତିର ଯୋଗ ପରମ୍ପରାକୁ ବିଶ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିପାଦିତ କରିଛନ୍ତି ବୋଲି କହିଥିଲେ। ସୂର୍ଯ୍ୟମନ୍ଦିର ସମ୍ମୁଖରେ ସକାଳ ୭ଟାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟା ସଦସ୍ୟ, ଶିକ୍ଷାବିତ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ପ୍ରମୁଖ ସମୂହ ଯୋଗାଭ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉପଜିଲାପାଳ ଗୋପିନାଥ କୁଅଁର, ଆଇଟିବିପି ଡିଆଇଜି ଯୁଦ୍ଧବୀର ସିଂ, ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଏଏସ୍‌ଆଇ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ତହସିଲଦାର ରଞ୍ଜନ କୁମାର ପରିଡ଼ା, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଗୋପ ବିଡ଼ିଓ ଛବିରାଣୀ ସାହୁ, ନିମାପଡ଼ା ବିଡିଓ ଭୁବନାନନ୍ଦ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ। ଉପମୁଖ୍ୟମନ୍ତ୍ରୀ ଯାତ୍ରୀନିବାସରେ ପହଞ୍ଚି ବାଲୁକାଶିଳ୍ପୀ ସରିତା ଗୋଛାୟତଙ୍କ ବାଲୁକାକଳାକୁ ପ୍ରଶଂସା କରିଥିଲେ। କୋଣାର୍କର ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଭାଜପା କର୍ମକର୍ତ୍ତା, କୋଣାର୍କ ସାହିତ୍ୟ ସଂସଦ, କୋଣାର୍କ ବାର୍ ଆସୋସିଏଶନ୍ ସଭାପତି ଶ୍ରୀଜୟ ବରାଳ, ଆଇନଜୀବୀ ସୁରେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ରାସ୍ତା ପାର୍ଶ୍ୱସ୍ଥ ଏକ ଚା' ଦୋକାନରୁ ଚା' ପିଇଥିଲେ।

ଶିକ୍ଷାବିକାଶ ସମିତି ଆନୁକୂଲ୍ୟରେ କୋଣାର୍କ ସରସ୍ୱତୀ ଶିଶୁମନ୍ଦିର ଆୟୋଜନରେ କାକଟପୁର ଓ ନିମାପଡା ସଂକୁଳର ୫ଟି ବିଦ୍ୟାଳୟର ୪୦୦ ଶିଶୁ ହେଲିପ୍ୟାଡଠାରେ ବିଶ୍ୱ ଯୋଗ ଦିବସରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଅବଧୂତ ମଠ ମହନ୍ତ ଅବଧୂତ ଆଦିତ୍ୟ ଦାସ, ପୁରୀ ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, ପୁରୀ ଜିଲା ପ୍ରମୁଖ ଅକ୍ଷୟ କୁମାର ଜେନା, ଭାଗିରଥି ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରତି ପଞ୍ଚାୟତରେ ଯୋଗ କେନ୍ଦ୍ର ଖୋଲିବ

## ପିପିଲି ବିଧାୟକଙ୍କ ପ୍ରତିଶ୍ରୁତି

ପିପିଲି, ୨୧।୬(ପ୍ରଭାତ ମହାପାତ୍ର)

ପିପିଲି ଜବାହର ବିଦ୍ୟାପୀଠ ପରିସରରେ ପୁରୀ ଜିଲା ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ସମୂହ ଯୋଗ କରିଥିଲେ। ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ଦୈନିକ ଯୋଗ କରିବା ଆବଶ୍ୟକ ବୋଲି ସେ କହିଥିଲେ। ପୁରୀ ଜିଲା ପତଞ୍ଜଳୀ ଯୋଗ ସମିତି ପ୍ରଚାରକ ଗୁରୁ ଦୀପକ ସ୍ୱାଇଁ ଶିବିର ପରିଚାଳନା କରିଥିଲେ। ଶିବିରରେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ, ରଥଯାତ୍ରା କମିଟି, ବରିଷ୍ଠ ନାଗରିକ ମଞ୍ଚ, ଜବାହର ବିଦ୍ୟାପୀଠର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ପିପିଲିର ଅନେକ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ। ପିପିଲି ନିର୍ବାଚନମଣ୍ଡଳୀର ପ୍ରତି ପଞ୍ଚାୟତରେ ଖୁବଶୀଘ୍ର ଯୋଗ କେନ୍ଦ୍ର ଶାଖା ଖୋଲିବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ପିପିଲି କନକଦୁର୍ଗା ଯୋଗ ସମିତି, ଆଦିଯୋଗୀ ଯୋଗ ସମିତି ସଦସ୍ୟ ସହଯୋଗ କରିଥିଲେ। ସେହିପରି ପିପିଲି ଏନ୍‌ଏସି ପକ୍ଷରୁ ପିପିଲି ବିଜୁ ପଟ୍ଟନାୟକ ପାର୍କଠାରେ ଯୋଗ ଦିବସ ପାଳନ କରାଯାଇଛି। ଏନଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣାଙ୍କ ସହ କାଉନସିଲର ଏବଂ ସମସ୍ତ କର୍ମଚାରୀ ଯୋଗାଭ୍ୟାସ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିଲେ। ସେହିପରି ପିପିଲି ମହାବିଦ୍ୟାଳୟରେ ଅଧ୍ୟକ୍ଷ ପି.କେ. ଦାଶଙ୍କ ସଭାପତିତ୍ୱରେ ଯୋଗ ଦିବସ ପାଳିତ ହୋଇଛି। ଅଧାପକ ସନ୍ତୋଷ କୁମାର ରାଉତରାୟ ସମସ୍ତଙ୍କୁ ଯୋଗ ପ୍ରଶିକ୍ଷଣ କରାଇଥିଲେ। ଦାଣ୍ଡମୁକୁନ୍ଦପୁର ଶାଖା, ମଙ୍ଗଳପୁର ଶାଖା, ସୁହାଗପୁର ଶାଖା, ସାତଶଂଖ ଓ ପିପିଲି ଡେଲାଙ୍ଗ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯୋଗ ଦିବସ ପାଳନ ହୋଇଯାଇଛି।


କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି ।

# ଗାନ୍ଧୀଘାଟରେ ଯୋଗ ଦିବସ ପାଳିତ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଗାନ୍ଧୀଘାଟରେ ଟ୍ରେକିଂ କ୍ଲବ ପୁରୀ, ମିଶନ ଓଡ଼ିଶା ଓ ମାର୍ସ ଓଡ଼ିଶା ମିଳିତ ସହଯୋଗରେ ଏବଂ ନେହେରୁ ଯୁବ କେନ୍ଦ୍ର ସହାୟତାରେ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉଦଘାଟନ କରିଥିଲେ। ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି, ପୋଲିସ ଉପଖଣ୍ଡ ଅଧିକାରୀ ରବିନାରାୟଣ ଭଞ୍ଜ, ଆଇଡିଏଚ୍ ହସପିଟାଲର ବିଶେଷଜ୍ଞ ଡାକ୍ତର ସୁଦର୍ଶନ ପୋଥାଳ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବାଲୁକା ଶିଳ୍ପୀ ମାନସ ସାହୁ, ଯୋଗଗୁରୁ ଦିଲ୍ଲୀପ ମିଶ୍ର, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରେକିଂ କ୍ଲବ ସଭାପତି ଜୟ ନାରାୟଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିଲିପ କୁମାର ମିଶ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଅତିଥିବୃନ୍ଦଙ୍କୁ ମିଶନ ଓଡ଼ିଶାର ସାଧାରଣ ସମ୍ପାଦକ ମଧୁସୂଦନ ମିଶ୍ର ସ୍ୱାଗତ କରିଥିଲେ। ସମ୍ପାଦକ ଶିବଶଙ୍କର ପ୍ରଧାନ ଧନ୍ୟବାଦ ଦେଇ ଥିବାବେଳେ ଶିବିରକୁ ମାର୍ସ ଓଡ଼ିଶା ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ପୂଜାରୀ, ଗୋବିନ୍ଦ ପାତ୍ର, ନିଗମ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ ଜରୁରୀ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ହୋଟେଲ ହଲିଡେ ରିସୋର୍ଟଠାରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରତ ସ୍ୱାଭିମାନର ଜିଲା ପ୍ରଭାରୀ ଭାସ୍କର କୁମାର ପାତ୍ର ଉଦ୍‌ଘାଟନ କରି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ ଜରୁରୀ ବୋଲି କହିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଉମାବଲ୍ଲଭ ମହାପାତ୍ର, ପ୍ରାତଃ ଭ୍ରମଣକାରୀ ସଂଘ ଉପସଭାପତି ଦେବେନ୍ଦ୍ରନାଥ ନନ୍ଦ, ଶ୍ରୀଶ୍ରୀ ରବିଶଙ୍କରଙ୍କ ଆର୍ଟ ଅଫ ଲିଭିଂ ସଙ୍ଗଠନର ଜିଲା ସଂଯୋଜକ ବ୍ରଜ ଭାଇ, ବିବେକାନନ୍ଦ ସେବା ସଙ୍ଗଠନର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ସତ୍ୟବାଦୀ ବିକାଶ ମଞ୍ଚ ସଭାପତି ଗୁଣ୍ଡିଚା ବରାଳ, ହାପିନେସ ଫାଉଣ୍ଡେଶନ ସଂଯୋଜକ ପ୍ରଦୀପ୍ତ କୁମାର ପ୍ରଧାନ, ବନ୍ଦନା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୋଗ ଶିକ୍ଷକ ଆନନ୍ଦ ଚନ୍ଦ୍ର ସ୍ୱାଇଁ, ଟିକମ୍ ଜେନା, ଶାନ୍ତନୁ ଦଳାଇ, ପ୍ରମିଳା ସାହୁ, ଝରଣା ଦାସ, ସ୍ମିତାରାଣୀ ଦାସ, ଇଚ୍ଛା ଦାଶ, ସୋନାଲି ସାହୁ, କଳ୍ପନା ମୁଦୁଲି, ସୌମ୍ୟା ମହାପାତ୍ର, ପ୍ରମିଳା ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦେ, ମଧୁସ୍ମିତା ନାଥ, ସସ୍ମିତା ସୁବୁଦ୍ଧି, ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ପୃଷ୍ଠପୋଷକ କୈଳାସ ଚନ୍ଦ୍ର ଟିକାୟତରାୟ ଏହି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।



କୋଣାର୍କ ଯାତ୍ରୀନିବାସ ପରିସରରେ ଶିଳ୍ପୀ ସରିତା ଗୋଛାୟତଙ୍କ ବାଲୁକାକଳା ।


ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଶୁକ୍ରବାର ଆୟୋଜିତ ଯୋଗ ଶିବିରରେ ଲୋକେ ଯୋଗ କରୁଛନ୍ତି ।

# ଶାରୀରିକ, ମାନସିକ ସୁସ୍ଥତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ

କଣାସ/ଅସ୍ତରଙ୍ଗ/କାକଟପୁର/ବଳଙ୍ଗା/ସାକ୍ଷୀଗୋପାଳ/ଗୋପ/ପିପିଲି, ୨୧।୬ (ବିଭୂତି ଭୂଷଣ ତ୍ରିପାଠୀ/ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର/କେଦାରେଶ୍ୱର ନନ୍ଦ/ଭରତ ରାଉତ/ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭାରତୀ ଭୂଷଣ ଉପାଧ୍ୟାୟ/ପ୍ରଭାତ ମହାପାତ୍ର)

ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରିରୀକ ଓ ମାନସିକ ସୁସ୍ଥତା ପାଇଁ ଯୋଗର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅସିତ୍ କୁମାର ନରେନ୍ଦ୍ର ଓ ମନୋଜ କୁମାର ମିଶ୍ର ଛାତ୍ର ଜୀବନରେ ଶୃଙ୍ଖଳା ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ସିସି, ଜେଆର୍‌ସି, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସହ ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ଯୋଗଗୁରୁ ପ୍ରସନ୍ନହରି ପ୍ରଧାନ ଯୋଗ ଶିକ୍ଷା ଦେଇଥିଲେ। ଅଧ୍ୟାପକ ଅଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ, ସଂଗ୍ରାମ କେଶରୀ ପରିଡ଼ା, ତପସ୍ୱିନୀ ମାନସିଂହ ଏବଂ ମାନସ କୁମାର ବାରିକ ପରିଚାଳନା କରିଥିଲେ। ଅସ୍ତରଙ୍ଗ ବ୍ଲକରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଶିବିର ପାଳିତ ହୋଇଯାଇଛି। ଅସ୍ତରଙ୍ଗ ଜାଗୁଲାଇ ପଡ଼ିଆରେ ଆୟୋଜିତ ବ୍ଲକସ୍ତରୀୟ ଯୋଗ ଶିବିରରେ ବ୍ଲକ ଅଧ୍ୟକ୍ଷା ଆରତି ନାୟକ, ବିଡିଓ ସସ୍ମିତା ବେହେରା, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା କୁନିଲତା ରାଉତ, ସମାଜସେବୀ ଦିବାକର ଛାଟୋଇ, ଦୁଷ୍ମନ୍ତ ପରିଡ଼ା, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ ପ୍ରମୁଖ ସାମିଲ ଥିଲେ। ସେହିପରି ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ଅନୁଷ୍ଠାନର ସଦସ୍ୟା ସଦସ୍ୟ, ସ୍ଥାନୀୟ ଲୋକେ, ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ର ଏହି ଶିବିରରେ ଯୋଗ ପ୍ରଦର୍ଶନ କରିଥିଲେ। ଯୋଗ ସମ୍ବନ୍ଧୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନ ଓ ଆତ୍ମାକୁ ଗୋଟିଏ ସୂତ୍ରରେ ଯୋଗ ଯୋଡ଼ିଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରାଚୀ ତଟରେ ଥିବା ବିଶ୍ୱାମିତ୍ର ମଠ ପରିସରରେ ଚାଷୀମାନଙ୍କୁ ନେଇ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗାଚାର୍ଯ୍ୟ ମୁରଲୀଧର ମୁଦୁଲି ଚାଷୀଙ୍କୁ ଯୋଗ ଶିଖାଇଥିଲେ। ଶିବିରକୁ ପଣ୍ଡିତ ତ୍ରିଲୋଚନ ମିଶ୍ର, କୃଷକ ମହାସଂଘ ସଭାପତି ରାଧାଶ୍ୟାମ ପ୍ରଧାନ, ସଂଯୋଜକ ସିଲୁ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ନିୟମିତ ଭାବେ ଯୋଗ ଆୟୋଜନ ନିମନ୍ତେ ସରକାର ଯୋଜନା ପ୍ରସ୍ତୁତ କରିବାକୁ ପଣ୍ଡିତ ମିଶ୍ର ଅନୁରୋଧ କରିଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବଳଙ୍ଗା ମହାବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଓ ଯୋଗାଭ୍ୟାସ କରାଯାଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ତଥା ପୁରୀ ସଂଭାଗ ଯୋଗ ମହୋତ୍ସବ ସମିତିର ସଂଯୋଜକ କୈଳାସ ଚନ୍ଦ୍ର ମହାପାତ୍ର ଏବଂ ଯୋଗ ମହୋତ୍ସବ ସମିତି ବଳଙ୍ଗାର ସମ୍ପାଦକ ଅଶୋକ କୁମାର ବେହେରା ସମସ୍ତଙ୍କୁ ଯୋଗ ଶିଖାଇଥିଲେ। ଯୋଗ ଦ୍ୱାରା ରୋଗମୁକ୍ତ ରହିବା, ମାନସିକ ଉତ୍ତେଜନାକୁ ହ୍ରାସ କରାଇବା, ଏକାଗ୍ରତା ବୃଦ୍ଧି କରାଯାଇପାରିବ ବୋଲି ପ୍ରଶିକ୍ଷକମାନେ କହିଥିଲେ। ଉଚ୍ଚ ରକ୍ତଚାପ, ମଧୁମେହ, ଆଣ୍ଠୁଗଣ୍ଠି ଆଦି ବିଭିନ୍ନ ରୋଗର ପ୍ରତିଷେଧକ ସଦୃଶ ଭୁଜଙ୍ଗାସନ, ବଜ୍ରାସାନ, ପଦ୍ମାସନ ପ୍ରତିଭାଗୀମାନଙ୍କୁ ଶିଖାଇଥିଲେ। ଅଧ୍ୟକ୍ଷ ସାହୁ, ଅଧ୍ୟାପକ ଡ. ପ୍ରଦୋଷ କୁମାର ପତି, ବଳଭଦ୍ର ରଥ, ୟାସିନ ରାଜା ଖାନ୍ ପ୍ରମୁଖ ଉକ୍ତ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର, କୁଳସଚିବ ରଶ୍ମିରେଖା ଦାସ, ନାରାୟଣ ପ୍ରସାଦ ବେହେରା, ଡ. ଲିପିକା ନାୟକ, ଡ. ରାଧାଗୋବିନ୍ଦ କୋଇଲା, ଡ. ସଙ୍ଗୀତା ଜେନା, ଡ. ଶର୍ମିଷ୍ଠା ମହାପାତ୍ର, ସଞ୍ଜୀବ ଜେନା, ସୀତାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୋଗ ସମ୍ବନ୍ଧୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ କୁଳପତି ଓ କୁଳ ସଚିବ ପୁରସ୍କୃତ କରିଥିଲେ। ସେହିପରି ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ପ୍ରଶାସନ ଏବଂ ସତ୍ୟବାଦୀ ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ଲିପ୍ସା ରାୟ ମୁଖ୍ୟ ଅତିଥି ଓ ଜିଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଯୋଗ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର, ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ଶିକ୍ଷକ ବିଜୟ କୁମାର ପରିଡା ପ୍ରମୁଖ ଯୋଗାସନ ଶିକ୍ଷା ଦେଇଥିଲେ। ସତ୍ୟବାଦୀ ସରକାରୀ ବାଳିକା ବିଦ୍ୟାଳୟ ସମେତ ସ୍ଥାନୀୟ ସ୍କୁଲଗୁଡ଼ିକରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ର, ବ୍ଲକ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଶିବିରରେ ସାମିଲ ହୋଇଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମୂଳ ଅଳସା, ଶ୍ରୀରାମଚନ୍ଦ୍ରପୁର, ନୂଆ ସୋମେଶ୍ୱରପୁର ଓ ବୀରରାମଚନ୍ଦ୍ରପୁରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରୀତି ନାୟକ, ସନ୍ଧ୍ୟାରାଣୀ ଘଟୁଆରୀ, ସ୍ୱାସ୍ଥ୍ୟକର୍ମୀ ଅନିତା କୁଣ୍ଡୁ, ସୌଦାମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଯୋଗ ଦ୍ୱାରା ମସ୍ତିଷ୍କ ସୁସ୍ଥ ରହିଲେ ଶିକ୍ଷାର ଅଭିବୃଦ୍ଧି ହୋଇଥାଏ ବୋଲି ଶୁକ୍ରବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ଆୟୋଜିତ ଯୋଗ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଏହି ସ୍କୁଲର ଛାତ୍ରୀଛାତ୍ରଙ୍କ ସହିତ ଅନ୍ୟ କେତେକ ବିଦ୍ୟାଳୟର ପିଲାମାନେ ଯୋଗାଭ୍ୟାସ କରିଥିଲେ। ଯୋଗ ଗୁରୁ ସୁବାସ ଚନ୍ଦ୍ର ପ୍ରଧାନ ବିଭିନ୍ନ ପ୍ରକାରର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସ୍ମାର୍ଟ ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ କୁମାର ବେହେରା, ବେଣୁଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


କଣାସ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଯୋଗ ସମ୍ପର୍କରେ ସଚେତନତା କରାଯାଉଛି ।


ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ଆୟୋଜିତ ଯୋଗ ଶିବିର ।

**ଆଜି ୫୩ତମ ଜିଏସ୍‌ଟି କାଉନସିଲ ବୈଠକ**

ନୂଆଦିଲ୍ଲୀ: ଦୀର୍ଘ ୭ମାସ ପରେ ଶନିବାର ସାମଗ୍ରୀ ଓ ସେବା ଟିକସ (ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି)ର ୫୩ତମ କାଉନସିଲ ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଶେଷ ଥର ପାଇଁ ୨୦୨୩ ମେ ୭ରେ ଜିଏସ୍‌ଟି କାଉନସିଲର ୫୨ତମ ବୈଠକ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ଜିଡିପି ଅଭିବୃଦ୍ଧି ୭.୨% ଆକଳନ

## ଫିଚ୍ ରେଟିଂ ୨୦୨୪-୨୫




ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଅର୍ଥନୈତିକ କ୍ଷେତ୍ରରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି। ଫିଚ୍ ରେଟିଂ ୨୦୨୪-୨୫ ଅନୁସାରେ ଭାରତର ଜିଡିପି ଅଭିବୃଦ୍ଧି ହାର ୦.୨% ବୃଦ୍ଧି ସହ ୭.୨% ରେ ପହଞ୍ଚିବା ନେଇ ପୂର୍ବାନୁମାନ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ୭.୨ ପ୍ରତିଶତ ବୋଲି ଫିଚ୍ ରେଟିଂ ଆକଳନ କରିଛି। ୨୦୨୪ ମାର୍ଚ୍ଚ ରିପୋର୍ଟରେ ଫିଚ୍ ରେଟିଂ ଦ୍ୱାରା ଉଲ୍ଲେଖ କରାଯାଇଥିବା ଭାରତ ପାଇଁ ଜିଡିପି ଅଭିବୃଦ୍ଧିର ୭ ପ୍ରତିଶତ ଅଭିବୃଦ୍ଧି ଠାରୁ ଏହା ୦.୨ ପ୍ରତିଶତ ଅଧିକ। ୨୦୨୪ ଜୁନ ୧୮ରେ ପ୍ରକାଶିତ ଏହାର ସର୍ବଶେଷ ଗ୍ଲୋବାଲ ଇକୋନୋମିକ ଆଉଟ୍‌ଲୁକ୍ ରିପୋର୍ଟରେ କୁହାଯାଇଛି, ଯେ ଘରୋଇ ଚାହିଦା କାରଣରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ପ୍ରକୃତ ଜିଡିପି ୮.୨ ପ୍ରତିଶତ ବୃଦ୍ଧି ପାଇବ। ବିନିଯୋଗ ମଧ୍ୟ ୯.୦ ପ୍ରତିଶତ ଏବଂ ଉପଭୋକ୍ତା ଖର୍ଚ୍ଚ ୪.୦ ପ୍ରତିଶତ ବୃଦ୍ଧି ପାଇଛି। ରିପୋର୍ଟରେ କୁହାଯାଇଛି, ଆର୍ଥିକ ବର୍ଷ ୨୪-୨୫ରେ ଭାରତୀୟ ଅର୍ଥନୀତି ୭.୨ ପ୍ରତିଶତରେ ବୃଦ୍ଧି ପାଇ ବୃଦ୍ଧି ପାଇବ। ଗ୍ରାହକଙ୍କ ଆତ୍ମବିଶ୍ୱାସ ଏକ ଉଚ୍ଚ ସ୍ତରରେ ରହିଛି, ଯାହା ଗ୍ରାହକଙ୍କ ଖର୍ଚ୍ଚରେ ଏକ ବଡ଼ ଧରଣର ସୁଧାର ଆସିପାରେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ବର୍ଷ ଆରମ୍ଭରୁ ଗ୍ରାହକ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ହ୍ରାସ ପାଉଛି। ମେ ମାସରେ ବାର୍ଷିକ ଭିତ୍ତିରେ ମୁଦ୍ରାସ୍ଫୀତି ହାର ୪.୭ ପ୍ରତିଶତ ହୋଇଥିବାବେଳେ ଡିସେମ୍ବର ୨୦୨୩ ରେ ଏହା ୫.୭ ପ୍ରତିଶତ ଥିଲା। ଡିସେମ୍ବରରେ ୩.୮ ପ୍ରତିଶତରୁ ମେ'ରେ ୩.୦ ପ୍ରତିଶତକୁ ହ୍ରାସ ପାଇ ମୂଳ ମୁଦ୍ରାସ୍ଫୀତି ହ୍ରାସ ପାଇବାରେ ଲାଗିଛି। ତଥାପି, ଚଳିତ ବର୍ଷର ପ୍ରଥମ ୫ ମାସରେ ହାରାହାରି ୭.୮ ପ୍ରତିଶତ ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ରହିଛି। ପୂର୍ବାନୁମାନ ଅନୁଯାୟୀ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷା ହାରାହାରିରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଏହା ଖାଦ୍ୟ ମୂଲ୍ୟ ବୃଦ୍ଧି ହେତୁ ମୁଦ୍ରାସ୍ଫୀତିର ବିପଦକୁ ହ୍ରାସ କରିବାରେ ସହାୟକ ହେବ।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୨୧।୬

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୬୯(୨୬୯.୦୩) ପଏଣ୍ଟ କମି ୭୭,୨୧୦ (୭୭,୨୦୯.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬୬ (୬୫.୯୦) ପଏଣ୍ଟ ହ୍ରାସ ଘଟି ୨୩,୫୦୧ (୨୩,୫୦୧.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ବଜାରରେ ମହିନ୍ଦ୍ରା ପାୱାରୋଲର ନୂତନ ଡିଜି ସେଟ୍




ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ମହିନ୍ଦ୍ରା ପାୱାରୋଲର ଅନୁମୋଦିତ ଜିଓଇଏମ୍, ଜିଏସ୍‌ପି ପାୱାର ପ୍ରୋଜେକ୍ଟସ ଦ୍ୱାରା ସିପିସିବିଆଇଭି+ଏମିଶନ ଷ୍ଟାଣ୍ଡାର୍ଡ କମ୍ପ୍ଲିଆଣ୍ଟ ରେଞ୍ଜର ଡିଜେଲ ଜେନେରେଟର ସେଟ୍ ଉନ୍ମୋଚିତ ହୋଇଯାଇଛି। ସିପିସିବିଆଇଭି ପ୍ଲସ୍ ଜେନ୍‌ସେଟ୍ ରିଟେଲ ସେଲ୍‌ସର ଜେନେରାଲ ମ୍ୟାନେଜର ସୁମିତ ଗୁପ୍ତା, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ରିଜିଓନାଲ ସେଲ୍‌ସ ମ୍ୟାନେଜର ସୁଶାନ୍ତ ଦାସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍(ଓଡ଼ିଶା କ୍ଷେତ୍ର)ସେଲ୍‌ସ ମ୍ୟାନେଜର ରବିଶଙ୍କର ସିଂହଙ୍କ ଉପସ୍ଥିତିରେ ଏହାର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଏଚ୍‌କେଭିଏ ଆଣ୍ଡ ପ୍ରୋଜେକ୍ଟସର ସିନିୟର ମ୍ୟାନେଜର ରାଜୀବ ସିଂହ, ଜିଏସ୍‌ପି ପାୱାର ପ୍ରୋଜେକ୍ଟ (ରିଟେଲ ଡିଭିଜନ)ର ମ୍ୟାନେଜିଂ ଡାଇରେକ୍ଟର ସ୍ୱପନ ଗ୍ରୋଭର, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ପ୍ରାଧିକୃତ ସେଲ୍‌ସ ଏବଂ ସର୍ଭିସ୍ ଡିଲର ଟିଆର୍‌ଏସ୍ ଇଞ୍ଜିନିୟରିଂର ମ୍ୟାନେଜିଂ ଡାଇରେକ୍ଟର ଦେବଦତ୍ତ ରାୟ ମଧ୍ୟ ଉପସ୍ଥିତ ଥିଲେ ।

## ଜୟଆଲୁକ୍କାସ୍‌ର ବିଶେଷ ଜୁଏଲେରି ଫେଷ୍ଟିଭାଲ

Joyalukkas
World's favourite jeweller

### ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୦% ରିହାତି

ଭୁବନେଶ୍ୱର,୨୧।୬

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ୍ ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ତଥା ବିଶେଷ ଜୁଏଲେରି ଫେଷ୍ଟିଭାଲ (ଅତୁଳନୀୟ ଅଳଙ୍କାର ବିକ୍ରୟ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଫେଷ୍ଟଭାଲ ଅବସରରେ ଗ୍ରାହକମାନେ ବ୍ରାଣ୍ଡ୍‌ର ସମସ୍ତ ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୦% ରିହାତି ଉପଭୋଗ କରିପାରିବେ। ଏହି ସ୍ୱତନ୍ତ୍ର ଅବସରରେ ସୁନା, ହୀରା, ମୂଲ୍ୟବାନ୍ ପଥର ଏବଂ ରୁପା ସମେତ ବହୁ ଅଳଙ୍କାର ଅନ୍ତର୍ଭୁକ୍ତ ହୋଇଛି।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ସମୂହର ଚେୟାରମ୍ୟାନ୍ ଜୟ ଆଲୁକ୍କାସ କହିଛନ୍ତି,ଆମେ ଏକ ଅଦ୍ୱିତୀୟ ଅଳଙ୍କାର ଶପିଂ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏପରିକି ଆମ ଗ୍ରାହକମାନେ ସେମାନଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବା ପାଇଁ ଅଳଙ୍କାରର ସର୍ବୋତ୍ତମ ଏବଂ ବ୍ୟାପକ ଚୟନ ଆମଠାରୁ ଆଶା କରିପାରନ୍ତି। ଏପରିକି ଅତୁଳନୀୟ ଅଳଙ୍କାର ବିକ୍ରୟ ଆମର ସମସ୍ତ ଶୋ'ରୁମ୍‌ରେ ଉପଲବ୍ଧ। ଆମର ସମସ୍ତ ସଂଗ୍ରହ ପାଇଁ ଅଳଙ୍କାର ତିଆରି ଶୁଳ୍କରେ ଫ୍ଲାଟ ୫୦% ରିହାତି ଅଫର ପ୍ରଦାନ କରାଯାଉଛି।

## ଏପିକ୍ ନ୍ୟୁ ସ୍ୱିଫ୍ଟର ମାସ୍ ଡେଲିଭରି




ଭୁବନେଶ୍ୱର,୨୧।୬ (ଅଭୟ ଦାଶ)

### ମାରୁତି ସୁଜୁକି ଏରିନା ଡିଲରଶିପ ପକ୍ଷରୁ ୫୦ ଏପିକ୍ ନୂଆ ସ୍ୱିଫ୍ଟ କାର୍ ପ୍ରଦାନ

ମାରୁତି ସୁଜୁକିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଏପିକ୍ ନ୍ୟୁ ସ୍ୱିଫ୍ଟ'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ତଥା ଭୁବନେଶ୍ୱର ଓ କଟକର ମାରୁତି ସୁଜୁକି ଏରିନା ଡିଲରମାନେ ଏପିକ୍ ନ୍ୟୁ ସ୍ୱିଫ୍ଟର ୫୦ଟି ନୂତନ କାର୍ ଗୋଟିଏ ଦିନରେ ପ୍ରଦାନ କରିବାର ଘୋଷଣାକରି ଗୌରବ ଅନୁଭବ କରିଛନ୍ତି। ଏହି ଅସାଧାରଣ ଉପଲବ୍ଧ ଭାରତୀୟ ଗ୍ରାହକମାନଙ୍କ ମଧ୍ୟରେ ନୂତନ ସ୍ୱିଫ୍ଟର ପ୍ରବଳ ଚାହିଦା ଓ ଲୋକପ୍ରିୟତାକୁ ଦର୍ଶାଉଛି। ଅପରପକ୍ଷରେ ଭୁବନେଶ୍ୱର ଓ କଟକର ମାରୁତି ସୁଜୁକି ଏରିନା ଡିଲରମାନେ ଗୋଟିଏ ଦିନରେ ପ୍ରଦାନ କରିଥିବା ୫୦ୟୁନିଟ୍ ଯାନ ମଧ୍ୟରୁ ଅଧିକାଂଶ ଡେଲିଭରିରେ ଟପ୍ ଏଣ୍ଡ ଭାରିଆଣ୍ଟ ରହିଛି।

ସେହିଭଳି ୫୦ଟି ସ୍ୱିଫ୍ଟ କାର୍‌ର ବ୍ୟାପକ ବିତରଣ ନୂତନ ସ୍ୱିଫ୍ଟର ଦୃଢ଼ ଗ୍ରହଣୀୟତାକୁ ସୂଚାଉଛି, ଯାହାକି ଏହାର ୧୯ବର୍ଷର ସଫଳ ପରମ୍ପରାକୁ ଦର୍ଶାଉଛି। ଫଳରେ ଏହାର ନୂତନ ଅବତାରରେ ସ୍ୱିଫ୍ଟର ସ୍ପୋର୍ଟି ଡିଜାଇନ ଆଧୁନିକ ଗ୍ରାହକଙ୍କ ସୌନ୍ଦର୍ଯ୍ୟ ସମ୍ବେଦନଶୀଳତାକୁ ଆକର୍ଷିତ କରୁଥିବାବେଳେ ନୂତନ ଓ ଉନ୍ନତ ଜେଡ୍-ସିରିଜ୍ ଇଞ୍ଜିନ୍ ୨୫.୭୫କି.ମି./ଲିଟର ପର୍ଯ୍ୟନ୍ତ ପ୍ରଭାବଶାଳୀ ଇନ୍ଧନଦକ୍ଷତା ସହ ଏକ ଗତିଶୀଳ ଡ୍ରାଇଭିଂ ଅନୁଭୂତି ପ୍ରଦାନ କରିଥାଏ। ଏପରିକି ମାରୁତି ସୁଜୁକି ପାଇଁ ସୁରକ୍ଷା ଏକ ସର୍ବୋଚ୍ଚ ପ୍ରାଥମିକତା ଓ ନୂତନ ସ୍ୱିଫ୍ଟରେ ୬ଟି ଏୟାରବ୍ୟାଗ୍, ଇଏସ୍‌ପି ଓ ହିଲ୍ ହୋଲ୍ଡ ଆସିଷ୍ଟକୁ ସମସ୍ତ ପ୍ରକାର ଷ୍ଟାଣ୍ଡାର୍ଡ ଫିଟ୍‌ମେଣ୍ଟ ଭାବେ ଅନ୍ତର୍ଭୁକ୍ତ କରିବା ସହ ଏହାର ପ୍ରତିଶ୍ରୁତିକୁ ଦୃଢ଼ କରିଛି। ସେହିପରି ୬.୪୯ଲକ୍ଷ ଟଙ୍କା (ଏକ୍ସ ଶୋ'ରୁମ୍)ରୁ ଆରମ୍ଭ ହେଉଥିବା ଆକର୍ଷଣୀୟ ମୂଲ୍ୟ ସହ ଏପିକ୍ ନ୍ୟୁ ସ୍ୱିଫ୍ଟକୁ ଏହାର ସେଗ୍‌ମେଣ୍ଟରେ ଏକ ଆକର୍ଷଣୀୟ ବିକଳ୍ପରେ ପରିଣତ କରିଛି, ଯେଉଁଥିରେ ୨.୯ନିୟୁତ ସନ୍ତୁଷ୍ଟ ଗ୍ରାହକ ରହିଛନ୍ତି ଓ ଏହି ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି।

## ବଜାଜ ଅଟୋ ସହ ସିଜିୟୁର ବୁଝାମଣା

ଭୁବନେଶ୍ୱର,୨୧।୬

ବଜାଜ ଅଟୋ ଲିମିଟେଡ୍ ଏବଂ ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି (ସିଜିୟୁ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ସି.ଭି.ରମଣ ବିଶ୍ୱବିଦ୍ୟାଳୟ ପରିସରରେ ବଜାଜ୍ ଇଞ୍ଜିନିୟରିଂ ସ୍କିଲ୍ ଟ୍ରେନିଂ (ବେଷ୍ଟ) ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ଉକ୍ତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ବଜାଜ ଅଟୋ ଲିମିଟେଡ୍‌ର ଉପସଭାପତି (ସିଏସ୍‌ଆର୍) ସୁଧାକର ଗୁଡିପତି, ଉପସଭାପତି (ମାନବ ସମ୍ବଳ) ସବ୍ୟସାଚୀ ରାୟ, ହେଡ୍ ସ୍କିଲିଂ ଭି .ରମେଶଙ୍କ ସମେତ ସିଜିୟୁ ଓଡ଼ିଶାର ପ୍ରତିଷ୍ଠାତା ତଥା ସଭାପତି ସଞ୍ଜୀବ କୁମାର ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସିଜିୟୁ ଓଡ଼ିଶାର ପ୍ରତିଷ୍ଠାତା ତଥା ସଭାପତି ସଞ୍ଜୀବ କୁମାର ରାଉତ କହିଛନ୍ତି, ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱସ୍ତରୀୟ ଶିକ୍ଷା ତଥା ହ୍ୟାଣ୍ଡସ-ଅନ୍ ଟ୍ରେନିଂ ଯୋଗାଇବା ପାଇଁ ଆମର ପ୍ରତିବଦ୍ଧତା ଆଜି ଏକ ନୂତନ ଅଧ୍ୟାୟରେ ପହଞ୍ଚିଛି। ଏହି ଦକ୍ଷତା ବିକାଶ କେନ୍ଦ୍ର ଛାତ୍ରୀଛାତ୍ରଙ୍କ ପାଇଁ ନୂତନତ୍ୱ ଏବଂ ଉତ୍କର୍ଷର ଆଲୋକ ଭାବେ କାର୍ଯ୍ୟ କରିବା ସହ ଭବିଷ୍ୟତର ବିକାଶଶୀଳ ଶିଳ୍ପ କ୍ଷେତ୍ରକୁ ଆଖି ଆଗରେ ରଖି ଛାତ୍ରୀଛାତ୍ରଙ୍କୁ ଅଧିକ ଉତ୍କର୍ଷ କରିବାକୁ ଏହିପରି ଯୋଜନା କରାଯାଇଛି ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ବଜାଜ ଅଟୋ ଲିମିଟେଡ୍‌ର ଉପସଭାପତି (ସିଏସ୍‌ଆର୍) ସୁଧାକର ଗୁଡିପତି କହିଥିଲେ, ସିଜିୟୁ ଏବଂ ବଜାଜ୍ ଅଟୋ ଲିମିଟେଡ୍‌ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ଦକ୍ଷତା ବିକାଶ କେନ୍ଦ୍ର ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ। ବଜାଜ ଅଟୋ ଲିମିଟେଡ୍‌ର ଉପସଭାପତି (ମାନବ ସମ୍ବଳ) ସବ୍ୟସାଚୀ ରାୟ କହିଛନ୍ତି, ଦକ୍ଷତା ବିକାଶ ଏବଂ ଭାରତୀୟ ଯୁବକମାନଙ୍କୁ ସଶକ୍ତ କରିବା ପାଇଁ ବଜାଜ୍‌ର ଏହା ଏକ ନୂତନ ପଦକ୍ଷେପ ହୋଇଥିଲାବେଳେ ବଜାଜର ମିଳିତ ସହଯୋଗରେ ସିଜିୟୁ ଭଳି ପ୍ରମୁଖ ଘରୋଇ ବିଶ୍ୱବିଦ୍ୟାଳୟରେ ଏହି ଭଳି ଦକ୍ଷତା ବିକାଶ କେନ୍ଦ୍ର କରାଯିବ ଏବଂ ଶିଳ୍ପକ୍ଷେତ୍ରର ଉନ୍ନତି ପାଇଁ ଆଗାମୀ ପିଢ଼ିର ଇଞ୍ଜିନିୟରମାନଙ୍କୁ ସଶକ୍ତ କରିବା ପାଇଁ ସ୍ଥିର କରାଯାଇଛି।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ ଜରୁରୀ



ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ଏବଂ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା- ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ଉପାଧକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧକ୍ଷ ଡ. ରାଜେଶ କୁମାର ପାଢୀ ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷ ଡ. ମୀନକେତନ ତାଙ୍କ ଅଭିଭାଷଣରେ ଯୋଗର ପ୍ରାଚୀନତା ସଂପର୍କରେ ଆଲୋକପାତ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟହ ଯୋଗଭ୍ୟାସ କରିବା ଜରୁରୀ ବୋଲି କହିଥିଲେ । ଏହି ଅବସରରେ ବ୍ରହ୍ମାକୁମାରୀ ଭାଇ-ଭଉଣୀ ଏବଂ ବିଦ୍ୟାଳୟର ଯୋଗ ପ୍ରଶିକ୍ଷକମାନେ ରାଜଯୋଗ ସହ ଯୋଗାଭ୍ୟାସ କରିବାର ବିଭିନ୍ନ ପ୍ରକାର ଆସନ ଏବଂ ପ୍ରାଣାୟାମ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ନୀରୋଗ ରହିବା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଶିକ୍ଷା ଓ ଅନୁସନ୍ଧାନ ଡିମଡ୍ ଟୁ ବି ୟୁନିଭରସିଟି ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଉଭୟ ଶାରିରୀକ ଓ ମାନସିକ ସୁସ୍ଥତା କ୍ଷେତ୍ରରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ଯୋଗ ପ୍ରଶିକ୍ଷକ ଅଖିଳ ଚନ୍ଦ୍ର ରଣାଙ୍କ ଦ୍ୱାରା ଯୋଗ ଶିବିର ପରିଚାଳନା କରାଯାଇଥିବାବେଳେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସୋଆର ହେଲଥ୍ ସାଇନ୍ସର ମୁଖ୍ୟ ପରାମର୍ଶଦାତା ତଥା ନ୍ୟୁରୋ ସର୍ଜନ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ପ୍ରଫେସର ଜ୍ୟୋତିରଞ୍ଜନ ମହାପାତ୍ର, ଡା. କମଳ ଲୋଚନ ମହନ୍ତ, ଏନ୍‌ଏସଏସ୍‌ର ୟୁଥ୍ ଅଫିସର୍ ଅଜିତ୍ କୁଶୱାହ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡା. ଶ୍ୟାମଳେନ୍ଦୁ ତ୍ରିପାଠୀ, କୁମାର ସମ୍ଭବ ଗିରି ଏବଂ ଡା. ମୋଉ ରାୟ ପ୍ରମୁଖ ସହଯୋଗ କରିଥିଲେ।

## ଓଏଚ୍‌ପିସି ପାଳିଲା ଯୋଗ ଦିବସ



ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚପିସି) ପକ୍ଷରୁ ଆର୍ନ୍ତଜାତୀୟ ଯୋଗ ଦିବସ ଅବସରରେ ଏକ ଯୋଗ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର, ଆୟଶାକାନ୍ତା ଦାସ, ନାଗେଶ୍ୱରୀ ସୋରେନ୍ ପ୍ରମୁଖ ପରିଚାଳନା କରିଥିଲେ। ଯୋଗାସନ ଓ ପ୍ରାଣାୟମ ଦ୍ୱାରା ଶରୀରକୁ ମିଳୁଥିବା ଉର୍ଜା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏ ଅବସରରେ ଅଂଶଗ୍ରହଣକାରୀମାନେ ସୂର୍ଯ୍ୟ ନମସ୍କାର, କପାଳଭାତୀ, ନଦୀ ଶୋଧନ, ଭ୍ରମରୀ, ଉଜ୍ଜୟୀ, ଶୀତକରୀ କଆଦି ଯୋଗାସନ କରିଥିଲେ।

## କୋଇଲା ଖଣି ନିଲାମର ୧୦ମ ରାଉଣ୍ଡ ଶୁଭାରମ୍ଭ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)




କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଶନିବାର ବାଣିଜ୍ୟିକ କୋଇଲା ଖଣି ନିଲାମର ଦଶମ ରାଉଣ୍ଡ ଆରମ୍ଭ କରାଯାଇଛି। ଏଥିରେ ମୋଟ ୬୭ଟି କୋଇଲା ଖଣି ନିଲାମରେ ସାମିଲ ହୋଇଥିଲା। କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ହାଇଦ୍ରାବାଦରେ ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭଟ୍ଟୀ ବିକ୍ରମାର୍କା ଏବଂ ରାଜ୍ୟ କୋଇଲା ଏବଂ ଖଣିମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ଉପସ୍ଥିତିରେ ବାଣିଜ୍ୟିକ କୋଇଲା ଖଣି ନିଲାମର ଦଶମ ରାଉଣ୍ଡ ଶୁଭାରମ୍ଭ କରିଛନ୍ତି। ନିଲାମ ପାଇଁ ଦିଆଯାଇଥିବା ଏହି ୬୭ଟି କୋଇଲା ଖଣି ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ଆଦି ରାଜ୍ୟରେ ରହିଛି। କୋଇଲା ଦଶମ ପର୍ଯ୍ୟାୟ ପାଇଁ ମଧ୍ୟ ସଂରକ୍ଷିତ ଅଞ୍ଚଳ, ବନ୍ୟଜନ୍ତୁ ଅଭୟାରଣ୍ୟ, ଗୁରୁତ୍ୱପୂର୍ଣ୍ଣ ପରିସଂସ୍ଥାନ, ୪୦%ରୁ ଅଧିକ ଜଙ୍ଗଲ କ୍ଷେତ୍ର, ବହୁଳ ଭାବରେ ନିର୍ମିତ ଅଞ୍ଚଳ ଅଧୀନରେ ଥିବା ଖଣିଗୁଡିକ ଏହି ନିଲାମରୁ ବାଦ୍ ଦିଆଯାଇଛି। ଏହି ଅବସରରେ ମନ୍ତ୍ରୀ ରେଡ୍ଡୀ କହିଛନ୍ତି, ସମସ୍ତ ଶିଳ୍ପ ପାଇଁ ଲାଇଫ୍‌ଲାଇନ ଏବଂ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନିଲାମ ହୋଇଥିବା କୋଇଲା ଖଣିରୁ ମିଳିଥିବା ରାଜସ୍ୱ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ନିକଟକୁ ଯିବ ବୋଲି ସୂଚନା ରହିଛି। ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭଟ୍ଟୀ ବିକ୍ରମାର୍କା କହିଛନ୍ତି, ଦେଶର ଶକ୍ତି ଆବଶ୍ୟକତାକୁ ଦୃଷ୍ଟିରେ ରଖି କୋଇଲାର ବିଦେଶୀ ଆମଦାନୀ ଯଥେଷ୍ଟ ହ୍ରାସ ପାଇଛି ଏବଂ ଗତ ଆର୍ଥିକ ବର୍ଷରେ ପ୍ରାୟ ୧ ବିଲିୟନ ଟନ୍ (ବିଟି) କୋଇଲା ଉତ୍ପାଦନ ହୋଇଛି। ରାଜ୍ୟ କୋଇଲା ଏବଂ ଖଣିମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ କହିଛନ୍ତି , କୋଇଲା କ୍ଷେତ୍ରକୁ ପୂର୍ବ ଅପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ କୋଇଲା ଶିଳ୍ପ ସହ ଜଡ଼ିତ ଏଜେଣ୍ଟମାନଙ୍କ ଠାରୁ ପରାମର୍ଶ ନିଆଯାଉଛି। କୋଇଲା ମନ୍ତ୍ରଣାଳୟର ସଚିବ ଅମୃତ ଲାଲ ମୀନା କହିଛନ୍ତି, ବଢୁଥିବା ଶକ୍ତି ଚାହିଦାକୁ ଦୃଷ୍ଟିରେ ରଖି କୋଇଲା ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଉତ୍ପାଦନ ବୃଦ୍ଧି ପାଇଁ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ବିପଦ ନ ହେବା ଉଚିତ ବୋଲି ସେ କହିଛନ୍ତି। କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ନିଯୁକ୍ତ ପ୍ରାଧିକରଣ ଏମ୍. ନାଗରାଜୁ କୋଇଲା ଚାହିଦା ବୃଦ୍ଧି ହେତୁ ଅଧିକ କୋଇଲା ବ୍ଲକ ଅନୁସନ୍ଧାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ୯ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୬



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ଜନତା ମଇଦାନଠାରେ ୯ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର କ୍ରୀଡ଼ା ଯୁବ ବିକାଶ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପୱନ୍ ଗୁପ୍ତା, ଉତ୍କଳ ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ମାନସ ବୁଖେର, ଜୁପିଟର ଗ୍ରୁପ୍‌ର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ପାତ୍ର, ଫ୍ରିଡମ୍ ଅଏଲର ରାଜ୍ୟ ମୁଖ୍ୟ ଅମିୟ ଧଳ, ଗୁପ୍ତା ଏଭେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ଡାଇରେକ୍ଟର ପାୟଲ ଆଚାର୍ଯ୍ୟ ଗୁପ୍ତା, ପ୍ରୋପୋଟି ବ୍ରାଣ୍ଡର ସଚିନ ସିଂ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ବିଭିନ୍ନ ରାଜ୍ୟ ଏବଂ ଦେଶ ବାହାରୁ ସେମାନଙ୍କ ସ୍ୱତନ୍ତ୍ର ସାମଗ୍ରୀର ପ୍ରଦର୍ଶନୀ କରିବାକୁ ଆସିଛନ୍ତି। ବିଭିନ୍ନ ପ୍ରକାର ଜିନିଷ ସହ ପ୍ରାୟ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶ ଭାଗ ନେଇଛନ୍ତି। ଏଠାରେ ଘରକରଣାଠାରୁ ଆରମ୍ଭକରି ବାହାରେ ବ୍ୟବହାର ଉପଯୋଗୀ ଫାଉଣ୍ଟେନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଜିନିଷ ସୁଲଭ ମୂଲ୍ୟରେ ପାଇପାରିବେ। ଏହି ମେଳା ଜୁନ୍ ୨୧ରୁ ଜୁଲାଇ ୧ ପର୍ଯ୍ୟନ୍ତ ଜନତା ମଇଦାନଠାରେ ପ୍ରତିଦିନ ଅପରାହ୍ଣ ୨ଘଟିକାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଏହି ବାଣିଜ୍ୟ ମେଳାରେ ରିଅଲ ଇଷ୍ଟେଟ, କନ୍‌ଷ୍ଟ୍ରକଶନରେ ବ୍ୟବହାର ଉପଯୋଗୀ ଦ୍ରବ୍ୟ, ଫର୍ନିଚର, ଇଣ୍ଟେରିୟର, ହୋମ୍ ଡେକୋର, ଗୃହ ଉପଯୋଗୀ ଉପକରଣ, ଜୀବନଶୈଳୀ ଏବଂ ପୋଷାକ, ଅଟୋମୋବଇଲ, ପ୍ରାଚୀନ ଦ୍ରବ୍ୟ, ସମସ୍ତ ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ, ବୁଟିକ୍ ଓ ବିଉଟି, ଘର ସାଜସଜ୍ଜା ଉପକରଣ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରାଚୀନ ଦ୍ରବ୍ୟ, ଭଳି ୪୦୦୦ରୁ ଊର୍ଦ୍ଧ୍ୱ ସାମଗ୍ରୀ ଆପଣ ପାଇପାରିବେ। ଏହା ସହ ବୁଲାବୁଲି କରି ପ୍ରତିଦିନ ସନ୍ଧ୍ୟାରେ ଫ୍ୟାଶନ ଶୋ, ଟାଲେଣ୍ଟ ହଣ୍ଟ, ରକ୍ ବ୍ୟାଣ୍ଡ ପ୍ରତିଯୋଗିତା, ନାମୀଦାମୀ ଓଲିଉଡ୍ ଓ ବଲିଉଡ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

**ପାଲେଷ୍ଟାଇନକୁ ଆର୍ମେନିଆର ସ୍ୱୀକୃତି**

ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ଆର୍ମେନିଆ ଶୁକ୍ରବାର ସ୍ୱୀକୃତି ପ୍ରଦାନ କରିଛି। ଏହାକୁ ଇସ୍ରାଏଲ୍ ଦୃଢ଼ ନିନ୍ଦା କରିବା ସହ ଆର୍ମେନିଆ ରାଷ୍ଟ୍ରଦୂତଙ୍କୁ ସମନ କରିଛି। ଗତ କିଛିଦିନ ମଧ୍ୟରେ ଅନେକ ଦେଶ ପାଲେଷ୍ଟାଇନ୍‌କୁ ସ୍ୱୀକୃତି ପ୍ରଦାନ କଲେଣି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କାଉନ୍‌ସେଲିଂ ଘୁଞ୍ଚିବନି: ସୁପ୍ରିମକୋର୍ଟ

## ଏନ୍‌ଇଇଟି ବାତିଲ ଆବେଦନ ଉପରେ କେନ୍ଦ୍ର, ଏନ୍‌ଟିଏକୁ ନୋଟିସ

ନୂଆଦିଲ୍ଲୀ,୨୧।୬(ପି.ଟି.)

ବିବାଦରେ ଛନ୍ଦିହୋଇ ପଡ଼ିଥିବା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)-ୟୁଜି ପାଇଁ କାଉନସେଲିଂ ଜୁଲାଇ ୬ରୁ ଆରମ୍ଭ ହେବାକୁ ଥିବାବେଳେ ଏହାକୁ ଘୁଞ୍ଚାଇବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏହା 'ଖୋଲିବା ଓ ବନ୍ଦ କରିବା' ପ୍ରକ୍ରିୟା ନୁହେଁ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଅନିୟମିତତା ଅଭିଯୋଗକୁ ନେଇ ମେ' ୫ରେ ହୋଇଥିବା ଏନ୍‌ଇଇଟି ପରୀକ୍ଷା ବାତିଲ କରିବା ପିଟିଶନ ଉପରେ ଖଣ୍ଡପୀଠ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ ହୋଇଛି।

ଜୁଲାଇ ୮ରେ ମୁଖ୍ୟ ମାମଲାର ଶୁଣାଣି ହେବାକୁ ଥିବାରୁ କାଉନସେଲିଂକୁ ଆଉ ୨ ଦିନ ଘଞ୍ଚାଇବା ପାଇଁ ଆବେଦନକାରୀଙ୍କ ପକ୍ଷର ଓକିଲ ଅଦାଲତଙ୍କୁ ନିବେଦନ କରିଥିଲେ। ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେବା ସହ ଏନ୍‌ଟିଏ, କେନ୍ଦ୍ର ସରକାର ଏବଂ ଅନ୍ୟାନ୍ୟ ପକ୍ଷ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଥିଲେ। ଆବେଦନକାରୀଙ୍କ ଓକିଲ ଜୁନ୍ ୨୩ରେ ହେବାକୁ ଥିବା ସାନି ପରୀକ୍ଷା ପ୍ରସଙ୍ଗ ଉଠାଇବା ସହ ଏନ୍‌ଟିଏ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଉ ନ ଥିବା କହିଥିଲେ। ଏହା ଉପରେ ଖଣ୍ଡପୀଠ ଏନ୍‌ଟିଏ ପକ୍ଷର ଓକିଲଙ୍କୁ ଜବାବ ଦାଖଲ କରିବାକୁ କହିଥିଲେ। ସୂଚନାଯୋଗ୍ୟ, ଗ୍ରେସ୍ ମାର୍କ ପାଇଥିବା ୧,୫୬୩ ଜଣ ଏନ୍‌ଇଇଟି ପରୀକ୍ଷାର୍ଥୀଙ୍କ ରେଜଲ୍ଟ ବାତିଲ କରାଯାଇଛି ଓ ସେମାନେ ଚାହିଁଲେ ଜୁନ୍ ୨୩ରେ ପୁନର୍ବାର ପରୀକ୍ଷା ଦେଇପାରିବେ ବୋଲି ଗତ ୧୩ ତାରିଖରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ।

# ପ୍ରିୟଙ୍କାଙ୍କ ପାଇଁ ପ୍ରଚାର କରିବେ ମମତା



କୋଲକାତା,୨୧।୬

କେରଳର ୱାୟନାଡ୍‌ରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଲୋକ ସଭା ଉପନିର୍ବାଚନ ଲଢ଼ିବାକୁ ଯାଉଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀ ତାଙ୍କ ପାଇଁ ପ୍ରଚାର କରିବାକୁ ରାଜି ହୋଇଛନ୍ତି। ସେ କଂଗ୍ରେସ ସହ ରହିଥିବା ପୁରୁଣା ମତଭେଦକୁ ପଛରେ ପକାଇ ସହାୟତା ପାଇଁ ହାତ ବଢ଼ାଇଛନ୍ତି। ପ୍ରିୟଙ୍କା ବାରାଣସୀରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ, ଗାନ୍ଧୀ ପରିବାରର ପ୍ରତିନିଧି ଭାବେ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କୋଲକାତାରେ ମମତାଙ୍କୁ ଭେଟି ୱାୟନାଡ୍‌ରେ ପ୍ରିୟଙ୍କାଙ୍କୁ ନିର୍ବାଚନ ପ୍ରଚାରରେ ସହାୟତା କରିବାକୁ କହିଥିଲେ।

# କଶ୍ମୀର ନିର୍ବାଚନ ପାଇଁ ପ୍ରସ୍ତୁତି

## ଅଗଷ୍ଟ ୨୦ରେ ଆସିପାରେ ଭୋଟର ତାଲିକା

ନୂଆଦିଲ୍ଲୀ,୨୧।୬

ଜମ୍ମୁ-କଶ୍ମୀର ବିଧାନସଭାକୁ ୨୦୧୮ରେ ଭଙ୍ଗ କରାଯାଇଥିଲା। ୨୦୧୯ରେ ସେଠାରୁ ୩୭୦ ଧାରା ଉଚ୍ଛେଦ ସହ ଏହାକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ସେଠାରେ ଗତ ମାସରେ ଲୋକ ସଭା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିବାବେଳେ ରେକର୍ଡ ସଂଖ୍ୟାରେ ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ। ତେଣୁ ଖୁବ୍‌ଶୀଘ୍ର କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ ନିର୍ବାଚନ କମିଶନ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅଗଷ୍ଟ ୨୦ରେ ନୂଆ ଭୋଟର ତାଲିକା ପ୍ରକାଶ ପାଇପାରେ ବୋଲି ଆଶା କରାଯାଉଛି। ହରିୟାଣା, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା କାର୍ଯ୍ୟକାଳ ଯଥାକ୍ରମେ ନଭେମ୍ବର ୧୧, ୨୬ ଏବଂ ୨୦୨୫ ଜାନୁଆରୀ ୫ରେ ଶେଷ ହେବାକୁ ଥିବାରୁ ସେହି ରାଜ୍ୟଗୁଡ଼ିକରେ ଏହା ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ କମିଶନ ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଗଷ୍ଟ ୨୦ ସୁଦ୍ଧା ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ସ୍ୱାଗତ କରାଯାଉଛି।

# ପ୍ରତିଜ୍ଞା ରଖିଲେ ଚନ୍ଦ୍ରାବାବୁ



## ୩୧ ମାସ ପରେ ମୁଖ୍ୟମନ୍ତ୍ରୀ ଭାବେ ବିଧାନସଭା ଫେରିଲେ

ନୂଆଦିଲ୍ଲୀ,୨୧।୬

ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁ ତାଙ୍କ ପ୍ରତିଜ୍ଞା ରକ୍ଷା କରି ୩୧ ମାସ ପରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭାବେ ଆନ୍ଧ୍ରପ୍ରଦେଶ ବିଧାନସଭାକୁ ଫେରିଛନ୍ତି। ୨୦୨୧ ନଭେମ୍ବରରେ ତତ୍କାଳୀନ ଶାସକ ଦଳ ବିଧାନସଭାରେ ତାଙ୍କ ସ୍ତ୍ରୀ ଓ ପରିବାର ସଦସ୍ୟଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବାରୁ ଚନ୍ଦ୍ରାବାବୁ ଅପମାନିତ ହୋଇଥିଲେ। ସେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ବିଧାନସଭାକୁ ଫେରିବେ ବୋଲି ସେତେବେଳେ ସେ ଆବେଗପୂର୍ଣ୍ଣ ଘୋଷଣା କରିଥିଲେ। ସଦ୍ୟସମାପ୍ତ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ଓ ସହଯୋଗୀ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ଭାବେ ଚନ୍ଦ୍ରାବାବୁ ଗୃହକୁ ଫେରିଛନ୍ତି। ସେ ବିଧାନସଭାରେ ପ୍ରବେଶ ସମୟରେ ଦ୍ୱାର ନିକଟରେ ମୁଣ୍ଡ ନୁଆଁଇ ଭୂମିକୁ ଛୁଇଁଥିଲେ। ଟିଡିପି ବିଧାୟକ ଓ ସହଯୋଗୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଦଳିତ ବୃଦ୍ଧଙ୍କୁ ଜୋତା ମାଳ ପିନ୍ଧାଇ ବୁଲାଇଲେ

କୌଶାମ୍ବି, ୨୧।୬

ଉତ୍ତରପ୍ରଦେଶର କୌଶାମ୍ବି ଜିଲା ସରାୟକିଲ ଥାନା ବିନ୍ନର ଗ୍ରାମର ପ୍ରେମ କୁମାର ନାମକ ଜଣେ ଦଳିତ ବୃଦ୍ଧ(୬୫)ଙ୍କୁ ବେକରେ ଜୋତାମାଳ ପକାଇ ପରେଡ୍ କରାଯାଇଛି। ଗ୍ରାମରେ ଯାଉଥିବା ସମୟରେ ସେ ଜଣେ ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ମହିଳାଙ୍କ ଏହି ଅଭିଯୋଗ ପରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ପ୍ରେମ୍‌ଙ୍କୁ ଜୋତାମାଳ ପିନ୍ଧାଇ ଗ୍ରାମର ବିଭିନ୍ନ ରାସ୍ତାରେ ବୁଲାଇଥିଲେ। ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବା ପରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିବା ସହ ଗ୍ରାମର ୫ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା କୌଶାମ୍ବି ପୋଲିସ ଅଧୀକ୍ଷକ(ଏସ୍‌ପି) ବ୍ରିଜେଶ କୁମାର ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

# ଆମେରିକା-ଚାଇନା ଅଣୁଅସ୍ତ୍ର ଆଲୋଚନା

ହଂକଂ,୨୧।୬

ଆମେରିକା ଏବଂ ଚାଇନା ମଧ୍ୟରେ ୫ ବର୍ଷ ପରେ ପ୍ରଥମ ଥର ପାଇଁ ଅଣୁଅସ୍ତ୍ର ଆଲୋଚନା ଅଣଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ତାଇୱାନ ପ୍ରତି ଚାଇନା ପକ୍ଷରୁ ଅଣୁଅସ୍ତ୍ର ଭୟ ସୃଷ୍ଟି କରାଯିବ ନାହିଁ ବୋଲି ବେଜିଂ ପ୍ରତିନିଧି ଆମେରିକା ପ୍ରତିପକ୍ଷଙ୍କୁ ଜଣାଇଛନ୍ତି। ତାଇୱାନକୁ ନେଇ ଯୁଦ୍ଧ ହେଲେ ଚାଇନା ଅଣୁଅସ୍ତ୍ର ବ୍ୟବହାର କରିପାରେ ବା ଧମକ ଦେଇପାରେ ବୋଲି ଆମେରିକା ପ୍ରତିନିଧିମାନେ ଆଶଙ୍କା ପ୍ରକଟ କରିବାରୁ ଚାଇନା ପ୍ରତିନିଧି ଉପରୋକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଗଣତାନ୍ତ୍ରିକ ଭାବେ ଶାସିତ ତାଇୱାନ କୁ ବେଜିଂ ନିଜ ଅଞ୍ଚଳ ଦାବି କରିଆସୁଥିବାବେଳେ ତାଇପେଇ ସରକାର ଉକ୍ତ ଦାବିକୁ ଅଗ୍ରାହ୍ୟ କରିଛନ୍ତି। ଯଦି ତାଇୱାନକୁ ନେଇ ବିବାଦ ତୀବ୍ର ରୂପ ନିଏ, ତେବେ ଅଣୁଅସ୍ତ୍ର ବ୍ୟବହାର କରା ନ ଯାଇ ପାରମ୍ପରିକ ଯୁଦ୍ଧ ହେବ ବୋଲି ବେଜିଂ ଆମେରିକା ପ୍ରତିପକ୍ଷଙ୍କୁ ଜଣାଇଛି।

# କାମଚଲା ବାଚସ୍ପତି ନିଯୁକ୍ତିକୁ କଂଗ୍ରେସର ବିରୋଧ

ନୂଆଦିଲ୍ଲୀ,୨୧।୬

ବରିଷ୍ଠ ନେତା ତଥା ୭ ଥରର ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଲୋକ ସଭାର କାମଚଲା ବାଚସ୍ପତି ନିଯୁକ୍ତ କରାଯାଇଥିବାବେଳେ କଂଗ୍ରେସ ଏହାକୁ ବିରୋଧ କରିଛି। ୮ ଥର ନିର୍ବାଚିତ ହୋଇଥିବା ସର୍ବବରିଷ୍ଠ ଦଳିତ ଏମ୍‌ପି କଂଗ୍ରେସର କୋଡିକୁନିଲ ସୁରେଶଙ୍କୁ ବାଦ୍‌ଦେଇ ଭର୍ତ୍ତୃହରିଙ୍କୁ ପ୍ରୋଟେମ୍ ସ୍ପିକର ନିଯୁକ୍ତ କରାଯିବା ସଂସଦୀୟ ନିୟମ ଭଙ୍ଗର ଅନ୍ୟତମ ଉଦ୍ୟମ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ଅଭିଯୋଗକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖଣ୍ଡନ କରିଛନ୍ତି। କାମଚଲା ବାଚସ୍ପତି ନିଯୁକ୍ତିକୁ ନେଇ କଂଗ୍ରେସ ରାଜନୀତି କରୁଛି। ନିମ୍ନ ସଦନରେ ନିରବଚ୍ଛିନ୍ନ ଭାବେ ସର୍ବାଧିକ ସମୟ ସଦସ୍ୟ ରହିଥିବା ଭାଜପା ନେତା ଭର୍ତ୍ତୃହରିଙ୍କୁ ପ୍ରୋଟେମ୍ ସ୍ପିକର ନିଯୁକ୍ତିରେ ପରମ୍ପରାର ଅନୁପାଳନ କରାଯାଇଛି। ସୁରେଶ୧୯୮୮ରୁ ୨୦୦୪ ଲୋକ ସଭାକୁ ନିର୍ବାଚିତ ହୋଇ ନ ଥିଲେ। ତେଣୁ ସେ ଲୋକ ସଭାର ନିରବଚ୍ଛିନ୍ନ ସଦସ୍ୟ ନୁହନ୍ତି। କଂଗ୍ରେସର ଦାବି ଠିକ୍ ନୁହେଁ। ବିରୋଧୀ ନେତାମାନେ ଏହି ପ୍ରସଙ୍ଗରେ ମିଥ୍ୟାର ପ୍ରସାର ଘଟାଇ ବିଭ୍ରାନ୍ତ କରୁଥିବା ରିଜିଜୁ କହିଛନ୍ତି। ୧୯୫୬ରେ ସର୍ଦ୍ଦାର ହୁକୁମ ସିଂଙ୍କୁ ପ୍ରୋଟେମ୍ ସ୍ପିକର କରାଯାଇଥିଲା। ସେ ଗୃହର ସର୍ବବରିଷ୍ଠ ସଦସ୍ୟ ନଥିଲେ। ସେହିପରି ପୂର୍ବରୁ ଏକାଧିକ ଥର କାମଚଲା ବାଚସ୍ପତି ନିଯୁକ୍ତିରେ ସର୍ବପୁରାତନ ସଦସ୍ୟ ନିୟମ କାର୍ଯ୍ୟକାରୀ ହୋଇ ନ ଥିଲା ବୋଲି ଭାଜପା କହିଛି।

# ଜୁନୈଦଙ୍କ 'ମହାରାଜ୍' ଫିଲ୍ମ ଉପରୁ କଟକଣା ହଟିଲା

ଗାନ୍ଧୀନଗର, ୨୧।୬





ଆମିର ଖାନ୍‌ଙ୍କ ପୁଅ ଜୁନୈଦ ଖାନଙ୍କ ଡେବ୍ୟୁ ଫିଲ୍ମ 'ମହାରାଜ' ଉପରେ ଲାଗିଥିବା କଟକଣାକୁ ଶୁକ୍ରବାର ହଟାଇ ଦିଆଯାଇଛି। ଗତ ୧୪ରେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଏହି ଫିଲ୍ମ ରିଲିଜ ହେବାକୁ ଥିଲା। ତେବେ ଏହି ଫିଲ୍ମର କେତେକ ଦୃଶ୍ୟ ହିନ୍ଦୁଧର୍ମକୁ ଆଘାତ ପହଞ୍ଚାଇଥିବା ଅଭିଯୋଗ କରି କେତେକ ହିନ୍ଦୁ ସଂଗଠନ ପକ୍ଷରୁ 'ମହାରାଜ' ଫିଲ୍ମ ଉପରେ ରୋକ ଲଗାଇବାକୁ ଗତ ସପ୍ତାହରେ ଗୁଜରାଟ ହାଇକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ଭଗବାନ କୃଷ୍ଣଙ୍କ ବିରୋଧରେ ଏହି ଫିଲ୍ମରେ ନିନ୍ଦନୀୟ ମନ୍ତବ୍ୟ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତେଣୁ ଫିଲ୍ମର ରିଲିଜ ଉପରେ ଗୁଜରାଟ ହାଇକୋର୍ଟ ରୋକ ଲଗାଇଥିଲେ। ତେବେ ଶୁକ୍ରବାର ଏହି ଚଳଚ୍ଚିତ୍ରରେ କୌଣସି ସମ୍ପ୍ରଦାୟର ଭାବନାକୁ ଆଘାତ ଦିଆଯାଇ ନ ଥିବା ଗୁଜରାଟ ହାଇକୋର୍ଟ କହିଛନ୍ତି। ଏହାସହ ଫିଲ୍ମ ଉପରେ ଲାଗିଥିବା କଟକଣାକୁ ହାଇକୋର୍ଟ ହଟାଇଦେଇଛନ୍ତି। ଫଳରେ ଶୁକ୍ରବାର ନେଟ୍‌ଫ୍ଲିକ୍ସରେ 'ମହାରାଜ' ଚଳଚ୍ଚିତ୍ର ରିଲିଜ ହୋଇଛି।

**Classified Everyday 0674-2580101, 2549949**



REAL ESTATE

SALE

3BHK flat for sale at Jharpada 80 feet road side. Contact- 9437307086, 7008789347. D-504

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347. D-505

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-417

BDA new planning area at Benupur low cost investment plots available, price starts from @ 799/-. 6371364640. D-75966

Residential Plots Patia, Bhubaneswar, Near KIIT College, ODM Global School, 30ft. Road, Electricity available. 7978729819. D-537

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-418





Two Shoproom (10'x10') At- Bijupatnaik College mainroad Jayadevvihar, Bhubaneswar. Contact- 9938511622. D-547





Relax, Refresh your body, Mind at Saikrupa SPA with best therapies. 8984068077. D-527

Relax, refresh your body, mind by expert therapist. Contact- 9938843929. D-76127

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Newly open health benefits spa special offer @999, Bapujinagar. 8018429809. D-76128

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



BUSINESS

Consultancy: Poll strategies, Industrial engineering, Logistic, Flat /Layout promotion, Systems designing, Problem solving for specific issues. Ct- 9003122286 (w). D-550

AFFIDAVIT

By an affidavit before the Executive Magistrate (P), Uditnagar, Rourkela, Rahil Lakara, D/o- Late Robert Lakara, residing At- Ghaghari Mahto Toli, Kadobahal, P.S.- Raibaga, Dist.- Sundargarh declare that I want change my name Rahil Lakra to Chiki Lakra. But in Aadhaar Card my name has been mentioned as Rahil Lakra. That both the names stands for one and same person. D-549

I, Bibhuti Bhusana Pradhan, S/o- Digambar Pradhan, Village- Baghuapalli, P.O.- Baladianuagaon, P.S.- Fategarh, Dist.- Nayagarh, PIN- 752077, Odisha declare by this affidavit No.-671, date- 19.06.2024 that now onwards I shall be known as Bibhuti Bhusan Pradhan for all future purposes. D-548

ମୁଁ ଶ୍ରୀମତୀ ସୁକାନ୍ତି ପୃଷ୍ଟି, ବ୫୫ବର୍ଷ, ସ୍ୱା- ସଦାଶିବ ପୃଷ୍ଟି, ପିତା- ୰ନାରଣ ଗୁରୁ, ସା- ଚନ୍ଦ୍ରାଦେଇପୁର, ଥା- ବଳଙ୍ଗା, ଜି- ପୁରୀ। ଏତଦ୍ୱାରା ମୁଁ ପ୍ରକାଶ କରେକି ଶ୍ରୀମତୀ ସୁକାନ୍ତି ପୃଷ୍ଟି, ସ୍ୱା- ସଦାଶିବ ପୃଷ୍ଟି, ପି- ୰ନାରଣ ଗୁରୁ ଉଭୟ ଏକ ଏବଂ ଅଭିନ୍ନ ବ୍ୟକ୍ତି ଅଟନ୍ତି। ଏଭଳି ବ୍ୟକ୍ତି ଏହି ଅଞ୍ଚଳରେ ନାହାନ୍ତି। ଧ-୫୪୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସ୍ମିତିପ୍ରଜ୍ଞା ସାହୁ (ରୋଜି)

କଟକ

ଆବିର୍ଭାବ- ୦୩।୧୨।୧୯୮୭

ତିରୋଧାନ- ୨୦।୦୬।୨୦୧୬

ଦେବସ୍ନାନ ପୂର୍ଣ୍ଣିମା

ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଆକୁଳ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ପାଇଁ।

ତୁ ସିନା ରୋଜି ଆସିବୁନି କେବେ

ଆଉ ମୋର ଜୀବନରେ

ତଥାପି ତୋହର ସ୍ମୃତି ଚାରଣରେ

ଏହି ମନ ମୋର ଝୁରେ।

ତୋର- ବାବା, ମାମା, ଲୋନି ଓ ଓମ୍‌ଶ୍ରୀ। ଧ-୫୩୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଏଇ ତ ଜୀବନ

ଗଳ୍ପ

**ଅଲେଖ ଚରଣ ପଟ୍ଟନାୟକ**

ବହୁ ପୂର୍ବରୁ ସୂର୍ଯ୍ୟଦେବ ଅସ୍ତାଚଳଗାମୀ ହେଲେଣି। ସଞ୍ଜ ରତରତ। ଅଫିସରୁ ଫେରି ସୋମନାଥ ବାବୁ କ୍ଲାନ୍ତ ଶରୀରଟିକୁ ଆର୍ମଚେୟାର ଉପରେ ଅଜାଡ଼ିଦେଇ ବିଶ୍ରାମ ଭଙ୍ଗୀରେ ଶାୟିତ ଥିଲେ।

'ଚାହା ଟିକେ ଦେବ ?'

ରୋଷେଇ ଘରୁ ଧର୍ମପତ୍ନୀ ଅନୁରାଧାଙ୍କ କଣ୍ଠସ୍ୱର –

'ହଉ ନେଉଛି।'

ସୋମନାଥ ବାବୁଙ୍କର କିରାଣି ଜୀବନକାଳରେ ସହସ୍ର ଝଡ଼ଝଞ୍ଜା ମଧ୍ୟରେ ତେଲଲୁଣର ଅଭାବୀ ସଂସାର କିପରି ଚାଲେ ତାହା ସେହି ସର୍ବନିୟନ୍ତାଙ୍କୁ ହିଁ ଜଣା। ସେଇ ଜୀବନ ସଂଘର୍ଷ ମଧ୍ୟରେ ନିଜର ଅଲିଅଳ ଏକମାତ୍ର ନୟନପିତୁଳା କନ୍ୟାରତ୍ନର ବିବାହ ବ୍ୟାଙ୍କର ଜଣେ ପଦସ୍ଥ କର୍ମଚାରୀଙ୍କ ସହିତ ବେଶ୍ ଧୁମ୍‌ଧାମ୍‌ରେ କରିପାରିଛନ୍ତି। ଝିଅ ବି ନୂଆ ସଂସାରରେ ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅଛି।

ସୋମନାଥ ବାବୁଙ୍କ ସେଇ ଚାକିରି ଜୀବନ କାଳରେ ଦୁଇ ପୁତ୍ରଙ୍କର ଲାଳନପାଳନ, ଉଚ୍ଚଶିକ୍ଷା ଇଞ୍ଜିନିୟରିଂ ପାଠପଢ଼ା ଭଲରେ ହୋଇଛି। ସେମାନଙ୍କୁ ନିଯୁକ୍ତି ବି ମିଳିଯାଇଛି। ଦୁହେଁ ନିଜ ନିଜର ମନପସନ୍ଦର ଜୀବନ ସାଥୀ ଚୟନ କରିଛନ୍ତି ଏବଂ ସେଥିରେ ସୋମନାଥ ବାବୁ କଦାପି ବାଧକ ସାଜି ନାହାନ୍ତି। ବରଂ ହସି ହସି ଆନନ୍ଦର ସହ ଦୁଇ ସମୁଦିଙ୍କୁ ଆପଣେଇ ନେଇଛନ୍ତି। ଦୁହିଁଙ୍କର ବିବାହ ଉତ୍ସବ ବହୁ ଆଡ଼ମ୍ବରରେ କରିଛନ୍ତି। ଜଣେ ସାଧାରଣ ମଧ୍ୟବିତ୍ତ ପରିବାରର ବ୍ୟକ୍ତି ଏତେ ଦାୟିତ୍ୱ କିପରି ନିର୍ବାହ କରିପାରିଲେ। ସମୟ ହିଁ ତା'ର ମୂକସାକ୍ଷୀ। ଭାଗ୍ୟ ବିଧାତାର ଅଦେଖା ହସ୍ତର ଅଜସ୍ର କଲ୍ୟାଣରେ ସବୁ ସମ୍ଭବ ହୋଇପାରିଛି।



ପୁତ୍ରକନ୍ୟାଙ୍କର ଶିକ୍ଷାଦୀକ୍ଷା ଖର୍ଚ୍ଚ, ବିବାହ, ଯାନିଯୌତୁକରେ ସର୍ବସ୍ୱ ସାରିଦେଇ ସୋମନାଥ ବାବୁ ଆଜି ନିଃସ୍ୱ, ଏଥର ଅବସର ନେବାର ଶେଷ ବର୍ଷ। ତା'ପରେ ହାତଗଣତି ପେନ୍‌ସନ ଟଙ୍କାରେ ସଂସାର ରଥ ଗଡ଼ିବ।

କ'ଣ ସବୁ ଭାବୁଛ ? ଏଇ ଚାହା ନିଅ। ଅନୁରାଧାଙ୍କ ହାତରୁ ଉଷ୍ମ ଚାହା କପ୍‌ଟି ନେଇ ଧୂଳି ପରସ୍ତ ଜମି ଯାଇଥିବା ଚଷମା ଫାଙ୍କରେ ପତ୍ନୀଙ୍କ ଉଦାସିଆ ମୁଖମଣ୍ଡଳକୁ ଲକ୍ଷ୍ୟ କଲେ ସୋମନାଥ ବାବୁ। ଅନୁରାଧା ତାଙ୍କ ସହଧର୍ମିଣୀ, ଜୀବନ ଚଲାପଥର ଏକ ସଚ୍ଚା ସାଥୀ। ପରିବାରର ଭଲମନ୍ଦ, ଦୁଃଖସୁଖ, ହସକାନ୍ଦ, ଅଭାବ-ସ୍ୱଭାବ, ଆଲୁଅ- ଅନ୍ଧକାର ଦିନଗୁଡ଼ିକରେ ନିଜେ ସଳିତା ପରି ଜଳି ଜଳି ଅନ୍ୟକୁ ଆଲୋକ ଦେଖାଇଛନ୍ତି। ପୂର୍ବ ଆକାଶରେ ସୂରୁଯର ସକାଳ କିରଣର ଲାଲିମା ସହିତ ଅନୁରାଧାଙ୍କ ଜୀବନ ଜଞ୍ଜାଳର ପର୍ବ ଆରମ୍ଭ ହୁଏ ରୋଷେଇ ଘରୁ। ପରିବାରର ସମସ୍ତ ସଦସ୍ୟ ରାତ୍ରଭୋଜନ ସମାପ୍ତ କରି ଶୋଇବା ନିମନ୍ତେ ଯିବା ପରେ ବି ଅନେକ ବିଳମ୍ବରେ ଅନୁରାଧା ବିଛଣା ଧରନ୍ତି। ସେ ସର୍ବଂସହା ଧରିତ୍ରୀ। ନିଜେ ଭୋକ ଉପାସରେ ରହି ଅନ୍ୟ ପେଟର ଭୋକଜ୍ୱାଳାକୁ ପ୍ରଶମିତ କରିଛନ୍ତି। ଓଷାବ୍ରତ, ଯାନିଯାତ୍ରା, ଦଶହରା, ରଜଛୁଟିରେ ଗାଁରୁ ଛୁଟିଆସୁଥିବା ବନ୍ଧୁବାନ୍ଧବ, ଆତ୍ମୀୟ-ସ୍ୱଜନଙ୍କୁ ଯଥାରୀତି ସ୍ୱାଗତ କରି ସେମାନଙ୍କ ରହଣି ସମୟରେ ଭୂରି ଭୋଜନରେ ଆପ୍ୟାୟିତ କରିଛନ୍ତି ଏବଂ ଉପଯୁକ୍ତ ଆତିଥ୍ୟ ଦେଇଛନ୍ତି। ସାରାଦିନ କର୍ମ ଜଞ୍ଜାଳରେ କ୍ଲାନ୍ତ ରହି ପରିଶ୍ରମରେ ସନ୍ତୁଳିତ ହେଲେ ବି ଆଚାର- ବ୍ୟବହାରରେ ସନ୍ତୁଳନ ରକ୍ଷାକରି ସଭିଙ୍କ ମନକୁ ଜିଣି ପାରିଛନ୍ତି। ସର୍ବଦା ତାଙ୍କ ରକ୍ତିମ- ଓଠରେ କ୍ଷୀଣ ହାସ୍ୟ-ରେଖା ସବୁରି ହୃଦୟ କିଣିନିଏ।

ଯେଉଁ ଦୁଇପୁତ୍ରଙ୍କୁ ଭରସା କରି ନିଜ ଛାତିକୁ ପଥର କରି ଜୀବନର କର୍ଦ୍ଦମାକ୍ତ, କଣ୍ଟକିତ ଚଲାପଥରେ ସାହସ ବାନ୍ଧି ଚାଲିଥିଲେ, ସେମାନେ ଆଜି ନିଜ ନିଜର ପରିବାର ନେଇ ସୁଦୂର ଦିଲ୍ଲୀ ଏବଂ ମୁମ୍ବାଇରେ ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳୁଛନ୍ତି। ଏଇ ପରିଣତ ବୟସରେ ଅଲୋଡ଼ା ମା'ବାପାଙ୍କୁ ପଚାରେ କିଏ ? ଦୁଇ ବୋହୂ ଉଚ୍ଚଶିକ୍ଷିତା, କର୍ମଜୀବୀ, ଆଧୁନିକ ଢଙ୍ଗଢାଙ୍ଗ ଏବଂ ପାଶ୍ଚାତ୍ୟ ଜୀବନ ଶୈଳୀରେ ବିଶ୍ୱାସ ରଖନ୍ତି। କୌଣସି ମାଙ୍ଗଳିକ କାର୍ଯ୍ୟ ହେଲେ ଉଭୟ ପରିବାର ଦୁଇ ତିନିଦିନ ପାଇଁ ଆସନ୍ତି। ଅତି ବେଶୀରେ ଏକ ସପ୍ତାହ। ତା'ପରେ ନିଜ କର୍ମସ୍ଥଳୀକୁ ଫେରି ଯାଆନ୍ତି। ଆଗମନ ଓ ପ୍ରତ୍ୟାବର୍ତ୍ତନର ଫ୍ଲାଇଟ ଟିକଟ ପୂର୍ବ ନିର୍ଦ୍ଧାରିତ ଥାଏ। ରକ୍ତର ସମ୍ପର୍କ, କିନ୍ତୁ କୁଣିଆ ପରି ଆସନ୍ତି, ଫେରି ଯାଆନ୍ତି। ଦିଲ୍ଲୀ ଏବଂ ମୁମ୍ବାଇ ସହରରେ ଚଳିବା ଖର୍ଚ୍ଚର ଲମ୍ବା ଫର୍ଦ୍ଦର ହିସାବ ଦେଖାନ୍ତି। ଖର୍ଚ୍ଚର ବିଶ୍ଳେଷଣ, ଅଭାବରେ କରିବା ଋଣ, କାର୍-ଲୋନ୍, ନୂଆ-ଘର ଲୋନ୍ ଏସବୁ କିସ୍ତି ପଇଠ କରୁ କରୁ ନୟାନ୍ତ ଏବଂ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି ବୋଲି ସଫେଇ ଦିଅନ୍ତି।

ବର୍ତ୍ତମାନ ସୋମନାଥ ବ୍ୟସ୍ତବିବ୍ରତ। ଏଥର ଝିଅର ପୁଆଣି ଭାର କିପରି ବ୍ୟବସ୍ଥା କରିବେ। ଅତି କମ୍‌ରେ ଦଶ ହଜାର। ଦୁଇ ପୁତ୍ରମଣି ଭିନ୍ନ ଭିନ୍ନ ଆର୍ଥିକ ଅସୁବିଧାର ବାହାନା କରି ନାସ୍ତି ବାଣୀ ଶୁଣେଇଦେଲେଣି। ସୋମନାଥ ବାବୁଙ୍କର ନିରବ ଚାହାଣିରେ ଭୟ ଓ ନିରାଶା ଉଙ୍କିମାରୁଥିଲା।

ଘର ଭିତରୁ ଏକ ପୁରୁଣା କାଠ ବାକ୍ସ ଧରି ଅନୁରାଧା ଆସି କହିଲେ, ଦେଖ ! ଆମ ବିବାହ ସମୟର 'ସଞ୍ଚୟ ପେଡ଼ି'। ତୁମେ ଯେତେବେଳେ ଯାହା ହାତଖର୍ଚ୍ଚକୁ ଦେଇଥାଅ, ମୁଁ ଏଥିରେ ରଖିଦିଏ। ଅନେକ ଦିନର ସଞ୍ଚିତ ଧନ। ଏସବୁ ମୋର କ'ଣ ହେବ ? ଝିଅର ପୁଆଣି ଭାର ଏଥିରେ ବୋଧହୁଏ ଚଳିଯିବ। ଅନୁରାଧାଙ୍କର ଉଦାସିଆ ମୁଖମଣ୍ଡଳରେ ଏକ ପ୍ରସନ୍ନତା ଏବଂ ଆତ୍ମସନ୍ତୋଷର ଝଲକ; ବଉଦ ଫାଙ୍କରେ ତୋଫା ଜହ୍ନର ଲୁଚକାଳି ଖେଳ ପରି ପ୍ରତୀୟମାନ ହେଉଥିଲା। ସୋମନାଥ ବାବୁ ଅବାକ୍ ହୋଇ ପ୍ରାଣପ୍ରିୟାଙ୍କୁ ଚାହିଁ ରହିଥିଲେ। ବୟସର କ୍ଲାନ୍ତ ଅପରାହ୍ଣରେ ବି ଅନୁରାଧା ବେଶ୍ ଶାନ୍ତ, କମନୀୟା, ଦେବୀ-ପ୍ରତିମା ପରି ଉଜ୍ଜ୍ୱଳ ଦିଶୁଥିଲେ।

ମୋ:୯୮୫୩୮୯୨୧୨୪

## ପୁସ୍ତକ ପରିଚୟ

### ଯୋଗଯାତ୍ରୀ ବିଶ୍ୱାମିତ୍ର




**ଲେଖିକା:** ଅର୍ଚ୍ଚନା ନାୟକ
**ପ୍ରକାଶକ:** ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଉପନ୍ୟାସ 'ଯୋଗଯାତ୍ରୀ ବିଶ୍ୱାମିତ୍ର'ରେ ଋଷି ବିଶ୍ୱାମିତ୍ର କିପରି ନିଜର କ୍ରମାଗତ ସାଧନା ଦ୍ୱାରା ଲୋଭ, ମୋହ, କାମ, କ୍ରୋଧ ଭଳି ପ୍ରାଣିକ ଆବେଗକୁ ଅତିକ୍ରମ କରି ନିଜକୁ ବ୍ରହ୍ମର୍ଷିରେ ରୂପାନ୍ତରିତ କରିପାରିଛନ୍ତି, ତା'ରି ବର୍ଣ୍ଣନା କରାଯାଇଛି। ବିଶ୍ୱାମିତ୍ର ଜନ୍ମରେ ଥିଲେ କ୍ଷତ୍ରିୟ, କିନ୍ତୁ ଅପ୍ରତ୍ୟାଶିତ ଏକ ଘଟଣା ତାଙ୍କ ଜୀବନର ଦିଗ ବଦଳାଇ ଦେଇଥିଲା। ଶାସନରୁ ସେ ସନ୍ନ୍ୟାସ ନେଇଥିଲେ। ଅହଂକାରୀ, ଦୁର୍ଦ୍ଧର୍ଷ କ୍ଷତ୍ରିୟ ରାଜପୁରୁଷ ନିଜର ଐକାନ୍ତିକ ତପସ୍ୟା ବଳରେ ଉନ୍ନୀତ ହୋଇଥିଲେ ବ୍ରହ୍ମର୍ଷି ପର୍ଯ୍ୟାୟକୁ। ଉପନ୍ୟାସର ପ୍ରମୁଖ ପ୍ରତିପାଦ୍ୟ ହେଲା- ବଶିଷ୍ଠ ଓ ବିଶ୍ୱାମିତ୍ର ଏହି ମର୍ତ୍ତ୍ୟର ମାନବ ହୋଇ ବି ସ୍ୱତପଃ ବଳରେ କିପରି ଦେବତାର ସ୍ୱୀକୃତି ବିନା ବ୍ରହ୍ମତ୍ୱ ଲାଭ କରିପାରିଥିଲେ, ତା'ରି କାହାଣୀ ରୂପାୟନ କରିବା। ଅର୍ଚ୍ଚନା ଲେଖିଛନ୍ତି: ''ଅବତାର ପୁରୁଷ ଶ୍ରୀରାମଙ୍କୁ ବିଶ୍ୱାମିତ୍ର ବକ୍ଷଲଗ୍ନ କରିବା ଘଟଣାରେ ମୁଁ ଅଭିଭୂତା ହୋଇଯାଇଥିଲି। ମୋର ମନେହୋଇଥିଲା ଋଷିବରଙ୍କର କୃଚ୍ଛ୍ର ସାଧନା ତାଙ୍କୁ ଯେଉଁ ବ୍ରହ୍ମର୍ଷି ପଦକୁ ଉନ୍ନୀତ କରିଥିଲା, ତା'ର ଲକ୍ଷେ ଗୁଣ ସିଦ୍ଧି ତାଙ୍କୁ ପ୍ରାପ୍ତ ହୋଇଥିଲା ସ୍ୱୟଂ ପରଂବ୍ରହ୍ମଙ୍କୁ ଆଲିଙ୍ଗନ କରିବା ଦ୍ୱାରା।'' ଉପନ୍ୟାସର ଭାଷା ସରଳ, ଗଭୀର ଓ ଭାବଗର୍ଭୀ। ଦେଢ଼ଶହ ପୃଷ୍ଠାରୁ ଊର୍ଦ୍ଧ୍ୱ କଳେବର ବିଶିଷ୍ଟ ଏହି ଉପନ୍ୟାସଟିକୁ ଗୋଟିଏ ଦଫାରେ ପଢ଼ିଦେଇ ହେବ ବିନା କ୍ଳାନ୍ତିରେ।

### ଜୀବନ ଆଇନା




**କବି:** ଅଖିଳ କୁମାର ମିଶ୍ର
**ପ୍ରକାଶକ:** ପେନ୍ ଇନ୍ ବୁକ୍‌ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୯୯/-

ମୋଟ ୫୦ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥ 'ଜୀବନ ଆଇନା'ରେ ସ୍ଥାନିତ। କବିତାଗୁଡ଼ିକର ଆକାର ବେଶୀ ବଡ଼ ନୁହେଁ କି ଅତି ସାନ ମଧ୍ୟ ନୁହେଁ। ଅଖିଳଙ୍କ କବିତା ଦି'ଜଣିଆ କଥାବାର୍ତ୍ତା ପରି ଲାଗେ। ଶବ୍ଦଙ୍କର ଯଥେଷ୍ଟ ସ୍ୱାଧୀନତା ଥାଏ ତାଙ୍କ କବିତାରେ। ଯେଉଁଠି ପଘା ଲାଗି ନ ଥାଏ। ଆବେଗ ଭିତରର ଆବେଗରେ ଜୀବନକୁ ସେ ଆବିଷ୍କାର କରନ୍ତି। ଗୋଟିଏ ପଙ୍‌କ୍ତି ତାଙ୍କର ଏକ କବିତାରୁ- ''ତମ ମୋ ଭିତରର କଥାବାର୍ତ୍ତା/ ଏବେ ନୂଆବର୍ଷ ପାଲଟି ଯାଇଚି।/ ନୂଆବର୍ଷରେ ମୁଁ ତୁମକୁ/ ତିନୋଟି ଉପହାର ଦେବି-/ ଭଲପାଇବା, ପ୍ରଚୁର ଭଲପାଇବା, ଗଭୀର ଭଲପାଇବା।/ କାଲି ଯଦି ସୂର୍ଯ୍ୟ ଉଇଁବାକୁ ମନାକରିବ/ ପବନରୁ ସମସ୍ତ ଭାବପ୍ରବଣତା ମରିଯିବ,/ ତଥାପି ତମେ ମୋ ଛାତିରେ ଥିବ/ ନୂଆବର୍ଷ ସରିବା ଯାଏ।'' (ପ୍ରେମ ନୂଆବର୍ଷରେ- ପୃ:୯୫)। ଅଖିଳଙ୍କ ପାଇଁ ଜୀବନ ହେଉଛି ଆଇନା। ତାଙ୍କର ଦୃଢ଼ୋକ୍ତି: ''ଜୀବନ ମୋ ଲାଗି ଆଇନା,/ ନିଜ ଭଳି ଲାଗେ/ ପୁଣି ବେଳେବେଳେ ନିଜ ଭଳି ଲାଗେ ନାହିଁ।'' (ଜୀବନ ଆଇନା- ପୃ:୧୮)। ନିରବ ମୁହୂର୍ତ୍ତରେ କବିତା କିପରି ବିସ୍ଫୋରଣ ଆଣିପାରେ- ଅଖିଳଙ୍କୁ ନ ପଢ଼ିଲେ ବୁଝିହୁଏନା। ଖସିପଡୁଥିବା ସମସ୍ତ ହୃଦୟକୁ ହାତରେ ତୋଳିବାର ଚେଷ୍ଟା ହେଉଛି 'ଜୀବନ ଆଇନା'।

## କବିତା

### ଖାଲିପଣ

**ଜ୍ୟୋତ୍ସ୍ନା ରାଉତ ମହାଂତି**

ସବୁ ଦିନ ପରି
ଆଜି ବି ସକାଳ ହେଲା
ରାତି ବି ଆସିବ,
ଆଉ ଆସିବ ସେଇ ପୁରୁଣା ପ୍ରଶ୍ନ-
ସବୁ ଥାଇ କିଛି ନ ଥିଲା ପରି
ଲାଗୁଛି କାହିଁକି ?
କାହିଁକି ଏ ଖାଲିପଣ ?

ଏତେ ଦିନ ଖୋଜୁଛି କେବଳ
ନିଜେ ହିଁ ନିଜକୁ,
ଅତୀତର ସ୍ମୃତିସବୁକୁ
ପୁଟୁଳି କରି କାନ୍ଧରେ ପକାଇ
ବଞ୍ଚିବାକୁ କରୁଛି ପ୍ରୟାସ।
ଅନ୍ତିମ ସକାଳଟି ଆସିବ କେବେ
ସେ ଖବର ମୋ' ପାଖରେ ନାହିଁ।
ଏବେ ରୁପା ଜହ୍ନ ପରି ରାତି ଆସୁଛି
ଅମାବାସ୍ୟାର ଅନ୍ଧାର ବି,
ଅଥଚ ସବୁ ଲାଗୁଛି ଏକାପରି।

ଦର୍ପଣରେ ଅସ୍ୱଷ୍ଟ ମୋ' ମୁହଁର ହସ
ଆଖିର ଲୁହ ବି।
ସ୍ୱପ୍ନସବୁ ଅଧୁରା।
ଚାଲୁଛି ଯେ ଚାଲୁଛି
ଏ ରାସ୍ତା ସରୁନାହିଁ!
କାନ୍ଧରେ ଥିବା ପୁଟୁଳିରୁ
କିଛିକିଛି ବୋହିନେଉଛି କିଏ
ବୋଧେ ଏଇଥିପାଇଁ ଯେ
ଏତେ ବଡ଼ ଭାର କାଳେ
ପାରିବନି ସମ୍ଭାଳି!

ଏବେ କିଛି ବି ଚାହୁଁନି
କେବଳ ସାମର୍ଥ୍ୟ ଦିଅ
ସଫା ରାସ୍ତାଟିଏ ଦିଅ,
ରାତିରେ ଲୁହ
ସକାଳେ ହସ !
ଯଦି ପାରୁଛ
ରାତି ସରିବା ଆଗରୁ
ଲୁହ ମୋର ପୋଛିଦିଅ !

ମୋ: ୮୨୪୯୪୯୬୭୭୬

### ଗୋତ୍ର

**କିଶୋର ପାଣିଗ୍ରାହୀ**

ଜାଣେ,
ଏଥର ବି ଭାଗ ନାହିଁ ଅଣାକରେ
ଭାଗ୍ୟରେ।

ମୁଁ ନିର୍ବୋଧ ଶୋଇପଡ଼ିଥାଏ
ସମସ୍ତେ ରାହାଧରି କାନ୍ଦୁଥିବା ବେଳେ,
ନ କାନ୍ଦିଲେ
ମା' ବି ଛୁଆକୁ ଦିଏନି
କ୍ଷୀର ଢୋକେ କାଳେ।

ମୁଁ ଶୋଇପଡ଼ିଥିବା ରାତିଙ୍କୁ ଦିନ କରି
ଓ ଦିନଙ୍କୁ ରାତି ପରି ସଜକରି
ଯେଉଁମାନଙ୍କର ରାଶିଫିଟିଗଲା କାଲି
କେଉଁ ନାମରେ ଡାକିହେବ
ସେହି ଦିବାଚୋର ରାତ୍ରିଚରଙ୍କୁ ?

ସବୁ ଥର ରାତି ପାହିବା ବେଳକୁ
ମୁଁ ମୋ' ସକାଳର
ଆଲୁଅଙ୍କ ହାତଧରି
ବାଟଧରି ଗୁଳମୁଣ୍ଡ ଛୁଉଁଛୁଉଁ
ସବୁ ଗୋତ୍ର ବଣ୍ଟାସରିଥାଏ।

ଆଉ ମୁଁ କହିଲେ ତ
ଗୋଟେ ଅଧମପଣ
ଆଖିବନ୍ଦ ବିବେଚନା
କି ବିବେକମାନଙ୍କୁ
ଭରସା କି ଶିଡ଼ି କରି
ପାହାଚ ପରି ପାହାଡ଼କୁ
ଡେରି ବସିଥାଏ।

ନା ଜାଣେ କାନ୍ଦ
ନା କେନ୍ଦରାରେ ବିକଳ ଲହର,
ନା ସ୍ତୁତିଗାନ
ନା ତୈଳମର୍ଦ୍ଦନ
ନା ଭଜନ, ଜଣାଣ
କି ମହିମା କୀର୍ତ୍ତନ ;
ବିଚରା ବେଯୋଡ଼
ଅବିଭାଜ୍ୟ ଭାଗଶେଷ
ପ୍ରଲମ୍ବିତ ହେଉଥାଏ
ଗୋଟେ ଅବଶିଷ୍ଟ ଅବସୋସ।

ମୋ: ୭୦୦୮୧୧୭୯୬୪

ଗୀତି-କବିତା

### ବନମାଳତୀ

**ଜୟନ୍ତୀ ସାହୁ**

ଅନ୍ଧାର ରାତିର ବନମାଳତୀ ମୁଁ
ମଉଳିବି ଅନ୍ଧାରରେ
ତୃଷାର୍ତ୍ତ ନୟନେ ରାତି ବିତେ ସିନା
ଭେଟେ ନାହିଁ ମଧୁପରେ।

ଦେବତାର ଶିରେ ସଂସ୍ଥାପନା ପାଇଁ
ଆକୁଳ ପରାଣ ଝୁରେ
ବଣରେ ଫୁଟିଛି ବଣରେ ଝଡ଼ିବି
ଏ କି ଲେଖା ମୋ' କପାଳେ!

ତଥାପି କିମ୍ପାଇ ମନ-ଅଙ୍ଗନରେ
ଆଶାର ଦୀପାଳି ଜଳେ
କାହାକୁ ଉନ୍ମନା ନ କରୁ ମୋ' ବାସ୍ନା
ଫୁଟି ଝଡ଼ିଯିବା ପରେ।

ଆସିବେ ପରାଣ ପ୍ରିୟ ମୋର ପାଶେ
ଯୁଗ ଯୁଗ ପରେ ଦିନେ
ଲୋଟି ପଡୁଥିବି ଫିଟି ପଡୁଥିବି
ଚରଣ ଯୁଗଳ ତଳେ।

ମୋ: ୮୦୯୩୪୮୬୬୭୪

## କାଳକାଳକୁ



**''ଯଂତ୍ରଣାର ନାଟକରେ ସାମୟିକ କାହାଣୀ ହେଉଛି ସୁଖ।''**
**– ଥୋମାସ୍ ହାର୍ଡି**

**ଥୋମାସ୍ ହାର୍ଡିଙ୍କ** ଜନ୍ମ ୨ ଜୁନ୍ ୧୮୪୦ରେ ଓ ପରଲୋକ ୧୧ ଜାନୁଆରୀ ୧୯୨୮ରେ, ଇଂଲଣ୍ଡରେ। ସେ ଏକାଧାରରେ କବି, କଥାକାର ଓ ଔପନ୍ୟାସିକ। ସେ ଜର୍ଜ ଏଲିୟଟ୍‌ଙ୍କ ପରମ୍ପରାରେ ଲେଖୁଥିବା ଜଣେ ଭିକ୍ଟୋରିଆନ୍ ବାସ୍ତବବାଦୀ। ତାଙ୍କ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରୁ କେଇଟି ହେଲା- 'ଫାର୍ ଫ୍ରମ୍ ଦ ମେଡିଙ୍ଗ୍ କ୍ରାଉଡ୍', 'ମେୟର ଅଫ୍ କାଷ୍ଟରବ୍ରିଜ୍', 'ଦ ରିଟର୍ଣ୍ଣ ଅଫ୍ ଦ ନେଟିଭ୍' ଓ 'କଲେକ୍ଟେଡ୍ ପୋଏମ୍‌ସ'। ହାର୍ଡି ହେଉଛନ୍ତି ଜୀବନଯୁଦ୍ଧରେ ପେଷି ହେଉଥିବା ମଣିଷର କରୁଣ ରୂପକାର। ସେ କହନ୍ତି: ''ପୁରୁଷ ପାଖରୁ ଯାହା ଦେଖିପାରେନି, ନାରୀ ଦୂରରୁ ତାହା ଦେଖିପାରେ।''

## ନଜର

ଲଘୁ ଗଳ୍ପ

**ଜୟଲକ୍ଷ୍ମୀ ପଟ୍ଟନାୟକ**

ପ୍ରଥମ ଶ୍ରେଣୀରେ ବି.ଏ. ପାଶ୍ କରି ପ୍ରବେଶିକା ପରୀକ୍ଷାରେ ଆଗରେ ଥିବାରୁ ତାକୁ ରାଜ୍ୟର ସର୍ବୋତ୍ତମ ବିଶ୍ୱବିଦ୍ୟାଳୟରେ ସ୍ଥାନ ମିଳିଯାଇଥିଲା। ଖୁସିରେ ବାପା ତା' ପାଇଁ ଆଣିଥିବା ଜିନ୍ସ ପ୍ୟାଣ୍ଟ ଆଉ କଳା ଟି-ଶାର୍ଟଟା ତା' ଗୋରା ଦେହକୁ ଭାରି ମାନୁଥିଲା। ତାକୁଇ ପିନ୍ଧି ଚନ୍ଦନ ସେଦିନ ପ୍ରଥମ କରି ସହରକୁ ଆସୁଥିଲା ବସ୍‌ରେ। ପିଲାଦିନୁ ଆଜିଯାଏ ସେ ଘରୁ ଶାଗ ପଖାଳ ଖାଇ ଗାଁ ସ୍କୁଲ ଆଉ ଗାଁ କଲେଜରେ ପାଠ ପଢ଼ି ଆସିଥିଲା। ପ୍ରଥମ କରି ଘରଠୁ ଦୂରରେ ରହିବ, ତେଣୁ ବୋଉ ତା'ର ମେଞ୍ଚାଏ ତୁଳସୀପତ୍ର ପକେଟ୍‌ରେ ପୂରେଇ ଶନି ମନ୍ଦିରରୁ ଆଣିଥିବା ମୋଟା କଳା ବ୍ୟାଣ୍ଡ୍‌ଟା ହାତରେ ଗଳେଇ ଦେଇ କହିଲା, ବାହାର କରିବୁନି ଧନ- ସହର ବଜାର ଜାଗା, କାହା ନଜର କ'ଣ! ବାପା ହସିଦେଲେ, ଏଇ ବାପା ବୋଉଙ୍କ କଥା ଭାବୁ ଭାବୁ ସେ ଆସି ପହଞ୍ଚି ସାରିଥିଲା ରାଜଧାନୀରେ। ବସ୍‌ରୁ ଓହ୍ଲେଇ ସୁଶାନ୍ତକୁ ଫୋନ୍ କଲା, ସୁଶାନ୍ତ କ'ଣ କହିଲା ତାକୁ ଶୁଭିଲାନି। ତେଣୁ ସେ ଭିଡ଼ ରାସ୍ତାରୁ ଟିକେ ଆଗକୁ ଯାଇ ପୁଣିଥରେ ଚେଷ୍ଟା କରୁଥିଲା।

ଏହି ସମୟରେ ରାସ୍ତା ଆରପଟୁ ଗୋଟେ କାର୍ ଭିତରୁ ମହିଳା ଜଣେ ତାକୁ ହାତଠାରି ଡାକୁଥିଲା ଭଳି ମନେହେଲା। ସେ ଏପାଖ ସେପାଖ ଅନେଇଲା। ତାକୁ ନା ଆଉ କାହାକୁ? ଏବେ କାର୍‌ଟି ଆଗକୁ ଚାଲିଗଲା, କିନ୍ତୁ ପାଞ୍ଚ ସାତ ମିନିଟ୍ ପରେ ପୁଣି ମୁହଁ ବୁଲେଇ ଆସି ତା' ପାଖରେ ପହଞ୍ଚିଲା। ବୟସ୍କା ମହିଳା ଜଣେ ମୁହଁ ବାହାର କରି ବିଦେଶୀ ଭାଷା ମିଶେଇ କହିଲେ, ଏକ୍ସକ୍ୟୁଜ୍ ମି- ଆଗରେ ମୋ' ଡ୍ରାଇଭର୍ ସିରିୟସ୍, ତାକୁ ହସ୍ପିଟାଲ ନେବାରେ ଟିକେ ହେଲ୍‌ପ କରିବେ କି? ଚନ୍ଦନ ଆଶ୍ଚର୍ଯ୍ୟ ହେଲା। ଥତମତ ହୋଇ ପଚାରିଲା- କିଏ- ମୁଁ? ୟେସ୍- ୟୁ। ଖାଲି ତାକୁ ଟିକେ ଗାଡ଼ି ଭିତରକୁ ଉଠେଇ ଦେବାରେ ହେଲ୍‌ପ କରିବେ, ପ୍ଲିଜ୍। ଚନ୍ଦନ ଚାରିଆଡ଼କୁ ଚାହିଁଲା, କେହି କେହି ତାକୁ ବି ଅନଉଥିଲେ। ସ୍ତ୍ରୀଲୋକ ଜଣଙ୍କ ଭାରି ବିକଳ ହେଉଥିଲେ। ସେ ତ କାହା ବିକଳ ସହି ପାରେନି। ତେଣୁ ଯାଇ ଗାଡ଼ିରେ ବସିପଡ଼ିଲା। ଫଟ୍‌କିନି କାର୍‌ଟିର କାଚ ଉପରକୁ ଉଠିଗଲା। ଆଉ ଗାଡ଼ି ଆଗକୁ ମାଡ଼ିଗଲା। ଚନ୍ଦନ ଭୟ ଆଉ ପ୍ରଶ୍ନମିଶା ଚାହାଣିରେ ଟିକେ କଣେଇକି ଚାହିଁଲା- ସ୍ତ୍ରୀ ଲୋକ ଜଣଙ୍କ ଭାରି ହାଇଫାଇ, ଗୋରା ତକତକ ଦେହ। ଚିପା ଚିପା ପୋଷାକ। କାନ୍ଧଯାଏ କଟା ଚୁଟି ଆଉ ଆଖିରେ ଷ୍ଟାଇଲ୍ ଗଗ୍‌ଲସ୍। ବୟସକୁ ଘୋଡ଼େଇବା ପାଇଁ ଯଥାସମ୍ଭବ ଚେଷ୍ଟା ହୋଇଛି। ହଠାତ୍ ସ୍ମିତହାସ୍ୟ ଦେଇ ସେ ତା' ଆଡ଼କୁ ଚାହିଁ କହିଲେ- ନୂଆ ବୋଧେ ?

– ଆଜ୍ଞା।

– ନ ହେଲେ ଏ ରାସ୍ତାରେ– ସେ ଆଗକୁ ଅନେଇ କହୁଥିଲେ।

– ଆଜ୍ଞା ! କ'ଣ କହିଲେ ?

–ନାଇଁ, କିଛି ନାଇଁ। ଲୋକ ଥିଲେ ବୋଲି କନ୍‌ସସ୍ ହେଇଗଲ ବୋଧେ ? ସେଥିପାଇଁ ମୋତେ ଗପ ତିଆରି କରିବାକୁ ପଡ଼ିଲା।

– ଗପ ! ମାନେ ! ବୁଝିପାରିଲିନି ମ୍ୟାମ୍। ଆପଣଙ୍କ ଡ୍ରାଇଭର କାହାନ୍ତି ?

– ହା ହା ହା। ସ୍ତ୍ରୀଲୋକ ଜଣଙ୍କ ଏବେ ଜୋର୍‌ରେ ହସିଲେ। ବଢ଼ିଆ ଇନୋସେଣ୍ଟ ରୋଲ୍ କରୁଚ ତ! ଲୋକଙ୍କୁ ଭଲ ଭୁଆଁ ବୁଲେଇ ପାରିବ! ଇଣ୍ଟରେଷ୍ଟିଙ୍ଗ, ଆଇ ଲାଇକ୍ ଇଟ୍। କେତେଦିନ ହେଲା ପଶିଲଣି ଏ ଲାଇନ୍‌ରେ ?

– ଆଜ୍ଞା ! ବୁଝିପାରିଲିନି ମ୍ୟାମ୍! କୋଉ ଲାଇନ୍‌ରେ! ମୁଁ ଆଜ୍ଞା ମୋ' ମାଉସୀ ପୁଅ ଭାଇକୁ ଅପେକ୍ଷା କରିଥିଲି। ମୁଁ ପ୍ରଥମ କରି ଆଜି ଏ ସହରକୁ ଆସିଛି। ମୋର କାଲି ବିଶ୍ୱବିଦ୍ୟାଳୟରେ ନାମଲେଖା ଅଛି।

ସ୍ତ୍ରୀଲୋକ ଜଣଙ୍କ ବାରମ୍ବାର ତା' ହାତକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହୁଁଥିଲେ। ସେତେବେଳକୁ ଚନ୍ଦନର ଫୋନ୍ ବାଜିଲା। ହଡ଼ବଡ଼ରେ ସ୍ୱିକର୍‌ଟା ଅନ୍ ହେଇଗଲା। ସୁଶାନ୍ତର ପାଟି ଶୁଭିଲା, କୋଉଠି ଅଛୁ କିରେ! ଚନ୍ଦନ କହିଲା ରହ, କହୁଚି କହୁଚି- ସେ ବାହାରକୁ ଅନେଇ ଚିହ୍ନ ଖୋଜିଲା।



ସାଏଁକିନି ଗାଡ଼ି ଘୂରିଗଲା ପଛକୁ। କିଛି ବାଟ ଆସି ବ୍ରେକ୍ ମାରିଲା। ଡୋର ଖୋଲିଲା, ଶୁଭିଲା- ୟୁ ମେ ଗୋ।

ଚନ୍ଦନ ତରବର ହୋଇ ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ପଚାରୁଥିଲା, ମ୍ୟାମ୍ ଆପଣଙ୍କ ଡ୍ରାଇଭର ? କିନ୍ତୁ ଓହ୍ଲେଇ ସାରି ବୁଲି ଚାହିଁଲାବେଳକୁ ଦ୍ରୁତଗତିରେ ଗାଡ଼ିଟି ଅଦୃଶ୍ୟ ହୋଇଗଲାଣି।

କିଛି ବି ବୁଝିପାରିଲାନି ଚନ୍ଦନ। ସେତେବେଳକୁ ତା' ଫୋନ୍ ଦୁଇ ତିନିଥର ବାଜି ସାରିଲାଣି। ସୁଶାନ୍ତକୁ ସେ ତା' ଜାଗାର ମାନଚିତ୍ର ପଠେଇଲା। କିଛି ସମୟ ପରେ ସୁଶାନ୍ତ ଆସି ପହଞ୍ଚିଲା। କହିଲା, କୋଉଠି ଓହ୍ଲେଇ ପଡ଼ିଲୁ କିରେ ? ମୁଁ ତତେ ଖୋଜି ଖୋଜି ନୟାନ୍ତ। ଚନ୍ଦନ ସବୁ କହିଲା। ତା' କଣ୍ଠ ଥରୁଥିଲା। ବହିଯାଉଥିବା ଝାଳକୁ ପୋଛି କହିଲା- ମୁଁ କିଛି ବୁଝିପାରିଲିନି। ସୁଶାନ୍ତ ତା' ହାତକୁ ଅନେଇ କହିଲା- ଏଇଟା କ'ଣ ? ବୋଉ ଲଗେଇ ଦେଇଚି। ଶନି ଠାକୁରଙ୍କର। ଏବେ ସୁଶାନ୍ତ କହିଲା, ହଉ ଆ ଗାଡ଼ିରେ ବସ୍। ବାଟରେ ସବୁ ବୁଝେଇ ଦେବି। ସୁଶାନ୍ତ ମୋଟରସାଇକେଲ୍‌କୁ କୁଆଡ଼େ କୁଆଡ଼େ ବୁଲେଇ ବୁଲେଇ ନେଲା କେଜାଣି, ବାଟରେ ଗୋଟେ ନିଛାଟିଆ ରାସ୍ତା ପଡ଼ିଲା। ଦେଖିଲାବେଳକୁ କିଛି କିଛି ଦୂର ଛାଡ଼ି ଛାଡ଼ି କୋଉଠି ଗୋଟେ ଗୋଟେ ପୁଅ ଆଉ କୋଉଠି ଗୋଟେ ଗୋଟେ ଝିଅ ଠିଆ ହୋଇଛନ୍ତି। କାହା କାହା ପାଖରେ କାର୍ ଗୋଟେ ଗୋଟେ ବି ଥୁଆ ହୋଇଛି। ଚିପାଚିପା ଡ୍ରେସ୍ ସବୁ ପିନ୍ଧିଛନ୍ତି, ସୁଶାନ୍ତ କହିଲା ଭଲକି ଦେଖ୍, ଏମାନଙ୍କ ଭିତରେ କ'ଣ ସମାନତା ଅଛି କହିଲୁ। ଚନ୍ଦନ ସମସ୍ତଙ୍କ ହାତକୁ ଅନେଇଲା।

ଦୁହେଁ ଘରେ ପହଞ୍ଚିଲେ। ଧୁଆଧୋଇ ହୋଇସାରି ପୋଛି ହୋଇ ଆସୁ ଆସୁ ସୁଶାନ୍ତ ବଡ଼ ପାଟିଟେ କଲା, କିରେ ଶନିଠାକୁରଙ୍କ ଫିତାଟା କ'ଣ ବାହାର କରି ପକେଟ୍‌ରେ ରଖିଦେଲୁ! ମାଉସୀପା ଲଗେଇ ଦେଇଥିଲେ ? ତତେ ନଜର ଲାଗିଯିବନି ? ଚନ୍ଦନ କହିଲା ବାହାର କରିଦେଲେ ନୁହେଁ, ଲଗେଇଲେ ନଜର ଲାଗିଯିବ। ଦୁହେଁ ଜୋର୍‌ରେ ହସିଲେ। ସୁଶାନ୍ତ ତ ପାଟି ଖୋଲି ହସୁଥିଲା, ହେଲେ ଜିଭ କାମୁଡ଼ି ହସୁଥିଲା ଚନ୍ଦନ।

ମୋ: ୯୩୩୭୩୩୧୮୫୩




# ଡିଏଲ୍ଏସ୍‌ରେ ଜିତିଲା ଅଷ୍ଟ୍ରେଲିଆ


ପ୍ଲେୟର ଅଫ୍ ଦି ମ୍ୟାଚ ପ୍ୟାଟ୍ କୁମିନ୍ସ।

**ଆଣ୍ଟିଗୁଆ, ୨୧।୬**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ସୁପର-୮ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏହି ମ୍ୟାଚରେ ବାଂଲାଦେଶ ୨୦ ଓଭରରେ ୮ ଉଇକେଟ ହରାଇ ୧୪୦ ରନ କରିଥିଲା। ଅଷ୍ଟ୍ରେଲିଆ ୧୧.୨ ଓଭରରେ ୨ ଉଇକେଟ ହରାଇ ୧୦୦ ରନ କରିଥିବାବେଳେ ବର୍ଷା ହୋଇଥିଲା। ଖେଳ ଆଉ ସମ୍ଭବ ହୋଇ ନ ଥିବାରୁ ଡକ୍‌ୱର୍ଥ ଲୁଇସ ସିଷ୍ଟମ (ଡିଏଲ୍ଏସ୍)ରେ ଅଷ୍ଟ୍ରେଲିଆକୁ ୨୮ ରନରେ ବିଜୟୀ ଘୋଷଣା କରାଯାଇଥିଲା। କାରଣ ସେତେବେଳକୁ ଡିଏଲ୍ଏସ୍ ପାର୍ ସ୍କୋର ଥିଲା ୭୨ ରନ। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ହ୍ୟାଟ୍ରିକ ଅର୍ଜନ କରିବା ଏହି ମ୍ୟାଚର ମୁଖ୍ୟ ଆକର୍ଷଣ ଥିଲା। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶର ବ୍ୟାଟରମାନେ ଅଷ୍ଟ୍ରେଲୀୟ ବୋଲରଙ୍କୁ ମୁକାବିଲାରେ ଅସଫଳ ରହିଥିଲେ। ଅଧିନାୟକ ନଜମୁଲ ହୋସେନ ଶାନ୍ତୋ ସର୍ବାଧିକ ୪୧ ଓ ତୋହିଦ ହ୍ରିଦୟ ୪୦ ରନ କରିଥିଲେ ହେଁ ବଡ଼ ପାର୍ଟନରଶିପ୍‌ର ଅଭାବ ଓ ୬ ବ୍ୟାଟର ଦୁଇଅଙ୍କ ଛୁଇଁ ନ ପାରିବା ଦଳର ବଡ଼ ସ୍କୋରରେ ପ୍ରତିବନ୍ଧକ ସାଜିଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ହ୍ୟାଟ୍ରିକ ମ୍ୟାନ ପ୍ୟାଟ୍ କୁମିନ୍ସ ୩ଟି, ଆଡାମ ଜାମ୍ପା ୨ଟି ଏବଂ ମିଚେଲ ଷ୍ଟାର୍କ, ମାର୍କୁସ ଷ୍ଟୋଇନିସ ଓ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆର ଆରମ୍ଭ କିନ୍ତୁ ବଢ଼ିଆ ହୋଇଥିଲା। ଡେଭିଡ ୱାର୍ନର ଓ ଟ୍ରାଭିସ ହେଡ୍ ଓପନିଂ ଯୋଡ଼ିରେ ୬୫ ରନ ଯୋଗକରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ହେଡ୍ ଯଦିଓ ୨୧ ବଲ୍‌ରୁ ୩୧ ରନକରି ଆଉଟ ହୋଇଥିଲେ ତେବେ ବର୍ଷା ଯୋଗୁ ଖେଳ ବନ୍ଦ ରହିବା ବେଳକୁ ୱାର୍ନର ୩୫ ବଲ୍‌ରୁ ୫୩ ରନରେ ଅପରାଜିତ ରହିଥିଲେ। ଅଧିନାୟକ ମିଚେଲ ମାର୍ଶ ଯଦିଓ ୧ ରନକରି ଆଉଟ ହୋଇଥିଲେ ତେବେ ମ୍ୟାକ୍ସୱେଲଙ୍କ ୬ ବଲ୍‌ରୁ ୧୪ ଏବଂ ୱାର୍ନରଙ୍କ ଦ୍ରୁତ ଅର୍ଦ୍ଧଶତକ ଡିଏଲ୍ଏସ୍‌ରେ ଅଷ୍ଟ୍ରେଲିଆ ପାଇଁ ଫଳପ୍ରଦ ହୋଇଥିଲା। ବାଂଲାଦେଶ ପକ୍ଷରୁ କେବଳ ରିଶଦ ହୋସେନ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୪୦/୮ (ନଜମୁଲ ହୋସେନ ଶାନ୍ତୋ-୪୧, ତୋହିଦ ହ୍ରିଦୟ-୪୦, ପ୍ୟାଟ୍ କୁମିନ୍ସ-୩/୨୯, ଆଡାମ ଜାମ୍ପା-୨/୨୪, ମିଚେଲ ଷ୍ଟାର୍କ-୧/୨୧, ମାର୍କୁସ ଷ୍ଟୋଇନିସ-୧/୨୪, ଗ୍ଲେନ ମ୍ୟାକ୍ସୱେଲ-୧/୧୪)।

## ପ୍ୟାଟ୍ କୁମିନ୍ସଙ୍କ ହ୍ୟାଟ୍ରିକ

ଚଳିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ। ଶୁକ୍ରବାର ଏଠାରେ ଅନୁଷ୍ଠିତ ସୁପର-୮ ମ୍ୟାଚରେ ସେ ବାଂଲାଦେଶ ବିପକ୍ଷରେ ଏହି ସଫଳତା ପାଇଛନ୍ତି। ୩୧ ବର୍ଷୀୟ କୁମିନ୍ସ ୧୮ତମ ଓଭରର ଶେଷ ୨ ବଲ୍‌ରେ ବାଂଲାଦେଶର ଅଭିଜ୍ଞ ଖେଳାଳି ମହମୁଦୁଲ୍ଲା ଓ ମେହେଦି ହାସନଙ୍କ ଉଇକେଟ ନେଇଥିଲେ। ୨୦ତମ ଓଭରର ପ୍ରଥମ ବଲ୍‌ରେ ସେ ତୋହିଦ ହ୍ରିଦୟଙ୍କୁ ଆଉଟ କରି ହ୍ୟାଟ୍ରିକ ଉଇକେଟ ପୂରଣ କରିଥିଲେ। ଟି୨୦ ବିଶ୍ୱକପ୍‌ରେ ଏହାଥିଲା ଓଭରଅଲ୍ ୭ମ ହ୍ୟାଟ୍ରିକ। କୁମିନ୍ସଙ୍କ କ୍ୟାରିୟରର ଏହା ପ୍ରଥମ ହ୍ୟାଟ୍ରିକ। ଦ୍ୱିତୀୟ ଅଷ୍ଟ୍ରେଲୀୟ ଭାବେ କୁମିନ୍ସ ଟି୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ପୂର୍ବରୁ ୨୦୦୭ରେ ବ୍ରେଟ୍ ଲୀ କେପ୍‌ଟାଉନ୍‌ରେ ଏହି ବାଂଲାଦେଶ ବିପକ୍ଷରେ ହିଁ ହ୍ୟାଟ୍ରିକ କରିଥିଲେ।

## ଟି୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ

ବ୍ରେଟ୍ ଲୀ (ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, କେପ୍‌ଟାଉନ୍, ୨୦୦୭
କର୍ଟିସ କାମ୍ଫର (ଆୟର୍ଲାଣ୍ଡ): ବନାମ ନେଦରଲାଣ୍ଡ୍ସ, ଆବୁଧାବି, ୨୦୨୧
ୱାନିନ୍ଦୁ ହସରଙ୍ଗା (ଶ୍ରୀଲଙ୍କା): ବନାମ ଦକ୍ଷିଣ ଆଫ୍ରିକା, ଶାରଜା, ୨୦୨୧
କାଗିସୋ ରାବାଡ଼ା (ଦକ୍ଷିଣ ଆଫ୍ରିକା): ବନାମ ଇଂଲଣ୍ଡ, ଶାରଜା, ୨୦୨୧
କାର୍ତ୍ତିକ ମେୟାପ୍ପାନ (ୟୁଏଇ): ବନାମ ଶ୍ରୀଲଙ୍କା, ଗିଲଙ୍ଗ୍, ୨୦୨୨
ଜୋଶୁଆ ଲିଟଲ(ଆୟର୍ଲାଣ୍ଡ): ବନାମ ନ୍ୟୁଜିଲାଣ୍ଡ, ଆଡିଲେଡ, ୨୦୨୨
ପ୍ୟାଟ୍ କୁମିନ୍ସ(ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, ଆଣ୍ଟିଗୁଆ, ୨୦୨୪

**ଟି୨୦ରେ ଅଷ୍ଟ୍ରେଲିଆ ବୋଲରଙ୍କ ହ୍ୟାଟ୍ରିକ**

ବ୍ରେଟ୍ ଲୀ (ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, କେପ୍‌ଟାଉନ୍, ୨୦୦୭
ଅଷ୍ଟନ ଅଗର: ବନାମ ଦକ୍ଷିଣ ଆଫ୍ରିକା, ଜୋହାନ୍ସବର୍ଗ, ୨୦୨୦
ନାଥାନ ଏଲିସ: ବନାମ ବାଂଲାଦେଶ, ମୀରପୁର, ୨୦୨୧
ପ୍ୟାଟ୍ କୁମିନ୍ସ(ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, ଆଣ୍ଟିଗୁଆ, ୨୦୨୪

# ଟପ୍ ଅର୍ଡର, ଦୁବେଙ୍କ ଉପରେ ଚାପ

**ନର୍ଥ ସାଉଣ୍ଡ, ୨୧।୬ (ପି.ଟି.)**

**ସୁପର-୮ରେ ଆଜି ଭାରତ-ବାଂଲାଦେଶ ମୁକାବିଲା**


ଅଭ୍ୟାସ ଅବସରରେ ବିରାଟ କୋହଲି।

ଟି୨୦ କ୍ରିକେଟ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ଶନିବାର ଭାରତ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ଚଳିତ ବିଶ୍ୱକପ୍‌ରେ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବାବେଳେ ବାଂଲାଦେଶ ଏହାର ପ୍ରଥମ ସୁପର-୮ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇ ସାରିଛି। ତେଣୁ ଦୁଇ ଉପମହାଦେଶୀୟ ଦଳ ମଧ୍ୟରେ ଏହି ମୁକାବିଲା ବେଶ୍ ରୋଚକ ହେବା ଆଶା କରାଯାଉଛି। ଲିଗ୍ ପର୍ଯ୍ୟାୟ ଓ ଆଫଗାନିସ୍ତାନ ବିପକ୍ଷ ସୁପର-୮ର ପ୍ରଥମ ମ୍ୟାଚରେ ଭାରତ ବିଜୟୀ ହୋଇଥିଲେ ହେଁ ଟପ୍ ଅର୍ଡର କ୍ଲିକ୍ କରି ପାରିନାହିଁ। ମଧ୍ୟଭାଗରେ ଶିବମ୍ ଦୁବେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ତେଣୁ ଆଗାମୀ ମ୍ୟାଚରେ ଟପ୍ ଅର୍ଡର ସମେତ ଦୁବେଙ୍କ ଉପରେ ଚାପ ରହିବ। ହେଡ୍ ଟୁ ହେଡ୍ ରେକର୍ଡରେ ଭାରତ ଯଦିଓ ଫେଭରାଇଟ ବିବେଚିତ ହେଉଛି ତେବେ ବାଂଲାଦେଶ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ବୋଲି ଟିମ୍ ମ୍ୟାନେଜମେଣ୍ଟ ଅବଗତ ଅଛି।

ଆଫଗାନିସ୍ତାନ ଓ ବାଂଲାଦେଶ ମ୍ୟାଚ ମଝିରେ କେବଳ ଗୋଟିଏ ଟ୍ରାଭେଲ୍ ଡେ'କୁ ଛାଡ଼ିଦେଲେ ଭାରତୀୟ ଦଳକୁ ଅଭ୍ୟାସ ପାଇଁ ଅଧିକ ସମୟ ମିଳିନାହିଁ। ତେଣୁ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଖେଳାଳିମାନେ ଆଗାମୀ ମ୍ୟାଚରେ ଭଲ ଖେଳନ୍ତୁ ବୋଲି ଭାରତ ଚାହିଁବ ନିଶ୍ଚିତ। ଓପନିଂ ଯୋଡ଼ି ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଏପର୍ଯ୍ୟନ୍ତ ବିସ୍ଫୋରକ ବ୍ୟାଟିଂ କରିପାରି ନାହାନ୍ତି। ଆଉଜଣେ ଖେଳାଳି ହେଲେ ବାମହାତୀ ଶିବମ୍ ଦୁବେ। ମିଡିଲ ଅର୍ଡର ଓ ଡେଥ୍ ଓଭରରେ ଛକା ମାରିବାରେ ମାହିର ଦୁବେଙ୍କୁ ବିଶ୍ୱକପ ଦଳରେ ସାମିଲ କରାଯାଇଥିଲା। ମାତ୍ର ସେ ବିଫଳ ହୋଇ ଚାପରେ ଅଛନ୍ତି। ଆମେରିକା ବିପକ୍ଷ ଗ୍ରୁପ୍ ମ୍ୟାଚରେ ସେ ଯଦିଓ ୩୧ ରନକରି ଅପରାଜିତ ଥିଲେ ତେବେ ସୂର୍ଯ୍ୟକୁମାରଙ୍କ ଇନିଂସ ଆଗରେ ଏହା ଫିକା ରହିଥିଲା। ସେ ଆଗାମୀ ମ୍ୟାଚରେ ବିଫଳ ହେଲେ ଟିମ୍ ମ୍ୟାନେଜମେଣ୍ଟ ମିଡିଲ ଅର୍ଡରରେ ସଞ୍ଜୁ ସାମସନଙ୍କୁ ସାମିଲ କରିବା ସମ୍ପର୍କରେ ଚିନ୍ତା କରିପାରନ୍ତି।

ଅନ୍ୟପକ୍ଷରେ ବ୍ୟାଟିଂକୁ ନେଇ ଚିନ୍ତାରେ ଥିବା ବାଂଲାଦେଶ ଏହାର ପ୍ରଥମ ସୁପର-୮ ମ୍ୟାଚରେ ହାରିଯାଇଥିବାରୁ ଭାରତ ବିପକ୍ଷରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ପାୱାର ହିଟରଙ୍କ ଅଭାବ ଦଳକୁ ସମସ୍ୟାରେ ପକାଉଛି। ଲିଟନ ଦାସ ଓ ତାଞ୍ଜିଦ ଖାଁଙ୍କ ଖରାପ ପ୍ରଦର୍ଶନ ମଧ୍ୟ ଦଳର ଚିନ୍ତା ବଢ଼ାଇଛି। ଟପ୍ ଅର୍ଡର କ୍ଲିକ୍ କରିବା ନିହାତି ଆବଶ୍ୟକ ହେଉଛି ବୋଲି ବାଂଲାଦେଶ ଅଧିନାୟକ ନଜମୁଲ ଶାନ୍ତୋ ପ୍ରକାଶ କରିଛନ୍ତି। ଭାରତର ଯଶପ୍ରୀତ୍ ବୁମରାଙ୍କୁ ମୁକାବିଲା ପାଇଁ ସେମାନେ ଉପାୟ ବାହାର କରିବାକୁ ଚିନ୍ତା କରୁଛନ୍ତି। ମୁସ୍ତାଫିଜୁର ରହମନ ନେତୃତ୍ୱରେ ପେସ୍ ବାହିନୀ ଯଦିଓ ଠିକ୍ ପଥରେ ଅଛି ତେବେ ରିଶଦ ହୋସେନଙ୍କୁ ଅନ୍ୟ ସ୍ପିନରମାନେ ସହାୟତା କରିବା ଆବଶ୍ୟକ ପଡୁଛି।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ଆମେରିକା ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ବାର୍ବାଡୋସ
ସମୟ: ସକାଳ ୬ଟା

**ଭାରତ ବନାମ ବାଂଲାଦେଶ**
ସ୍ଥାନ: ଆଣ୍ଟିଗୁଆ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଇଂଲଣ୍ଡକୁ ହରାଇଲା ଦ.ଆଫ୍ରିକା

**ସେଣ୍ଟ ଲୁସିଆ, ୨୧।୬**

ଟି୨୦ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଶେଷ ଓଭରରୁ ବିଜୟ ପାଇଁ ୧୪ ରନ ଆବଶ୍ୟକ ଥିବାବେଳେ ଇଂଲଣ୍ଡ କେବଳ ୬ ରନ କରି ପାରିଥିଲା। ହ୍ୟାରି ବ୍ରୁକ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଲିଆମ ଲିଭିଂଷ୍ଟୋନଙ୍କ ଦୃଢ଼ ବ୍ୟାଟିଂ ବଳରେ ମ୍ୟାଚ ଏକଦା ଇଂଲଣ୍ଡ ନିୟନ୍ତ୍ରଣକୁ ଚାଲି ଆସିଥିଲା। ମାତ୍ର ଏ ଦୁଇ ବ୍ୟାଟର ଆଉଟ ହେବା ସହ ଇଂଲଣ୍ଡ ପରାଜୟ ସ୍ୱାଦ ଚାଖିଥିଲା। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୬ ଉଇକେଟ ହରାଇ ୧୬୩ ରନ କରିଥିବାବେଳେ ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଥିଲା। ବ୍ରୁକ୍ ୫୩ ଓ ଲିଭିଂଷ୍ଟୋନ ୩୩ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡ଼ା ଓ କେଶବ ମହାରାଜ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଦକ୍ଷିଣ ଆଫ୍ରିକା ସୁପର-୮ ପର୍ଯ୍ୟାୟରେ ୪ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି।

ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କ୍ୱିଣ୍ଟନ ଡିକକ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ପାୱାରପ୍ଲେ ୬ ଓଭରରେ କୌଣସି ଉଇକେଟ ନ ହରାଇ ୬୩ ରନ ସଂଗ୍ରହ କରିଥିଲା। ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୮୬ ରନର ଭାଗୀଦାରି ହୋଇଥିଲା। ମାତ୍ର ଏଥିରେ ରିଜା ହେଣ୍ଡ୍ରିକ୍ସଙ୍କ ଅବଦାନ ୨୫ ବଲ୍‌ରୁ ମାତ୍ର ୧୯ ରହିଥିଲା। ଡିକକ୍‌ଙ୍କ ୩୮ ବଲ୍‌ରୁ ୬୫ (୪ ଚୌକା, ୪ ଛକା) ଓ ଡେଭିଡ ମିଲରଙ୍କ ୪୩ (୨୮ ବଲ, ୪ ଚୌକା, ୨ ଛକା) ରନ ଯୋଗୁ ଦକ୍ଷିଣ ଆଫ୍ରିକା ସ୍କୋର ୧୫୦ ଅତିକ୍ରମ କରିଥିଲା। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ୩ଟି ଏବଂ ମୋଇନ ଅଲୀ ଓ ଆଦିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୬୩/୬ (କ୍ୱିଣ୍ଟନ ଡିକକ୍-୬୫, ଡେଭିଡ ମିଲର-୪୩, ଜୋଫ୍ରା ଆର୍ଚର-୩/୪୦, ମୋଇନ ଅଲୀ-୧/୨୫, ଆଦିଲ ରଶିଦ-୧/୨୦)। ଇଂଲଣ୍ଡ ୨୦ ଓଭରରେ ୧୫୬/୬ (ହ୍ୟାରି ବ୍ରୁକ୍-୫୩, ଲଇଆମ ଲିଭିଂଷ୍ଟୋନ-୩୩, କାଗିସୋ ରାବାଡ଼ା-୨/୩୨, କେଶବ ମହାରାଜ-୨/୨୫, ଓଟନେଲ ବାର୍ଟମାନ-୧/୨୭, ଏନରିଚ୍ ନର୍ଜେ-୧/୩୫)।

# ଫୁଟ୍‌ବଲ ଷ୍ଟାର ବାଜିଓଙ୍କ ଘରୁ ଡକାୟତି

**ରାମ୍, ୨୧।୬ (ଏପି)**

ଇଟାଲୀର ଅବସରପ୍ରାପ୍ତ ଷ୍ଟାର ଫୁଟବଲ ଖେଳାଳି ରବର୍ଟୋ ବାଜିଓଙ୍କ ଘରୁ ଡକାୟତି ହୋଇଛି। ସେତେବେଳେ ସେ ଟେଲିଭିଜନରେ ତାଙ୍କ ଜାତୀୟ ଦଳ ଏବଂ ସ୍ପେନ ମଧ୍ୟରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍ ମ୍ୟାଚ ଦେଖୁଥିଲେ। ଇଟାଲୀ ଗଣମାଧ୍ୟମ ଖବର ଅନୁସାରେ ଅତିକମ୍‌ରେ ୫ଜଣ ଡକାୟତ ରାତି ୧୦ଟାରେ ବାଜିଓଙ୍କ ସୁରମ୍ୟ ଅଟ୍ଟାଳିକାରେ ପ୍ରବେଶ କରିଥିଲେ। ପୂର୍ବତନ ଫୁଟ୍‌ବଲ ଖେଳାଳି ଯେତେବେଳେ ସେମାନଙ୍କ ସହିତ ମୁହାଁମୁହିଁ ହେଲେ ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକର ବଟ୍‌ରେ ବାଜିଓଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଡକାୟତମାନେ ୫୭ବର୍ଷୀୟ ବାଜିଓ ଏବଂ ତାଙ୍କ ପରିବାରକୁ ଗୋଟିଏ ରୁମ୍‌ରେ ବନ୍ଦ କରି ଅଳଙ୍କାର, ଘଣ୍ଟା ଓ ନଗଦ ଅର୍ଥ ଲୁଟି ନେଇଥିଲେ। ଡକାୟତମାନେ ପଳାୟନ କରିବା ପରେ ବାଜିଓ କବାଟ ଭାଙ୍ଗି ପୋଲିସ ଡାକିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କ ଆଘାତ ସ୍ଥାନରେ ଷ୍ଟିଚ୍ କରାଯାଇଥିଲା। ଡକାୟତମାନେ କିନ୍ତୁ ତାଙ୍କ ପରିବାରର କୌଣସି ସଦସ୍ୟଙ୍କର କ୍ଷତି ଘଟାଇ ନ ଥିଲେ। ବାଜିଓ ଇଟାଲୀ ତରଫରୁ ୫୬ ମ୍ୟାଚ ଖେଳି ୨୭ ଗୋଲ୍ ସ୍କୋର କରିଥିଲେ।


ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଶୁକ୍ରବାର ସୌଜନ୍ୟମୂଳକ ସାକ୍ଷାତ ଅବସରରେ ରାଜ୍ୟ କରାଟେ ସଂଘର କ୍ରୀଡ଼ାବିତ୍‌ମାନେ।

# ଭାରତୀୟ ଦଳରେ ଓଡ଼ିଶାର ସାଇନା, ଜୁନୁ

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

**ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍**

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍ଆଇଏସ୍‌ୟୁ) ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଉଗାଣ୍ଡାର ଏଣ୍ଟେବେଠାରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଯାଉଥିବା ଇଣ୍ଡିଆନ ୟୁନିଭର୍ସିଟିଜ ଦଳରେ ଓଡ଼ିଶାର ୨ ଖେଳାଳି ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ସାଇନା ସାଲୋନିକା ଓ ଜୁନୁ ବିରୁଆ ସ୍ଥାନ ପାଇଛନ୍ତି। କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜୁନୁ ବିରୁଆ ପ୍ରଥମ ଆଦିବାସୀ ବାଳିକାଭାବେ ଭାରତ ପକ୍ଷରୁ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ଚୟନ ଟ୍ରାଏଲ୍ସ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏପ୍ରିଲ ୧୮ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ୟୁନିଭର୍ସିଟିଜ୍ ମହିଳା ଚେସ୍ ଦଳ ଦ୍ୱିତୀୟ ଥରପାଇଁ ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଛି। ପୂର୍ବରୁ ୨୦୧୮ରେ ଭାରତ ଏଥିରେ ପ୍ରଥମ ପଦାର୍ପଣ କରିଥିଲା। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଇନା ସାଲୋନିକା ଏବଂ କିସ୍‌ର ଜୁନୁ ବିରୁଆଙ୍କ ବ୍ୟତୀତ ଭାରତୀୟ ଦଳର ଅନ୍ୟ ୨ ସଦସ୍ୟା ହେଲେ ପୁଣେସ୍ଥିତ ଭାରତୀ ବିଦ୍ୟାପୀଠର ଆକାଂକ୍ଷା ହଗ୍‌ୱାନେ ଓ ମୋକ୍ଷଦା ମହାଜନ। ଏହା ବ୍ୟତୀତ ଅନ୍ତର୍ଜାତୀୟ ମାଷ୍ଟର, ଫିଡେ ଟ୍ରେନର ତଥା କିଟ୍ ବିଶ୍ୱବିଦ୍ୟାଳୟର ଚେସ୍ ପରାମର୍ଶଦାତା ଶେଖର ସାହୁ ମୁଖ୍ୟ କୋଚ୍ ଏବଂ କିଟ୍‌ର ଲକି ରାଣୀ ପାତ୍ର ଟିମ୍ ଅଫିସିଆଲ ଭାବେ ଭାରତୀୟ ପ୍ରତିନିଧି ଦଳ ସହ ଶନିବାର ଉଗାଣ୍ଡା ଅଭିମୁଖେ ଯାତ୍ରା କରିବେ। ଏଠାରେ ଚୟନ ଟ୍ରାଏଲ୍ସ ଆୟୋଜନ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)କୁ ଧନ୍ୟବାଦ ଜଣାଇବା ସହ ଭାରତୀୟ ଦଳରେ ସାମିଲ ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ମହିଳା ଚେସ୍ ପ୍ରତିଭାଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

# ଜର୍ଜିଆ ଗଲେ ସାତ୍ତ୍ୱିକ ସ୍ୱାଇଁ

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

**ଫିଡେ ୱାର୍ଲ୍ଡ କପ୍**
**୮ ବର୍ଷରୁ କମ ଚେସ୍**

ଚଳିତ ମାସ ୨୩ ରୁ ୨୬ ପର୍ଯ୍ୟନ୍ତ ଜର୍ଜିଆର ବାଟୁମିଠାରେ ଫିଡେ ୱାର୍ଲ୍ଡ କପ୍-୨୦୨୪ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ୮ବର୍ଷ ରୁ କମ ଓପନ ବିଭାଗରେ ଅଂଶଗ୍ରହଣ କରିବାପାଇଁ ଓଡ଼ିଶାର ଶିଶୁ ଚେସ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ଶୁକ୍ରବାର ଜର୍ଜିଆ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶରୁ ୮ବର୍ଷ ରୁ କମ ବିଭାଗରେ ୪୮ ଖେଳାଳି ଭାଗ ନେଉଛନ୍ତି। ନୀରଜ ମିଶ୍ର ଭାରତୀୟ ଦଳର କୋଚ୍ ଓ ପ୍ରଶାନ୍ତ କୁଣ୍ଡୁ ମ୍ୟାନେଜରଭାବେ ଜର୍ଜିଆ ଯାଇଛନ୍ତି।



ଏହି ଅବସରରେ କିଙ୍ଗ ଚେସ ସେଣ୍ଟରର ପ୍ରତିଷ୍ଠାତା ଏବଂ ମୁଖ୍ୟ କୋଚ ବିଶ୍ୱଜିତ ରାୟ (ଜାତୀୟ ଇନଷ୍ଟ୍ରକ୍ଟର) ଏବଂ ଅନ୍ୟ କୋଚ ଓ ଛାତ୍ରୀ ଛାତ୍ର ମାନେ ସାତ୍ତ୍ୱିକ କୁ ଶୁଭକାମନା ଜଣାଇଛନ୍ତି।

# ଚୌବେ ହଟିଲେ ଭାରତୀୟ ଫୁଟ୍‌ବଲର ଉନ୍ନତି ସମ୍ଭବ: ଷ୍ଟିମାକ୍

**ନୂଆଦିଲ୍ଲୀ, ୨୧।୬(ପି.ଟି.)**

ନିକଟରେ ବହିଷ୍କୃତ ହୋଇଥିବା ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ର ସଭାପତି କଲ୍ୟାଣ ଚୌବେଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଚୌବେଙ୍କୁ ତାଙ୍କ ପଦବୀରୁ ହଟାଗଲେ ଭାରତୀୟ ଫୁଟ୍‌ବଲର ଉନ୍ନତି ସମ୍ଭବ ବୋଲି ସେ କହିଛନ୍ତି। ଶୁକ୍ରବାର ଦୀର୍ଘ ସମୟ ଧରି ଅନ୍‌ଲାଇନ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଷ୍ଟିମାକ୍ କହିଛନ୍ତି, ଚୌବେ ଭାରତୀୟ ଫୁଟ୍‌ବଲକୁ ଏକପ୍ରକାର ବନ୍ଦୀ କରିଦେଇଛନ୍ତି। ଖେଳରେ ସେ ଅଧିକାଂଶ ସମସ୍ୟା ସୃଷ୍ଟି କରିଛନ୍ତି। ଚୌବେ ବାରମ୍ବାର ମିଥ୍ୟା କଥା କହୁଥିବାରୁ ସେ ବୀତସ୍ପୃହ ହୋଇ ପଡ଼ିଥିଲେ। କେବଳ ସେତିକି ନୁହେଁ ତାଙ୍କ କାର୍ଯ୍ୟକାଳ ସମୟରେ ସେ ଅନେକ ପ୍ରତିଶ୍ରୁତି ଦେଇ ତାହାକୁ କାର୍ଯ୍ୟକାରୀ ମଧ୍ୟ କରିନାହାନ୍ତି। ଫୁଟ୍‌ବଲ ହେଉଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ। ମାତ୍ର ଭାରତରେ ଏହି ଖେଳର ଆଖିଦୃଶିଆ ଉନ୍ନତି ହୋଇପାରି ନାହିଁ। ସୂଚନାଯୋଗ୍ୟ, ୨୦୧୯ ମାର୍ଚ୍ଚରେ ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନଙ୍କ ବିଦାୟ ପରେ ତାଙ୍କ ସ୍ଥାନରେ ଷ୍ଟିମାକ୍ ନିଯୁକ୍ତି ହୋଇଥିଲେ। ଚଳିତ ମାସ ପ୍ରାରମ୍ଭରେ ବିଶ୍ୱକପ୍ କ୍ୱାଲିଫାୟର୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ କାତାରଠାରୁ ଭାରତର ପରାଜୟ ପରେ ଏଆଇଏଫ୍ଏଫ୍ ଷ୍ଟିମାକ୍‌ଙ୍କୁ ବହିଷ୍କୃତ କରିଥିଲା। ଏହି ସ୍ପଷ୍ଟବାଦୀ କୋଚ୍ ଏଆଇଏଫ୍ଏଫ୍ ଟେକ୍‌ନିକାଲ କମିଟିର ମୁଖ୍ୟ ହେବାକୁ ଚାହୁଁଥିଲେ। କିନ୍ତୁ ସେ ଏହି ପଦବୀ ପାଇଁ ଯୋଗ୍ୟ ନୁହନ୍ତି ବୋଲି ଭାରତର ମହାନ ଫୁଟ୍‌ବଲର ଆଇଏମ୍ ବିଜୟନ କହିଥିଲେ। ୧୯୯୮ ଫିଫା ବିଶ୍ୱକପ୍ ବ୍ରୋଞ୍ଜ ଜିତିଥିବା କ୍ରୋଏସିଆ ଦଳର ଅନ୍ୟତମ ସଦସ୍ୟ ଷ୍ଟିମାକ୍ କହିଛନ୍ତି ସେ ତାଙ୍କ କ୍ୟାରିୟରରେ କୋଚ୍ ପଦବୀରୁ ବହିଷ୍କୃତ ହେବା ଏହା ପ୍ରଥମ ଘଟଣା।

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୨୨/୨୦୨୪ Bhubaneswar, Saturday, June 22/ 2024



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ବ୍ୟାଡ୍‌ମିଣ୍ଟନ ତାରକା ପଣ୍ଡା ଭଗିନୀ ଶ୍ୱେତପର୍ଣ୍ଣା ଓ ରତପର୍ଣ୍ଣାଙ୍କ ସେଲ୍‌ଫି। (ଫଟୋ: ବିକାଶ ନାୟକ)

## ଅଷ୍ଟ୍ରିଆର ପ୍ରଥମ ବିଜୟ

**ଜେଲସେନକିର୍‌ଚେନ, ୨୧।୬ (ଏପି):** ଚଳିତ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଗ୍ରୁପ୍ ଡି'ରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଅଷ୍ଟ୍ରିଆ ୩-୧ ଗୋଲ୍‌ରେ ପୋଲାଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଗେମଟ ଟ୍ରାଉନର (୯ମ ମିନିଟ), ଖ୍ରିଷ୍ଟୋଫ ବମଗାର୍ଟନର (୬୬ତମ) ଓ ମାର୍କୋ ଆମେଟୋଭିଚ୍ (୭୮ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ କ୍ରିଜିଜ୍ ପାଇଟେକ୍ (୩୦ତମ) ଏକମାତ୍ର ଗୋଲ ଦେଇଥିଲେ। ଗ୍ରୁପ୍ 'ଡି'ରେ ଉଭୟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ ହାରିଯାଇଥିଲେ। ଗୁରୁବାର ରାତିରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଇଟାଲୀକୁ ୧-୦ ଗୋଲ୍‌ରେ ପରାସ୍ତ କରି ୩ଥର ଚାମ୍ପିୟନ ସ୍ପେନ୍ ନକଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସ୍ଥାନୀୟ ଭେଲଟିନ୍ ଆରେନାଠାରେ ଅନୁଷ୍ଠିତ ଗ୍ରୁପ୍ 'ବି'ର ଏହି ମ୍ୟାଚରେ ଖେଳର ୫୫ତମ ମିନିଟ୍‌ରେ ଇଟାଲୀର ରିକାର୍ଡୋ କାଲାଫିଓରିଙ୍କ ଆତ୍ମଘାତୀ ଗୋଲ୍‌ରେ ସ୍ପେନ ମ୍ୟାଚରେ ବିଜୟ ଲାଭ କରିଛି।

# ରେଷ୍ଟ ଅଫ୍ ଓଡ଼ିଶା 'ସି' ଚାମ୍ପିୟନ

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୨ ଦିନ ବିଶିଷ୍ଟ ଫାଇନାଲରେ ଭୁବନେଶ୍ୱର 'ଏ'କୁ ୭ ରନରେ ପରାସ୍ତ କରି ରେଷ୍ଟ ଅଫ୍ ଓଡ଼ିଶା 'ସି' ଚାମ୍ପିୟନ ହୋଇଛି। ରେଷ୍ଟ ଅଫ୍ ଓଡ଼ିଶା 'ସି' ୪୫.୩ ଓଭରରେ ୧୩୪ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ ଭୁବନେଶ୍ୱର 'ଏ' ୫୦.୨ ଓଭରରେ ୧୨୭ ରନକରି ଅଲ୍‌ଆଉଟ ହୋଇଛି। ସନ୍ଦିପ ପଟ୍ଟନାୟକ ୬୮ ରନ କରିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଭୁବନେଶ୍ୱର 'ଏ' ପରାଜିତ ହୋଇଥିଲା।

**କଳାହାଣ୍ଡି କପ୍**

ରେଷ୍ଟ ଅଫ୍ ଓଡ଼ିଶା 'ସି' ପକ୍ଷରୁ ବ୍ୟାଟିଂ ସମୟରେ ୩୧ ରନ କରିଥିବା ଦେବବ୍ରତ ପ୍ରଧାନ ବୋଲିଂରେ ମାତ୍ର ୪୭ ରନ ବିନିମୟରେ ୬ ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସୌଭାଗ୍ୟ ରାଉତ ୪ ଉଇକେଟ ଅକ୍ତିଆର କରିଛନ୍ତି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ତାରକା ଦେବାଶିଷ ମହାନ୍ତି, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଓ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଭାବେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ସଦସ୍ୟଙ୍କ ମଧ୍ୟରେ ସୌର୍ଯ୍ୟରଞ୍ଜନ ପରିଜା, ସୁଶାନ୍ତ କୁମାର ମହାନ୍ତି, ଅଞ୍ଜନ କୁମାର ଖୁଣ୍ଟିଆ, ଶିବବ୍ରତ ମଲିକ, ଶୁଭାଶିଷ ସାହୁ, ଅମିତ ବେହେରା, ନିର୍ବାଣ ରୟ, ସନ୍ତୋଷ ଦାସ, ବିଜୟ କୁମାର ଦାସ, ତଡ଼ିତ ରାଉତ, ସ୍ୱାଗତ ସାମନ୍ତରାୟ, ଗୌତମ ଗଜପତି, ସେକ୍ ନିୟାଜ, ଦିଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ କଳାହାଣ୍ଡି କପ୍ ଚାମ୍ପିୟନ ରେଷ୍ଟ ଅଫ୍ ଓଡ଼ିଶା 'ସି' ଦଳର ଖେଳାଳିମାନେ।

# ସ୍ଲୋଭାକିଆକୁ ହରାଇଲା ୟୁକ୍ରେନ୍

**ଡସେଲଡର୍ଫ (ଜର୍ମାନୀ), ୨୧।୬**

ୟୁରୋ କପ୍ ଫୁଟ୍‌ବଲରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ୍ 'ଇ' ମ୍ୟାଚରେ ୟୁକ୍ରେନ ୨-୧ ଗୋଲ୍‌ରେ ସ୍ଲୋଭାକିଆକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଏହି ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ଇଭାନ ସ୍କରାଞ୍ଜଙ୍କ ଏକ ଗୋଲ ସହାୟତାରେ ସ୍ଲୋଭାକିଆ ପ୍ରଥମ ଅଗ୍ରଣୀ ଲାଭ କରିଥିଲା। ତେବେ ୟୁକ୍ରେନ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ମାଇକୋଲା ଶାର୍ପାରେଙ୍କୋ (୫୪ମ ମିନିଟ ଓ ରୋମାନ ୟାରେମଚୁକ୍ (୮୦ତମ)ଙ୍କ ଗୋଲ୍ ଜରିଆରେ ମ୍ୟାଚକୁ ୨-୧ରେ ଜିତି ନେଇଥିଲା।

## ଆତ୍ମଘାତୀ ଗୋଲ ସଂଖ୍ୟାରେ ବୃଦ୍ଧି

ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଆରମ୍ଭରେ ଆତ୍ମଘାତୀ ଗୋଲ୍ ସଂଖ୍ୟା ବୃଦ୍ଧି ପରିଲକ୍ଷିତ ହୋଇଛି। ସଦ୍ୟତମ ଆତ୍ମଘାତୀ ଗୋଲ୍ ଗୁରୁବାର ସ୍କୋର ହୋଇଛି। ଇଟାଲୀ ଡିଫେଣ୍ଡର ରିକାର୍ଡୋ କାଲାଫିଓରିଙ୍କ ଗୋଲ୍ ଯୋଗୁ ତାଙ୍କ ଦଳକୁ ସ୍ପେନ୍‌ଠାରୁ ୧-୦ ଗୋଲ୍‌ରେ ପରାଜିତ ହେବାକୁ ପଡ଼ିଛି। ଦୁର୍ଭାଗ୍ୟଜନକ ଭାବେ ଆତ୍ମଘାତୀ ଗୋଲ୍ ସ୍କୋର କରିଥିବା ଅନ୍ୟ ଖେଳାଳିମାନେ ହେଲେ ଜର୍ମାନୀର ଆଣ୍ଟୋନିଓ ରୁଡିଜର, ଅଷ୍ଟ୍ରିଆର ମାକ୍ସିମିଲିଆନ ଓବର, ଚେକ୍ ରିପବ୍ଲିକର ରବିନ୍ ହ୍ରାନାକ୍ ଓ ଆଲ୍‌ବାନିଆର କ୍ଲାଅସ୍ ଜିଜାସୁଲା। ଏହି ୫ଟି ଗୋଲ୍ ଏ ପର୍ଯ୍ୟନ୍ତ ଖେଳାଯାଇଥିବା ମାତ୍ର ୧୮ଟି ଗେମ୍ ମଧ୍ୟରେ ସ୍କୋର ହୋଇଛି। ୟୁରୋ ୨୦୨୪ ଆରମ୍ଭ ଅସାଧାରଣ ମନେହେଉଛି। କେବଳ ଜଣେମାତ୍ର ଖେଳାଳି ଜର୍ମାନୀ ଫରୱାର୍ଡ ଜମାଲ ମୁସିଆଲା ଡବଲ ଗୋଲ ସ୍କୋର କରିବାରେ ସମର୍ଥ ହୋଇଛନ୍ତି। ୪୦ ଜଣ ଖେଳାଳି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଜିଜାସୁଲା ଗୋଟିଏ ତାଙ୍କ ନିଜ ଦଳ ପାଇଁ ଏବଂ ଗୋଟିଏ ତାଙ୍କ ଦଳ ବିରୋଧରେ ସ୍କୋର କରିଛନ୍ତି। ଆହୁରି ମଧ୍ୟ କୌତୂହଳର ବିଷୟ ଯେ ୪୭ଟି ଗୋଲ୍ ମଧ୍ୟରୁ ଗୋଟିଏ ହେଲେ ପେନାଲ୍ଟିରୁ ହୋଇନି।

# ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ ଫୁଟବଲ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

ଦୀର୍ଘ ୩୨ ବର୍ଷଧରି ଅନୁଷ୍ଠିତ ହୋଇ ଆସୁଥିବା ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ହୋଇ ଆସୁଥିବା ଏହି ପ୍ରତିଯୋଗିତା କୋଭିଡ-୧୯ ପାଇଁ ୩ ବର୍ଷଧରି ବନ୍ଦ ରହିଥିଲା। ଚଳିତ ବର୍ଷ ଏହାର ୩୩ତମ ସଂସ୍କରଣ ଆୟୋଜନ ହେବ ବୋଲି ଆସୋସିଏଶନ ସଭାପତି ତପନ ମହାନ୍ତି ଜଣାଇଛନ୍ତି। ୟୁନିଟ-୬ ପଡ଼ିଆରେ ଅଧୁନିକିକରଣ ସହ ନୂଆ ଘାସ ଟର୍ଫ ପଡ଼ିବା କାର୍ଯ୍ୟ ଚାଲୁ ରହିଥିବାରୁ ଏଥର ୟୁନିଟ-୧ ଫୁଟବଲ ଏକାଡେମୀ ପଡ଼ିଆରେ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ସ୍ଥିର ହୋଇଛି। ଏଥିପାଇଁ ଅନୁମତି ଦେବାକୁ କ୍ରୀଡ଼ା ବିଭାଗକୁ ଅନୁରୋଧ କରାଯାଇଛି ବୋଲି ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଆର୍ଥିକ ପୁରସ୍କାର ସହ ଅନେକ ଆକର୍ଷଣୀୟ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ